DHARITRI

ସମ୍ବଲପୁର, ରବିବାର, ଜୁଲାଇ ୧୧/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) Sambalpur, Sunday, July 11/2021 ★★

୧୭ଶ ଭାଗ ୨୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



ଦିନକ ପରେ ଘୋଷଯାତ୍ରା: ପୁରୀ ରଥଖଳାରେ ପ୍ରସ୍ତୁତ ତିନି ରଥ।

# ୨ ପିଲା: ଅଧିକ ସୁବିଧା

**ଲକ୍ଷ୍ନୌ, ୧୦।୭**

## ଆସାମ ରାସ୍ତାରେ ୟୁପି



- ୨ରୁ ଅଧିକ ସନ୍ତାନ ଥିଲେ ନିର୍ବାଚନ ଲଢ଼ିବା ମନା
- ମିଳିବନି ସରକାରୀ ଚାକିରି, ରାଶନ
- ନିୟମ ମାନିଲେ ୨ ଥର ବେତନ ବୃଦ୍ଧି
- ଗୋଟିଏ ପିଲା ଥିଲେ ୨୦ ବର୍ଷ ମାଗଣା ବୀମା ଓ ଅନ୍ୟ ସୁବିଧା
- ମୁସଲମାନଙ୍କୁ ଟାର୍ଗେଟ୍: ଏସ୍‌ପି

ବିଶ୍ୱ ଜନସଂଖ୍ୟା ଦିବସର ଅବ୍ୟବହିତ ପୂର୍ବରୁ ଭାରତର ସବୁଠୁ ଜନବହୁଳ ରାଜ୍ୟ ଉତ୍ତରପ୍ରଦେଶ(ୟୁପି) ଜନସଂଖ୍ୟା ନିୟନ୍ତ୍ରଣ ଆଇନର ଚିଠା ବିଲ୍ ଆଣିଛି। ଉକ୍ତ ଚିଠା ବିଧେୟକର ବ୍ୟବସ୍ଥା ଅନୁଯାୟୀ ଯେଉଁମାନେ ଦୁଇ ସନ୍ତାନ ନୀତିକୁ ଉଲ୍ଲଂଘନ କରିବେ ସେମାନଙ୍କୁ ସରକାରୀ ଯୋଜନାର ସମସ୍ତ ସୁବିଧାରୁ ବଞ୍ଚିତ କରାଯିବା ସହ ରାଶନ କାର୍ଡ ୟୁନିଟ୍‌କୁ ୪ରେ ସୀମିତ କରାଯିବ। ଅର୍ଥାତ୍ ପରିବାରର କେବଳ ୪ ସଦସ୍ୟଙ୍କୁ ସରକାରଙ୍କ ପକ୍ଷରୁ ଗହମ, କିରୋସିନ ଆଦି ସାମଗ୍ରୀ ରିହାତିରେ ମିଳିବ। ଅନ୍ୟ ସଦସ୍ୟଙ୍କ ପାଇଁ ଦିଆଯିବ ନାହିଁ। ଜନସଂଖ୍ୟା ନୀତିର ଉଲ୍ଲଂଘନକାରୀ ସ୍ଥାନୀୟ ନିର୍ବାଚନ ଲଢ଼ିପାରିବେ ନାହିଁ। ସେମାନେ ସରକାରୀ ନିଯୁକ୍ତି ପାଇଁ ଆବେଦନ ସମେତ ୭୭ ପ୍ରକାର ସୁବିଧା ଓ ଯୋଜନାରୁ ବଞ୍ଚିତ ହେବେ। ଶନିବାର ଏହି ଚିଠା ବିଲ୍ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାଜ୍ୟ ଆଇନ କମିଶନଙ୍କ ୱେବ୍‌ସାଇଟରେ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଏହି ବିଚିତ୍ର ନୀତି ଘୋଷଣା କରିବେ। ଗତ ମାସରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରାଜ୍ୟର ମୁସଲମାନ ଜନସଂଖ୍ୟା ନିୟନ୍ତ୍ରଣ ଲାଗି ଅନୁରୂପ ନୀତି ଆଣିବାକୁ ଘୋଷଣା କରି ବିବାଦୀୟ ହୋଇଥିଲେ। ଏବେ ୟୁପି ସରକାର ମଧ୍ୟ ଆସାମ ସରକାରଙ୍କୁ ଅନୁସରଣ କରିବାକୁ ଯାଉଛନ୍ତି। ବିଧାନସଭା ନିର୍ବାଚନକୁ ଆଉ ୮ ମାସ ବାକି ଥିବାବେଳେ ଯୋଗୀ ସରକାରଙ୍କ ଏହି ନୀତି ଭାଜପା ପାଇଁ ଘାତକ ସାଜିବ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବିଚାର ଆରମ୍ଭ ହୋଇନାହିଁ

**ଆଜିର ମନ୍ତବ୍ୟ**

“ କେନ୍ଦ୍ର ସରକାର ସମସ୍ତ ସମବାୟ ସଂସ୍ଥାକୁ ସଶକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

-ଅମିତ ଶାହା, ସ୍ୱରାଷ୍ଟ୍ର ଓ ସହଯୋଗ ମନ୍ତ୍ରୀ

## ଶେଷ ଦେବଦାସୀ ପରଶମଣିଙ୍କ ପରଲୋକ

**ପୁରୀ ଅଫିସ,୧୦।୭**



ପୁରୀ ଶ୍ରୀମନ୍ଦିରର ଶେଷ ଦେବଦାସୀ ପରଶମଣିଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଛି। ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। ରାତିରେ ଶୋଇଥିବା ବେଳେ ପୁରୀସ୍ଥିତ ଗଛକାଳି ନିଜ ବାସଭବନରେ ସେ ଦେହତ୍ୟାଗ କରିଛନ୍ତି। ଶନିବାର ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସମ୍ପର୍କୀୟ ପ୍ରସନ୍ନ କୁମାର ଦାଶ ମୁଖାଗ୍ନି ଦେଇଛନ୍ତି। ସ୍ୱର୍ଗତ ପରଶମଣି ଜଣେ ଅମାୟିକ ମଣିଷ ଥିଲେ। ମହାପ୍ରଭୁଙ୍କ ଦେବଦାସୀ ଭାବେ ସେବା ସମ୍ପାଦନ ☞ପୃଷ୍ଠା-୪

## ୬୮ ଦିନରେ ୩୮ ଥର ବଢ଼ିଲାଣି ପେଟ୍ରୋଲ

**ନୂଆଦିଲ୍ଲୀ/ଭୁବନେଶ୍ୱର,୧୦।୭**



**ପେଟ୍ରୋଲ ୩୫, ଡିଜେଲ ୨୮ ପଇସା ବୃଦ୍ଧି**

ଦିନକର ବିରତି ପରେ ପୁଣି ଥରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଛି। ମେ'୪ ଠାରୁ କ୍ରମାଗତ ଭାବେ ତୈଳ ଦର ପରିବର୍ତ୍ତନ ହୋଇଚାଲିଛି। ଗତ ୬୮ ଦିନ ମଧ୍ୟରେ ପେଟ୍ରୋଲ ୩୮ ଏବଂ ଡିଜେଲ ୩୬ ଥର ବଢ଼ିଲାଣି। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ଉପରେ ୧୦.୬୦ଟଙ୍କା ଏବଂ ଡିଜେଲ ୯.୯୭ ଟଙ୍କା ବୃଦ୍ଧି ଘଟିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍)ର ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ୩୫ ଏବଂ ଡିଜେଲ ୨୮ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୧.୭୨ ଟଙ୍କା ଏବଂ ଡିଜେଲ ୯୭.୯୫ ଟଙ୍କାରେ ବିକ୍ରି ହେଉଛି। ସେହିଭଳି କଟକ ସହରରେ ☞ପୃଷ୍ଠା-୪

# ୪୨% କେନ୍ଦ୍ରମନ୍ତ୍ରୀଙ୍କ ନାଁରେ ମାମଲା

**ନୂଆଦିଲ୍ଲୀ, ୧୦।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ସମ୍ପ୍ରସାରିତ କରିଥିବା କ୍ୟାବିନେଟରେ ୪୨ ପ୍ରତିଶତ ମନ୍ତ୍ରୀଙ୍କ ନାଁରେ ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି। ଗତ ବୁଧବାର ପ୍ରଧାନମନ୍ତ୍ରୀ ତାଙ୍କ ମନ୍ତ୍ରିମଣ୍ଡଳରେ ୩୬ ନୂଆ ମୁହଁଙ୍କୁ ସାମିଲ କରିବା ପରେ ମୋଟ ମନ୍ତ୍ରୀସଂଖ୍ୟା ୭୮ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୩୩ ଜଣ (୪୨%)ଙ୍କ ନାଁରେ ଆପରାଧିକ ମାମଲା ରହିଛି। ୨୪ ମନ୍ତ୍ରୀଙ୍କ ନାଁରେ ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି ଭଳି ସଙ୍ଗିନ ମାମଲା ରହିଥିବା ନିର୍ବାଚନ ଅଧିକାରୀ ସଂଗଠନ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ରିପୋର୍ଟରେ ପ୍ରକାଶ ପାଇଛି। ନିର୍ବାଚନ କମିଶନଙ୍କ ନିକଟରେ

**ଜ୍ୟୋତିରାଦିତ୍ୟ ସବୁଠୁ ଧନୀ**



**ପ୍ରତିମା ଭୌମିକ ସବୁଠୁ ଗରିବ**



ପ୍ରାର୍ଥୀମାନେ ଦାଖଲ କରିଥିବା ସତ୍ୟପାଠ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। କ୍ୟାବିନେଟ ସମ୍ପ୍ରସାରଣ ପରେ ମନ୍ତ୍ରୀଙ୍କ ନାଁରେ

**୯୦% ମନ୍ତ୍ରୀ କୋଟିପତି**

ADR Association for Democratic Reforms

ଅପରାଧ ମାମଲା ପୂର୍ବାପେକ୍ଷା ୩ ପ୍ରତିଶତ ବଢ଼ିଛି। ପୂର୍ବରୁ ଥିବା ୫୬ ମନ୍ତ୍ରୀଙ୍କ ମଧ୍ୟରୁ ୩୯ ପ୍ରତିଶତଙ୍କ ବିରୋଧରେ ଅପରାଧ ମାମଲା ରହିଥିଲା।

ଉକ୍ତ ରିପୋର୍ଟ ଅନୁଯାୟୀ କେନ୍ଦ୍ର କ୍ୟାବିନେଟ୍‌ର ୭୦ ମନ୍ତ୍ରୀ (୯୦ ପ୍ରତିଶତ) କୋଟିପତି। ସେମାନଙ୍କ ମଧ୍ୟରେ ଜ୍ୟୋତିରାଦିତ୍ୟ ସିନ୍ଧିଆ ସବୁଠୁ ଧନୀ ହୋଇଥିବାବେଳେ ତାଙ୍କ ସମ୍ପତ୍ତି ପରିମାଣ ୩୭୯ କୋଟି ଟଙ୍କା ବୋଲି ଦର୍ଶାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୀୟୂଷ ଗୋୟଲଙ୍କ ☞ପୃଷ୍ଠା-୪






**କୋଭାକ୍ସିନ୍‌କୁ ଖୁବ୍‌ଶୀଘ୍ର ଡବ୍ଲ୍ୟୁଏଚ୍‌ଓ ମଞ୍ଜୁରୀ**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଖୁବ୍‌ଶୀଘ୍ର ଭାରତ ବାୟୋଟେକ୍ ପ୍ରସ୍ତୁତ ଭାରତର ପ୍ରଥମ ସ୍ୱଦେଶୀ କୋଭିଡ୍ ଟିକା କୋଭାକ୍ସିନ୍‌କୁ ଜରୁରୀ ବ୍ୟବହାର ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ଯାଉଛି। ୪ରୁ ୬ ସପ୍ତାହ ମଧ୍ୟରେ ଏହି ମଞ୍ଜୁରୀ ମିଳିଯିବ ବୋଲି ଡବ୍ଲ୍ୟୁଏଚ୍‌ଓର ମୁଖ୍ୟ ବୈଜ୍ଞାନିକ ସୌମ୍ୟ ସ୍ୱାମୀନାଥନ୍ କହିଛନ୍ତି। ଭାରତ ବାୟୋଟେକ୍ କୋଭାକ୍ସିନ୍‌ର ତିନୋଟି ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା କରି ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବା ପରେ ଡବ୍ଲ୍ୟୁଏଚ୍‌ଓ ଏହାର ଅନୁଧ୍ୟାନ କରୁଛି।

## ସଂକ୍ଷେପରେ

### ଏରିକ୍ ଭାରତରେ ଆମେରିକା ରାଷ୍ଟ୍ରଦୂତ


ଏରିକ୍ ଗାରସେଟି

**ୱାଶିଂଟନ୍, ୧୦।୭:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଶୁକ୍ରବାର ଲସ୍ ଏଞ୍ଜେଲ୍ସ ମେୟର ଏରିକ୍ ଗାରସେଟିଙ୍କୁ ଭାରତରେ ରାଷ୍ଟ୍ରଦୂତ ନିଯୁକ୍ତ କରିଛନ୍ତି। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବେଳେ ଏହି ପଦରେ ଥିବା କେନେଥ୍ ଜଷ୍ଟରଙ୍କ ସ୍ଥାନରେ ୫୦ ବର୍ଷୀୟ ଏରିକ୍ ଦାୟିତ୍ୱ ତୁଲାଇବେ ବୋଲି ଆମେରିକା ସିନେଟ୍ ନିଶ୍ଚିତ କରିଛି। ଏରିକ୍ ୨୦୧୩ରୁ ଲସ୍ ଏଞ୍ଜେଲ୍ସର ମେୟର ଥିବାବେଳେ ୧୨ ବର୍ଷ ସିଟି କାଉନ୍‌ସିଲର ସଦସ୍ୟ ସହ କାଉନ୍‌ସିଲ ପ୍ରେସିଡେଣ୍ଟ ରହିଥିଲେ। ୨୦୨୦ରେ ବାଇଡେନ୍ ଓ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ନିର୍ବାଚନୀ ଅଭିଯାନରେ ଏରିକ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ସେ ବର୍ତ୍ତମାନ ବିଶ୍ୱର ୯୭ ବୃହତ୍ତମ ସହର ନେଟୱର୍କ ସି୪୦ ସହରର ଅଧ୍ୟକ୍ଷ ରହିଛନ୍ତି। ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା ଅନୁସାରେ ଲକ୍ଷ୍ୟ ହାସଲ ପାଇଁ ସେ ୪ଶହ ଆମେରିକୀୟ ମେୟରଙ୍କ ନେତୃତ୍ୱ ନେଇଛନ୍ତି। ୟୁଏସ୍ ନାଭି ରିଜର୍ଭ କମ୍ପୋନେଟ୍‌ରେ ଗୁପ୍ତଚର ଭାବେ ୧୨ ବର୍ଷ କାମ କରିଛନ୍ତି। ୟୁଏସ୍ ପାସିଫିକ୍ ଫ୍ଲିଟ୍ ଆଣ୍ଡ ଦି ଡିଫେନ୍ସ ଇଣ୍ଟେଲିଜେନ୍ସ ଏଜେନ୍ସିରେ କାର୍ଯ୍ୟ କରି ୨୦୧୭ରେ ଜଣେ ଲ୍ୟୁଟ୍‌ନାଣ୍ଟ ଭାବେ ଅବସର ନେଇଥିଲେ। କୁଇନ୍ସ କଲେଜ, ଅକ୍ସଫୋର୍ଡ ଏବଂ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସ ଆଣ୍ଡ ପଲିଟିକାଲ ସାଇନ୍ସରୁ ଶିକ୍ଷାଲାଭ କରିଥିଲେ। ଏରିକ୍‌ଙ୍କ ସମେତ ବାଇଡେନ୍ ଡେନିସ କାମ୍ପବେଲ ବୌରଙ୍କୁ ମୋନାକୋ, ପିଟର ଡି ହାସ୍‌ଙ୍କୁ ବାଂଲାଦେଶ ଏବଂ ବର୍ନାଡେଟ୍ ଏମ୍ ମିହାନଙ୍କୁ ଚିଲିରେ ରାଷ୍ଟ୍ରଦୂତ ନିଯୁକ୍ତ କରିଛନ୍ତି।

### ଆୟୁର୍ବେଦିକ ଚିକିତ୍ସକ ପି. କେ. ୱାରିଅରଙ୍କ ପରଲୋକ

**କୋଝିକୋଡ୍, ୧୦।୭:** ଆୟୁର୍ବେଦକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରାଇବା ଏବଂ ବୈଜ୍ଞାନିକ ଆଧାରରେ ଶାସ୍ତ୍ରୀୟ ଆୟୁର୍ବେଦ ଚିକିତ୍ସାର ଗୁରୁତ୍ୱ ବଢ଼ାଇବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୋଟ୍ଟାକ୍କଲ ଆର୍ଯ୍ୟ ବିଦ୍ୟାଶାଳା (ଏଭିଏସ୍)ର ବିଶିଷ୍ଟ ଆୟୁର୍ବେଦିକ ଚିକିତ୍ସକ ଡା. ପି. କେ. ୱାରିଅରଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୧୦୦ ବର୍ଷ ହୋଇଥିଲା। କେରଳ ମାଲାପୁରମ୍‌ର କୋଟ୍ଟାକ୍କଲଠାରେ ଥିବା ତାଙ୍କ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।



ସେ ଦଶନ୍ଧି ଧରି ଆୟୁର୍ବେଦ ଚିକିତ୍ସକ ଭାବେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଅଗଣିତ ରୋଗୀଙ୍କୁ ଚିକିତ୍ସା ଯୋଗାଇଦେଇଛନ୍ତି। କ୍ଲିନିକାଲ୍, ଫାର୍ମାସ୍ୟୁଟିକାଲ, ଶିକ୍ଷାଗତ ଏବଂ ଅନୁସନ୍ଧାନ ପରିସରକୁ ଆଧୁନିକୀକରଣ କରି ସେ ଆୟୁର୍ବେଦ ଚିକିତ୍ସାକୁ ବେଶ୍ ଆଗକୁ ନେଇଯାଇଛନ୍ତି। ଏଭଳି ମହତ ଅବଦାନ ଯୋଗୁ ତାଙ୍କୁ ୧୯୯୯ରେ ପଦ୍ମଶ୍ରୀ ଏବଂ ୨୦୧୦ରେ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆତ୍ମଜୀବନୀ 'ସ୍ମୃତି ପରଭମ୍' ପାଇଁ ୨୦୦୮ରେ ତାଙ୍କୁ କେରଳ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆଜି ସିରିଶାଙ୍କ ମହାକାଶ ଯାତ୍ରା



ଭାରତୀୟ ବଂଶୋଦ୍ଭବ ସିରିଶା ବାନ୍ଦଲା ରବିବାର ଆମେରିକୀୟ ବିଲିୟନେୟାର ତଥା ଭର୍ଜିନ ଗାଲାକ୍ଟିକ୍ ମାଲିକ ରିଚାର୍ଡ ବ୍ରାନସନ୍‌ଙ୍କ ସହ ନ୍ୟୁ ମେକ୍ସିକୋରୁ ମହାକାଶକୁ ଯାତ୍ରା କରିବେ। ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାରେ ଜନ୍ମିତ ୩୪ ବର୍ଷୀୟ ଏରୋନଟିକାଲ ଇଞ୍ଜିନିୟର ସିରିଶା ଟେକ୍ସାସ୍ ହ୍ୟୁଷ୍ଟନରେ ବଡ଼ ହୋଇଥିଲେ। ମହାକାଶ ଯାତ୍ରା କରିବାରେ କଳ୍ପନା ଚାୱଲା ଏବଂ ସୁନିତା ୱିଲିୟମ୍ସଙ୍କ ପରେ ସେ ତୃତୀୟ ଭାରତୀୟ ବଂଶୋଦ୍ଭବ ହେବେ। ଭର୍ଜିନ ଗାଲାକ୍ଟିକ୍ ସ୍ପେସ୍‌କ୍ରାଫ୍ଟରେ ସେ ରିସର୍ଚ୍ଚର ଏକ୍ସପେରିଏନ୍ସ ଦାୟିତ୍ୱ ତୁଲାଇବେ। ୨୦୨୧ ଜାନୁୟାରୀରେ ସିରିଶା ଭର୍ଜିନ ଗାଲାକ୍ଟିକ୍‌ର ଗଭର୍ନମେଣ୍ଟ ଆଫାୟର୍ସ ଆଣ୍ଡ ରିସର୍ଚ୍ଚ ଅପରେଶନ ବିଭାଗ ଉପାଧ୍ୟକ୍ଷ ଭାବେ ଯୋଗ ଦେଇଥିଲେ।

# ନ୍ୟୁଜିଲାଣ୍ଡ ୟୁଟ୍ୟୁବରଙ୍କୁ ଭାରତ ମନା



କାର୍ଲ ରକ୍ ଭାବେ ଜଣାଶୁଣା ନ୍ୟୁଜିଲାଣ୍ଡ ୟୁଟ୍ୟୁବର କାର୍ଲ ଏଡ୍‌ୱାର୍ଡ ରାଇସ୍ ଭାରତ ଆସିବା ଉପରେ କଟକଣା ଲାଗିଛି। ସିଏଏ ବିରୋଧୀ ଆନ୍ଦୋଳନରେ ଭାଗ ନେବା, ୟୁଟ୍ୟୁବ୍ ଭିଡିଓ ମାଧ୍ୟମରେ ଲୋକଙ୍କ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବା ଭଳି କାମ କରି ସେ ଭିସା ନୀତିର ଉଲ୍ଲଂଘନ କରିଥିବା ଅଭିଯୋଗ ରହିଛି। ସେ ନାଗାଲାଣ୍ଡ, ଜମ୍ମୁ-କଶ୍ମୀର ଭଳି ସ୍ଥାନକୁ ବିନା ଅନୁମତିରେ ଯାଇ ଭିଡିଓ ପ୍ରସ୍ତୁତ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ପୂର୍ବରୁ ତାଙ୍କ ନିକଟରେ ପର୍ଯ୍ୟଟକ ଭିସା ରହିଥିଲା। ଭାରତୀୟଙ୍କୁ ବିବାହ କରିବା ପରେ ତାହା ଏକ୍ସ-୨ ଭିସାକୁ ପରିବର୍ତ୍ତନ ହୋଇଥିଲା। ଏହି ଭିସାଧାରୀ ବିଦେଶୀ ନାଗରିକ କୌଣସି ବ୍ୟବସାୟିକ କାର୍ଯ୍ୟକଳାପରେ ଲିପ୍ତ ନ ରହିବାକୁ ନିୟମ ରହିଛି।

# ତାଲିବାନ୍ ବିରୋଧରେ ଅସ୍ତ୍ର ଧରିଲେ ମହିଳା

କାବୁଲ, ୧୦।୭(ଆଇଏଏନ୍ଏସ୍)


ବିଭିନ୍ନ ସ୍ଥାନରେ ମହିଳାଙ୍କ ସଶସ୍ତ୍ର ଶୋଭାଯାତ୍ରା

ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ତାଲିବାନ ଆତଙ୍କବାଦୀମାନେ ଅଧିକ ଆକ୍ରମଣାତ୍ମକ ହୋଇପଡ଼ିଛନ୍ତି। ସେମାନେ ଦେଶର ୮୫ ପ୍ରତିଶତ ଅଞ୍ଚଳ ଦଖଲ କରିସାରିଲେଣି ବୋଲି ଦାବି କରିଛନ୍ତି। ଉତ୍ତର ଓ କେନ୍ଦ୍ରୀୟ ଆଫଗାନିସ୍ତାନରେ ତାଲିବାନର ମୁକାବିଲା ପାଇଁ ମହିଳାମାନେ ବନ୍ଧୁକ ଉଠାଇଛନ୍ତି। ହଜାର ହଜାର ସଂଖ୍ୟାରେ ସଶସ୍ତ୍ର ମହିଳା ରାସ୍ତାକୁ ଓହ୍ଲାଇ ପ୍ରତିବାଦ ଜଣାଇଛନ୍ତି। କେନ୍ଦ୍ରୀୟ ଘୋର ପ୍ରଦେଶରେ ତାଲିବାନ ବିରୋଧରେ ସବୁଠୁ ବଡ଼ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ବନ୍ଧୁକ ହଲାଇ ଏବଂ ତାଲିବାନ ବିରୋଧୀ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରିଥିଲେ। ତେବେ ସାମାଜିକ ରକ୍ଷଣଶୀଳବାଦ ଏବଂ ଅଭିଜ୍ଞତା ଅଭାବରୁ ସେମାନେ ଏତେଶୀଘ୍ର ତାଲିବାନ ବିରୋଧୀ ଲଢ଼େଇରେ ସାମିଲ ହୋଇ ନ ପାରନ୍ତି ବୋଲି କୁହାଯାଉଛି। ଆଫଗାନିସ୍ତାନ ଶାସନକୁ ନିୟନ୍ତ୍ରଣ କରିବା ପାଇଁ ଆତଙ୍କବାଦୀଙ୍କ ଉଦ୍ୟମ ବିରୋଧରେ ସେମାନେ ଚେତାବନୀ ଦେଇପାରିଛନ୍ତି। ସେମାନେ କେବଳ ସୁରକ୍ଷା ବଳକୁ ଅନୁପ୍ରାଣିତ କରିନାହାନ୍ତି, ଆବଶ୍ୟକ ପଡିଲେ ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇବା ପାଇଁ ଅନେକ ମହିଳା ପ୍ରସ୍ତୁତ ଥିବା ଘୋର ମହିଳା ନିର୍ଦ୍ଦେଶାଳୟ ମୁଖ୍ୟ ହାଲିମା ପାରାସ୍ତିଶ କହିଛନ୍ତି। ଯୁଦ୍ଧ କରିବା ଲାଗି ଆମେ ପ୍ରସ୍ତୁତ ବୋଲି ସେ ସରକାରଙ୍କୁ ଜଣାଇଛନ୍ତି।

### ଶାନ୍ତି ପାଇଁ ଭାରତ, ରୁଷିଆ ଏକାଠି କାର୍ଯ୍ୟ କରିବେ

ନୂଆଦିଲ୍ଲୀ/ମସ୍କୋ, ୧୦।୭(ଆଇଏଏନ୍ଏସ୍)

ଆଫଗାନିସ୍ତାନରେ ଶାନ୍ତି, ସ୍ଥିରତା ସମେତ ଉକ୍ତ ଅଞ୍ଚଳର ସୁରକ୍ଷା ପାଇଁ ଭାରତ ଓ ରୁଷିଆ ଏକାଠି କାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ। ମସ୍କୋ ଗସ୍ତରେ ଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ତାଙ୍କ ରୁଷିଆ ପ୍ରତିପକ୍ଷ ସେର୍ଗେ ଲାଭ୍‌ରୋଭ୍‌ଙ୍କ ମଧ୍ୟରେ ବୈଠକ ପରେ ଏକ ମିଳିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଗତ ଏପ୍ରିଲରେ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତରେ ଆସିଥିଲେ। ରୁଷିଆ ଉପପ୍ରଧାନମନ୍ତ୍ରୀ ୟୁରି ବୋରିସୋଭଙ୍କ ସହ ଜୟଶଙ୍କରଙ୍କର ଗୁରୁବାର ବୈଠକ ଅନୁଷ୍ଠିତ ହୋଇଥିଲା।

### ଆତଙ୍କବାଦୀଙ୍କ କାର୍ଯ୍ୟ କରୁଥିବା ୧୧ କର୍ମଚାରୀ ବହିଷ୍କୃତ

ଶ୍ରୀନଗର, ୧୦।୭(ଆଇଏଏନ୍ଏସ୍)

ଆତଙ୍କବାଦୀ ସଂଗଠନ ପାଇଁ କାର୍ଯ୍ୟ କରୁଥିବା ଅଭିଯୋଗରେ ଜମ୍ମୁ-କଶ୍ମୀର ପ୍ରଶାସନ ୧୧ ଜଣ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ବହିଷ୍କୃତ କର୍ମଚାରୀଙ୍କ ମଧ୍ୟରେ ହିଜବୁଲ୍ ମୁଜାହିଦ୍ଦିନ ମୁଖ୍ୟ ସୟେଦ ସଲାହୁଦ୍ଦିନ୍‌ଙ୍କ ପୁଅ ଏବଂ ପୋଲିସ ବିଭାଗର ଦୁଇଜଣ ଅଛନ୍ତି। ଅନ୍ୟମାନେ ଶିକ୍ଷା, କୃଷି, ଦକ୍ଷତା ବିକାଶ, ବିଦ୍ୟୁତ୍ ଏବଂ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ କରୁଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଅନନ୍ତନାଗର ହୋଇଥିଲାବେଳେ ବଡଗାମ୍‌ରୁ ୩, ବାରମୁଲ୍ଲା, ଶ୍ରୀନଗର, ପୁଲୱାମା, କୁପୱାଡା ଜିଲାରୁ ଜଣେ ଲେଖାଏଁ ଅଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୧୧ ଅନୁଯାୟୀ ସେମାନଙ୍କୁ ବହିଷ୍କାର କରାଯାଇଛି। ଏହା ଉପରେ କୌଣସି ତଦନ୍ତ ହେବନାହିଁ। ତେବେ ବହିଷ୍କୃତ କର୍ମଚାରୀ ଚାହିଁଲେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ।

# ଭାଜପା ନିୟନ୍ତ୍ରଣରେ ୬୩୦ ଆସନ


ଭାଜପା କର୍ମୀଙ୍କଠାରୁ ମାଡ଼ ଖାଇଥିବା ଜଣେ ପୋଲିସ ଫୋନ୍‌ରେ କର୍ତ୍ତୃପକ୍ଷଙ୍କୁ ଜଣାଉଛନ୍ତି।

ଲକ୍ଷ୍ନୌ, ୧୦।୭

**ୟୁପି ବ୍ଲକ୍ ପଞ୍ଚାୟତ ମୁଖ୍ୟ ନିର୍ବାଚନ**

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଅନୁଷ୍ଠିତ ଜିଲା ପଞ୍ଚାୟତ ଅଧ୍ୟକ୍ଷ ନିର୍ବାଚନରେ ଭାଜପାକୁ ବଡ଼ ସଫଳତା ମିଳିବା ପରେ ଶନିବାର ଅନୁଷ୍ଠିତ ବ୍ଲକ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଗୈରିକ ଦଳ ବାଜିମାତ୍ କରିଛି। ରାଜ୍ୟର ମୋଟ ୮୨୫ ବ୍ଲକ୍ ପ୍ରମୁଖ ଆସନ ମଧ୍ୟରୁ ଭାଜପା ସମର୍ଥିତ ପ୍ରାର୍ଥୀ ୬୩୦ରୁ ଊର୍ଦ୍ଧ୍ୱ ଆସନରେ ବିଜୟୀ ହୋଇଛନ୍ତି। ଗ୍ରାମାଞ୍ଚଳରେ ଭାଜପା ନିଜର ବହୁଳ ଉପସ୍ଥିତିକୁ ପୁଣିଥରେ ପ୍ରମାଣିତ କରିପାରିଛି। ଶନିବାର ଦିନ ୧୧ରେ ଭୋଟଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଏହା ପରେ ଭୋଟଗଣତି ଆରମ୍ଭ ହୋଇଥିଲା। ଆସନ୍ତାବର୍ଷ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଥିବାରୁ ଏହା ପୂର୍ବରୁ ବ୍ଲକ୍ ପଞ୍ଚାୟତ ନିର୍ବାଚନ ଫଳାଫଳକୁ ଗୁରୁତ୍ୱ ଦିଆଯାଉଛି। ତେବେ ମତଦାନ ବେଳେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଯାଇଛି। ହମିରପୁର ଜିଲାରେ ଭାଜପା କର୍ମୀମାନେ ସମାଜବାଦୀ ପାର୍ଟି କର୍ମୀମାନଙ୍କୁ ଆକ୍ରମଣ କରିବା ସହ ଭୋଟରମାନଙ୍କୁ ବୁଥ୍ ମଧ୍ୟକୁ ଛାଡ଼ି ନ ଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣ ବେଳେ ପୋଲିସ ଉପରେ ମାଡ଼ ହେବା ସହ କେତେକ ଗାଡ଼ି ଭାଙ୍ଗିରୁଜି ଯାଇଛି। ସେହିପରି ଚନ୍ଦାଉଲି, ଇଟାୱା ଏବଂ ଅଯୋଧ୍ୟା ଜିଲାରେ ଭାଜପା ଏବଂ ସମାଜବାଦୀ ପାର୍ଟି କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ନାମାଙ୍କନ ପତ୍ର ଦାଖଲ ବେଳେ ମହିଳା ପ୍ରାର୍ଥୀଙ୍କୁ ଅସଦ୍‌ବ୍ୟବହାର ଏବଂ ଭୋଟ ବେଳେ ହିଂସାକାଣ୍ଡକୁ ନେଇ ରାଜ୍ୟ ଭାଜପା ସରକାରକୁ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଛି।

### ଦଳିତଙ୍କୁ ଆକ୍ରମଣ ଭିଡିଓ ଭାଇରାଲ

ଲକ୍ଷ୍ନୌ, ୧୦।୭

ଉତ୍ତରପ୍ରଦେଶର କାନପୁର ଦେହାତ ଆକବରପୁର ଅଞ୍ଚଳରେ ଜଣେ ଦଳିତ ଯୁବକଙ୍କୁ ଏକ ଗୋଷ୍ଠୀ ନିର୍ମମ ଭାବେ ମାଡ଼ ମାରୁଥିବାର ଭିଡିଓ ଭାଇରାଲ ହୋଇଛି। ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଭିଡିଓଟି ୨ ଦିନ ତଳର ବୋଲି ଜଣାପଡ଼ିଛି। ମାଡ଼ ମାରିବାବେଳେ ଯୁବକଙ୍କ ଜାତି କ'ଣ ବୋଲି ପଚରାଯାଇଥିଲା। ଦଳିତ ବୋଲି ଜାଣିବା ପରେ ତାଙ୍କୁ ଅଭିଯୁକ୍ତମାନେ ମାଡ଼ ମାରିଥିବା ଭିଡିଓରେ ଦେଖିବାକୁ ମିଳିଛି। ଆଉ ଏକ ଭିଡିଓରେ ଯୁବକଙ୍କ ଗୁପ୍ତାଙ୍ଗକୁ ଏକ ବାଡ଼ିରେ ପିଟୁଥିବା ଦେଖାଯାଇଛି। ଘଟଣା ଜଣାପଡ଼ିବାରେ ମାମଲା ରୁଜୁ ହୋଇଛି।

### ୨ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୦।୭

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ଶନିବାର ଅପରାହ୍ନରେ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଭାରତୀୟ ସେନା, ଜମ୍ମୁ-କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍ ପକ୍ଷରୁ ମିଳିତ ଭାବେ ଏହି ଅପରେଶନ କରାଯାଇଥିଲା। କୱାରିଗ୍ରାମରେ ଆତଙ୍କବାଦୀ ଲୁଚି ରହିଥିବା ଜଣାପଡ଼ିବା ପରେ ସର୍ଚ୍ଚ ଅପରେଶନ ଚାଲିଥିଲା। ଏହି ସମୟରେ ଆତଙ୍କବାଦୀ ପ୍ରଥମେ ଗୁଳିଚାଳନା କରିଥିଲେ।

# ଚେତାଇଲା ଡବ୍ଲ୍ୟୁଏଚ୍‌ଓ: କମିନି କରୋନା ସଂକ୍ରମଣ

ନୂଆଦିଲ୍ଲୀ, ୧୦।୭

ସମଗ୍ର ବିଶ୍ୱରେ କରୋନାର ଡେଲ୍ଟା ଭାରିଆଣ୍ଟ ଯୋଗୁ ସଂକ୍ରମଣ ବ୍ୟାପକ ହେବାରେ ଲାଗିଛି। କୋଭିଡ୍ ସଂକ୍ରମଣ ନିମ୍ନଗାମୀ ହେଉ ନ ଥିବା ଏଥିରୁ ସ୍ପଷ୍ଟ ଜଣାପଡୁଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ପ୍ରମୁଖ ବୈଜ୍ଞାନିକ ସୌମ୍ୟ ସ୍ୱାମୀନାଥନ୍ କହିଛନ୍ତି। ଟିକାକରଣ ଯୋଗୁ କିଛି ଦେଶରେ ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେଉ ନ ଥିବା ଏବଂ ଅଧିକାଂଶଙ୍କୁ ହସ୍ପିଟାଲ ଯିବାକୁ ପଡୁନାହିଁ। କିନ୍ତୁ ବିଶ୍ୱର ଅନେକ ସ୍ଥାନରେ ଲୋକେ ଏବେ ବି ଅକ୍ସିଜେନ୍ ଅଭାବ, ହସ୍ପିଟାଲ ବେଡ୍ ନ ମିଳିବା ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଛନ୍ତି। ଗତ ୨୪ ଘଣ୍ଟାରେ ପ୍ରାୟ ୫ ଲକ୍ଷ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୯,୩୦୦ରୁ ଊର୍ଦ୍ଧ୍ୱଙ୍କ ଜୀବନ ଯାଇଛି। ତେଣୁ ମହାମାରୀର ଭୟାବହତା ଏବେ ଥମି ନାହିଁ ବୋଲି ସ୍ୱାମୀନାଥନ ପ୍ରକାଶ କରିଛନ୍ତି। ତେଣୁ ବିଭିନ୍ନ ଦେଶର ସରକାର ଏତେ ଶୀଘ୍ର ସବୁ ଅନ୍‌ଲକ୍ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି।


ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ବାସଭବନ ଆଗରେ ତେଲ ଓ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ଆନ୍ଦୋଳନରତ ଯୁବ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇନେଉଛି।

# ବିଚାରପତି ସମ୍ରାଟ ନୁହନ୍ତି

ନୂଆଦିଲ୍ଲୀ, ୧୦।୭(ଆଇଏଏନ୍ଏସ୍)

**ଅଫିସରଙ୍କୁ ଅଯଥା ନ ଡାକିବାକୁ ତାଗିଦ କଲେ ସୁପ୍ରିମକୋର୍ଟ**

ସରକାରୀ ଅଧିକାରୀମାନଙ୍କୁ ଅଯଥା ବାରମ୍ବାର ଅଦାଲତକୁ ଡକାଯାଉଥିବାରୁ ଏଥିରେ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିଚାରପତିମାନେ ସେମାନଙ୍କ କ୍ଷମତାର ସୀମା ଜାଣିବା ଆବଶ୍ୟକ। ସେମାନେ ସମ୍ରାଟଙ୍କ ଭଳି ବ୍ୟବହାର ନ କରି ବିନୟ ଏବଂ ନମ୍ର ଆଚରଣ କରିବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜଷ୍ଟିସ୍ ସଞ୍ଜୟ କିଶନ କୌଲ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, କେତେକ ହାଇକୋର୍ଟରେ ସାମାନ୍ୟ କଥାରେ ଅଫିସରମାନଙ୍କୁ ଡାକି ସେମାନଙ୍କ ଉପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଚାପ ପକାଯାଉଛି। ଖଣ୍ଡପୀଠ କହିଛନ୍ତି, ନ୍ୟାୟପାଳିକା ଏବଂ କାର୍ଯ୍ୟନିର୍ବାହୀ ମଧ୍ୟରେ କ୍ଷମତାର ସୀମାରେଖା ରହିଛି। ଅଫିସରମାନଙ୍କୁ ସମନ କରିବା ଓ ନିର୍ଦ୍ଦେଶ ପାଳନ ଲାଗି ସେମାନଙ୍କ ଉପରେ ଚାପ ପକାଇବା ଦ୍ୱାରା ଏହି ସୀମାର ଉଲ୍ଲଂଘନ ହେଉଛି। ବାରମ୍ବାର ଅଫିସରମାନଙ୍କୁ ଡକାଇବା ଆଦୌ ଠିକ୍ ନୁହେଁ। ସେହିପରି କଠୋର ଶବ୍ଦରେ ନିନ୍ଦା କରିବା ମଧ୍ୟ ଗ୍ରହଣୀୟ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟ ଉତ୍ତରପ୍ରଦେଶ ସ୍ୱାସ୍ଥ୍ୟ ସଚିବଙ୍କୁ ବାରମ୍ବାର ସମନ କରୁଥିବାରୁ ଏହା ବିରୋଧରେ ଏକ ଅପିଲ୍‌ର ଶୁଣାଣି କରି ଶୀର୍ଷ ଅଦାଲତ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଅଫିସରମାନଙ୍କ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନ୍ୟସ୍ତ କରାଯାଇଛି। ସେମାନଙ୍କୁ ସମନ କରିବା ଦ୍ୱାରା ଜନସ୍ୱାର୍ଥ ସମ୍ବଳିତ କାର୍ଯ୍ୟ ବିଳମ୍ବ ହେଉଛି ଓ ସେମାନଙ୍କ ଉପରେ କାର୍ଯ୍ୟବୋଝ ବଢ଼ୁଛି। ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସେମାନଙ୍କର ନିଷ୍ପତ୍ତି ନେବାରେ ବିଳମ୍ବ ହେଉଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

# ଶହେ କୋଟି ସାମୁଦ୍ରିକ ଜୀବ ମୃତ

ଅଟାୱା, ୧୦।୭

ଗତ କିଛି ସପ୍ତାହ ଧରି ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅସ୍ୱାଭାବିକ ଭାବେ ବଢ଼ି ଚାଲିଛି ତାପମାତ୍ରା। ଏହାକୁ ସହ୍ୟ କରି ନ ପାରି ଶତାଧିକ ଲୋକଙ୍କ ଜୀବନ ଯାଇଥିବାବେଳେ ମାତ୍ରାଧିକ ପ୍ରଭାବିତ ହେଉଛନ୍ତି ଜଳଜୀବ। ନିକଟରେ କାନାଡାର ଭାନକୋଭର ଉପକୂଳରେ ଆନୁମାନିକ ଶହେ କୋଟି ସାମୁଦ୍ରିକ ଜୀବଙ୍କ ମୃତ୍ୟୁ ଘୋର ଉଦ୍‌ବେଗର କାରଣ ପାଲଟିଛି। ଏପରି ଜାରି ରହିଲେ ଜୀବନଧାରଣ ଯୋଗ୍ୟ ପରିବେଶ ସମେତ ଜଳଜୀବଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ସମ୍ପୂର୍ଣ୍ଣ ମାନବଜାତି ବିପଦ ମୁହଁକୁ ଠେଲି ହେବା ଆଶଙ୍କା ଘନେଇଛି।

ଏକ ଅନୁଧ୍ୟାନ ଅନୁଯାୟୀ, ଗ୍ରୀଷ୍ମପ୍ରବାହ ବୃଦ୍ଧି ଯୋଗୁ କାନାଡାର ଭାନକୋଭର କିଟ୍‌ସିଲାନୋ ଉପକୂଳରେ ପ୍ରାୟ ୧ ବିଲିୟନ ବା ଶହେ କୋଟି ସାମୁଦ୍ରିକ ଜୀବ ନିଶ୍ଚିହ୍ନ ହୋଇସାରଲେଣି। ଏହି ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଗବେଷଣା କରିଥିବା ବ୍ରିଟିଶ କଲମ୍ବିଆ ୟୁନିଭର୍ସିଟିର ପ୍ରଫେସର ଖ୍ରୀଷ୍ଟୋଫର ହାର୍ଲେ କହିଛନ୍ତି। ତାଙ୍କ କହିବା ଅନୁସାରେ, ୨୫ ବର୍ଷ ହେଲା ସେ ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ କାର୍ଯ୍ୟ କରି ଆସୁଛନ୍ତି। ତେବେ ଏତେ ସମୟ ମଧ୍ୟରେ ଏଭଳି ଘଟଣା ଆଦୌ ଘଟିନାହିଁ। ମୃତ୍ୟୁ ଘଟିଥିବା ଏହି ଜୀବଗୁଡ଼ିକ ମଧ୍ୟରେ ଅଧିକାଂଶ ଶେଲ୍‌ଫିସ୍ ତଥା ମଧୁର ଜଳରେ ବାସ କରୁଥିବା ଜୀବ ରହିଥିବା ସେ କହିଛନ୍ତି। ଅତୀତରେ ଗ୍ରୀଷ୍ମଲହର ଜଳଚର ପ୍ରାଣୀଙ୍କୁ ପ୍ରଭାବିତ କରିଛି। କିନ୍ତୁ ଗତ ସପ୍ତାହରେ ତାପମାତ୍ରାରେ ୧୦୦ ଡିଗ୍ରୀ ଫାରେନହାଇଟ୍‌କୁ ଟପିଯିବା ଭଳି ସ୍ଥିତି



**ଗମ୍ଭୀର ହେଉଛି ତାପମାତ୍ରା ବୃଦ୍ଧି ସଙ୍କଟ**

ସମ୍ପୂର୍ଣ୍ଣ ବିରଳ। ଏଥିଯୋଗୁ ସମୁଦ୍ରରେ ଭୟଙ୍କର ଭାବେ ଜୁଆର ଓ ଭଟ୍ଟା ସୃଷ୍ଟି ହେଉଛି, ଯାହା ସହ ଖାପ ଖୁଆଇବା ଏହି ଜୀବଗୁଡ଼ିକ ପାଇଁ ଅସମ୍ଭବ ହୋଇପଡୁଛି। ଜୁଆରରେ କୂଳକୁ ଭାସି ଆସୁଥିବା ସାମୁଦ୍ରିକ ଜୀବଗୁଡ଼ିକ ପୁଣି ପାଣିକୁ ଫେରିବାକୁ ସମୟ ଲାଗୁଥିବାରୁ ବାହାରେ ଅସହ୍ୟ ତାପମାତ୍ରା ଯୋଗୁ ମଧ୍ୟ ସେଗୁଡିକର ମୃତ୍ୟୁ ଘଟୁଛି। ଫଳରେ ସମୁଦ୍ର ଉପକୂଳରେ ବିପୁଳ ମାତ୍ରାରେ ମୃତ ଅବସ୍ଥାରେ ବିଭିନ୍ନ ପ୍ରଜାତିର ମାଛ ଓ ଜୀବ ମରି ପଡୁଥିବା ଦେଖିବାକୁ ମିଳୁଛି। ତେବେ ଏହି ଅଞ୍ଚଳରେ କେବଳ ଗତ ସପ୍ତାହରେ କେତେ ସଂଖ୍ୟାରେ ଜଳଚର ଜୀବଙ୍କ ମୃତ୍ୟୁ ଘଟିଲାଣି ତାହା ଉପରେ ଆହୁରି ଅଧ୍ୟୟନ ଜାରି ରଖିଥିବା ହାର୍ଲେ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୭୦,୫୬,୫୬୫ | ୪୦,୩୮,୫୩୨ | ୧୭,୧୦,୪୩,୧୪୯ |
| ଭାରତ | ୩,୦୮,୨୪,୩୫୩ | ୪,୦୭,୫୩୭ | ୨,୯୯,୫୭,୦୯୦ |
| ଓଡ଼ିଶା | ୯,୩୭,୪୭୦ | ୪୫୩୪(+୫୩) | ୯,୦୯,୬୩୯ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

ବିଶ୍ୱ ଜନସଂଖ୍ୟା ଦିବସ।




# ସିସିଟିଭି ନଜରରେ ବଡ଼ଦାଣ୍ଡ

## ରଥଯାତ୍ରା ପାଇଁ ପୁରୀ ପ୍ରସ୍ତୁତ: ସୁରକ୍ଷା ଦାୟିତ୍ୱରେ ୩୨୭ ପୋଲିସ ଅଧିକାରୀ

**ପୁରୀ ଅଫିସ,୧୦।୭**

ଆଉ ୨ଦିନ ପରେ ମହାପ୍ରଭୁଙ୍କ ରଥଯାତ୍ରା। ଶୃଙ୍ଖଳିତ ରଥଯାତ୍ରା କରିବା ଉଦ୍ଦେଶ୍ୟରେ ଶନିବାର ଆଇନ ଶୃଙ୍ଖଳା ବିଭାଗର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜି) ଆର୍. କେ. ଶର୍ମା ଚୂଡ଼ାନ୍ତ ସ୍ଥିତି ସମୀକ୍ଷା କରିଛନ୍ତି। ଏ ନେଇ ପୋଲିସ ପ୍ରଶାସନ ପକ୍ଷରୁ ଶେଷ ପ୍ରସ୍ତୁତି ବୈଠକ ହୋଇଛି। ରଥଯାତ୍ରାରେ ନିୟୋଜିତ ହେବାକୁ ଥିବା ସମସ୍ତ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ମୁତୟନ ସମ୍ପର୍କିତ କଡ଼ା ନିୟମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି କନୱର ବିଶାଲ ସିଂଙ୍କ ଉପସ୍ଥିତିରେ ପୋଲିସ ଅଧିକାରୀମାନଙ୍କୁ କଟକଣାକୁ ପାଳନ କରାଇବା ପାଇଁ ଦାୟିତ୍ୱ ଦିଆଯାଇଛି। ପୋଲିସ ମୁତୟନ ଦୃଷ୍ଟିରୁ ବଡ଼ଦାଣ୍ଡକୁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଥିବା ବେଳେ ପୂରା ସହରକୁ ୧୨ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ୬୫ ପ୍ଲାଟୁନ୍ ଫୋର୍ସ ମୁତୟନ ହେବା ନେଇ ଏଡିଜି ଶର୍ମା କହିଛନ୍ତି। ଶ୍ରୀମନ୍ଦିର ନିକଟବର୍ତ୍ତୀ ଅଞ୍ଚଳକୁ ୧ ନମ୍ବର ଓ ଶ୍ରୀଗୁଣ୍ଡିଚା ନିକଟବର୍ତ୍ତୀ ଅଞ୍ଚଳକୁ ୪ ନମ୍ବର ଜୋନ୍‌ରେ ରଖାଯାଇଥିବା ବେଳେ ମାର୍କେଟ ଛକ ଓ ମେଡିକାଲ ଛକକୁ ଯଥାକ୍ରମେ ୨ ଓ ୩ ନମ୍ବର ଜୋନ୍‌ରେ ରଖାଯାଇଛି। ଏହି ୪ଟି ଜୋନ୍‌ରେ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ କଡ଼ାକଡ଼ି ରହିବା ନେଇ ଆଇନଶୃଙ୍ଖଳା ଏଡିଜି ସୂଚନା ଦେଇଛନ୍ତି। ସେହିଭଳି ଶ୍ରୀମନ୍ଦିର ଚାରିପାଖକୁ ୬ଟି ଜୋନ୍ ଓ ବଡ଼ଦାଣ୍ଡ ବାହାର ଅଞ୍ଚଳକୁ ୨ଜୋନ୍‌ରେ ରଖାଯାଇଛି। ରଥ ସୁରକ୍ଷା ବଳୟ ପାଇଁ ଜଣେ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୬ ଇନ୍ସପେକ୍ଟର ଓ ୧୮ଜଣ ସବଇନ୍ସପେକ୍ଟରଙ୍କୁ ଦାୟିତ୍ୱରେ ରଖାଯାଇଛି। ଏହାବ୍ୟତୀତ ରଥ ସୁରକ୍ଷା ଦାୟିତ୍ୱରେ ୧୮ ସେକ୍ସନ୍ ପୋଲିସ ମୁତୟନ ହେବେ। ରଥଟଣା ହେବା ବେଳେ ଏହାର ଚାରିପାଖରେ ରଖାଯାଇଥିବା ସୁରକ୍ଷା ବଳୟ ଦାୟିତ୍ୱରେ ୩ଜଣ ଅତିରିକ୍ତ ଏସ୍‌ପି, ୩ ଡିଏସ୍‌ପି, ୯ ଇନ୍ସପେକ୍ଟର, ୯ ସବ୍‌ଇନ୍ସପେକ୍ଟର ଓ ୨୧ ସେକ୍ସନ୍‌ର ଫୋର୍ସ ମୁତୟନ ହେବେ। ଏହିଭଳି ଭାବରେ ୧୧ଟି ଜୋନ୍ ପାଇଁ ମଧ୍ୟ ପୋଲିସ ମୁତୟନର ବ୍ୟାପକ ବ୍ୟବସ୍ଥା ହୋଇଛି। ଛାତ ଉପରେ ହୋଇଥିବା ସୁରକ୍ଷା ବ୍ୟବସ୍ଥା ପାଇଁ ୫୫୪ଜଣ ହୋମଗାର୍ଡଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ମୋବାଇଲ ଭ୍ୟାନ୍, କଣ୍ଟ୍ରୋଲ ଓ ସବ୍‌କଣ୍ଟ୍ରୋଲ୍ ରୁମ୍ ଓ ଜରୁରିକାଳୀନ ସ୍ଥିତି ପାଇଁ ମଧ୍ୟ ପୋଲିସ ଫୋର୍ସ ମୁତୟନ ହେବେ। ସର୍ବମୋଟ୍ ଅତିରିକ୍ତ ଏସ୍‌ପି ପାହ୍ୟାର ୧୦ଜଣ, ଡିଏସ୍‌ପି ପାହ୍ୟାର ୩୧ଜଣ, ଇନ୍ସପେକ୍ଟର ୬୪ ଓ ସବଇନ୍ସପେକ୍ଟର ଓ ଏଏସ୍‌ଆଇ ୨୨୨ଜଣ ରଥଯାତ୍ରା କାର୍ଯ୍ୟରେ ନିୟୋଜିତ ହେବେ। ସମୁଦାୟ ୩୨୭ଜଣ ପୋଲିସ ଅଧିକାରୀଙ୍କୁ ରଥଯାତ୍ରାରେ ମୁତୟନ କରାଯିବ। ସେହିଭଳି ୧୮୨ଜଣ ହାବିଲଦାର, ୫୬ ଏପିଆର୍, ୬୫ ପ୍ଲାଟୁନ୍ ଫୋର୍ସ ଓ ୭୩୮ଜଣ ହୋମଗାର୍ଡଙ୍କୁ ନିୟୋଜିତ କରାଯିବ।

ଅନ୍ୟପକ୍ଷେ ସିସିଟିଭି କ୍ୟାମେରାର ମଧ୍ୟ ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ୨୫ଟି ସିସିଟିଭି କ୍ୟାମେରା ଲଗାଯିବ। ଏଥିସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଏବଂ ବଡ଼ଦାଣ୍ଡରେ ମଧ୍ୟ ମୋବାଇଲ ମ୍ୟାନ(ପୋଲିସ କର୍ମଚାରୀ) ଭାବେ ନଜର ରଖିବେ। ବୈଠକ ପରେ ସନ୍ଧ୍ୟାରେ ପୁରୀ ଏସ୍‌ପି ପୂରା ଟିମ୍‌ର ଅଧିକାରୀମାନଙ୍କ ସହ ବଡ଼ଦାଣ୍ଡରେ ଚାଲିଚାଲି ଏଡିଜି ସ୍ଥିତି ସମୀକ୍ଷା କରିଛନ୍ତି। ସନ୍ଧ୍ୟାରେ ଏସପି ସବୁ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ଛକଗୁଡ଼ିକରେ ରହିବା ନିର୍ଦ୍ଦେଶ ଦେଇ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ସେହିଭଳି ପାର୍କିଂ ବ୍ୟବସ୍ଥାକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଗଣମାଧ୍ୟମ ପ୍ରତିନିଧି, ଶ୍ରୀମନ୍ଦିର ଓ ଜିଲା ପ୍ରଶାସନର କର୍ମଚାରୀମାନଙ୍କ ପାଇଁ ଶ୍ରୀମନ୍ଦିର ନିକଟବର୍ତ୍ତୀ ସ୍ଥାନରେ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ସେବାୟତମାନେ ଦୁଇ ଚକିଆ ଯାନ ନେଇ ଆସିଲେ ସମ୍ପୃକ୍ତ ଗଳି ନିକଟରେ ଗାଡ଼ି ରଖିବେ ବୋଲି ସୂଚନା ମିଳିଛି। ସେହିଭଳି କର୍ଫ୍ୟୁ ସମୟରେ ଜନତାଙ୍କ ଜରୁରିକାଳୀନ ସମସ୍ୟା ପାଇଁ ଗ୍ରୀନ୍ କରିଡର ଓ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯାଇଛି। ସହରବାସୀ ବିନା ଜରୁରିକାଳୀନ ସ୍ଥିତିରେ ଘରୁ ନ ବାହାରି ସିଧା ପ୍ରସାରଣ ମାଧ୍ୟମରେ ରଥଯାତ୍ରା ଦେଖିବା ପାଇଁ ପୋଲିସ ପ୍ରଶାସନ ଅନୁରୋଧ କରିଛି।


ଏସ୍‌ପି କେ.ବିଶ୍ୱାଳ ସିଂଙ୍କ ସହ ଏଡିଜି ଆର୍.କେ. ଶର୍ମା ରଥଯାତ୍ରା ନେଇ ସ୍ଥିତି ସମୀକ୍ଷା କରୁଛନ୍ତି।

# ୨ଆହତ ଯବାନଙ୍କୁ ଏୟାରଲିଫ୍ଟ

**ଭୁବନେଶ୍ୱର,(ବ୍ୟୁରୋ)/ ଫୁଲବାଣୀ ଅଫିସ/ ବୌଦ୍ଧ(ସ୍ୱ.ପ୍ର.),୧୦।୭**

■ କନ୍ଧମାଳ-ବୌଦ୍ଧ ସୀମାନ୍ତରେ ୮ଘଣ୍ଟାରୁ ଉର୍ଦ୍ଧ୍ୱ ଗୁଳି ବିନିମୟ

୨୦ଦିନର ବ୍ୟବଧାନ ପରେ କନ୍ଧମାଳ ଜିଲାରେ ପୁଣି ମାଓବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଛନ୍ତି। କନ୍ଧମାଳ-ବୌଦ୍ଧ ସୀମାନ୍ତ ଗୋଛାପଡ଼ା ଥାନା ଅନ୍ତର୍ଗତ ଉମା/ସମାଡାଙ୍ଗୀ ଜଙ୍ଗଲରେ ଶନିବାର ଦୀର୍ଘ ୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଉଭୟ ପକ୍ଷରୁ ଗୁଳିବିନିମୟ ହୋଇଛି। ଏଥିରେ ଓଡ଼ିଶା ପୋଲିସର ୨ଜଣ ଏସ୍‌ଓଜି ଯବାନ ଆହତ ହୋଇଛନ୍ତି। ଜଣଙ୍କ ହାତରେ ଓ ଅନ୍ୟଜଣଙ୍କ ଛାତିରେ ଗୁଳି ବାଜିଥିବାବେଳେ ଉଭୟଙ୍କୁ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱର ଏମସ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଶନିବାର ପୂର୍ବାହ୍ନରେ ଡିଜିପି ଅଭୟ ସବୁ ମହଲରୁ ପ୍ରଶଂସା କରାଯାଉଥିବାବେଳେ ଏହା ଯବାନଙ୍କ ମନୋବଳକୁ ଦୃଢ କରିବ କୁହାଯାଉଛି।

ସୂଚନାଯୋଗ୍ୟ, ଉମା ଜଙ୍ଗଲରେ ମାଓବାଦୀଙ୍କ ମେଳିନେଇ ଗୋଇନ୍ଦା ସୂଚନା ମିଳିଥିଲା। ଗୋଇନ୍ଦାସୂଚନା ଆଧାରରେ ଶୁକ୍ରବାର ରାତିରୁ ସୁରକ୍ଷାକର୍ମୀଙ୍କ ପକ୍ଷରୁ କନ୍ଧମାଳ ଜିଲା ଗୋଛପଡ଼ା ଥାନା ଅଞ୍ଚଳର ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ଏହି ସମୟରେ ମାଓବାଦୀମାନେ ଯବାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଜବାବରେ ଯବାନମାନେ ମଧ୍ୟ ପାଲଟା



ଗୋଇନ୍ଦା ନିର୍ଦ୍ଦେଶକ ଏବଂ ଆଇଜି(ଅପରେଶନ)ଙ୍କ ସହ ବିଏସ୍‌ଏଫ୍‌ର ହେଲିକପ୍ଟରରେ କୋରାପୁଟ-ମାଲକାନଗିରି ଜିଲାଗସ୍ତରେ ଯାଉଥିବା ସମୟରେ ମାଓବାଦୀଙ୍କ ଗୁଳିରେ ୨ଯବାନ ଆହତ ହୋଇଥିବା ଖବର ପାଇଥିଲେ। ଏହା ଜାଣିବା ପରେ ଅଭୟ ତୁରନ୍ତ ନିଜ ଗସ୍ତ ବାତିଲ କରି ଆହତ ଯବାନଙ୍କ ଉଦ୍ଧାର ନିମନ୍ତେ ଘଟଣା ସ୍ଥଳରେ ପହଞ୍ଚି ଆହତ ଦୁଇ ଯବାନଙ୍କୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଆଣିଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଅନ୍ୟପକ୍ଷେ ଯବାନଙ୍କ ଗୁଳିରେ କିଛି ମାଓବାଦୀ ଆହତ ହୋଇଛନ୍ତି। ତେବେ ଏଥିରେ କାହାର ମୃତ୍ୟୁ ହୋଇ ଥିବା ନେଇ କିଛି ସ୍ପଷ୍ଟ ହୋଇନାହିଁ। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଡିଜି ଅଭୟଙ୍କ ଏଭଳି କାର୍ଯ୍ୟ ପାଇଁ ତାଙ୍କୁ ଗୁଳି ଚଳାଇଥିଲେ। ଦୀର୍ଘ ସମୟ ଧରି ଜାରି ରହିଥିବା ଏହି ଗୁଳି ବିନିମୟରେ ୨ଜଣ ଏସ୍‌ଓଜି କମାଣ୍ଡୋ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ଆହତ ଦୁଇ ଯବାନଙ୍କୁ ସିଆର୍‌ପିଏଫ୍ ଯବାନ ଭାରରେ ବୋହି ପ୍ରାୟ ଅଢ଼େଇ କିଲୋମିଟର ଦୂର ସମାଡାଙ୍ଗୀ ନିକଟସ୍ଥ ତେନ୍ତୁଳିମୁଣ୍ଡା ଗାଁରେ ପହଞ୍ଚିଥିଲେ। ବୌଦ୍ଧ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜଗଦୀଶ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଆହତଙ୍କ ଆଶୁ ଚିକିତ୍ସା କରିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଆହତ ଯବାନଙ୍କୁ ଘଣ୍ଟାପଡ଼ା ସ୍କୁଲ୍‌କୁ ଅଣାଯାଇଥିଲା। ସେଠାରୁ ଡିଜିପିଙ୍କ ହେଲିକପ୍ଟରରେ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏହି ଏୟାରଲିଫ୍ଟ ସମୟରେ ହେଲିକପ୍ଟରରେ ଡିଜି ଅଭୟ, ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସ ଏବଂ ଆଇଜି(ଅପରେଶନ) ଅମିତାଭ ଠାକୁର ଥିଲେ।

# ଡାକ୍ତର, ପାଇଲଟ, ସିଆର୍‌ପିଏଫ୍ ଯବାନଙ୍କୁ ଧନ୍ୟବାଦ ଦେଲେ ଡିଜିପି



**ଭୁବନେଶ୍ୱର,(ବ୍ୟୁରୋ):** ବିଏସ୍‌ଏଫ୍‌ର ହେଲିକପ୍ଟରରେ ପାଇଲଟ ପଣ୍ଡିତ ଶନିବାର ପୂର୍ବାହ୍ନରେ ପୋଲିସ ଡିଜି, ଗୋଇନ୍ଦା ନିର୍ଦ୍ଦେଶକ ଏବଂ ଆଇଜି(ଅପରେଶନ)ଙ୍କୁ ନେଇ କୋରାପୁଟ ଗସ୍ତରେ ଯାଉଥିଲେ। ତେବେ ଆହତ ଯବାନଙ୍କ ଉଦ୍ଧାର କାର୍ଯ୍ୟରେ ଯିବା ନିର୍ଦ୍ଦେଶ ମିଳିବା କ୍ଷଣି ପାଇଲଟ୍ ତୁରନ୍ତ ହେଲିକପ୍ଟରର ଦିଗ ବଦଳାଇଥିଲେ। ପରେ ଅତି କମ୍ ସମୟରେ ବୌଦ୍ଧ ଜିଲାର ଘଣ୍ଟପଡ଼ା ହାଇସ୍କୁଲର ପଡ଼ିଆରେ ହେଲିକପ୍ଟରକୁ ଲ୍ୟାଣ୍ଡ କରାଇଥିଲେ। ଅତି ଛୋଟ ସ୍ଥାନରେ ସାହସର ସହିତ ସୁରକ୍ଷିତ ଭାବେ ପଣ୍ଡିତ ହେଲିକପ୍ଟର ଲ୍ୟାଣ୍ଡ କରାଇବାରୁ ଆହତ ଯବାନଙ୍କୁ ତତ୍‌କ୍ଷଣାତ ଏୟାରଲିଫ୍ଟ କରାଯାଇପାରିଲା। ଏଥିପାଇଁ ଅଭୟ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ବୌଦ୍ଧରୁ ଯବାନଙ୍କ ସହ ଆସିଥିବା ଡାକ୍ତର ଜଗଦୀଶ ଓ ସିଆର୍‌ପିଏଫ୍‌ର ଯବାନଙ୍କୁ ମଧ୍ୟ ଅଭୟ ଧନ୍ୟବାଦ ଜଣାଇଛନ୍ତି। ଡାକ୍ତର ଜଗଦୀଶ ଖବର ପାଇବା ମାତ୍ରେ ଯେଉଁ ପୋଷାକରେ ଥିଲେ ସେହି ଅବସ୍ଥାରେ ଆହତଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବା ସହ ସେମାନଙ୍କ ସହ ଭୁବନେଶ୍ୱର ଆସିଥିଲେ। ଏପରି କି ସିଆର୍‌ପିଏଫ୍ ଯବାନମାନେ ସାହସର ସହ ଆହତ ଯବାନଙ୍କୁ କାଳବିଳମ୍ବ ନ କରି ଭାରାରେ ପ୍ରାୟ ଅଢ଼େଇ କିଲୋମିଟର ଦୂର ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିବାରୁ ଡିଜି ଅଭୟ ଉଭୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।






# ଡାକ୍ତରଖାନାର ୩ ମହଲାରୁ ଡେଇଁ ଯୁବତୀ ମୃତ

**ରାୟଗଡ଼ା ଅଫିସ,୧୦।୭**

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଭେଷଜ ୱାର୍ଡରେ ଚିକିତ୍ସାଧୀନ ଜଣେ ଯୁବତୀ ଡାକ୍ତରଖାନାର ୩ ମହଲା କୋଠା ଉପରୁ ଡେଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ରୋଗୀ ହେଲେ ରାୟଗଡ଼ା ଟାଉନ୍ ଥାନା ଅଧୀନ ତୁମ୍ବିଗୁଡ଼ା ଗ୍ରାମର ରଜନୀ ମେଲେକା (୨୮)।

ସୂଚନା ଅନୁଯାୟୀ, ରଜନୀ ଭୀଷଣ ଜ୍ୱର ଏବଂ ପାଟି ଘା' କାରଣରୁ ଅସୁସ୍ଥ ହେବାରୁ ପରିବାର ଲୋକେ ୭ ତାରିଖରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୩ ମହଲାସ୍ଥିତ ଭେଷଜ ୱାର୍ଡ(ଆନ୍ତଃ ବିଭାଗ)ର ୩୫ ନଂ ବେଡ୍‌ରେ ରଜନୀ ଚିକିତ୍ସିତ ଥିଲେ। ତେବେ ଶନିବାର ଭୋର୍ ୪ଟାବେଳେ ଉକ୍ତ ମହଲାରେ ଥିବା ଶୌଚାଳୟକୁ ଯାଇଥିଲେ। ଭିତରପଟୁ କବାଟ ବନ୍ଦ କରି ଶୌଚାଳୟର କାଚ ଝରକା ଭାଙ୍ଗି ସେ ତଳକୁ ଡେଇଁପଡ଼ିଥିଲେ। ଶବ୍ଦ ଶୁଣି ଡାକ୍ତରଖାନାର ସୁରକ୍ଷା କର୍ମୀ ଏବଂ କେତେଜଣ କର୍ମଚାରୀ ପହଞ୍ଚି ରଜନୀ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଖବର ପାଇ ଜିଲା ମୁଖ୍ୟ ଚିକିତ୍ସାଳୟ ଦାୟିତ୍ୱରେ ଥିବା ଏଡିଏମ୍‌ଓ ଡା. ବରଦାକାନ୍ତ ମିଶ୍ର ତୁରନ୍ତ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ତେବେ ଯୁବତୀଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଘଟଣା ନେଇ ଏଡିଏମ୍‌ଓଙ୍କୁ ପଚାରିବାରୁ ସେ କହିଛନ୍ତି, ପୋଲିସ ତଦନ୍ତ ପରେ ହିଁ ପ୍ରକୃତ କାରଣ ଜଣାପଡ଼ିବ।

# ସଂକ୍ରମଣ ହାର ୨.୩୮%

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

ରାଜ୍ୟରେ ଦୈନିକ ସଂକ୍ରମଣ ନିମ୍ନଗାମୀ ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ସର୍ବାଧିକ ୮୦,୯୧୫ ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୨,୩୩୪ଜଣ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୩ ପ୍ରତିଶତ ତଳକୁ ଖସି ୨.୩୮%ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩୮୦, କଟକରୁ ୩୭୧, କେନ୍ଦ୍ରାପଡ଼ା ୧୯୬, ଯାଜପୁର ୧୭୯, ବାଲେଶ୍ୱର ୧୬୪, ଭଦ୍ରକ ୧୨୧, ପୁରୀ ୧୦୬, ମୟୂରଭଞ୍ଜ ୧୦୪, ଜଗତ୍‌ସିଂହପୁର ୧୦୧ ଓ ନୟାଗଡ଼ରୁ ୯୪ଜଣ ରହିଛନ୍ତି। ବାକି ସବୁ ଜିଲାରେ ସଂକ୍ରମଣ ସଂଖ୍ୟା ଶହେ ତଳକୁ ଥିବାବେଳେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯,୩୭,୪୭୦ରେ ପହଞ୍ଚିଛି। ତେବେ କଟକରେ ସର୍ବାଧିକ ସଂକ୍ରମଣ ହାର ୭.୩୭% ରହିଛି। ନୟାଗଡ଼ରେ ସଂକ୍ରମଣ ହାର ବୃଦ୍ଧି ପାଇ ୬.୫୯% ଓ କେନ୍ଦ୍ରାପଡ଼ାରେ ୫.୮୬%ରେ ପହଞ୍ଚିଛି। ଅନ୍ୟ ଜିଲାରେ ଆକ୍ରାନ୍ତ ସଂଖ୍ୟା ଅଧିକ ରହିଥିଲେ ମଧ୍ୟ ସଂକ୍ରମଣ ହାର ହ୍ରାସ ପାଉଥିବା ଦେଖାଯାଇଛି। ଅନ୍ୟପଟେ ରାଜ୍ୟରେ ଆଉ ୫୮ଜଣ ଆକ୍ରାନ୍ତଙ୍କ ଜୀବନ ନେଇଛି ମହାମାରୀ।







## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................

ସାନୁ
ପରିବାରବର୍ଗ

ଏଠାରେ ୯ X ୯ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କର୍ପୂର ଉଡ଼ିଗଲାଣି,
କନାଟା ପଡିଛି।**

ପୂର୍ବର ସେ ଯଶ ଗୌରବ ନାହିଁ, କେବଳ ଯାହା ନାଁ ପଡ଼ିରହିଛି। ସବୁ ଯଶ ଗୌରବ ତଥା ଖ୍ୟାତି ଶେଷ ହୋଇ କେବଳ ଯାହା ସାମାନ୍ୟ ସ୍ମୃତି ଟିକକ ରହିଯାଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଥା ରସକୁ,
ଫୁଲ ବାସକୁ।**

କଥାର ମଧୁରତା, ପ୍ରକାଶ ଭଙ୍ଗୀର ଯଥାର୍ଥତା ଉପରେ ନିର୍ଭର କରେ। ବାଣୀ ଯଦି ଅମୃତ ହେବ ତା'ହେଲେ ସେ ମଣିଷ ମନକୁ କିଣିବାରେ ସଫଳ ହେବ। ଫୁଲର ବାସ୍ନା ପରି କଥାର ରସ ମନରେ ଆନନ୍ଦ ସଂଚାର କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଚଳନ୍ତା ଟ୍ରେନରେ ପ୍ରସବ

**ଭୁବନେଶ୍ୱର,୧୦।୭(ବ୍ୟୁରୋ)**

ଚଳନ୍ତା ଟ୍ରେନରେ ପ୍ରସବ। କୋଲକାତାରୁ ଯଶୱନ୍ତପୁର ଯାଉଥିବା ଜଣେ ମହିଳା ହାଓ୍ୱଡ଼ା-ଯଶୱନ୍ତପୁର ଟ୍ରେନରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ଟ୍ରେନ୍‌ଟି ଭୁବନେଶ୍ୱର ଷ୍ଟେଶନରେ ଅଟକିବା ପରେ ମା' ଓ ପୁଅକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପରେ ଉଭୟ ସୁସ୍ଥ ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ମହିଳା ଜଣକ ହେଲେ ଆଇସା ଖାତୁନ (୨୦)। ଅନ୍ତସତ୍ତ୍ୱା ଥିବା ଆଇସା ଶାଶୁଙ୍କ ସହ କୋଲକାତାରୁ ଉକ୍ତ ଟ୍ରେନ୍‌ରେ ଚଢ଼ିଥିଲେ। ସେମାନେ ଏସ୍‌୪ ବଗିରେ ଯାତ୍ରା କରୁଥିଲେ। ବାଟରେ ଆଇସା ପ୍ରସବଜନିତ କଷ୍ଟ ଅନୁଭବ କରିବାରୁ ଏ ସମ୍ପର୍କରେ ଟ୍ରେନ୍‌ର କର୍ମଚାରୀଙ୍କୁ ଅବଗତ କରାଯାଇଥିଲା। ଦାୟିତ୍ୱରେ ଥିବା ଉଚ୍ଚ ଅଧିକାରୀଙ୍କ ସହ ପରାମର୍ଶ ଓ ଅନୁମତି ପରେ ଅପରାହ୍ନ ୪ଟା ୪୪ରେ ଟ୍ରେନ୍‌ଟି ଭୁବନେଶ୍ୱର ଷ୍ଟେଶନରେ ଅଟକିଥିଲା। ଷ୍ଟେଶନରେ ପୂର୍ବରୁ ପ୍ରସ୍ତୁତ ଥିବା ଡାକ୍ତରୀ ଟିମ୍, ଜିଆର୍‌ପି ଓ ଆର୍‌ପିଏଫ୍ ତୁରନ୍ତ ଉକ୍ତ ବଗିକୁ ଯାଇ ଆବଶ୍ୟକ ପଦକ୍ଷେପ ନେଇଥିଲେ। ମେରି ସହେଲି ଟିମ୍ ସଦସ୍ୟ, ମହିଳା ଜିଆର୍‌ପି ଓ ଆଇସାଙ୍କ ଶାଶୁ ପ୍ରସବରେ ସହାୟତା କରିଥିଲେ। ଅପରାହ୍ନ ୪ଟା ୫୫ରେ ଆଇସା ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ଏହାପରେ ଆମ୍ବୁଲାନ୍ସରେ ମା'ପୁଅଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇ ଦିଆଯାଇଥିଲା। ଏଥିପାଇଁ ଟ୍ରେନ୍ ଚଳାଚଳ ବିଳମ୍ବିତ ହେବା ସହ ୫ଟା ୨୭ର ଷ୍ଟେଶନ ଛାଡିଥିଲା।

**କ୍ୟାପିଟାଲ ହସ୍ପିଟାଲରେ ମା'ପୁଅ**




# ୫ ଦିନ ପ୍ରବଳ ବର୍ଷା

**ଭୁବନେଶ୍ୱର, ୧୦।୭(ବ୍ୟୁରୋ)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଟ୍ରଫ୍ ଲାଇନ୍ ସକ୍ରିୟ ରହିଛି। ବର୍ତ୍ତମାନ ସମୁଦ୍ର ପତ୍ତନରେ ଥିବା ପୂର୍ବ-ପଶ୍ଚିମ ଲଘୁଚାପ ରେଖା ଉତ୍ତରପଶ୍ଚିମ ରାଜସ୍ଥାନରୁ ଓଡ଼ିଶା ଦେଇ ଉତ୍ତର-ପୂର୍ବ ବଙ୍ଗୋପସାଗର ଯାଏ ଲମ୍ବିଛି। ଏହାଛଡ଼ା ଉପକୂଳ ଓଡ଼ିଶାର ସମୁଦ୍ର ପତ୍ତନଠାରୁ ୨.୧ କିମି ଯାଏ ଏକ ସାଇକ୍ଲୋନିକ ସର୍କ୍ୟୁଲେଶନ ଦେଖିବାକୁ ମିଳିଛି। ଫଳରେ ରବିବାର ଆନ୍ଧ୍ରପ୍ରଦେଶର ପଶ୍ଚିମକେନ୍ଦ୍ରୀୟ ଓ ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଉପକୂଳ ଓଡ଼ିଶାରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ତେଣୁ ରାଜ୍ୟରେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଉପକୂଳ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବ। ସୋମବାର ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ, ରାୟଗଡ଼ାରେ ପ୍ରବଳ ବର୍ଷା ହେବ। ସେହିପରି ୧୨ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ୧୩ରେ ନୂଆପଡ଼ା, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଏବଂ ୧୩ରେ କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବ। ଏ ସମସ୍ତ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଅପୂର୍ବ ଗ୍ରହଯୋଗ ପାରିବାରିକ, ସାମାଜିକ, ଆନୁଷ୍ଠାନିକ କାମରେ ଉତ୍ସାହିତ କରିବ। ଚତୁର୍ଥଭାବସ୍ଥ ଗ୍ରହ ପ୍ରଭାବରୁ ବନ୍ଧୁ ଗହଣରେ ସମୟ କଟାଇବେ। କେତେକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି କିମ୍ବା ଭୁଲ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ, ପରିବହନରେ ଆଶା ଅନୁଯାୟୀ ସଫଳତା ମିଳିବ।

**ବୃଷ** ତୃତୀୟସ୍ଥ ଚନ୍ଦ୍ର ଓ ଶୁକ୍ର ପ୍ରଭୃତି ଆପଣଙ୍କୁ ସାଂସ୍କୃତିକ କାର୍ଯ୍ୟ, ସଙ୍ଗୀତ ସମାରୋହରେ ସମ୍ମାନ ପ୍ରଦାନ କରିପାରେ। ମୃଗଶିରା ଅନ୍ୟ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। କୌଣସି ଉନ୍ନତିମୂଳକ କାମ ସକାଶେ ମୋଟା ଅଙ୍କର ଅର୍ଥ ଦରକାର ପଡ଼ିବ। ଅଫିସ୍‌ରେ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ।

**ମିଥୁନ** ସୁମଧୁର ବ୍ୟବହାର ଅନ୍ୟମାନଙ୍କୁ ଆପ୍ୟାୟିତ କରି ଶ୍ରଦ୍ଧାଭାଜନ ହେବେ। ବୁଧ ରାଶିରେ ରହିଥିବାରୁ ଦିନସାରା ଆନୁଷ୍ଠାନିକ କ୍ଷେତ୍ର କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିବେ। ଅଫିସରେ ପରସ୍ପର ଗୋଡ଼ ଟଣାଟଣି ହେତୁ କାମ ହାସଲ କଷ୍ଟକର ହେବ। ପରିବାରରେ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଗୋଳମାଳିଆ ପରିସ୍ଥିତି ଦେଖା ଦେବ ନାହିଁ।

**କର୍କଟ** ଜନ୍ମ ଚନ୍ଦ୍ର ଯୋଗୁ ଚେଷ୍ଟା କରୁଥିବା କାମ ସୁରୁଖୁରୁରେ ହୋଇଯିବ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ଦିଗରୁ ସନ୍ତୋଷଜନକ ଫଳ ପାଇବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ, କିନ୍ତୁ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଅଶ୍ଳେଷା ପାଇଁ ବିଭିନ୍ନ ପ୍ରକାରର ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ।

**ସିଂହ** ଆଜି ଦ୍ୱାଦଶ ଚନ୍ଦ୍ରଙ୍କ ଯୋଗୁ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ଅବଶ୍ୟ ସଫଳତା ହାସଲ କରିବେ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବାର ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥ ଆବଶ୍ୟକତା ପଡ଼ିପାରେ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ସାମୟିକ କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ।

**କନ୍ୟା** ବୁଧାଦିତ୍ୟ ଯୋଗଜନିତ ଶାରୀରିକ ସୁସ୍ଥତା ଥିଲେ ମଧ୍ୟ ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହେବ। ଫେରନ୍ତା ବାଟରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପଡ଼ିବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆୟ ବୃଦ୍ଧି ଲାଗି ବ୍ୟବସାୟରେ ନୂତନ କିଛି ଯୋଡ଼ିବା ସକାଶେ ଚିନ୍ତା କରିପାରନ୍ତି।

**ତୁଳା** ସାଧାରଣ କଥାକୁ ନେଇ ମତାନ୍ତର ଜନିତ ପରିବାରରେ ଅଶାନ୍ତିର ବାତାବରଣରୁ ସେତିକି ଦୁଃଖୀ ହୋଇ ପାରନ୍ତି। ସ୍ୱାତୀ ନକ୍ଷତ୍ର ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ଧର୍ମକାର୍ଯ୍ୟ କରି ଏବଂ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବନ୍ଧୁମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇପାରନ୍ତି।

**ବିଛା** ଆଜିର ନବମସ୍ଥ ଗ୍ରହ ସମ୍ବନ୍ଧ ହେତୁ ସବୁ କାମ ଠିକ୍ ଠିକ୍ ହେବ, କିନ୍ତୁ ଶନିଙ୍କ ଦୃଷ୍ଟି କାରଣରୁ ସୁବିଧାରେ ନୁହେଁ। ନିକଟ ସମ୍ପର୍କୀୟଙ୍କ ସାହାଯ୍ୟରୁ ଅର୍ଥ ପାଇବେ ସତ, କିନ୍ତୁ ବହୁତ ଝଡ଼ଝଞ୍ଜା ମଧ୍ୟ ଦେଇ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ଧନୁ** ଭାଗ୍ୟସ୍ଥାନକୁ ବୃହସ୍ପତି ଦେଖୁଥିବାରୁ କୌଣସି ନୂତନ ଯୋଜନାରମ୍ଭ କରିବା ସକାଶେ ମନ ବଳାଇବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ପୂର୍ବପରି ରହିବା ଦୁଶ୍ଚିନ୍ତାର କାରଣ ହେବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସତର୍କରେ ଚଳିବା ଭଲ ହେବ। ହଜି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

**ମକର** ଶୁଭଯୋଗ ପ୍ରଭାବରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ, କିନ୍ତୁ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ। ପାରିବାରିକ ସମସ୍ୟାକୁ ଚତୁରତାର ସହ ସମାଧାନ କରିବେ।

**କୁମ୍ଭ** ଆଜି ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ପ୍ରଥମେ ପ୍ରଥମେ କଷ୍ଟକର ମନେ ହୋଇପାରେ। ପରିବାର, ବ୍ୟବସାୟ, ସଭାସମିତି, ପରିବହନ, ପ୍ରଶାସନିକ କ୍ଷେତ୍ର ପ୍ରତ୍ୟେକରେ ସୁଫଳ ପାଇବେ। ଶତଭିଷା ନକ୍ଷତ୍ର ଆଶା କରୁଥିବା ଶୁଭଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** କୋଣଭାବସ୍ଥ ଗ୍ରହ ଯୋଗରୁ ତ୍ୟାଗ ଓ ସହନଶୀଳତା ଦ୍ୱାରା ପାରିବାରିକ ସଦ୍ଭାବ ବୃଦ୍ଧି ପାଇବ। ଭୁଲ ବୁଝାମଣା କାରଣରୁ ବନ୍ଧୁ ସମ୍ପର୍କରେ ଅବନତି ଘଟିବ। ନିର୍ମାଣ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ପରିବାରର ବରାଦ ଅନୁଯାୟୀ ଇଚ୍ଛା ନ ଥିଲେ ମଧ୍ୟ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ରବିବାର, ଶ୍ରୀମନ୍ଦିରରେ ରଥ ଆଜ୍ଞାମାଳ ବିଜେ, ଜୁଲାଇ ୧୧ ତାରିଖ, ଅଦ୍ୟ ବିଶ୍ୱ ଜନସଂଖ୍ୟା ଦିବସ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ମେଷ ରାଶିର ଘାତବାର, ଦିବା ଘ.୦୭।୦୩ ଗତେ ଘ.୦୯।୪୦ ମଧ୍ୟେ, ଘ.୧୨।୧୮ ଗତେ ଘ.୦୨।୫୫ ମଧ୍ୟେ ଅମୃତବେଳା। ଦିବା ଘ.୦୪।୪୦ ଗତେ ଘ.୦୫।୩୩ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୪।୪୭ ଗତେ ଘ.୦୬।୨୫ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ୪୨% କେନ୍ଦ୍ରମନ୍ତ୍ରୀଙ୍କ ...

ସମ୍ପତ୍ତି ୯୫ କୋଟି ହୋଇଥିବାବେଳେ ନାରାୟଣ ରାଣେଙ୍କର ୮୭ କୋଟି ଏବଂ ରାଜୀବ ଚନ୍ଦ୍ରଶେଖରଙ୍କ ସମ୍ପତ୍ତି ପରିମାଣ ୬୪ କୋଟି ଟଙ୍କା। ମନ୍ତ୍ରୀମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୧୬.୨୪ କୋଟି ଟଙ୍କା ବୋଲି ରିପୋର୍ଟରେ ଦର୍ଶାଯାଇଛି। ସବୁଠୁ କମ୍ ସମ୍ପତ୍ତି ଦର୍ଶାଇଥିବା ମନ୍ତ୍ରୀ ମଧ୍ୟରେ ଅଛନ୍ତି ତ୍ରିପୁରାର ପ୍ରତିମା ଭୌମିକ (୬ ଲକ୍ଷ ଟଙ୍କା), ପଶ୍ଚିମବଙ୍ଗର ଜନ୍ ବାର୍ଲା (୧୪ ଲକ୍ଷ ଟଙ୍କା), ରାଜସ୍ଥାନର କୈଳାସ ଚୌଧରୀ (ପ୍ରାୟ ୨୪ ଲକ୍ଷ ଟଙ୍କା), ଓଡ଼ିଶାର ବିଶ୍ୱେଶ୍ୱର ଟୁଡୁ (ପ୍ରାୟ ୨୭ ଲକ୍ଷ ଟଙ୍କା) ଏବଂ ମହାରାଷ୍ଟ୍ରର ଭି. ମୁରଲୀଧରନ (ପ୍ରାୟ ୨୭ ଲକ୍ଷ ଟଙ୍କା)। ନୂଆ ମନ୍ତ୍ରୀମାନଙ୍କ ମଧ୍ୟରୁ ୨୧ ଜଣଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକୋତ୍ତର ହୋଇଥିବାବେଳେ ୯ ଜଣ ଡକ୍ଟରେଟ୍ କରିଛନ୍ତି। ୧୭ ଜଣ ସ୍ନାତକ ହୋଇଥିବାବେଳେ ଅନ୍ୟ ୧୭ ଜଣ ବିଭିନ୍ନ ପେସାରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଦୁଇଜଣ ମନ୍ତ୍ରୀ ଅଷ୍ଟମ ପାସ୍ କରିଥିବାବେଳେ ୩ ଜଣ ଦଶମ ପାସ୍ ଏବଂ ୭ ଜଣ ଦ୍ୱାଦଶ ଶ୍ରେଣୀ ପାସ୍ କରିଛନ୍ତି।

### ୨ ପିଲା: ଅଧିକ ...

ବୋଲି କୁହାଯାଉଛି। ଯୋଗୀ ସରକାର ୟୁପି ପପୁଲେଶନ କଣ୍ଟ୍ରୋଲ, ଷ୍ଟାବିଲାଇଜେଶନ୍ ଆଣ୍ଡ୍ ୱେଲ୍‌ଫେୟାର ବିଲ୍‌ର ଚିଠା ଜାରି କରିଛନ୍ତି। ଉକ୍ତ ଚିଠା ଅନୁସାରେ ପରିବାରରେ ମା'ବାପା ୨ରୁ ଅଧିକ ସନ୍ତାନ ଜନ୍ମ କରିପାରିବେ ନାହିଁ। ଯଦି କରିବେ ତେବେ ଅନେକ ସରକାରୀ ସୁବିଧାରୁ ବାଦ୍ ପଡ଼ିବେ। ଅନ୍ୟପକ୍ଷରେ ଯେଉଁମାନେ ଦୁଇ ସନ୍ତାନ ନୀତି ପାଳନ କରିବେ, ସେମାନେ କେତେକ ସୁବିଧା ପାଇବା ଲାଗି ଯୋଗ୍ୟ ବିବେଚିତ ହେବେ। ଏହି ସୁବିଧାଗୁଡ଼ିକ ହେଲା ଚାକିରି କାଳ ମଧ୍ୟରେ ସେମାନଙ୍କର ବେତନ ଅଧିକ ଦୁଇଥର ବୃଦ୍ଧି କରାଯିବ, ପ୍ଲଟ୍ କିମ୍ବା ଘର କିଣିବା ବେଳେ କମ୍ ସୁଧରେ ଋଣ ପାଇବେ, ଉପଯୋଗିତା ଶୁଳ୍କ ଉପରେ ରିହାତି ପାଇବେ ଏବଂ ଜାତୀୟ ପେନ୍‌ସନ ଯୋଜନାରେ ସେମାନଙ୍କ ଇପିଏଫ୍‌ରେ ୩ ପ୍ରତିଶତ ବୃଦ୍ଧି କରାଯିବ। ଏହାବାଦ୍ ଯେଉଁ ଦମ୍ପତି ମାତ୍ର ଗୋଟିଏ ସନ୍ତାନରେ ପରିବାର ନିୟୋଜନ କରିବେ ସେମାନଙ୍କ ପାଇଁ କେତେକ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦିଆଯିବ ବୋଲି ଚିଠା ବିଲ୍‌ରେ ଉଲ୍ଲେଖ କରାଯାଇଛି। ସ୍ୱତନ୍ତ୍ର ସୁବିଧା ମଧ୍ୟରେ ରହିଛି ମାଗଣା ସ୍ୱାସ୍ଥ୍ୟସେବା, ସନ୍ତାନ ୨୦ ବର୍ଷ ପର୍ଯ୍ୟନ୍ତ ହେବା ଯାଏ ମାଗଣା ବୀମା ସୁବିଧା, ଆଇଆଇଏମ୍, ଏଆଇଆଇଏମ୍‌ଏସ୍ ଆଦି ସମସ୍ତ ଶିକ୍ଷାନୁଷ୍ଠାନରେ ନାମଲେଖାରେ ଅଗ୍ରାଧିକାର, ସ୍ନାତକ ପର୍ଯ୍ୟନ୍ତ ମାଗଣା ଶିକ୍ଷା ଏବଂ କନ୍ୟାସନ୍ତାନ ହୋଇଥିଲେ ଉଚ୍ଚଶିକ୍ଷା ପାଇଁ ବୃତ୍ତି। ଏହା ବ୍ୟତୀତ ସରକାରୀ ଚାକିରିରେ ମଧ୍ୟ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ।

ରାଜ୍ୟ ଆଇନ କମିଶନ ପକ୍ଷରୁ ଉକ୍ତ ଚିଠା ବିଲ୍ ପ୍ରସ୍ତୁତ କରାଯାଇ ଜନସାଧାରଣଙ୍କଠାରୁ ଏହା ଉପରେ ପ୍ରସ୍ତାବ ଓ ମତାମତ ଲୋଡ଼ାଯାଇଛି। ପ୍ରସ୍ତାବ ଓ ମତାମତ ପଠାଇବାର ଶେଷ ତାରିଖ ଜୁଲାଇ ୧୯ ରଖାଯାଇଥିବା ଆଇନ କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏନ୍. ମିତ୍ତଲ ସୂଚନା ଦେଇଛନ୍ତି। ଯେଉଁମାନେ ଦୁଇସନ୍ତାନ ନିୟମାବଳୀ ଆଇନ ପରିସର ମଧ୍ୟରେ ଆସିବେ କେବଳ ସେହିମାନେ ଉପରୋକ୍ତ ସୁବିଧା ପାଇବେ ବୋଲି ଚିଠା ବିଲ୍‌ରେ ସ୍ପଷ୍ଟ କରାଯାଇଛି। ଅଗଷ୍ଟ ସୁଦ୍ଧା ଉକ୍ତ ବିଲ୍ ପ୍ରସ୍ତୁତ ହୋଇଯିବ ବୋଲି ଜଷ୍ଟିସ ମିତ୍ତଲ କହିଛନ୍ତି। ଚିଠା ବିଲ୍‌ରେ ବହୁପତ୍ନୀ ଓ ବହୁସ୍ୱାମୀ ବ୍ୟବସ୍ଥା ଉପରେ ମଧ୍ୟ କଟକଣା ରହିବ। କେତେକ କ୍ଷେତ୍ରରେ ଧର୍ମ କିମ୍ବା ପର୍ସନାଲ ଲ' ବହୁପତ୍ନୀ ଅଥବା ବହୁସ୍ୱାମୀ ବିବାହକୁ ଅନୁମତି ଦେଉଥିଲାବେଳେ ଏହାକୁ ବିବାହିତ ଯୋଡ଼ି (ଜଣେ ପୁରୁଷ ଓ ଜଣେ ମହିଳା)ରେ ସୀମିତ କରାଯାଇପାରେ। ଉଦାହରଣ ସ୍ୱରୂପ ବ୍ୟକ୍ତି ଜଣକ (ଏ) ଯଦି ୩ ମହିଳା (ବି, ସି ଏବଂ ଡି)ଙ୍କୁ ବିବାହ କରିଥାନ୍ତି, ତେବେ ଏ-ବି, ଏ-ସି ଏବଂ ଏ-ଡି ତିନୋଟି ଅଲଗା ଦମ୍ପତି ଭାବେ ଗଣାଯିବେ। ତେବେ ୩ ସ୍ତ୍ରୀଙ୍କ ସମସ୍ତ ପିଲାଙ୍କୁ ସ୍ୱାମୀ ଏ'ଙ୍କ ସନ୍ତାନ ଭାବେ ହିସାବ କରାଯିବ। ଅନ୍ୟପକ୍ଷରେ ପର୍ସନାଲ ଲ'ର ବହୁସ୍ୱାମୀ ବ୍ୟବସ୍ଥା ଅନୁଯାୟୀ ଯଦି 'ବି' ନାମକ ମହିଳାଙ୍କର ଏ ଏବଂ ସି ଦୁଇଜଣ ସ୍ୱାମୀ ଥାଆନ୍ତି, ତେବେ ବି-ଏ ଏବଂ ବି-ସି ଦୁଇ ଯୋଡ଼ା ଦମ୍ପତି ଭାବେ ଗଣାହେବେ।

#### ଚିଠା ବିଲ୍‌କୁ ନେଇ ବିବାଦ

ପ୍ରସ୍ତାବିତ ଆଇନର ଚିଠା ବିଲ୍‌କୁ ନେଇ ବିବାଦ ଦେଖାଦେଇଛି। ମୁଖ୍ୟତଃ ମୁସଲମାନମାନଙ୍କୁ ଟାର୍ଗେଟ୍ କରି ଏଭଳି ବିଲ୍ ଅଣାଯାଇଥିବା ଅଭିଯୋଗ ହୋଇଛି। ମୁସଲମାନ ସମ୍ପ୍ରଦାୟ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନୁହନ୍ତି। ମୁସଲମାନ ଦମ୍ପତି ଅଧିକ ସନ୍ତାନ ଜନ୍ମ କରୁଥିବାରୁ ଉକ୍ତ ଆଇନ କାର୍ଯ୍ୟକାରୀ ହେଲେ ସେମାନେ ସର୍ବାଧିକ କ୍ଷତିଗ୍ରସ୍ତ ହେବେ ବୋଲି କୁହାଯାଉଛି। ଉକ୍ତ ଆଇନ ମୁସଲମାନଙ୍କ ବିରୋଧରେ ଷଡ଼ଯନ୍ତ୍ର ବୋଲି ସମାଜବାଦୀ ପାର୍ଟି (ଏସ୍‌ପି) ବିଧାୟକ ଇକ୍‌ବାଲ ମେହମୁଦ୍ କହିଛନ୍ତି। ଜନସଂଖ୍ୟା ନିୟନ୍ତ୍ରଣ ନାମରେ ପ୍ରକୃତରେ ଏହା ମୁସଲମାନ ସମ୍ପ୍ରଦାୟ ଉପରେ ଖୋଲା ଆକ୍ରମଣ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଆଇନ ବିଧବା କିମ୍ବା ଛାଡ଼ପତ୍ର ପାଇଥିବା ମହିଳାଙ୍କ ପୁନର୍ବିବାହ ଉପରେ କିପରି ପ୍ରଭାବ ପକାଇବ ତାହା ଜଣାପଡ଼ିନାହିଁ।

### ୬୮ଦିନରେ ୩୮ଥର ...

ପେଟ୍ରୋଲ ଲିଟର ପିଛା ୧୦୨.୦୪ ଟଙ୍କା ଏବଂ ଡିଜେଲ ୯୮.୨୬ ଟଙ୍କାରେ କାରବାର ହେଉଛି। ଏହି ଦର ବୃଦ୍ଧି ଫଳରେ ସାରା ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଟପିଯାଇଛି। ସେହିଭଳି ବଲାଙ୍ଗୀର, ଗଜପତି, କଳାହାଣ୍ଡି, କୋରାପୁଟ, ରାୟଗଡ଼ା, ନୂଆପଡ଼ା, ନବରଙ୍ଗପୁର ଓ ମାଲକାନଗିରି ଭଳି ୮ ଜିଲାରେ ଡିଜେଲ ଦର ମଧ୍ୟ ୧୦୦ ଟଙ୍କା ଉପରେ ରହିଛି। ଶନିବାର ଜଗତ୍‌ସିଂହପୁରରେ ପେଟ୍ରୋଲ ଲିଟର ପିଛା ପ୍ରାୟ ୧୦୧.୬୧ ଟଙ୍କା ଥିବାବେଳେ ମାଲକାନଗିରି ସର୍ବାଧିକ ପ୍ରାୟ ୧୦୮.୭୯ ଟଙ୍କା ନିକଟବର୍ତ୍ତୀରେ ବିକ୍ରି ହେଉଥିବା ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ୩୫ ଏବଂ ଡିଜେଲ ୨୬ ପଇସା ବଢ଼ିଥିବା ଜଣାପଡ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୦.୯୧ ଟଙ୍କା ଏବଂ ଡିଜେଲ ୮୯.୮୮ ଟଙ୍କାରେ ପହଞ୍ଚିଛି। ମେ' ୪ ଠାରୁ ଦିଲ୍ଲୀରେ ପେଟ୍ରୋଲ ଉପରେ ୧୦.୫୧ ଟଙ୍କା ଏବଂ ଡିଜେଲ ୯.୧୫ ଟଙ୍କା ବୃଦ୍ଧି ପାଇଥିବା ସୂଚନା ମିଳିଛି। ଏହି ଦର ବୃଦ୍ଧି ଫଳରେ ଦିଲ୍ଲୀ ସମେତ ଦେଶର ୧୮ ପ୍ରମୁଖ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ଜମ୍ମୁ-କଶ୍ମୀର, ଓଡ଼ିଶା, ତାମିଲନାଡୁ, ବିହାର, କେରଳ, ପଞ୍ଜାବ, ସିକିମ, ପଶ୍ଚିମବଙ୍ଗ, ନାଗାଲାଣ୍ଡ, ପୁଡୁଚେରୀ ଓ ଲଦାଖରେ ପେଟ୍ରୋଲ ମୂଲ୍ୟ ୧୦୦ ଟଙ୍କା ଟପି ରେକର୍ଡ ସ୍ତରରେ ପହଞ୍ଚିଛି। ସେହିପରି ଓଡ଼ିଶା ସମେତ ମଧ୍ୟପ୍ରଦେଶ ଓ ରାଜସ୍ଥାନର ବିଭିନ୍ନ ସ୍ଥାନରେ ଡିଜେଲ ଦର ମଧ୍ୟ ୧୦୦ ଟପିଛି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୦୧.୬୭ ଟଙ୍କା, ୧୦୧.୦୧ ଟଙ୍କା ଏବଂ ୧୦୬.୯୩ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଯଥାକ୍ରମେ ୯୪.୩୯, ୯୨.୯୭ ଏବଂ ୯୭.୪୬ ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଉଚ୍ଚ ଥିବାରୁ ଏହାର ପ୍ରଭାବ ଭାରତୀୟ ତୈଳ ବଜାର ଉପରେ ପଡୁଛି। କେନ୍ଦ୍ର ସରକାର ଏ ସମ୍ପର୍କରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଏହାର ପ୍ରଭାବ ଖାଉଟିଙ୍କ ଉପରେ ପଡୁଛି। ସେହିଭଳି କୋଭିଡ୍ ମହାମାରୀ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ବର୍ଦ୍ଧିତ ଶୁଳ୍କ ଯୋଗୁ ତେଲର ମୂଳ ଦରଠାରୁ କ୍ରୟ ମୂଲ୍ୟ ବହୁ ଅଧିକ ରହୁଥିବା ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏହି ସମୟରେ କେନ୍ଦ୍ର ସରକାର ପେଟ୍ରୋଲ ଉପରେ ୩୨.୯୦ ଟଙ୍କା ଏବଂ ଡିଜେଲରେ ୩୧.୮୦ ଟଙ୍କା କେନ୍ଦ୍ରୀୟ ଶୁଳ୍କ ଆକାରରେ ଆଦାୟ କରୁଛନ୍ତି। ରାଜ୍ୟ ସରକାରଗୁଡିକ ମଧ୍ୟ ପେଟ୍ରୋଲ ଓ ଡିଜେଲ ଉପରେ ଯଥାକ୍ରମେ ୨୩.୮୩ ଏବଂ ୨୦.୯୪ ଟଙ୍କା ରାଜ୍ୟ ଶୁଳ୍କ ଆକାରରେ ସଂଗ୍ରହ କରୁଥିବା ଜଣାପଡ଼ିଛି।

### ଶେଷ ଦେବଦାସୀ ...

କରୁଥିଲେ ମଧ୍ୟ ଗତ କିଛି ବର୍ଷ ଧରି ବାର୍ଦ୍ଧକ୍ୟ ଯୋଗୁ ସେବାରୁ ବିରତି ନେଇଥିଲେ। ୭ବର୍ଷ ବୟସରୁ ୩୦ ବର୍ଷ ପର୍ଯ୍ୟନ୍ତ କ୍ରମାଗତ ଭାବେ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସମୟରେ ନୃତ୍ୟ ପରିବେଷଣ କରୁଥିଲେ। ମୁକ୍ତିମଣ୍ଡପ ସମ୍ମୁଖ ମାଜଣା ମଣ୍ଡପରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭଜନ ଓ ଜଣାଣ ମଧ୍ୟ ଗାନ କରୁଥିଲେ। ତାଙ୍କର ପରଲୋକ ଖବର ପାଇ ପୁରୀବାସୀଙ୍କ ମଧ୍ୟର ଶୋକରଛାୟା ଖେଳିଯାଇଛି।

## classifieds Everyday
0674-2580101, 2549302




**BRIDE WANTED**

Fresh Divorce Widow Bride for G.M, 37+/5'9" Handsome (Cast No Bar), Early Marriage- 7008468672. D-21059

ବ୍ରାହ୍ମଣ ପୁତ୍ର ପାଇଁ ବ୍ରାହ୍ମଣ କନ୍ୟା (ଗରିବ, ମଧ୍ୟବିତ୍ତ) ଆବଶ୍ୟକ। ପୁଅ ପାରାଦୀପରେ କାର୍ଯ୍ୟରତ (ବୟସ-୨୯), ଘର-କେନ୍ଦ୍ରାପଡ଼ା। ଯୋଗାଯୋଗ- ୯୫୫୬୪୬୬୧୪୪. ଧ-୨୧୦୪୮

Khandayat groom Government officer 39/5'9" (Cast no bar) - 9338901177. D-21058

**GROOM WANTED**

SM4 Brahmin MBBS Girl, Govt. Doctor 27, 5'3", Looking for Groom: Civil Services, Doctors, IIT, IIM, Judicial Services, Govt. Lecturer 9861251257. D-21028

Jajpur ବାସିନ୍ଦା, ଶିକ୍ଷାନୁଷ୍ଠାନ କରିଥିବା 40 ବୟସ୍କା Khandayat, 5'1" ନିଃସନ୍ତାନ divorced ଝିଅଙ୍କୁ ରୋଜଗାରିଆ ପୁଅ ଦରକାର। 7606067313. D-71306

Kaibarta, Very Fair Bride, Searching Kaibarta Groom in Bhubaneswar. Kaibarta Groom (IAS Faculty in Delhi) Searching Very Fair Bride (Any Caste). Mob: 9990161440. D-21050

MPHIL Qualified Private School ମାଲିକ କରଣ ବିଧବା ମହିଳା ନିଜ ପାଇଁ ଘରଜ୍ୱାଇଁ ଖୋଜୁଛନ୍ତି। 7608010434. D-71305

**real estate**

**SALE**

Sthitiban gharabari private land, Bank Colony, Keshura, Bhubaneswar. 9437283845, 8249310165. D-70717

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-21043

Twincity ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16ରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 7008175202. D-70856

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-20958

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

Gated Colony gharabari advance boundarywall plot sale Gudiapokhari near KEC College with 30' road, electricity plantation. 8763887357, 9238902929. D-70858

DAV ପୋଖରିପୁଟରୁ 3k.m distance ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/-, 1000/- କାଟେଣୀ ଡେରାସରେ 650/- ଦିଆଯାଉଛି। Swati- 6371010864. D-70861

Patia, Nakhara, Infosis-2 ପାଖରେ outright, IIT ଅରୁଗୁଲରେ instalment plot. 7978124465. D-70459

Cuttack prime location 4000sqft. three storied core house building for sale @85Lacs. Only for SC caste buyers. M-90784 69434. D-21047

Buy or Sale Property- 8984071303. 5BHK Duplex Baliyanta-99,00,000/ 3BHK Apartment AIIMS-3700 & Chandrasekharpur-5700. Residential Land IIT-600/ Jaanla-900/ Pahala-1200/ Tamando-1500/ AIIMS-800/ AMRI-2650/. D-21057

Own gharabari plot at Hanspal, 1 km from NH, good location, with boundary. Contact: 8217477600. D-71116

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**to-let**

3BHK Apartment with Two Toilets, Two Balconies at Baishnav Vihar, Bomikhal, Bhubaneswar. 9238574993. D-21025

One Bed room, Drawing room, Dining hall, Kitchen, Toilet at Canal road, Bomikhal. Rent-8000.00. Contact: 8599010471. D-21044

2BHK available for family at BDA HIG Duplex, Baramunda, Bhubaneswar. Contact: 9182574495. D-70862

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ବାଇକ୍ ଦୁର୍ଘଟଣା, ଦୁଇ ଗୁରୁତର

ରିଆମାଳ,( ଡି.ଏନ୍.ଏ.): ରିଆମାଳ ବ୍ଲକ କୁଣ୍ଡେଇଗୋଳା ଥାନା ବୁଢ଼ାପାଳ ନିକଟସ୍ଥ ଭାଇଭଉଣୀ ଦର ମା' ତାରିଣୀ ମନ୍ଦିର ନିକଟରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣ ଗୁରୁତର ହୋଇଛନ୍ତି। ଜରପଡା ଗ୍ରାମରୁ ଏକ ବାଇକ୍ ନଂ. ଓଡି ୧୯ ପି ୯୧୮୩ରେ ଦୁଇଜଣ ଯୁବକ ରେଙ୍ଗାଲି ରାସ୍ତାରେ ଯିବା ସମୟରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ଯୋରରେ ପିଟି ହୋଇଥିଲେ। ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିବାବେଳେ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି। ବୁଢ଼ାପାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ନିକଟସ୍ଥ ଛେଣ୍ଡିପଦା ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି। ଉଭୟ ଜରପଡା ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କ ପରିଚୟ ମିଳିପାରି ନାହିଁ।

## ସଂକ୍ଷେପରେ

### ସୁନ୍ଦରଗଡ଼ ସମଲେଶ୍ୱରୀ ହସ୍ପିଟାଲରେ ପ୍ରଥମ ଆଣ୍ଠୁ ପ୍ରତିରୋପଣ



ସୁନ୍ଦରଗଡ଼,୧୦।୭ (ଡି.ଏନ୍.ଏ): ସୁନ୍ଦରଗଡ଼ ସମଲେଶ୍ୱରୀ ହସ୍ପିଟାଲରେ ଜଣେ ରୋଗୀଙ୍କଠାରେ ପ୍ରଥମ ଆଣ୍ଠୁ ପ୍ରତିରୋପଣ କରାଯାଇଛି। ଭେଡାବାହାଲ ଗ୍ରାମର ୭୬ ବର୍ଷୀୟା ବିଶାଖା ପଟେଲ ନାମ୍ନୀ ଜଣେ ମହିଳା ଆଣ୍ଠୁଯନ୍ତ୍ରଣା ଭୋଗୁଥିଲେ। ଏ ନେଇ ସେ ସ୍ଥାନୀୟ ସମଲେଶ୍ୱରୀ ହସ୍ପିଟାଲର ଅସ୍ଥି ଶଲ୍ୟ ବିଭାଗରେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଏହା ପରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମନୀଶ ଶର୍ମା, ଡା. ରାଜକୁମାର ପ୍ରଧାନ ଓ ଡା. ସନ୍ଦୀପ ସିଂଙ୍କ ନେତୃତ୍ୱରେ ଅସ୍ଥିଶଲ୍ୟ ବିଭାଗର ଏକ ଟିମ୍ ଏହି ମହିଳାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରି ଆଣ୍ଠୁ ପ୍ରତିରୋପଣ କରିଥିଲେ। ଏଥିପାଇଁ ଏଠାକାର ଅନେକ ରୋଗୀଙ୍କୁ ବାହାରକୁ ଯିବାକୁ ପଡୁଥିଲା। ମାତ୍ର ସୁନ୍ଦରଗଡ଼ରେ ପ୍ରଥମ କରି ଏହି ଆଣ୍ଠୁ ପ୍ରତିରୋପଣ ସଫଳ ହୋଇଥିବାରୁ ଏଠାକାର ଅନେକ ରୋଗୀ ଆଗକୁ ଉପକୃତ ହୋଇପାରିବେ ବୋଲି ଏହି ଡାକ୍ତରୀ ଟିମ୍ ଆଶାପ୍ରକାଶ କରିଛନ୍ତି।

### ବୀର ସୁରେନ୍ଦ୍ର ସାଏ କ୍ଲବ ଉଦ୍‌ଘାଟିତ

ଲୋଇସିଂହା,୧୦।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ସଦର ଗାଁ ଟିକ୍ରାପଡାଠାରେ ଗ୍ରାମର ବୀର ସୁରେନ୍ଦ୍ରସାଏ କ୍ଲବ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ଲବ ଘରକୁ ଉଦ୍‌ଘାଟିତ କରିଛନ୍ତି। ଆମ ଗାଁ ଆମବିକାଶ ଯୋଜାନରେ ଉକ୍ତ କ୍ଲବର ଘର ନିର୍ମାଣ କରାଯାଇଛି। ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# କୃଷିବୀମା ଯୋଜନାରେ ଚଞ୍ଚକତା

ବଡ଼ଗାଁ, ୧୦।୭ (ଡି.ଏନ.ଏ)

ଚାଷ କାମ ଯାହାର କେତେ ସୁଖ ତାହାର, ଏହି ଉକ୍ତି ବର୍ତ୍ତମାନ ଯୁଗରେ ଭିନ୍ନ ପ୍ରମାଣିତ ହେଉଛି। ଚାଷୀ କୃଷି ବୀମା ନ ପାଇବା, ସାର ଠିକ ସମୟରେ ନ ଯୋଗାଇ ଦେବାରୁ କଳାବଜାରରେ କିଣି ଖର୍ଚ୍ଚାନ୍ତରେ ପଡିବା, ବିଲକୁ ଜଳସେଚନ ପ୍ରକଳ୍ପର ପାଣି ନ ଆସିବା, ଧାନ କିଣାରେ ଜାଲିଆତି ଯୋଗୁ ଅଭାବୀ ବିକ୍ରି କରି କ୍ଷତିରେ ପଡିବା ଦେଖାଯାଉଛି। ଏଭଳି ପରିସ୍ଥିତି ଲାଗିରହିଥିଲାବେଳେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ ହୋଇଥିବା ଚାଷୀଙ୍କ ନାଁ ସ୍ଥାନରେ

**ଉଦ୍ଦେଶ୍ୟମୂଳକ ଭାବେ ଚାଷୀଙ୍କ ନାଁ ବଦଳାଯାଇଛି**

ଅଜଣା ବ୍ୟକ୍ତିଙ୍କ ନାଁ ଲେଖାଯିବା ଭଳି ଚଞ୍ଚକତାପୂର୍ଣ୍ଣ କାର୍ଯ୍ୟ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ ଲ୍ୟାମ୍ପ୍ସରେ ଦେଖାଯାଇଛି। ଗୁରୁବାର ଏ ନେଇ କେତେକ ଚାଷୀ ସେମାନଙ୍କ ପାଖକୁ ଡାକ ଦ୍ୱାରା ଆସିଥିବା ବୀମା ସମ୍ବନ୍ଧୀୟ କାଗଜପତ୍ର ଦେଖାଇ କାହିଁକି ତ୍ରୁଟିହେଲା ପଚାରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରୁଥିବାରୁ ଭୁଲରେ ହୋଇଥିବ କହି କଥା ବାଆଁରାଇବାରୁ ସମସ୍ତ ଚାଷୀଙ୍କ ନାଁ ଭୁଲ କିପରି ହେଲା ପ୍ରଶ୍ନର ଠିକ୍ ଉତ୍ତର ଦେଇପାରି ନ ଥିଲେ। ଲ୍ୟାମ୍ପ୍ସ ଏମଡି ଦାୟୀତ୍ୱରେ ଥିବା କର୍ମଚାରୀ ବ୍ରଜ ମଗରଙ୍କୁ ପଚାରିବାରେ ଗତବର୍ଷ ଯେଉଁ ଏମଡି ଥିଲେ ସେ କହିପାରିବେ କହି କଥା ଏଡିଯାଇଥିଲେ। ତେବେ ପଟୁଆବେଡା ଗ୍ରାମର ଚାଷୀ ଦୋଳଗୋବିନ୍ଦ ବେହେରାଙ୍କ ନାଁ ସ୍ଥାନରେ ସୀତାରାମ ସୁପରକର, ଘନଶ୍ୟାମ ସାଙ୍କ ନାଁ ସ୍ଥାନରେ ସୁଦର୍ଶନ ଛୁରା ନାମ ଉଲ୍ଲେଖ କରାଯାଇଛି। କିନ୍ତୁ ଏମାନଙ୍କ ସମ୍ପର୍କୀୟଙ୍କ ନାମ ସ୍ଥାନରେ ପ୍ରକୃତ ବ୍ୟକ୍ତିଙ୍କ ନାମ ଉଲ୍ଲେଖ କରାଯାଇଛି । ଏହାସତ୍ତ୍ୱେ ନାମ ଓ ଟାଇଟଲ ବଦଳିବା ସନ୍ଦେହଜନକ ମନେ ହୁଏ। ପଟୁଆବେଡା ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଖକୁ ଆସିଥିବା ବୀମା ସମ୍ବନ୍ଧୀୟ କାଗଜପତ୍ରରେ ତ୍ରୁଟି କରାଯାଇଥିଲାବେଳେ ଲ୍ୟାମ୍ପ୍ସ ଅଧିନ ପ୍ରାୟ ସମସ୍ତ ଗ୍ରାମର ଚାଷୀଙ୍କ ନାମ ସ୍ଥାନରେ ଅଜଣା ବ୍ୟକ୍ତିଙ୍କ ଥିବା ସୂତ୍ରରୁ ସୂଚନା ମିଳିଛି। ବୀମା କମ୍ପାନୀକୁ ଫାଇଦା ଦେବା ପାଇଁ ଉଦ୍ଦେଶ୍ୟମୂଳକ ଓ ଯୋଜନାବଦ୍ଧ ଭାବେ ତ୍ରୁଟି କରାଯାଇଥିବାରୁ ଚାଷୀ ବୀମା ପାଇବାରୁ ବଞ୍ଚିତ ହେବେ ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ସେମାନେ ଜିଲାପାଳଙ୍କୁ ଡାକ ଏବଂ ମେଲ ଦ୍ୱାରା ଅଭିଯୋଗ ଜଣାଇବେ କହିଛନ୍ତି।

# ମୃତ୍ତିକା ସଂରକ୍ଷଣ ବିଭାଗରେ ଅନିୟମିତତା



ଶ୍ରମିକ ବଦଳରେ ମେଶିନରେ କାମ ଚାଲିଛି।

କୁତ୍ରା,୧୦।୭(ଡି.ଏନ.ଏ)

ଲୋକଙ୍କ ଆର୍ଥିକ ଉନ୍ନତି ଏବଂ ବିକାଶ ପାଇଁ ଅନେକ ଯୋଜନା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟକାରୀ ହେଉଛି। ମାତ୍ର ପ୍ରକୃତ ହିତାଧିକାରୀ ଏହାର ଫାଇଦା ପାଇ ପାରୁଛନ୍ତି କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କୁତ୍ରା ବ୍ଲକରେ ଅନେକ ଯୋଜନାର ସୁଫଳ ହିତାଧିକାରୀ ପାଇପାରୁନାହାନ୍ତି। ଏଠାରେ ମୃତ୍ତିକା ସଂରକ୍ଷଣ ବିଭାଗରେ ଅନିୟମିତତା ଚାଲିଛି। ଏବିଭାଗର କାର୍ଯ୍ୟ କେବଳ କାଗଜପତ୍ରରେ। ଶ୍ରମିକଙ୍କ ଉଦ୍ଦିଷ୍ଟ ମଜୁରୀ ବାବଦରେ ମିଥ୍ୟା ତଥ୍ୟ ପ୍ରଦାନ କରାଯାଉଥିବା ଅଭିଯୋଗ ଆସୁଛି। ବ୍ଲକର ବିଭିନ୍ନ ସ୍ଥାନରେ ଡ଼ଗଡଏଲ ନିର୍ମାଣ ଅନିୟମିତତା ଥମି ନ ଥିବାବେଳେ ମୃତ୍ତିକା ସଂରକ୍ଷଣ ବିଭାଗର କାର୍ଯ୍ୟକଳାପ ନେଇ ସାଧାରଣରେ ପ୍ରଶ୍ନବାଚୀ ଉଠିଲାଣି। କୁତ୍ରା ପଞ୍ଚାୟତ ସମିତି ଅଧୀନରେ ଥିବା ୧୬ ଗୋଟି ଗ୍ରାମପଞ୍ଚାୟତର ବିଭିନ୍ନ ସ୍ଥାନରେ ୪୧୬ଗୋଟି ଜଳଅମଳ ପାଇଁ ପୋଖରୀ ଖୋଳିବାକୁ ଆବେଦନ ହୋଇଥିଲା। ସେଥି ମଧ୍ୟରୁ ୧୦ ଗୋଟି ସମ୍ପୂର୍ଣ୍ଣ ହୋଇଥିବା ନେଇ କାଗଜପତ୍ରରେ ଦର୍ଶାଯାଉଛି। ଦାୟିତ୍ୱରେ ଥିବା ଅଧିକାରୀ ଚିନ୍ମା ସେଠୀଙ୍କ କହିବା ଅନୁଯାଇ ଦହିଜିରାରେ ୫, ଖତକୁରବାହାଲରେ ୨, ସାଧୁମୁଣ୍ଡାରେ ୧, ଲାଫୁରବେଡ଼ାରେ ୨ଟି ସମ୍ପୂର୍ଣ୍ଣ ହୋଇ ସାରିଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅବଶିଷ୍ଟ କାର୍ଯ୍ୟ କରାଯିବ ବୋଲି କହିଥିବାବେଳେ ବାସ୍ତବତା ଭିନ୍ନ। ତଥ୍ୟ ଅନୁଯାଇ ଅନେକ ଗୁଡିଏ ପ୍ରକଳ୍ପ କାମ ନ ହୋଇ ବାଟମାରଣା ହୋଇଛି ବୋଲି ହିତାଧିକାରୀଙ୍କ ଅଭିଯୋଗ। ପ୍ରକୃତ ତଦନ୍ତ ହେଲେ ହିତାଧିକାରୀ ଓ ଜନସାଧାରଣଙ୍କୁ ନ୍ୟାୟ ମିଳିବ ବୋଲି ମତ ପ୍ରକାଶ ପାଉଛି। ଅଧିକ ତଥ୍ୟ ଜାଣିବା ପାଇଁ ଦାୟିତ୍ୱରେ ଥିବା ଦୁଇ ଅଧିକାରୀ ଚିନ୍ମା ସେଠି ଓ ଡି.ହେମ୍ବ୍ରମ ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ଲୋକଙ୍କୁ କରୋନା କାଳରେ ରୋଜଗାର ନଦେଇ ମେଶିନ ଯୋଗେ କାର୍ଯ୍ୟ କରାଯାଉଥିବା ପ୍ରାମାଣିକ ତଥ୍ୟ ଗଣମାଧ୍ୟମ ନିକଟରେ ଉପସ୍ଥାପିତ ହୋଇଛି। ତେବେ ଏଥି ନିମନ୍ତେ ପ୍ରଶାସନିକ ସ୍ତରରେ ତଦନ୍ତ ହେଲେ ଅଞ୍ଚଳବାସି ଉପକୃତ ହୋଇପାରନ୍ତେ।

## ନାବାଳିକା ଅପହରଣ ଅଭିଯୋଗ: ଯୁବକ ଗିରଫ

ଲହୁଣୀପଡ଼ା, ୧୦।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁଢ଼େଇକଳା ପଞ୍ଚାୟତ ଗଣିଘସା ଗ୍ରାମର ଜଣେ ଯୁବକ ସେହି ଗ୍ରାମର ଜଣେ ଆଦିବାସୀ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକ ନିରଞ୍ଜନ ମାହାନ୍ତ (୨୦)ଙ୍କୁ ଗିରଫ କରିଛି। ନିରଞ୍ଜନ ସେହି ଗ୍ରାମର ଜଣେ ଆଦିବାସୀ ନାବାଳିକା ସହିତ ପ୍ରେମ ସମ୍ପର୍କ ରଖିଥିଲେ। ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ଗତ ମାସ ୭ତାରିଖ ଗାଁରୁ ନେଇ ଫେରାର୍ ହୋଇଯାଇଥିଲେ ବୋଲି ନାବାଳିକାଙ୍କ ବାପା ୯ ତାରିଖ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହିତ ନିରଞ୍ଜନ ମାହାନ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

# ଅନ୍‌ଲାଇନ ପାଠ୍ୟକ୍ରମ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ଶିକ୍ଷା ବିଭାଗର ପ୍ରୟାସ



ଅନଲାଇନରେ ପାଠପଢୁଥିବା ଖୁସି ଓ ପଟିନଙ୍କ ମାତାପିତାଙ୍କ ସହ ଶିକ୍ଷା ବିଭାଗର ଅଧିକାରୀ।

ଦେବଗଡ଼,୧୦।୭(ଡି.ଏନ.ଏ)

ଅନ୍‌ଲାଇନ ପାଠ୍ୟକ୍ରମ ପ୍ରତି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ସାଙ୍ଗକୁ ଜିଲାର ଶୈକ୍ଷିକ ଉନ୍ନତି ନିମନ୍ତେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହି କ୍ରମରେ ଦେବଗଡ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ ଶାରୀରିକ ଶିକ୍ଷା ଅଧିକାରୀଙ୍କ ସହ ସ୍ଥାନୀୟ ଧରଣୀଧର ଉନ୍ନିତ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଖୁସି ଖଡିରତ୍ନଙ୍କ ଘରକୁ ଯାଇ ଖୁସି ଓ ତାଙ୍କ ଭାଇ ପଟିନ ଖଡିରତ୍ନଙ୍କ ସହ ଉଭୟଙ୍କର ଅନଲାଇନ ପାଠ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସେମାନେ ସକାଳ ୯.୩୦ରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅନ୍‌ଲାଇନ ମଧ୍ୟମରେ କିଭଳି ଭାବେ ପାଠପଢା ହେଉଛି ଓ ଆଗାମୀ ଦିନରେ କିଭଳି ଉନ୍ନତ ଶିକ୍ଷା ଗ୍ରହଣ କରିପାରିବେ ସେନେଇ ଖୁସି ଓ ପଟିନଙ୍କ ମାତାପିତାଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଅଧିକାରୀ ଦ୍ୱୟ ଖୁସି ଓ ପଟିନଙ୍କ ପାଠପଢାରେ ସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ପୁରସ୍କାର ସ୍ୱରୂପ ଗୋଟିଏ ଲେଖାଏଁ ଖାତା, ପେନସିଲ ଓ ପେନସିଲ ଇରେଜର ପ୍ରଦାନ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ ଜାରି ରହିବ ଏବଂ ଅନ୍‌ଲାଇନ ଶିକ୍ଷା ହାସଲ କ୍ଷେତ୍ରରେ ସମସ୍ୟାର ସମ୍ମୁଖିନ ହେଉଥିବା ଛାତ୍ରୀଛାତ୍ରଙ୍କର ସମସ୍ୟାର ସମାଧାନ ପାଇଁ ଶିକ୍ଷକମାନେ ଘରକୁ ଘର ବୁଲିବେ ବୋଲି ଜିଲା ଶିକ୍ଷା ଅଧିକାରୀ ବେହେରା ପ୍ରକାଶ କରିଛନ୍ତି।

## ଖଣ୍ଡହତାରେ ଏଟିଏମ୍ ସେବା ଉଦ୍‌ଘାଟିତ

ଅମରପାଲି,୧୦।୭(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାରେ ଏକ ଏଟିଏମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ଶାଖା ପରିଚାଳକ ପ୍ରତାପ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉକ୍ତ ଅଞ୍ଚଳରେ ଏକ ଏଟିଏମ ସ୍ଥାପନ ପାଇଁ ଦୀର୍ଘଦିନରୁ ଦାବି ହେଉଥିଲା। ଉକ୍ତ ଏଟିଏମରୁ ଏବେ ଖଣ୍ଡହତା, ବହଲପଦର, ଲୁତୁରପଙ୍କ, ସଂଗ୍ରାମପୁର, କମିରା ଓ ମୁର୍ଷୁଣ୍ଡି ପଞ୍ଚାୟତର ପ୍ରାୟ ପଚାଶରୁ ଅଧିକ ଗ୍ରାମର ଲୋକେ ସୁବିଧା ପାଇପାରିବେ।

# ଭାଲୁ ମାଂସ ଜବତ ଘଟଣାରେ ଆଉ ଜଣେ ଗିରଫ

**୧୪ ହାତ ତିଆରି ବୋମା ଜବତ**



ଭାଲୁ ମାଂସ ଜବତ ଘଟଣାରେ ଗିରଫ ୩ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ଦେବଗଡ଼,୧୦।୭(ଡି.ଏନ୍.ଏ.)

ଗତ ୨ତାରିଖ ରାତିରେ ବାରକୋଟ ବନାଞ୍ଚଳ ଅନ୍ତର୍ଗତ ସାଲୋହୀ ଗ୍ରାମରେ ଭାଲୁ ମାଂସ ରନ୍ଧା ଘଟଣାରେ ଫେରାର୍ ଥିବା ୨ ଶିକାରୀଙ୍କୁ ବନ ବିଭାଗ କର୍ତ୍ତୃପକ୍ଷ ୮ରେ ଗିରଫ କରିଥିବାବେଳେ ଶନିବାର ଆଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗତ ୨ ତାରିଖ ରାତିରେ ସାଲୋହୀ ଗ୍ରାମର ୩ ଶିକାରୀ ଏକ ଭାଲୁ ଶିକାର କରିବା ପରେ ସେଠାକାର ଏକ ପଡ଼ିଆରେ ରୋଷେଇ କରୁଥିଲେ। ଏନେଇ ଦେବଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ ସୂଚନା ପାଇ ଚଢାଉ ପାଇଁ ବାରକୋଟ ବନାଞ୍ଚଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାରକୋଟ ବନାଞ୍ଚଳ ଅଧିକାରୀ ଜୟଶ୍ରୀ ମୁର୍ମୁ ସଳବଳେ ସେଠାରେ ଚଢାଉ କରିଥିଲେ ହେଁ ଶିକାରୀମାନେ ସେଠାରେ ମାଂସ ଡେକଚି, କଡେଇ ଛାଡି ଫେରାର୍ ହୋଇ ଯାଇଥିଲେ। ବନ ବିଭାଗ କର୍ମଚାରୀ ଡେକଚି, ରନ୍ଧା ଭାଲୁ ମାଂସ ଜବତ କରି ତଦନ୍ତ ଚଳାଇଥିଲେ। ତଦନ୍ତ ସମୟରେ ଘଟଣାରେ ସାଲୋହୀ ଗ୍ରାମର ସିଙ୍ଗରାଇ ମୁଣ୍ଡାଙ୍କ ପୁଅ ବିର୍ଷା ମୁଣ୍ଡା(୩୦),ବିର୍ଷୁଙ୍କ ପୁଅ ପର୍ଶୁ ଫେଂଠେଇ ଓ ଖୁଲୁଣ୍ଡିକୁଦର ଗ୍ରାମର ନବ ନାୟକ ସମ୍ପୃକ୍ତ ଥିବା ଜଣାପଡିଥିଲା। ଏହି ସୂଚନା ଆଧାରରେ ଗତ ୮ ତାରିଖ ଦେବଗଡ଼ ବନଖଣ୍ଡ ଅଧିକାରୀ ଷଡଙ୍ଗୀଙ୍କ ନେତୃତ୍ୱରେ ସାଲୋହୀ ଗ୍ରାମରେ ଚଢାଉ କରାଯାଇ ଶିକାରୀ ବିର୍ସା ଓ ପର୍ଶୁଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଏକ ଗୋଧି ଚମଡା, ଧନୁ ସହ ୫ଟି ତୀର ଏବଂ ଜନ୍ତୁ ଶିକାର ପାଇଁ ଉଦ୍ଦିଷ୍ଟ ଏକାଧିକ ଫାଶ ଓ ଗନ ପାଉଡର ଜବତ କରି ଅଧିକ ତଦନ୍ତ ଜାରି ରଖିଥିଲା। ଶନିବାର ଖୁଲୁଣ୍ଡିକୁଦର ଗ୍ରାମର ନବ ନାୟକ ଘରେ ଚଢାଉ କରି ଗିରଫ କରାଯିବା ସହ ଜନ୍ତୁ ଶିକାର ଉଦ୍ଦେଶ୍ୟରେ ପ୍ରସ୍ତୁତ ଥିବା ୧୪ ହାତ ତିଆରି ବୋମା ଜବତ କରାଯାଇଥିଲା। ପଚରା ଉଚରା ସମୟରେ ଉକ୍ତ ଭାଲୁକୁ ସେମାନେ ବୋମା ସାହାଯ୍ୟରେ ହତ୍ୟା କରିଥିବା ସ୍ୱୀକାର କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.C-SBP-GS-DEV-KSNG-21, ତା.06.07.2021ରିଖ

**କାର୍ଯ୍ୟର ନାମ :** 06(ଛଅ)ବର୍ଷ ସମୟାବଧି ନିମନ୍ତେ କେସିଙ୍ଗା (KSNG) ଠାରେ ଗୁଡ୍‌ସ ସେଡ୍‌ର ଉନ୍ନୟନ ଏବଂ ଏହାର ରକ୍ଷଣାବେକ୍ଷଣ ତଥା ପରବର୍ତ୍ତୀ ପ୍ରୋତ୍ସାହନ ।

**ଟେଣ୍ଡର କାର୍ଯ୍ୟ ମୂଲ୍ୟ (ଟଙ୍କାରେ) :** 3,52,05,700/-, ଚୁକ୍ତି ଅବଧି : 06(ଛଅ)ବର୍ଷ, 06(ଛଅ)ବର୍ଷ ନିମନ୍ତେ ସର୍ବାଧିକ ପାରିଶ୍ରମିକର ବିବରଣୀ : 5,40,37,500/-, ବିଡିଙ୍ଗ୍ ପ୍ରଣାଳୀ: ଦୁଇ ପ୍ୟାକେଟ୍ ପ୍ରଣାଳୀ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.27.07.2021 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର

PR-207/M/21-22


# କୂଅଖୋଳାରେ ବ୍ୟାପକ ଅନିୟମିତତା

ସୁନ୍ଦରଗଡ଼,୧୦।୭ (ଡି.ଏନ୍.ଏ)

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଚାଷ ଜମିକୁ ପାଣି ଯୋଗାଇବା ପାଇଁ ସୁନ୍ଦରଗଡ ଜିଲାର କୁତ୍ରା ଓ ଲେଫ୍ରିପଡା ବ୍ଲକରେ କୂଅଖୋଳାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ପାଇଁ ହୋଇଥିବା ଏହି କୂଅଖୋଳାରେ କିଛି ଅସାଧୁ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମିଶି ନିର୍ଦ୍ଧାରିତ ଗଭୀର କୂଅ ନ ଖୋଳି ବିଲ୍ କରି ଅର୍ଥ ହରିଲୁଟ କରିଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। କୁତ୍ରା ବ୍ଲକର ପଞ୍ଜରା ପଞ୍ଚାୟତ ବେଲଡିହି ଗ୍ରାମରେ କେତେକ ଚାଷୀଙ୍କ ଜମିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏଭଳି କମ୍ ଖୋଳାଯାଇ ଅଧିକ ବିଲ୍ କରାଯାଇଛି। ଗ୍ରାମର ଆଣ୍ଟୋନୀ ଲାକ୍ରାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଜମିରେ ୧୪ଫୁଟ ର କୂଅ ଖୋଳା ଯାଇ ୧ଲକ୍ଷ ୨୫ହଜାର ବିଲ୍ କରାଯାଇଛି। ଅଟକଳ ଅନୁଯାୟୀ ୧୦ଫୁଟ କୂଅ ପାଇଁ ୭୧ ହଜାର ଟଙ୍କା ଖର୍ଚ୍ଚ ହେବ। ମାତ୍ର ଏଠାରେ ୧୦ଫୁଟ ଗଭୀର କୂଅଖୋଳାଯାଇ ପ୍ରାୟ ୫୪ ହଜାର ଟଙ୍କା ହଡପ କରାଯାଇଛି। ସେହିପରି ଗ୍ରାମର ସୂର୍ଯ୍ୟ ସମାଦିଆଙ୍କ ଚାଷ ଜମିରେ ୧୦ଫୁଟର କୂଅ ଖୋଳାଯାଇ ୧ଲକ୍ଷ ୧୩ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ଅନୁରୂପ ଭାବେ ବେଲଡିହି ଗ୍ରାମର ବିପିନ ମାଝିଙ୍କ ଜମିରେ ପ୍ରଥମେ ୫ଫୁଟର କୂଅ ଖୋଳା ଯାଇ ସେହି କୂଅକୁ ପୋତି ଦିଆଯାଇ ଅନ୍ୟ ସ୍ଥାନରେ ମେଶିନ୍ ଜରିଆରେ ୧୩ଫୁଟ ଗଭୀରର ଅନ୍ୟ ଏକ କୂଅ ଖୋଳାଯାଇ ୧ଲକ୍ଷ ୨୫ ହଜାର ୨୧୭ ଟଙ୍କା ବିଲ୍ ହୋଇଥିବା ଦର୍ଶାଯାଇଛି। ଏହି ପଞ୍ଚାୟତରେ ବିଗତ ୩ ବର୍ଷ ମଧ୍ୟରେ ୯୫ ଜଣ ଚାଷୀଙ୍କ ଜମିରେ ଏଭଳି କୂଅ ଖୋଳାଯାଇଛି। ୨୦୧୮ –୧୯ ବର୍ଷରେ ୧୪, ୨୦୧୯–୨୦ରେ ୨୫ ଜଣ ଓ ୨୦୨୦–୨୧ ବର୍ଷରେ ୫୪ ଜଣ ଚାଷୀଙ୍କ ଜମିରେ ଏଭଳି କୂଅ ଖୋଳାଯାଇଛି। ନିର୍ଦ୍ଧାରିତ ଗଭୀରତା ଠାରୁ କମ୍ ଖୋଳାଯାଇ ଅଧିକ ବିଲ୍ କରାଯାଇଥିବା ବେଳେ ଏପଟେ ଅଧିକାଂଶ କୂଅର ଚାନ୍ଦିନୀ କାମ ମଧ୍ୟ କରାଯାଇନାହିଁ। ଏଭଳି ସ୍ଥିତିରେ ଏହି କୂଅଗୁଡିକ ବର୍ଷାଦିନ ବ୍ୟତୀତ ଅନ୍ୟ ଦିନରେ ଚାଷୀଙ୍କ ଚାଷ କାମରେ ଲାଗିପାରୁ ନାହିଁ। ଏତଦ୍ ବ୍ୟତୀତ ଜିଲାର ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ବଡବଙ୍ଗା ପଞ୍ଚାୟତରେ ମଧ୍ୟ କୂଅଖୋଳାରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡିଛି। ଏହି ଗ୍ରାମରେ ୨୦୧୯ ମସିହାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପଞ୍ଚାୟତର ଲୋକଡେଗା ରାଜସ୍ୱ ଗ୍ରାମର ନେତ୍ର ଭିତ୍ରିଆଙ୍କ ନାମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏକ ଖୋଲା କୂଅ ମଞ୍ଜୁର ହୋଇଥିଲା । ଯାହାର ବ୍ୟୟ ଅଟକଳ ୧ଲକ୍ଷ ୪୫ ହଜାର ଟଙ୍କା ଥିଲା । ମାତ୍ର ଏହି କୂଅ ଖୋଳା କାର୍ଯ୍ୟକୁ ସମ୍ପୃକ୍ତ ହିତାଧିକାରୀଙ୍କୁ ଦିଆ ନ ଯାଇ କେତେକ ଠିକାଦାର କାମ ଆରମ୍ଭ କରି ଶ୍ରମିକ ମଜୁରି



ଚାଷୀଙ୍କ ଜମିରେ କୂଅ ଖୋଳାଯାଇଛି।

**ସୁନ୍ଦରଗଡ଼ ଜିଲା**

ବାବଦ ଟଙ୍କା ଉଠାଇ ନେଇଥିଲେ। କିଛି ପରିମାଣର କୂଅଖୋଳା ସରିବା ପରେ କୂଅର ବନ୍ଧେଇ ଓ ଚାନ୍ଦିନୀ ଆଦି କାର୍ଯ୍ୟ ନ କରି ଅଧାପନ୍ତରିଆ ଅବସ୍ଥାରେ ପକାଇ ଚାଲିଯାଇଥିଲେ। ସେତେବେଳେ ବିଭାଗୀୟ ଯନ୍ତ୍ରୀ କୂଅ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ବିଲ୍ ପ୍ରସ୍ତୁତ କରିଏ ବାବଦ ୧ଲକ୍ଷ ୨୭ହଜାର ୬୯୪ ଟଙ୍କା ଉଠାଣ କରି ହଡପ କରିଥିବା ସମ୍ପୃକ୍ତ ହିତାଧିକାରୀ ଅଭିଯୋଗ କରିଛନ୍ତି। ଏପଟେ ହିତାଧିକାରୀ ଜଣକ କୂଅର କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ବାରମ୍ବାର ପଂଚାୟତ ଓ ଠିକାଦାରଙ୍କ ପାଖକୁ ଦୌଡି ଦୌଡି ଥକି ପଡିଲେଣି । ଅପରପକ୍ଷେ ସମ୍ପୃକ୍ତ ଯନ୍ତ୍ରୀ ଜଣକ ବର୍ତ୍ତମାନ କୁଆଡେ ହିତାଧିକାରୀଙ୍କ ପାଖକୁ ଯାଇ ନିଜେ କୂଅ ଖନନ କରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ବୋଲି ନେହୁରା ହେଉଛନ୍ତି। କେବଳ ଏହି ପଂଚାୟତର ନେତ୍ର ଭିତ୍ରିଆଙ୍କ ଭଳି ଅନେକ ହିତାଧିକାରୀଙ୍କ ନାମରେ ମଂଜୁର ହୋଇଥିବା କୂଅ ଖୋଳାରେ ଅନିୟମିତତା ଅବଲମ୍ବନ କରାଯାଇ ବିଲ୍ ହଡପ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଉପଯୁକ୍ତ ତଦନ୍ତ କରାଯାଇ ଦୃଢକାର୍ଯ୍ୟାନୁଷ୍ଠାନ ସକାଶେ ଦାବି ହୋଇଛି। ଏସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲଙ୍କୁ ପଚାରିବାରେ ଏ ଦିଗରେ ତଦନ୍ତ କରାଯାଇ ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।


**Short-Term Training Programmes (ONLINE) for Engineering Students at CTTC Kalinga Nagar Ext. Centre, Duburi, Jajpur (Free for SC/ST Students)**

Central Tool Room & Training Centre (CTTC), Bhubaneswar is the leading Tool Room & Training Centre of India to impart skill based training programme in the field of CAD/CAM/CAE/CNC Technology / Hardware and Network Management / VLSI/PLC for Graduate Engineering students.

For the year **2021-2022** we offer courses during **July/August 2021** designed for Mechanical / Production / Automobile / Manufacturing Science / Civil Computer Science / Electrical & Electronics /Electronics & Instrumentation/ Information Technology students.

| Sl. | Branch | Courses | Course Fee | Duration | Starting Date |
|---|---|---|---|---|---|
| 01 | Mechanical Production Automobile or Equivalent | Auto CAD<br>CATIA<br>CREO<br>SOLID WORKS<br>Master CAM | Rs.7,100/-<br>Rs.8,100/-<br>Rs.8,100/-<br>Rs.8,100/-<br>Rs.8,100/- | ONE MONTH | 15.07.2021<br>02.08.2021<br>16.08.2021 |
| 02 | Any Graduate / MBA/ Diploma / Degree Engineers in any Discipline | Computer Hardware & Networking | Rs.5,600/- | | |
| 03 | Electrical & Electronics Electronics & instrumentation Electronics & Telecomm | PLC<br>Electrical CAD | Rs.8,100/-<br>Rs.7,100/- | | |
| 04 | Civil | Auto CAD | Rs.7,100/- | | |

**How to apply :** Download application form from website & send it along with registration fee. Payment can be made online through **State Bank of India collect link** available in our website **www.cttc.gov.in** or a DD of **Rs.1000/-** drawn in favour of **"Central Tool Room & Training Centre"** payable at **Bhubaneswar** for the purpose of registration. This amount will be adjusted against the course fee.

Reservation as per Govt. of India rules. **For SC/ST candidates no fee will be charged** subject to production of two photo copies of self attested Caste Certificate & Aadhaar Card.

Aadhaar Card & Caste Certificate in original from competent authority is to be produced for verification at the time of admission which may be re-verified from the Issuing Authority.

***For Admission contact : 8480154204, 9861112821, 9556024302***

सत्यमेव जयते
Ministry of MSME
Govt. of India

**CENTRAL TOOL ROOM & TRAINING CENTRE**
(KALINGA NAGAR EXTENSION CENTRE)
(Ministry of Micro, Small & Medium Enterprises , Govt. of India)
Common Facility Centre, JCDL Campus, Pankapal,
Bangala chhak,Pin- 755026, Website : www.cttc.gov.in

CTTC BHUBANESWAR
ISO-9001, ISO-14001
OHSAS 18001

> ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ। ଏହା ତା'ର ପ୍ରଥମ କାର୍ଯ୍ୟ। କିନ୍ତୁ ତା'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ– ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ। ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା। ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା। –ଶ୍ରୀଅରବିନ୍ଦ



# ବିଚାର ଆରମ୍ଭ ହୋଇନାହିଁ



ଆକାର ପଟେଲ

ଭୀମା କୋରେଗାଁଓ ଘଟଣାରେ ଜାମିନ ନ ମିଳିବାରୁ କିଛି ଦିନ ପୂର୍ବେ ଷ୍ଟାନ୍ ସ୍ୱାମୀଙ୍କ ଦେହାନ୍ତ ଘଟିଥିଲା। ସେ ବହୁ ଦଶନ୍ଧି ଧରି ଝାଡ଼ଖଣ୍ଡରେ ଆଦିବାସୀଙ୍କ ପାଇଁ କାମ କରୁଥିଲେ। ଏହା ପୂର୍ବରୁ ସେ ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ସୋସିଆଲ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଥିଲେ। ତେବେ ପୁଣେର ଭୀମା କୋରେଗାଁଓ ଘଟଣାରେ ସେ କାହିଁକି ଜେଲ୍‌ରେ ରହିଥିଲେ? ଭୀମା କୋରେଗାଁଓ ଘଟଣାରେ ୫ଟି ପୃଥକ ଓ ସାମଞ୍ଜସ୍ୟ ନ ଥିବା ବିଷୟ ରହିଛି। ପ୍ରଥମଟି ହେଲା ୩୧ ଡିସେମ୍ବର ୨୦୧୭ରେ ପୁଣେରେ ଏଲ୍‌ଗାର ପରିଷଦର ଏକ କାର୍ଯ୍ୟକ୍ରମ। ଏହି ସମାବେଶରେ ବକ୍ତା ଭାବେ ଯୋଗ ଦେଇଥିଲେ ପୂର୍ବତନ ହାଇକୋର୍ଟ ବିଚାରପତି ବି.ଜି.କୋଲସେ–ପାଟିଲ ଏବଂ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ପି.ବି.ସାୱନ୍ତ, ଗୁଜରାଟର ସ୍ୱାଧୀନ ବିଧାୟକ ଜିଗ୍ନେଶ ମିୱାନି ଓ ଜେଏନ୍‌ୟୁର ସାମାଜିକ କର୍ମକର୍ତ୍ତା ଉମର ଖଲିଦ୍। କବୀର କଳା ମଞ୍ଚର ସଦସ୍ୟମାନେ କଳାକାର ଭାବେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଦ୍ୱିତୀୟ ଘଟଣାଟି ଥିଲା ତା'ପର ଦିନ, ଅର୍ଥାତ୍ ୧ଜାନୁୟାରୀ ୨୦୧୮ର। ଏହା କୋରେଗାଁଓ ଭୀମା ଯୁଦ୍ଧର ୨୦୦ ବର୍ଷ ପୂର୍ତ୍ତି ପାଳନର ଦିବସ। ଏହି ଯୁଦ୍ଧ ୧ ଜାନୁୟାରୀ ୧୮୧୮ରେ ହୋଇଥିଲା ଓ ଇଂରେଜମାନେ ବ୍ରାହ୍ମଣ ପେସୱାଙ୍କ ସେନାକୁ ପରାସ୍ତ କରିଥିଲେ। ଇଂରେଜଙ୍କ ସପକ୍ଷରେ ବହୁ ଦଳିତ ମାହାର ସୈନ୍ୟ ଏହି ଯୁଦ୍ଧ ଲଢ଼ିଥିଲେ।

୧୯୨୭ରୁ ପ୍ରତିବର୍ଷ ବିଜୟର ଗାଥା ଗାନ କରିବାକୁ ସେହି ଗାଁକୁ ଯେତେବେଳେ ବି.ଆର. ଆମ୍ବେଡକର ଯାଉଥିଲେ,ସେତେବେଳେ ହଜାର ହଜାର ଦଳିତ କୋରେଗାଁଓକୁ ଆସି ସ୍ମାରକ ସ୍ତମ୍ଭ ନିକଟରେ ଏକାଠି ହେଉଥିଲେ। କିନ୍ତୁ ୨୦୧୮ରେ କୋରେଗାଁଓ ଭୀମା ପାଖ ଗାଁ ବଦ୍ଧୁ ବୁଦ୍ରୁକରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହା ପଛରେ ଇତିହାସ ରହିଛି। ୧୬୮୯ରେ ଔରଙ୍ଗଜେବଙ୍କ ଦ୍ୱାରା ମୃତ୍ୟୁଦଣ୍ଡ ପାଇବା ପରେ ଶିବାଜୀଙ୍କ ପୁଅ ଶାମ୍ଭଜୀଙ୍କର ଅନ୍ତିମ ସଂସ୍କାର କିଏ କରିଥିଲେ ତାହା ହିଁ ଉତ୍ତେଜନାର କାରଣ। ମାହାରମାନେ ଦାବି କରିଥିଲେ,ସେମାନଙ୍କ ମଧ୍ୟରୁ ଗୋପାଳ ଗୋବିନ୍ଦ ଔରଙ୍ଗଜେବଙ୍କ ଆଦେଶ ଉଲ୍ଲଂଘନ କରି ଶାମ୍ଭଜୀଙ୍କ ଅନ୍ତିମ ସଂସ୍କାର କରିଥିଲେ। ଏହା ମରାଠାମାନଙ୍କୁ ଅପମାନିତ କରିଥିଲା ଓ ସେମାନେ ଦାବି କରିଥିଲେ ଯେ, ସେମାନଙ୍କ ସମ୍ପ୍ରଦାୟର ଦୁଇଜଣ ଅନ୍ତିମ ସଂସ୍କାର କରିଥିଲେ। ବଦ୍ଧୁ ବୁଦ୍ରୁକରେ ଏକ ଛକରେ ଗୋବିନ୍ଦ ଓ ଶାମ୍ଭଜୀଙ୍କ ସମାଧି ରହିଛି। ଶାମ୍ଭଜୀଙ୍କ ଅନ୍ତିମ ସଂସ୍କାର ଗୋବିନ୍ଦ କରିଛନ୍ତି ବୋଲି ଏକ ଦାବି ସମ୍ବଳିତ ଫଳକ ୨୮ ଡିସେମ୍ବରରେ ଗୋବିନ୍ଦଙ୍କ ସମାଧି ଉପରେ ରଖାଯାଇଥିଲା। ତା'ପରଦିନ ଗୋବିନ୍ଦଙ୍କ ସମାଧି ଉପରେ ଥିବା ଛତାଭଳି ଢାଞ୍ଚାକୁ ଭାଙ୍ଗିଦିଆଯାଇଥିଲା। ଦଳିତମାନେ ପ୍ରିଭେନ୍‌ଶନ ଅଫ୍ ଆଟ୍ରୋସିଟି ଆକ୍ଟରେ ଅଭିଯୋଗ ଦାଏର କରିଥିଲେ। କୋରେଗାଁଓ ଭୀମା ପଞ୍ଚାୟତ ତା'ଲୋକମାନଙ୍କୁ ୧ ଜାନୁୟାରୀ କାର୍ଯ୍ୟକ୍ରମକୁ ନ ଯିବା ଲାଗି କହିବା ସହ ଦୋକାନ ବଜାର ବନ୍ଦ କରିବାକୁ ଡାକରା ଦେଇଥିଲା। ସେହିଦିନ ସକାଳେ ଦଳିତ ଓ ମରାଠାଙ୍କ ମଧ୍ୟରେ ହିଂସା ଉପୁଜିଥିଲା। ଦଳିତମାନେ କହିଥିଲେ ଯେ ହାତରେ ଗେରୁଆ ପତାକା ଧରି ଦଳେ ଲୋକ ତାଙ୍କୁ ଆକ୍ରମଣ କରିଥିଲେ। ଅପରପକ୍ଷରେ ମରାଠାମାନଙ୍କ ଅଭିଯୋଗ ଥିଲା,ଦଳିତମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏହି ହିଂସାରେ ଜଣେ ମରାଠାଙ୍କ ମୃତ୍ୟୁ ଘଟିଥିଲା। ପରେ ହିଂସା ପଶ୍ଚିମ ମହାରାଷ୍ଟ୍ରର ଅନ୍ୟ ସହରଗୁଡ଼ିକୁ ବ୍ୟାପିଥିଲା। ଏହି ହିଂସାରେ ମୁମ୍ବାଇ ପୋଲିସ କେତେ ଜଣ ପିଲାଙ୍କ ସମେତ ୩୦୦ ଦଳିତଙ୍କୁ ଗିରଫ କରିଥିଲା।

ତୃତୀୟ ଘଟଣାଟି ଥିଲା ପୋଲିସ ଅଭିଯୋଗକୁ ନେଇ। ହିଂସାର କିଛିଦିନ ପରେ ତୁଷାର ଡମଗୁଡେ ନାମକ ଜଣେ ବ୍ୟକ୍ତି ଅଭିଯୋଗ ଦାୟର କରି ଦର୍ଶାଇଥିଲେ ଯେ, ଏଲ୍‌ଗାର ପରିଷଦର କାର୍ଯ୍ୟକ୍ରମ ଦଳିତ ସମ୍ପ୍ରଦାୟକୁ ଭୁଲ୍ ବାଟରେ ନେଇ ମାଓବାଦୀ ଚିନ୍ତାଧାରାରେ ରହି ହିଂସା ପଥ ଗ୍ରହଣ କରୁଛି। ଏହା ଥିଲା ତାଙ୍କ ଅଭିଯୋଗ ଯାହାକୁ ଆଧାର କରି ଭୀମା କୋରେଗାଁଓ ସମାବେଶରେ ଯେଉଁମାନଙ୍କର କିଛି ନେଣ ଦେଣ ନ ଥିଲା ଏପରି କି ଯେଉଁମାନେ ସେଠାରେ ଉପସ୍ଥିତ ନ ଥିଲେ,ସେମାନଙ୍କୁ ମଧ୍ୟ ପୋଲିସ ଗିରଫ କଲା। ଚତୁର୍ଥ ଘଟଣାରେ ଆରଏସ୍ଏସ୍‌ର ଏକ ସଂସ୍ଥା ଫୋରମ୍ ଫର୍ ଇଣ୍ଟିଗ୍ରେଟେଡ୍ ନ୍ୟାଶ୍‌ନାଲ ସୁକ୍ୟୁରିଟି ଦ୍ୱାରା ୯ ମାର୍ଚ୍ଚ୨୦୧୮ରେ ଏକ ରିପୋର୍ଟ ପ୍ରକାଶ କରାଯାଇଥିଲା। ଏହି ସଂସ୍ଥାର ସେକ୍ରେଟାରୀ ଶେଷାଦ୍ରି ଚାରୀ ଭାଜପାର ନ୍ୟାଶନାଲ ଏକ୍‌ଜିକ୍ୟୁଟିଭ କମିଟିରେ ଥିଲେ। ଉକ୍ତ ରିପୋର୍ଟରେ କୁହାଯାଇଥିଲା ଯେ, ଗଣ ସଂଗଠନରେ ଲୋକମାନଙ୍କୁ ଯୋଗ ଦେବା ଲାଗି ପ୍ରଲୋଭିତ କରିବା ମାଓବାଦୀଙ୍କ ଏକ ରଣନୀତି। ଏହି ସଂଗଠନଗୁଡ଼ିକ ଲୋକଙ୍କୁ ମାଓବାଦୀ ଭାବେ ନିଯୁକ୍ତ କରିବାରେ ସାହାଯ୍ୟ କରନ୍ତି ବୋଲି ରିପୋର୍ଟରେ ଉଲ୍ଲେଖଥିଲା। ମେ'ରେ ୟୁଏପିଏ ଆଇନ ଭୀମା କୋରେଗାଁଓ ଘଟଣାରେ ଲାଗୁ କରାଗଲା। ୬ ଜୁନ୍‌ରେ ରିପବ୍ଲିକାନ୍ ପାନ୍ଥର୍‌ର ଧାୱାଲେଙ୍କ ସମେତ ସାମାଜିକ କର୍ମୀ ସୁରେନ୍ଦ୍ର ଗାଡ୍‌ଲିଂ, ବୁଦ୍ଧିଜୀବୀ ମହେଶ ରାଉତ, ପ୍ରାଧ୍ୟାପକ ଶୋମା ସେନ୍ ଏବଂ ରୋନା ୱିଲ୍‌ସନଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କୁ ସହରୀ ମାଓବାଦୀ ବୋଲି କୁହାଗଲା। ପଞ୍ଚମ ଘଟଣାରେ ଜୁଲାଇ ୨୦୧୭ରେ ୱିଲ୍‌ସନଙ୍କ ଘରୁ ଏକ ଚିଠି ମିଳିଥିଲା ଯେଉଁଥିରେ ମୋଦି ରାଜକୁ ଶେଷ କରିବାକୁ ପଦକ୍ଷେପ ନେବା ଲାଗି କମ୍ରେଡ କିଷାନ ଏବଂ ଆଉ କିଛି ବରିଷ୍ଠ କମ୍ରେଡଙ୍କ ପ୍ରସ୍ତାବ ଉଲ୍ଲେଖ ରହିଥିଲା। ଏହି ତଥ୍ୟକୁ ଆଧାର କରି ସୁଧା ଭରଦ୍ୱାଜ, ଗୌତମ ନଉଲଖ,ପ୍ରାଧ୍ୟାପକ ଆନନ୍ଦ ଟେଲ୍‌ତୁମ୍ବଡେ, ଖ୍ୟାତନାମା ତାମିଲ କବି ବାରବରା ରାଓ, ପ୍ରାଧ୍ୟାପକ ହନିବାବୁ ସମେତ କବୀର କଳା ମଞ୍ଚର ୩ଜଣଙ୍କୁ ଗିରଫ କରଯାଇଥିଲା। ଏହାବାଦ ୮୩ ବର୍ଷୀୟ ଖ୍ରିଷ୍ଟ ଷ୍ଟାନ୍ ସ୍ୱାମୀଙ୍କୁ ମଧ୍ୟ ପୋଲିସ ଗିରଫ କଲା। ଭୀମା କୋରେଗାଁଓ ହିଂସାରେ ଏମାନଙ୍କର କୌଣସି ସମ୍ପୃକ୍ତି ନ ଥିଲା। ଏପରି କି ଏମାନେ କେହି ବି ସେଠାରେ ଉପସ୍ଥିତ ନ ଥିଲେ। ଏହି ଘଟଣାକୁ ଅତି ସମ୍ବେଦନଶୀଳ କୁହାଯାଇପାରେ, କାରଣ ହତ୍ୟା ଷଡଯନ୍ତ୍ରର ଅଭିଯୋଗ କରାଯାଇଥିଲେ ବି ଏବେ ସୁଦ୍ଧା ଏହାର ବିଚାର ଆରମ୍ଭ ହୋଇନାହିଁ।

Email:aakar.patel@gmail.com

## su | do | ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 4 | | | 1 | | | 3 |
| 9 | 8 | | | | | | | 1 |
| | | 6 | 9 | | | 5 | | |
| | | 9 | 3 | | | | | |
| | | | | | | 8 | | |
| | 3 | | | | 8 | 9 | | |
| | 1 | | | | 9 | 2 | | 4 |
| | | 5 | | 3 | | | | |
| | 7 | | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 1 | 2 | 7 | 9 | 8 | 5 |
| 7 | 2 | 1 | 9 | 8 | 5 | 3 | 4 | 6 |
| 5 | 9 | 8 | 3 | 4 | 6 | 1 | 2 | 7 |
| 2 | 3 | 5 | 7 | 6 | 8 | 4 | 9 | 1 |
| 9 | 8 | 7 | 4 | 1 | 3 | 6 | 5 | 2 |
| 4 | 1 | 6 | 5 | 9 | 2 | 7 | 3 | 8 |
| 1 | 6 | 2 | 8 | 3 | 9 | 5 | 7 | 4 |
| 8 | 7 | 9 | 6 | 5 | 4 | 2 | 1 | 3 |
| 3 | 5 | 4 | 2 | 7 | 1 | 8 | 6 | 9 |

ଗତକାଲିର ଉତ୍ତର

ଚିତ୍ର ଚରିତ୍ର

# ବିରଳ ବ୍ୟତିକ୍ରମଙ୍କ ସମ୍ପର୍କରେ



ଅଧ୍ୟାପକ ନିରଞ୍ଜନ ପାଢ଼ୀ

"ଶୁଆ ପୋଷିବାକୁ ଚାହୁଁଛ ତ ଯୁବା ଶୁଆଟିଏ ଘରକୁ ଆଣ। ବୁଢ଼ା ଶୁଆଟିକୁ ପୋଷି ତାକୁ 'ରାମ' ନାମ ଘୋଷାଇଲେ ସେ ରାମ ନାମ ଆୟତ୍ତ କରିବା ପୂର୍ବରୁ ହୁଏତ ମରି ଯାଇପାରେ! କମ୍ ବୟସର ଶୁଆ ଶୀଘ୍ର ରାମ ନାମ ଧରିପାରିବ ଓ ସେଇ ନାମ ଘୋଷିବାକୁ ବେଶି ଦିନଯାଏ ବଞ୍ଚି ରହିପାରିବ।" ବିଶ୍ୱ ଜନମାନସରେ ଆଧାତ୍ମିକ ଜାଗରଣ ସୃଷ୍ଟି କରିବା ପାଇଁ ଯୁବଶକ୍ତି ଉପରେ ଅଖଣ୍ଡ ବିଶ୍ୱାସ ସ୍ଥାପନ କରିଥିବା ସ୍ୱାମୀ ବିବେକାନନ୍ଦଙ୍କ ମୁଖରୁ ଦିନେ ନିଃସୃତ ହୋଇଥିଲା ଏହି ସଂକେତଧର୍ମୀ ବାର୍ତ୍ତା। ବୟସର ବିଭିନ୍ନ ସୋପାନରେ ପାଦ ଥାପି ଧୀରେ ଧୀରେ ମୃତ୍ୟୁ ଆଡ଼କୁ ଅଗ୍ରସର ହେଉଥିବା ପ୍ରତ୍ୟେକ ପ୍ରାଣୀଙ୍କ ପାଇଁ ଯୌବନ ହିଁ ସର୍ବଶ୍ରେଷ୍ଠ ସମୟ। ଏହି ବୟସରେ ନୂଆ କିଛି କରିବାର ସ୍ପୃହା ସୃଷ୍ଟି ହୁଏ ମନରେ। ବିଶ୍ୱାସ ବଢ଼ିଯାଏ। ଆପଣାର ନିଷ୍ଠା ଓ ଅଙ୍ଗୀକାରକୁ ନେଇ ଆଗେଇଯିବା ମଧ୍ୟରେ ଅନ୍ତରରେ ଜନ୍ମନିଏ ଅସମ୍ଭବକୁ ସମ୍ଭବ କରିବାର ଦୁର୍ବାର ଆତ୍ମପ୍ରତ୍ୟୟ। ଲକ୍ଷ୍ୟସ୍ଥଳରେ ନ ପହଞ୍ଚିବା ଯାଏ ଅବ୍ୟାହତ ରହିଥାଏ ଯାତ୍ରା। ସୁତରାଂ ଜୀବନର ବାଞ୍ଛିତ ସିଦ୍ଧିଲାଭ ପାଇଁ ଶୁକପକ୍ଷୀଙ୍କୁ ସନ୍ତକ କରି ସ୍ୱାମୀଜୀଙ୍କର ଏହି ଯୌବନର ଜୟଗାନ।

ଅବଶ୍ୟ ଏ କଥା ସତ ଯେ, ଅରଣ୍ୟରେ ଏ ବୃକ୍ଷରୁ ସେ ବୃକ୍ଷକୁ ଉଡ଼ିବା ମଧ୍ୟରେ ଶୁଆମାନେ ରାମ ନାମ ଘୋଷି ନ ଥାଆନ୍ତି। ଶବରର ଅଠାକାଠିରେ ଧରାପଡ଼ି ପିଞ୍ଜରାବଦ୍ଧ ହେଲା ପରେ ସେମାନେ ବଜାରରେ ବିକ୍ରି ହୋଇ କ୍ରେତାର ଘରେ ପହଞ୍ଚିଯା'ନ୍ତି। କ୍ରେତାର ଚରିତ୍ର ଓ ସଂସ୍କାରରୁ ଶିକ୍ଷା ଲାଭ କରି ଶୁଆଟିଏ ରାମ ନାମ ଘୋଷିପାରେ, ପୁଣି ଅଶ୍ରାବ୍ୟ ଅପଶବ୍ଦ କହି ଗାଳି ବି ଦେଇପାରେ। ସମାନ ଜଙ୍ଗଲରେ ବିଚରଣ କରି ଏକା ବ୍ୟାଧ ହାତରେ ଧରା ପଡ଼ିଥିବା ଭିନ୍ନ ଭିନ୍ନ ଶୁଆ ଦୁଇଟି। ଅଥଚ ଭିନ୍ନ ଭିନ୍ନ କ୍ରେତାଙ୍କ ଦ୍ୱାରା କିଣା ହୋଇ ଭିନ୍ନ ପରିବେଶରେ ପରିପୋଷିତ ହେଉଥିଲା ବେଳେ ଜଣେ ପରମ ଆଗ୍ରହରେ ରାମ ନାମ ଘୋଷି ଚାଲେ ତ ଅନ୍ୟ ଜଣକର କଣ୍ଠରୁ ଅବିରତ ଭାସିଆସେ ଚରମ ଅସଭ୍ୟତାର ନିଦର୍ଶନ ଅଶ୍ଳୀଳ ଅପଶବ୍ଦ ସବୁ!

ପଞ୍ଜୁରି ଭିତରେ ଆବଦ୍ଧ ରହି ନିଜ ମୁନିବଙ୍କ ଭାଷା କହୁଥିବା ଶୁଆମାନଙ୍କ ପରି ଆମ ସମୟର ଯୁବକମାନଙ୍କ ଅବସ୍ଥା। ଯିଏ ଯେଉଁ ପରିବେଶରେ ରହିଲେ, ସେଇ ପରିବେଶର ଭାଷା ଓ ଭାବନାକୁ ଆପଣେଇ ଜୀବନଯାତ୍ରାରେ ଆଗେଇ ଚାଲିଲେ। ସାଧୁ ସଂସର୍ଗରେ ଆସୁଥିବା ଯୁବକମାନେ ନିଜ ଦୀପ୍ତିମାନ ଯୌବନର ଉଜ୍ଜ୍ୱଳ ଜ୍ୟୋତିକୁ ନେଇ ଚାରି ପାଖର ଦୁନିଆକୁ ଆଲୋକିତ କରୁଥିଲା ବେଳେ ଅସାଧୁ ସଙ୍ଗରେ ପ୍ରଭାବିତ ଉଦ୍ଦଣ୍ଡ ଯୁବାବର୍ଗ ସମାଜ ଉପରେ ଅଜାଡ଼ି ଦିଅନ୍ତି ଯାବତୀୟ ଅସତ୍ୟ ଅନାଚାରର ଅବାଞ୍ଛିତ ଅନ୍ଧକାର। ଆମ ସମୟର ଦୁର୍ଭାଗ୍ୟ, ସାମ୍ପ୍ରତିକ ଭୋଗବାଦୀ ସମାଜରେ ରାମ ନାମ ଘୋଷୁଥିବା ଶୁଆଙ୍କଠାରୁ ଗାଳି ଦେଉଥିବା ଶୁଆଙ୍କ ସଂଖ୍ୟା ବେଶି ହେବାରେ ଲାଗିଛି। ଠିକ୍ ସେମିତି, ନିଜ ନିଜର ଆଦର୍ଶ ଓ ଆଚରଣରେ ଆଲୋକର ଜୟଗାନ କରୁଥିବା ଯୁବକଙ୍କ ତୁଳନାରେ ଅନ୍ଧକାରରେ ବୁଡି ରହୁଥିବା ଯୁବକଙ୍କ ସଂଖ୍ୟା ଦିନକୁଦିନ ବଢ଼ିବାରେ ଲାଗିଛି।

ତଥାପି ବେଳେବେଳେ ଏମିତି କିଛି ବିରଳ ବ୍ୟତିକ୍ରମ ସଂଘଟିତ ହୁଏ, ଯାହା ଅନ୍ଧାରରେ ଅତିଷ୍ଠ ହୋଇ ପଡ଼ିଥିବା ସାଧାରଣ ଲୋକଙ୍କ ପାଇଁ ଆଶାର ଆଲୋକ ସଞ୍ଚାର କରେ। ଏମିତିବ୍ୟତିକ୍ରମକୁସହଜରେ ବିଶ୍ୱାସ କରାଯାଇପାରେନା। ମନେହୁଏ, ଏହା ଯେମିତି ଏକ ଅସମ୍ଭବ ଦିବାସ୍ୱପ୍ନ ଅବା ବିଭୁଙ୍କର ବରଦାନ। ଯୁଗ ଯୁଗ ଧରି ଅନ୍ଧାର ଭିତରେ ବୁଡ଼ି ରହିଥିବା ଇଲାକାରେ ଅଚାନକ ଅଭାବିତ ବତିଟିଏ ଜଳି ଉଠିଲେ ଅବା ଖଣ୍ଟ ସର୍ଦ୍ଦାରର ପାଳିତ ଶୁଆଟି ହଠାତ୍ ରାମ ନାମ ଉଚ୍ଚାରଣ କଲେ କେମିତି ହୁଅନ୍ତା କାହାର ଅନୁଭବ!

ଏମିତି ଏକ ଅବିଶ୍ୱସନୀୟ, ଅଥଚ ବାସ୍ତବ ଘଟଣାର ପ୍ରମାଣ ବହନ କରି କେବେ କେଜାଣି କାର୍ଯ୍ୟକ୍ରମଟିଏ ପ୍ରଦର୍ଶିତ ହୋଇଥିଲା ଦିଲ୍ଲୀ ଦୂରଦର୍ଶନରେ; ଏବେ କେଇଦିନ ତଳେ ତାହାର ପୁନଃ ପ୍ରସାରଣ ଏହି ଲେଖକର ଚିନ୍ତା ରାଜ୍ୟକୁ ଗଭୀର ଭାବେ ଆଲୋଡ଼ିତ କରିଥିଲା। 'ପ୍ରତିଭା' ଶୀର୍ଷକ ଏହି କାର୍ଯ୍ୟକ୍ରମଟିରେ ପ୍ରଦର୍ଶିତ ହୋଇଥିଲା ସେଇ ବିରଳ ପ୍ରତିଭାମାନଙ୍କ କଥା; ଯେଉଁମାନେ ସଭ୍ୟ, ଶିକ୍ଷିତ ବା ସମ୍ଭ୍ରାନ୍ତ ପିତାମାତାଙ୍କ ସନ୍ତାନ ଭାବେ ଜନ୍ମ ହେବାର ସୌଭାଗ୍ୟ ପାଇ ନ ଥିଲେ। ଅଭିଶପ୍ତ ଅଭାବର ପୃଷ୍ଠଭୂମିରେ ଭୂମିଷ୍ଠ ହୋଇ ଖଣ୍ଡିଏ ରୋଟି ପାଇଁ ଯେଉଁମାନେ ନିଜ ସୁକୁମାର ଶୈଶବ ସହ ସଂଗ୍ରାମ କରିଥିଲେ; ସହରତଳି ଅଞ୍ଚଳର ପୂତିଗନ୍ଧମୟ ବସ୍ତି ଭିତରେ ଅଶିକ୍ଷା ଓ ଯାବତୀୟ ଅସଭ୍ୟତା ମଧ୍ୟରେ ଯେଉଁମାନେ ନିଜ ଅଲକ୍ଷ୍ୟରେ ଯୁବକ ବନି ଯାଇଥିଲେ, ସେଇମାନେ ପୁଣି ଥିଲେ ଏତେ ପ୍ରତିଭାବାନ୍!

ଚଣ୍ଡୀଗଡ଼ର ଏକ ସହରତଳି ବସ୍ତିର ବାସିନ୍ଦା ଥିଲେ ବିଜୟ, ରମେଶ, ହରିଶ୍, କରଣ, ଧ୍ରୁବ, ହମିଦ୍ ଓ ଅବ୍‌ଦୁଲ। ସମସ୍ତଙ୍କ ବୟସ ଅଠରରୁ ପଚିଶ ମଧ୍ୟରେ। ବିଜୟ କାନ୍ଧରେ ମୋବାଇଲ ମୋଚିମୁଣି ଝୁଲାଇ ସହରର ରାଜପଥ ଧାରରେ ଜୋତା ପାଲିସ୍ କରୁଥିଲା। ରମେଶ ରାସ୍ତାକଡ଼ର କମାରଶାଳରେ ହାତୁଡ଼ି ପିଟୁଥିଲା। କରଣ ଥିଲା ଷ୍ଟେଶନର କୁଲି। ହମିଦ୍ ଓ ହରିଶ୍ ରିକ୍ସା ଟାଣୁଥିଲେ ତ ଧ୍ରୁବ ଓ ଅବ୍‌ଦୁଲ ଥିଲେ ଖବରକାଗଜ ହକର। ଦୈନନ୍ଦିନ ଜୀବନଚର୍ଯ୍ୟାର ଭିନ୍ନ ଭିନ୍ନ ପରିଚୟ ବାହାରେ ସେମାନେ ଥିଲେ ଗୋଟିଏ ଦଳର ସଦସ୍ୟ। ଦିନଯାକ ନିଜନିଜ ଧନ୍ଦା ବୃତ୍ତିରେ ବ୍ୟସ୍ତ ରହି ସନ୍ଧ୍ୟାରେ ନିଜ ଯତ୍‌କିଞ୍ଚିତ୍ ଉପାର୍ଜନକୁ ଟେକି ଦେଉଥିଲେ ମା'ବାପାଙ୍କ ହାତରେ ଓ ପରେ ପରେ ବସ୍ତିର ଏକ ବ୍ୟସ୍ତବହୁଳ ଛକରେ ଏକତ୍ରିତ ହୋଇ ପରିବେଷଣ କରୁଥିଲେ ପଥପ୍ରାନ୍ତ ନାଟକ। ନା ଦେହରେ, ନା ମୁହଁରେ ଥିଲା କର୍ମକ୍ଲାନ୍ତିର ଛାପ!

ନିଜ ଚାରିପଟରେ ଦର୍ଶକମାନଙ୍କର ଭିଡ଼ ଥାଉ କି ନ ଥାଉ, ସେଥିପ୍ରତି ଖାତିର ନ କରି ଏହି କଳାକାରମାନେ ପରିବେଷଣ କରୁଥିଲେ ନୂଆନୂଆ କିସମର ନାଟକ। କିଛି ରାମାୟଣ ବା ମହାଭାରତର ନାଟକ ପ୍ରଦର୍ଶିତ ହେଉ ନ ଥିଲା ଏମାନଙ୍କ ଅସଜ୍ଜିତ ନାଟ୍ୟମଣ୍ଡପରେ। 'ଅଶିକ୍ଷାର ଅଭିଶାପ', 'ଭୟାନକ ଏଡ୍‌ସର କରୁଣ ପରିଣତି', 'ଡ୍ରଗ୍‌ସ ବା ମଦଗଞ୍ଜା ସେବନର ବିଷମୟ ପ୍ରଭାବ' ତଥା 'ବହୁକୁଟୁମ୍ବୀ ପରିବାରର ଜଞ୍ଜାଳ' ଭଳି ସମାଜର ଜ୍ୱଳନ୍ତ ସମସ୍ୟାକୁ ନେଇ ବେଶ୍ ଜୀବନ୍ତ ହୋଇ ଉଠୁଥିଲା ଏହି ନବ ଯୁକମାନଙ୍କ ନବ୍ୟ ନାଟ୍ୟଚେତନା। ଶିକ୍ଷା, ସଭ୍ୟତା ଓ ଆଧୁନିକତାଠାରୁ ଯୋଜନ ଯୋଜନ ଦୂରରେ, ଅଥଚ ସେମାନଙ୍କ ସମାଜର ସବୁଠାରୁ ଉତ୍କଟ ସମସ୍ୟାର ସମାଧାନ ପାଇଁ ଏମାନଙ୍କର କି ପ୍ରାଣମୟ ପ୍ରଚେଷ୍ଟା! ତଥାକଥିତ ସଭ୍ୟ, ଶିକ୍ଷିତ ଓ ଆଧୁନିକ ଯୁବକ ଆଉ ଅଧିକ କ'ଣ କରନ୍ତେ କି!

ଏହି ନାଟ୍ୟ ଦଳର ପ୍ରଚ୍ଛଦପଟ ନାୟକଙ୍କ ନାମ ଥିଲା ଜୁଲ୍‌ଫିକର ଖାଁ। ତିରିଶ ବର୍ଷର ଏହି ଉଚ୍ଚ ଶିକ୍ଷିତ ଯୁବକ ଜଣକ ଥିଲେ ନାଟ୍ୟଦଳର ନିର୍ଦ୍ଦେଶକ। ଅଶିକ୍ଷିତ ବସ୍ତି ଟୋକାଙ୍କ ନାଟ ଖେଳରେ ସେ କେମିତି ସାମିଲ ହେଲେ ବୋଲି ପ୍ରଶ୍ନ ହେଲାରୁ ବଡ଼ କରୁଣ କଣ୍ଠରେ ସେ ଉତ୍ତର ଦେଲେ, "ସେମାନେ ନ ଥିଲେ ମୁଁ ହୁଏତ ଏତେବେଳକୁ ଏହି ଦୁନିଆରେ ନଥା'ନ୍ତି। ମାରାତ୍ମକ ଡ୍ରଗ୍‌ସ ସେବନ କରି ମୃତ୍ୟୁ ଆଡ଼କୁ ଦ୍ରୁତ ଗତିରେ ଧାଉଁଥିଲା ବେଳେ ଥରେ ସେମାନଙ୍କ ନାଟକ ଦେଖି ମୁଁ ଗଭୀର ଭାବେ ପ୍ରଭାବିତ ହୋଇପଡ଼ିଲି। ସେମାନଙ୍କ ଜୀବନ୍ତ ଅଭିନୟ ମୋ ଆଖି ଆଗରେ ମୃତ୍ୟୁର ବୀଭତ୍ସ ରୂପ ତୋଳି ଧରିଲା। ଯେତେ କଷ୍ଟସାଧ୍ୟ ହେଲେ ବି ମୁଁ ମୋ ପ୍ରାଣନାଶୀ ବଦ୍ ଅଭ୍ୟାସ ଉପରେ ବିଜୟଲାଭ କଲି ଓ ମୋ ଭଳି ଅନ୍ୟ ଦିଗଭ୍ରଷ୍ଟମାନଙ୍କ ଗତି ରୋକିବା ପାଇଁ ସେମାନଙ୍କ ମହତ୍ ଲକ୍ଷ୍ୟର ଯାତ୍ରାରେ ନିଜକୁ ସାମିଲ କରିନେଲି।"

ବିଜୟ, ରମେଶ ଓ ହମିଦ୍‌ମାନଙ୍କର ଉତ୍ତର ଥିଲା ଆହୁରି ଅଭିନବ। ଅଭାବ ଅନଟନଭରା କଷ୍ଟକର ଜୀବନଯାତ୍ରା ମଧ୍ୟରେ ଯେଉଁଠି ଅନ୍ନଚିନ୍ତା ଚମତ୍କାର, ସେଠି ଏମିତି ପଥପ୍ରାନ୍ତ ନାଟକ କରିବାକୁ ସେମାନେ କେମିତି ପ୍ରରୋଚିତ ହେଲେ ବୋଲି ପ୍ରଶ୍ନ କରିବାରୁ ସେମାନେ ଉତ୍ତରଦେଲେ, "ବସ୍ତି ଜୀବନର ସମୃଦ୍ଧି ହିଁ ଆମର ଏକମାତ୍ର କାମ୍ୟ। ଆମ ଉତ୍ତର ପିଢ଼ିର ବସ୍ତି ବାଳକମାନେ ଆମ ଭଳି ହୀନ ଜୀବନ ନ ଜିଇ, ଶିକ୍ଷା ସଭ୍ୟତା ଭିତରକୁ ପ୍ରବେଶ କରନ୍ତୁ, ଏଥିପାଇଁ ଆମର ଏ ଉଦ୍ୟମ। ଦିନଯାକ ନିଜନିଜ ଧନ୍ଦାରେ ବ୍ୟସ୍ତ ରହି ସନ୍ଧ୍ୟାବେଳକୁ ଆମେ ସମସ୍ତେ ଏହି ଷ୍ଟ୍ରିଟ୍ ଲାଇଟ୍ ତଳେ ଏକତ୍ରିତ ହେଉ ଓ ମୁହଁରେ ଶସ୍ତା ପାଉଡର ମାଖି ବିଭିନ୍ନ ଚରିତ୍ରରେ ଅଭିନୟ କରୁ। ଜୁଲ୍‌ଫିକର ଭାଇ ଲେଖିଥିବା ସଂଳାପ କହି ଆମେ ମଦଗଞ୍ଜା ସେବନ ବା ବହୁ ପିଲା ଜନ୍ମ ବିରୋଧରେ ସଚେତନତା ସୃଷ୍ଟି କରୁ। ଏଥିପାଇଁ ବସ୍ତିର ମୁରବିଙ୍କଠୁ ଆରମ୍ଭ କରି ଆମ ମା'ବାପାଙ୍କ ଯାଏ, ସଭିଏ ଆମକୁ 'ନାଲାୟକ', 'କାମଚୋର' ବା 'କୁଳାଙ୍ଗାର' କହି ଢେର ଗାଳି ଦିଅନ୍ତି। ତଥାପି ଆମେ ଆଗେଇ ଚାଲିଛୁ। ଆମ ବସ୍ତିର କେହି ପିଲା ଆଗକୁ ତୁମ ଭଳି 'ବାବୁ' ହୋଇପାରିଲେ ଏଇ ବସ୍ତିର ଚେହେରା ବଦଳିଯିବ ଓ ଆମ ଶ୍ରମ ସାର୍ଥକ ହେବ।" କାର୍ଯ୍ୟକ୍ରମର ପ୍ରଶ୍ନକର୍ତ୍ତାଙ୍କ ପାଇଁ ଏହି ଉତ୍ତର ଥିଲା ଯେମିତି ଅଭିନବ, ସେମିତି ଅଭୂତପୂର୍ବ।

ସେମାନଙ୍କର ଏହି ଉତ୍ତର ଆମ ରାଜଧାନୀରେ ଗଢ଼ି ଉଠିଥିବା ସଂଖ୍ୟାଧିକ ବସ୍ତିର ବାଟହୁଡ଼ା ତରୁଣଙ୍କ କାନରେ ପଡ଼ନ୍ତା ସିନା, ସେମାନେ ଜାଣନ୍ତେ କେମିତି ବସ୍ତି ମଧ୍ୟରୁ ବି ଗୁଞ୍ଜରିତ ହୋଇପାରେ ଏକ ନୂଆ ଜୀବନର ଆବାହନୀ ସଙ୍ଗୀତ! ଦେଖିବାକୁ ମିଳିପାରେ ରାକ୍ଷସପୁରୀରେ ବି ରାମ ନାମ ଜପିବାର ଅଖଣ୍ଡ ଆତ୍ମବିଶ୍ୱାସ! ପରିତ୍ୟକ୍ତ ପଙ୍କ ପୋଖରୀରେ ଫୁଟିଥିବା ପଦ୍ମର ମହକ ଯେ ସଂଭ୍ରାନ୍ତ ଉଦ୍ୟାନର ସୁଗନ୍ଧିତ ଗୋଲାପର ମହକଠାରୁ କୌଣସି ଗୁଣରେ କମ୍ ନୁହେଁ, ଏକଥା ଜଣାଇ ଦେଇଥିଲେ ବିଜୟ, ରମେଶ, ଧ୍ରୁବ ବା ଜୁଲ୍‌ଫିକରଙ୍କ ପରି ବିରଳ ବ୍ୟତିକ୍ରମମାନେ।

ଉପସଂହାରରେ ପୁଣି ସେଇ ବିଶ୍ୱବନ୍ଦିତ ବିବେକାନନ୍ଦଙ୍କ କଥା। ସ୍ୱାମୀଜୀ ଏକଦା ଆହ୍ୱାନ କରିଥିଲେ, "ମୋତେ କିଛି ପବିତ୍ର ଓ ଅନାସକ୍ତ ଯୁବାତ୍ମା ଦିଅ, ମୁଁ ଏହି ପୃଥିବୀକୁ ଦୋହଲାଇ ଦେବି।" ସେଇ ଯୁବାତ୍ମାମାନଙ୍କୁ ଚାହିଁ ଚାହିଁ ସ୍ୱାମୀଜୀଙ୍କର ଆଖି ବୁଜିଦେବା ଶହେ କୋଡ଼ିଏ ବର୍ଷ ପୂରିବାକୁ ଯାଉଛି। ଟେଲିଭିଜନର ପରଦା ଉପରେ ଚଣ୍ଡୀଗଡ଼ର ସେଇ ବସ୍ତି ଯୁବକମାନଙ୍କୁ ଦେଖିଲା ପରେ ସ୍ୱାମୀଜୀଙ୍କର ଏହି କଥା ଦୁଇପଦ ସ୍ମୃତିକୁ ଆସୁଛି ଓ ଅନ୍ତର ଭିତରେ ବିଶ୍ୱାସଟିଏ ବଳବତ୍ତର ହେବାରେ ଲାଗିଛି। ସର୍ବନିମ୍ନ ଆବଶ୍ୟକତାରୁ ବଞ୍ଚିତ ସଡ଼କ କଡ଼ର ସନ୍ତାନମାନଙ୍କ ଚେତନାର ଧକ୍କା ମାଡ଼ରେ ଆଧୁନିକ ପୃଥିବୀ ଦୋହଲି ଉଠୁଥିବାର ବିଶ୍ୱାସ। ସ୍ୱାର୍ଥସର୍ବସ୍ୱ ସଂସାରର ବିଷାକ୍ତ ବଳୟ ବାହାରେ ନୂଆ ଏକ ଅମୃତମୟ ସୃଷ୍ଟି ମୁଣ୍ଡ ଟେକୁଥିବାର ବିଶ୍ୱାସ। ମୋବାଇଲର ବଟମ୍ ଭିତରେ ନିଜ ଦିବ୍ୟ ଯୌବନକୁ ବନ୍ଧା ପକାଇ ଯାବତୀୟ ନିଶାଭ୍ୟାସର ଶିକାର ହୋଇଥିବା ବହୁଭାଗ ଯୁବଶକ୍ତିଙ୍କୁ ଦେଖି ମନ ହତାଶାରେ ଭରି ଯାଉଥିଲାବେଳେ ଚଣ୍ଡୀଗଡ଼ର ଏହି ପଥପ୍ରାନ୍ତର ପ୍ରତିଭାମାନେ ଏକ ଆଶ୍ୱାସନା ହୋଇ ଉଭା ହେଉଛନ୍ତି। ଏମାନଙ୍କ ପାଇଁ ସମସ୍ତଙ୍କ ଅନ୍ତରରୁ ଆଶୀର୍ବାଦ ଅଜାଡ଼ିପଡୁ। ନୂଆ କିଛି ସର୍ଜନା କରିବାର ସ୍ୱପ୍ନକୁ ନେଇ ଆଗେଇ ଯାଉଥିବା ସମାଜର ଏହି ପଛଧାଡ଼ିର ଯୁବକଙ୍କ ଯାତ୍ରା ସଫଳ ହେଉ।

–ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର–୧୦
ମୋ–୮୮୯୫୬୨୪୧୦୫

# ମାନବବାଦୀ ଅର୍ଥନୀତିଜ୍ଞ

ଭାରତବର୍ଷରେ ଅନେକ ମାତାପିତା ସେମାନଙ୍କ ଈପ୍ସିତ ଲକ୍ଷ୍ୟ ପୂରଣ କରିବାରେ ସମର୍ଥ ହୋଇ ନ ଥିଲେ ତାହାକୁ ପିଲାଙ୍କ ଜରିଆରେ ଦେଖିବାକୁ ଚେଷ୍ଟା କରିଥାଆନ୍ତି। ଅନେକ ସମୟରେ ପିଲାର ପସନ୍ଦକୁ ଗୁରୁତ୍ୱ ଦେଇ ନ ଥାଆନ୍ତି। ଫଳରେ ଅଭିଭାବକ ଓ ପିଲାଙ୍କର କ୍ଷତି ହୋଇଥାଏ। ତେବେ ଏଠାରେ ଯେଉଁ ବ୍ୟକ୍ତିଙ୍କ ବିଷୟରେ ଆଲୋଚନା କରାଯାଉଛି, ସେ ନିଜ ପସନ୍ଦକୁ ପରିବାର ଆଗରେ ଠିକ୍ ଭାବେ ଉପସ୍ଥାପନ କରିପାରିଥିବାରୁ ସଫଳ ହୋଇଛନ୍ତି। ପୁଅ ପଦାର୍ଥ ବିଜ୍ଞାନ ନେଇ ପଢୁ ବୋଲି ପିତା ଚାହୁଁଥିଲେ। କିନ୍ତୁ ପୁଅଙ୍କ ଇଚ୍ଛା ଥିଲା ଭିନ୍ନ। ଶେଷରେ ଅର୍ଥନୀତି ପ୍ରତି ଆଗ୍ରହକୁ ଦେଖି ପିତା 'ହଁ' ମାରିଥିଲେ। ସମୟ କ୍ରମେ ପୁଅ ସଫଳତାର ଶିଖର ଛୁଇଁ ଗୋଟିଏ ପରେ ଗୋଟିଏ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ପାଇ ନିଜ ପସନ୍ଦର ପାଠକୁ ନ୍ୟାୟ ଦେବାରେ ସକ୍ଷମ ହୋଇଛନ୍ତି। ଭବିଷ୍ୟତ ପିଢ଼ି ଆଗରେ ଏକ ଆଇକନ୍ ପାଲଟିଯାଇଥିବା ସେହି ବ୍ୟକ୍ତି ହେଉଛନ୍ତି ବିଶିଷ୍ଟ ଅର୍ଥନୀତିଜ୍ଞ କୌଶିକ ବସୁ। ତାଙ୍କୁ ଜର୍ମାନୀର ହମ୍‌ବୋଲ୍ଡ ରିସର୍ଚ୍ଚ ସମ୍ମାନ ମିଳିବା ପରେ ତାଙ୍କ କ୍ୟାରିୟର ଉପରେ ଆଲୋକପାତ କରିବା ଲାଗି ଏହା ଅବସର ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ଜର୍ମାନୀଭିତ୍ତିକ ଆଲେକ୍‌ଜାଣ୍ଡର ଭନ୍ ହମ୍‌ବୋଲ୍ଡ ଫାଉଣ୍ଡେଶନ୍ ଦ୍ୱାରା ଏହି ପୁରସ୍କାର ପ୍ରତିବର୍ଷ ଦିଆଯାଇ ଆସୁଛି। ପୃଥିବୀର ୧୦୦ ଅର୍ଥନୀତିଜ୍ଞ ଓ ବୈଜ୍ଞାନିକଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଦିଆଯାଉଥିବା ପୁରସ୍କାର ବାବଦକୁ ୬୦,୦୦୦ ୟୁରୋ ଦେବାର ବ୍ୟବସ୍ଥା ରହିଛି। ଏଥିସହିତ ବିଜେତା ଜର୍ମାନୀର ଯେକୌଣସି ଗବେଷଣା ପ୍ରତିଷ୍ଠାନରେ ନିଜ ପସନ୍ଦର ଗବେଷଣା ପ୍ରକଳ୍ପ କରିବାର ସୁଯୋଗ ପାଇପାରିବେ। ପୂର୍ବରୁ ଆମେରିକୀୟ ଅର୍ଥନୀତିଜ୍ଞ ଫ୍ରାନ୍ସିସ୍ ଡାଏବୋଲ୍ଡ, ଫ୍ରାନ୍ସ ଅର୍ଥନୀତିଜ୍ଞ ଜେରାର୍ଡ ଡେବ୍ରୁ ଏବଂ ଆମେରିକୀୟ ଅର୍ଥନୀତିଜ୍ଞ ହାଲ୍ ଭରିନ୍‌ଙ୍କ ଭଳି ବ୍ୟକ୍ତି ଏହି ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

ବ୍ୟକ୍ତିତ୍ୱ



କୌଶିକ ବସୁ

କୌଶିକ ୯ ଜାନୁୟାରୀ ୧୯୫୨ରେ କଲିକତାରେ ଜନ୍ମଗ୍ରହଣ କରିଥିଲେ। ୧୯୬୯ରେ ସେଣ୍ଟ ଜାଭିୟର କଲେଜିଏଟ୍ ସ୍କୁଲରୁ ପଢ଼ା ଶେଷ କରିବା ପରେ ସେ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। ପିତାଙ୍କ ଆଗ୍ରହର ପଦାର୍ଥ ବିଜ୍ଞାନ ବିଷୟ ନ ରଖି ଅର୍ଥନୀତି ପଢ଼ିବା ଲାଗି ଦିଲ୍ଲୀର ସେଣ୍ଟ୍ ଷ୍ଟିଫେନ୍ସ କଲେଜରେ ନାମ ଲେଖାଇଥିଲେ। ତା'ପରେ ଲଣ୍ଡନ ସ୍କୁଲ ଅଫ୍ ଇକନମିକ୍ସରୁ ୧୯୭୪ରେ ଏମ୍ଏସ୍‌ସି ଡିଗ୍ରୀ ଅର୍ଜନ କରିଥିଲେ। ସେହି ସମୟରେ କୌଶିକ ପିତାଙ୍କ ଆଇନ ବ୍ୟବସାୟରେ ରହିବା ଲାଗି ଲଣ୍ଡନରେ ଆଇନ ପଢ଼ିବାକୁ ଚାହିଁଥିଲେ। ହେଲେ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍‌ଙ୍କ କାର୍ଯ୍ୟ ଦେଖି ସେ ପ୍ରଭାବିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେନ୍‌ଙ୍କ ତତ୍ତ୍ୱାବଧାନରେ ସେ ଗବେଷଣା କରି ୟୁନିଭର୍ସିଟି ଅଫ୍ ଲଣ୍ଡନରୁ ପିଏଚ୍.ଡି ଡିଗ୍ରୀ ଅର୍ଜନ କରିଥିଲେ। ଫଳରେ ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିଠାରୁ ଆରମ୍ଭ କରି ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ, ଦି ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଆଡଭାନ୍ସଡ୍ ଷ୍ଟଡି ଇନ୍ ପ୍ରିନ୍ସଟନ୍ ଏବଂ ଲଣ୍ଡନ ସ୍କୁଲ ଅଫ୍ ଇକନମିକ୍ସରେ ଅଧ୍ୟାପନା କରିଥିଲେ। ପଢ଼େଇବା ଓ ଗବେଷଣାରେ ଦୀର୍ଘ ବର୍ଷର ଅଭିଜ୍ଞତା ତାଙ୍କୁ ଅନ୍ତର୍ଜାତୀୟ ନୀତି ନିର୍ଦ୍ଧାରଣ ସଂସ୍ଥା ଓ ସରକାରରେ କାର୍ଯ୍ୟ କରିବାର ସୁଯୋଗ ଦେଇଥିଲା। ୨୦୦୯ରୁ ୨୦୧୨ ଯାଏ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିବା କୌଶିକଙ୍କୁ ୨୦୧୨ରୁ ୨୦୧୬ ଯାଏ ବିଶ୍ୱବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ଭଳି ପଦବୀ ମିଳିଥିଲା। ଆମେରିକାର କର୍ନେଲ ବିଶ୍ୱବିଦ୍ୟାଳୟ ଅର୍ଥନୀତିର ପ୍ରଫେସର ହେବା ସହ ପଞ୍ଜାବର ପ୍ଲାକ୍ଷା ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଆଡଭାଇଜରି ବୋର୍ଡର ସେ ସଦସ୍ୟ ଅଛନ୍ତି। ଶିକ୍ଷାଦାନ ସହ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରିସର୍ଚ୍ଚ ଓ ପପୁଲାର ଜର୍ନାଲରେ ପ୍ରକାଶ ପାଉଥିବା ତାଙ୍କ ଲେଖା ଗବେଷକଙ୍କ ପାଇଁ ଉପାଦେୟ ସୂତ୍ର ଓ ତଥ୍ୟ ଯୋଗାଇ ଚାଲିଛି।

କୌଶିକଙ୍କ ଅର୍ଥନୈତିକ ଓ ରାଜନୈତିକ ମନ୍ତବ୍ୟକୁ ଏକୀଭୂତ କରି ତର୍ଜମା କରାଗଲେ ସେଥିରୁ ବହୁ ବିଷୟ ଶିଖିବାକୁ ମିଳିଥାଏ। ଅର୍ଥନୀତିରେ ଅଭିବୃଦ୍ଧି ଓ ବିକାଶ ଆଣିବାକୁ ହେଲେ ଉତ୍ତମ ନୈତିକ ଗୁଣାବଳୀର ଆବଶ୍ୟକତା ରହିଥାଏ ବୋଲି ସେ ଯୁକ୍ତି ଦର୍ଶାଇଥାଆନ୍ତି। ସାଧୁତା, ବିଶ୍ୱସନୀୟତା ଓ ସଚ୍ଚୋଟତା ମାଧ୍ୟମରେ ବ୍ୟକ୍ତିଗତ ବିକାଶ ଓ ସମାଜ ଭିତରେ ଉତ୍କର୍ଷ ଆଣି ହେବ ବୋଲି ସେ କହିଥାଆନ୍ତି। ଅର୍ଥନୀତିକୁ ସାମାଜିକ କ୍ଷେତ୍ରରେ ପ୍ରୟୋଗ କରି ସେ ଏହିଭଳି ଯେଉଁ ନୂତନ ମାନବବାଦୀ ତତ୍ତ୍ୱ ଦେଇଛନ୍ତି, ସର୍ବାଦୌ ଗ୍ରହଣୀୟ ହୋଇପାରିଛି। ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ସହିତ ଜୀବନବ୍ୟାପୀ ଗବେଷଣା ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଭୂଷଣ'ରେ ଭୂଷିତ କରାଯାଇଛି। କର୍ନେଲ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ପ୍ରଫେସର ତଥା ସହଧର୍ମିଣୀ ଆଲ୍‌କା ମାଲ୍‌ୱାଡେ ବସୁ ଏବଂ ଦୁଇ ସନ୍ତାନ କର୍ଣ୍ଣ ଓ ଦୀକ୍ଷାଙ୍କୁ ନେଇ କୌଶିକଙ୍କ ସଂସାର।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କୃଷକଙ୍କ ବିକାଶ ପାଇଁ ଆଇଆଇଟି ଖଡଗପୁରର ପୁରାତନ ଛାତ୍ରମାନଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ସେମାନେ 'ଇକୋଜୋନ ସଲ୍ୟୁଶନ' ଷ୍ଟାର୍ଟଅପ୍ ମାଧ୍ୟମରେ କୃଷକଙ୍କ ପାଇଁ ଏକ ପ୍ରକାର କ୍ଷୁଦ୍ର ଶୀତଳଭଣ୍ଡାର ନିର୍ମାଣ କରିଛନ୍ତି। ୨୦୧୦ରେ ଦେବେନ୍ଦ୍ର ଗୁପ୍ତା, ପ୍ରତୀକ ସିଙ୍ଘଲ ଏବଂ ବିବେକ ପାଣ୍ଡେ ଏହି ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। ସେମାନେ ଶୀତଳଭଣ୍ଡାରର ନାମ ରଖିଛନ୍ତିଇକୋଫ୍ରୋଷ୍ଟ। ଏହା ସୌରଶକ୍ତିରେ ଚାଲୁଛି। ଏଥିରେ ଫଳ, ପନିପରିବା, ଫୁଲ ସତେଜ ରହୁଛି। ଏବେ ସୁଦ୍ଧା ଏମାନେ ୨୫୦ ଶୀତଳଭଣ୍ଡାର ନିର୍ମାଣ କରିସାରିଲେଣି। ୧୪,୦୦୦ ମେଟ୍ରିକ ଟନ୍‌ରୁ ଅଧିକ କୃଷି ଉତ୍ପାଦକୁ କ୍ଷତିରୁ ରକ୍ଷା କରିପାରିଛନ୍ତି। ମହାରାଷ୍ଟ୍ର, ତେଲଙ୍ଗାନା,ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ କର୍ଣ୍ଣାଟକର ୭୨,୦୦୦ କୃଷକ ଏହାଦ୍ୱାରା ଉପକୃତ ହୋଇପାରିଛନ୍ତି। ଶୀତଳଭଣ୍ଡାରରେ ବିନା ବ୍ୟାଟେରିର ବ୍ୟାକ୍‌ଅପ ସିଷ୍ଟମ ରହିଛି। ପ୍ରତିକୂଳ ପରିବେଶରେ ଏହା ୩୦ ଘଣ୍ଟା ଯାଏ କୃଷି ଉତ୍ପାଦକୁ ସତେଜ ରଖିପାରୁଛି। ଏବେସୁଦ୍ଧା ଏମାନେ ୨୫୦ ଶୀତଳଭଣ୍ଡାର ନିର୍ମାଣ କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜୁଲାଇ ୧୯୯୬

- ପପୁଆ–ନିଉଗୁଏନା ଏୟାରଲାଇନ୍ସର ଏକ ହାଲୁକା ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ୧୭ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ରୁଷିଆର ସଂଘୀୟ ନିରାପତ୍ତା ସେବା (ଏଫ୍ଏସ୍‌ବି)ର ନୂତନ ନିର୍ଦ୍ଦେଶକ ଭାବେ ଜେନେରାଲ ନିକୋଲାଇ କୋଭାଲିୟୋଭଙ୍କୁ ରାଷ୍ଟ୍ରପତି ବୋରିସ ୟେଲଟସିନ ନିଯୁକ୍ତି ଦେଇଛନ୍ତି।

## ଚିରନ୍ତନୀ

ବହି ନେଇ ବିକାଶର ପଥେ ସଦା ଧାଇଁଛି ଏ ସୃଷ୍ଟି,
ତପତ ତଡ଼ାଗ ଜଳ ଫେରିଆସେ ହୋଇ ଶୀତ ବୃଷ୍ଟି,
ଏ ବିରାଟ ବିଶ୍ୱେ କେବେ ନାହିଁ କାର କ୍ଷୟ,
ଚିରଦିନ ଝରଇ ଅଭୟ।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସାୟନିକ କୃଷିକୁ ପ୍ରୋତ୍ସାହନ

ମହାଶୟ,

ସରକାର ନିକଟରେ ଡିଏପି ସାରର ହଠାତ୍ ଦୁଇଗୁଣ ଦରବୃଦ୍ଧି ହେବା ପରେ କୃଷିଜୀବୀଙ୍କ ଆର୍ଥିକ ବୋଝକୁ ହାଲୁକା କରିବାକୁ ଉକ୍ତ ରାସାୟନିକ ସାର ମୂଲ୍ୟ ଶତକଡ଼ା ପଚାଶ ଭାଗ ଅର୍ଥ ସବସିଡି ଆକାରରେ ଦେବାକୁ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ସରକାର ରାସାୟନିକ କୃଷିକୁ ପ୍ରୋତ୍ସାହନ ଦେଉଛନ୍ତି। ଯେଉଁ କୃଷକମାନେ ଦରବୃଦ୍ଧି ଯୋଗୁ ରାସାୟନିକ କୃଷିଛାଡ଼ ଜୈବିକ କିମ୍ବା ପ୍ରାକୃତିକ କୃଷିକୁ ଆପଣାଇଥା'ନ୍ତେ, ସେମାନେ ଏହି ସବ୍‌ସିଡି ଦ୍ୱାରା ପ୍ରଭାବିତ ହୋଇ ରାସାୟନିକ କୃଷି ବା ବିଷମୟ କୃଷିକୁ ଚାଲୁ ରଖିବେ। ଏହା କୃଷି ତଥା ସ୍ୱାସ୍ଥ୍ୟ ଓ ପରିବେଶ ଭଳି ବହୁ ସମସ୍ୟାର ମୂଳ କାରଣ। ଏହି ରାସାୟନିକ କୃଷିକୁ ପରିତ୍ୟାଗ ପୂର୍ବକ ଜୈବିକ ତଥା ପ୍ରାକୃତିକ କୃଷିକୁ ଫେରାଇ ଆଣିବାର ସୁବ୍ୟବସ୍ଥା ନ କରି ଲକ୍ଷ ଲକ୍ଷ କୋଟି ଅର୍ଥ ବ୍ୟୟ କରି ବିଦେଶରୁ ରାସାୟନିକ ସାର କ୍ରୟ କରିବା କେତେ ଯୁକ୍ତିଯୁକ୍ତ।

– ଶଶଧର ବଳ, ରାଜକନିକା, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବାଇକରେ ଗଞ୍ଜେଇ ଚାଲାଣ, ୨ ଗିରଫ

ଡୁଙ୍ଗୁରିପାଲି,(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଲଛିପୁର ମେଟାକାନୀ ଛକରେ ପୋଲିସ ଚଢାଉ କରି ଶନିବାର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ବଡଦେହୁରୀପାଲି ଗ୍ରାମର ରାଜୁ ନାଏକ(୨୩) ଓ ସାନ ଦେହୁରୀପାଲି ଗ୍ରାମର ରାଜକିଶୋର ନାଏକ(୨୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ରାଜୁ ଓ ରାଜକିଶୋର ଏକ ବାଇକରେ ବରଗଡ ଜିଲାକୁ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ତନଖି ସମୟରେ ପୋଲିସ ସେମାନଙ୍କ ନିକଟରୁ ୧୩କିଲୋ ୯୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଲଛିପୁର ଫାଣ୍ଡି ଅଧିକାରୀ ସରୋଜ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏହି ଚଢାଉ କରିଥିଲେ।

# ଜେଲରେ ୨ ବନ୍ଦୀଙ୍କୁ ନିର୍ଯାତନା

ବରଗଡ଼ ଅଫିସ୍,୧୦।୭

ବନ୍ଦୀମାନେ ଜେଲ୍‌ରେ ସୁରକ୍ଷିତ ନୁହଁନ୍ତି। ବରଗଡ଼ ସବ୍‌ଜେଲରେ ଏଭଳି ଏକ ସଙ୍ଗୀନ ଅଭିଯୋଗ ହୋଇଛି । ଉକ୍ତ ଜେଲରେ ଥିବା ୨ଜଣ ବିଚାରାଧୀନ ବନ୍ଦୀ ସ୍ଥାନୀୟ ରେଳଷ୍ଟେଶନ ପଡ଼ାର ଦୀପକ ଗୁପ୍ତା ଏବଂ ମନାବନ୍ଧପଡ଼ାର ଫୁଲବାବୁ ଚୌଧୁରୀଙ୍କୁ ଜେଲ୍ କର୍ମଚାରୀମାନେ ପ୍ଲାଷ୍ଟିକ ପାଇପ୍, ବାଡ଼ିରେ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଡାଲିରେ ପାଣି ମିଶାଇ ଦେଉଥିବା ନେଇ ଅଭିଯୋଗ କରିବାରୁ ସେମାନଙ୍କ ଉପରେ ଜେଲ୍ କର୍ମଚାରୀମାନେ ଏଭଳି କାର୍ଯ୍ୟାନୁଷ୍ଠାନ ନେଇଥିବା ବିଚାରାଧୀନ ବନ୍ଦୀଙ୍କ ମା' ସୁନୀତା ଓ ରୀତା ଅଭିଯୋଗ କରିଛନ୍ତି। ଏ ନେଇ ଶୁକ୍ରବାର ବିଚାରାଧୀନ ବନ୍ଦୀଙ୍କ ଓକିଲ ଅନନ୍ତ ଶୟନ ପାଢ଼ୀ ଏବଂ ରାଜେନ୍ଦ୍ର ପ୍ରସାଦ ସିଂ ଏସ୍‌ଡ଼ିଜେଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଏସ୍‌ଡ଼ିଜେଏମ୍‌ଙ୍କ ସମ୍ମୁଖରେ ସେମାନଙ୍କ ବୟାନ ରେକର୍ଡ଼ ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏ ନେଇ ଜେଲର କମ୍ ସୁପରିଣ୍ଟେଣ୍ଡେଣ୍ଟ ଅଞ୍ଜଳି ପଟେଲଙ୍କୁ ପଚାରିବାରୁ ସେ କହିଥିଲେ, କୌଣସି ଜେଲ୍ କର୍ମଚାରୀ ସେମାନଙ୍କୁ ମାଡ଼ପିଟ୍ କରି ନାହାନ୍ତି। ଜେଲରେ ଥିବା ଅନ୍ୟ ବନ୍ଦୀମାନଙ୍କ ସହିତ ସେମାନେ ଝଗଡ଼ା କରିଥିଲେ ଏବଂ ଲିଖିତ ଭାବେ ସେମାନେ ନିଜର ଭୁଲ ସ୍ୱୀକାର କରିବା ପରେ ଏହାର ଆପୋଷ ବୁଝାମଣା ହୋଇଥିଲା। ପୁନର୍ବାର ସେମାନଙ୍କ ମଧ୍ୟରେ ଯେଭଳି କଳିଗୋଳ ହେବନାହିଁ, ତାକୁ ଦୃଷ୍ଟିରେ ରଖି ଘଟଣା ଦିନଠାରୁ ଉଭୟଙ୍କୁ ଅନ୍ୟ ଜାଗାରେ ସୁରକ୍ଷିତ ଭାବେ ରଖାଯାଉଛି ବୋଲି ଜେଲର ପଟେଲ କହିଛନ୍ତି ।

ପ୍ରକାଶ ଯେ, ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲାରେ ଗତ ମାସରେ ଦୀପକ ଏବଂ ଫୁଲବାବୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେହିଦିନଠାରୁ ସେମାନେ ସବ୍‌ଜେଲରେ ରହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଦୀପକଙ୍କ ମା' ସୁନୀତା ପୁଅକୁ ଦେଖା କରିବା ପାଇଁ ଜେଲକୁ ଯାଇଥିଲେ। ସେଠାରେ ଦେଖା ସମୟରେ ତାଙ୍କୁ ଜେଲ କର୍ମଚାରୀମାନେ ମାଡ଼ପିଟ୍ କରିଥିବା ଦୀପକ ସୁନୀତାଙ୍କୁ କହିଥିଲେ। ଏ ନେଇ ସୁନୀତା ତାଙ୍କ ଓକିଲ ପାଢ଼ୀଙ୍କୁ ଜଣାଇବା ପରେ ସେ ଏସ୍‌ଡ଼ିଜେଏମ୍‌ଙ୍କଠାରେ ପିଟିଶନ ଦାଖଲ କରି କୋର୍ଟରେ ଦୀପକଙ୍କୁ ହାଜର ପାଇଁ ନିବେଦନ କରିଥିଲେ। ଏସଡ଼ିଜେଏମଙ୍କ ନିର୍ଦ୍ଦେଶକ୍ରମେ ଦୀପକଙ୍କୁ କୋର୍ଟରେ ହାଜର କରାଯାଇଥିଲା। ତେବେ ଫୁଲବାବୁଙ୍କୁ ମଧ୍ୟ ସେଭଳି ମାଡ଼ ହୋଇଥିବା ନେଇ ଦୀପକଙ୍କଠାରୁ ଜାଣିବା ପରେ ଫୁଲବାବୁଙ୍କୁ ମଧ୍ୟ କୋର୍ଟରେ ହାଜର କରାଯିବା ସହିତ ତାଙ୍କ ବୟାନ ରେକର୍ଡ଼ କରାଯାଇଥିଲା। ଉଭୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ମାଡ଼ ଦାଖ ଦେଖିବାକୁ ମିଳିଥିଲା। ଫଳରେ ସ୍ଥାନୀୟ ଡାକ୍ତରଖାନାରେ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ପୁଣି ଜେଲକୁ ପଠାଇ ଦିଆଯାଇଥିଲା । ଏହି ଘଟଣାକୁ ନେଇ ଏନ୍‌ଏଚ୍‌ଆରସି, ହାଇକୋର୍ଟ ଏବଂ ଜେଲ ଅଥରିଟିଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରାଯିବ ବୋଲି ଉଭୟଙ୍କ ଓକିଲ କହିଛନ୍ତି ।



ବିଚାରାଧୀନ ବନ୍ଦୀ ମାଡ଼ ଦାଗ ଦେଖାଉଛନ୍ତି ।

- ଜେଲ କର୍ମଚାରୀଙ୍କ ବିରୋଧରେ ଆଣିଲେ ଅଭିଯୋଗ
- କର୍ମଚାରୀଙ୍କ ସମ୍ପୃକ୍ତି ନାହିଁ କହିଲେ ଜେଲର
- ଏନ୍‌ଏଚ୍‌ଆରସିରେ ଫେରାଦ ହେବେ ପୀଡ଼ିତଙ୍କ ପରିବାର

## ସଂକ୍ଷେପରେ

### କଂଗ୍ରେସ ଛାଡ଼ିଲେ ଲକ୍ଷ୍ମୀପୁର ପୂର୍ବତନ ବିଧାୟକ



ଜୟପୁର,୧୦।୭ (ନି.ପ୍ର.): କୋରାପୁଟ ଜିଲା ଲକ୍ଷ୍ମୀପୁର ପୂର୍ବତନ ବିଧାୟକ କୈଳାସ କୁଲସିକା କଂଗ୍ରେସ ଛାଡ଼ିଛନ୍ତି। ଏନେଇ ସେ ଗତ ୨ ତାରିଖରେ ଏଆଇସିସି ଓ ପିସିସି ନିକଟକୁ ଇସ୍ତଫାପତ୍ର ପଠାଇଛନ୍ତି। ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଯୋଗୁ

**ଏଆଇସିସି, ପିସିସିକୁ ପଠାଇଲେ ଇସ୍ତଫାପତ୍ର**

ସେ ଦଳ ଛାଡ଼ିଥିବା ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ କୁଲେସିକାଙ୍କ ଅଭିଯୋଗକୁ ମୀନାକ୍ଷୀ ଭିତ୍ତିହୀନ ବୋଲି କହିଛନ୍ତି। ନାରାୟଣପାଟଣା ଓ ଦଶମନ୍ତପୁର ବ୍ଲକ ସଭାପତିଙ୍କ ନାମ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଘୋଷଣା କରିଛନ୍ତି। ସମସ୍ତଙ୍କ ସହମତିରେ ଏହା ହୋଇଛି। କୁଲେସିକା ଆଣିଥିବା ଅଭିଯୋଗର କୌଣସି ସତ୍ୟତା ନ ଥିବା ମୀନାକ୍ଷୀ କହିଛନ୍ତି। ସୂଚନାଯୋଗ୍ୟ, ଦଶମନ୍ତପୁର ବ୍ଲକ କଂଗ୍ରେସ ସଭାପତି ରୂପେ ବେଣୁଧର ପାତ୍ର ଏବଂ ନାରାୟଣପାଟଣା ବ୍ଲକ ସଭାପତି ରୂପେ ଭୀମସେନ ମହାନନ୍ଦିଆ ଚୟନ ହୋଇଛନ୍ତି।

### ଓଡ଼ିଶା ବନ୍ଦ ଡାକରାକୁ ବିଭିନ୍ନ ଗଣସଙ୍ଗଠନର ସମର୍ଥନ

**ଭୁବନେଶ୍ୱର, ୧୦।୭ (ବ୍ୟୁରୋ):** ପେଟ୍ରୋଲ, ଡିଜେଲ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ପ୍ରତିବାଦରେ ୪ଟି ବାମପନ୍ଥୀ ଦଳ ପକ୍ଷରୁ ଆସନ୍ତା ୧୫ ତାରିଖ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୬ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହାକୁ ରାଜ୍ୟର ବିଭିନ୍ନ ଗଣ ସଙ୍ଗଠନ ସମର୍ଥନ ଜଣାଇବା ସହ ଏଥିରେ ସାମିଲ ହେବା ପାଇଁ ଘୋଷଣା କରିଛନ୍ତି। ଏ ନେଇ ଭୁବନେଶ୍ୱର ଭଗବତୀ ଭବନଠାରେ ବିଭିନ୍ନ ଗଣ ସଙ୍ଗଠନର ଏକ ମିଳିତ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଅତ୍ୟଧିକ ଟିକସ ଯୋଗୁ ପେଟ୍ରୋଲ ଓ ଡିଜେଲ ଦର ୧୦୦ ଟଙ୍କା ଟପିଲାଣି। ମଧ୍ୟବିତ୍ତ, କର୍ମଚାରୀ, ଛାତ୍ର ଓ ଯୁବକ ଏଥିରେ ପ୍ରଭାବିତ ହେଉଛନ୍ତି। ଏଥିସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମାତ୍ରାଧିକ ଦର ବୃଦ୍ଧି ଲୋକଙ୍କୁ ଅତିଷ୍ଠ କରିଛି। ଏଣୁ ସମସ୍ତ ସଂଗଠନର କର୍ମୀ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ଦରେ ସାମିଲ ହେବା ସହିତ ବ୍ୟାଙ୍କ, ବୀମା ଓ ଅନ୍ୟାନ୍ୟ ସେକ୍ଟରର କର୍ମଚାରୀ ବନ୍ଦକୁ ସମର୍ଥନ କରିବା ପାଇଁ ନିବେଦନ କରାଯାଇଛି। ଏହି ବୈଠକରେ ଏଆଇଟିୟୁସି ପକ୍ଷରୁ ରାମକୃଷ୍ଣ ପଣ୍ଡା, ନାରାୟଣ ରେଡ୍ଡୀ, ବିଜୟ ଜେନା, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂହଦେଓ, ବିକେଏମ୍‌ୟୁର ରାଜ୍ୟ ସମ୍ପାଦକ ସୁର ଜେନା, ଅଖିଳ ଭାରତ ଯୁବସଂଘର ରାଜ୍ୟ ସମ୍ପାଦକ ଅବକାଶ ସାହୁ, ଏଆଇଏସ୍‌ଏଫ୍‌ର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ପ୍ରମୁଖ ଯୋଗଦେଇଥିଲେ।

### ଆଜି ମାତ୍ର ୪ ଜିଲାର ୧୨ କେନ୍ଦ୍ରରେ ଟିକାକରଣ

**ଭୁବନେଶ୍ୱର, ୧୦।୭(ବ୍ୟୁରୋ):** ରାଜ୍ୟକୁ ଆସି ପାରିଲା ନାହିଁ ଟିକା। ଫଳରେ ରବିବାର ଟିକାକରଣକୁ କମାଇଦେଇଛି ସ୍ୱାସ୍ଥ୍ୟ ବିଭାଗ। ରବିବାର ମାତ୍ର ୪ ଜିଲାର ୧୨ଟି କେନ୍ଦ୍ରରେ ଟିକାକରଣ ହେବ ଏବଂ ଅନ୍ୟସବୁ ଜିଲା ଓ କେନ୍ଦ୍ରରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ ରହିବ। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ଗଞ୍ଜାମରେ ୪, ନବରଙ୍ଗପୁର ୪, ପୁରୀ ଓ ସୁନ୍ଦରଗଡ଼ରେ ଗୋଟିଏ ଲେଖାଏ କେନ୍ଦ୍ରରେ ଟିକାଦାନ କରାଯିବ। ବର୍ତ୍ତମାନ ରାଜ୍ୟରେ ୪୧,୨୯୦ ଡୋଜ୍ କୋଭିଶିଲ୍ଡ ଓ ୩,୫୪,୧୩୦ ଡୋଜ୍ କୋଭାକ୍ସିନ ଟିକା ଗଚ୍ଛିତ ରହିଛି। ରାଜ୍ୟରେ ଭୁବନେଶ୍ୱର ଓ ଗଞ୍ଜାମରେ କେବଳ କୋଭାକ୍ସିନ ଦିଆଯାଉଥିବାବେଳେ ଅନ୍ୟ ସବୁଠି କୋଭିଶିଲ୍ଡ ଟିକା ଦିଆଯାଉଛି। ଏବେ କୋଭିଶିଲ୍ଡ ଟିକା ଅଭାବ ଯୋଗୁ ଟିକାକରଣ ବାଧାପ୍ରାପ୍ତ ହୋଇଛି। ସେପଟେ ଶନିବାର ୬୦,୦୫୭ ଡୋଜ୍ ଟିକାକରଣ ହୋଇଛି। ଫଳରେ ରାଜ୍ୟରେ ମୋଟ ୧,୩୩,୩୨,୬୯୫ ଡୋଜ୍ ଟିକାକରଣ ହୋଇଥିବା ସୂଚନା ଦିଆଯାଇଛି।

# ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା

ସମ୍ବଲପୁର,୧୦।୭(ବ୍ୟୁରୋ)

**ଧାନବିକ୍ରି ପ୍ରାପ୍ୟ ନ ପାଇ ବାପପୁଅ ମୃତ୍ୟୁ ଘଟଣା**

**ପୂର୍ବରୁ ଏନ୍‌ଏଚ୍‌ଆର୍‌ସି କରିଥିଲେ ହସ୍ତକ୍ଷେପ**

ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନସଂଗ୍ରହ ନୀତି ଓ ଜିଲା ପ୍ରଶାସନର ଅବହେଳା ଯୋଗୁ ଚାଷୀ ସୁନୀଲ ପଟେଲ ଓ ତାଙ୍କ ବାପା ଦିଲେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ସ୍ଥାନୀୟ ଜୟ କିଶାନ ଆଦିମ କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ସୁପ୍ରିମକୋର୍ଟ ଓ ଜାତୀୟ ମାନବାଧିକାର କମିଶନଙ୍କ ପାଖରେ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୁଜୁ ହୋଇଛି। ସୁପ୍ରିମକୋର୍ଟ ନିଜଆଡୁ ୫୫୭୬୧/ଏସ୍‌ସିଆଇ/ପିଆଇଏଲ୍/୨୦୨୧ରେ ମାମଲା ରୁଜୁ କରି କୃଷକ ସଙ୍ଗଠନ ଆବାହକ ଯୋଗବିହାରୀ ପରିଡାଙ୍କୁ ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛି ସଙ୍ଗଠନ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି, ଏହି ଧାନ କିଣାବିକା ଦୁର୍ନୀତିରେ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ତେଣୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଏବେ ସୁପ୍ରିମକୋର୍ଟ ମାମଲାକୁ ବିଚାର କରିବେ। ତଦନ୍ତ କରାଗଲେ ସମ୍ପୃକ୍ତ ଅଧିକାରୀମାନେ କାଠଗଡାରେ ଠିଆ ହେବେ। ସୂଚନାଯୋଗ୍ୟ ଦିଲେଶ୍ୱରଙ୍କ ପ୍ରାୟ ୫ ଏକର ଜମି ଚାଷ କରନ୍ତି। ୨୦୨୦ ଖରିଫରେ ପୁଅ ସୁନୀଲଙ୍କ ନାମରେ ସ୍ଥାନୀୟ ଏସ୍‌ଏଚ୍‌ଜିରେ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିଲେ। ସୁନୀଲଙ୍କ ପଞ୍ଜିକରଣ ଆଇଡି ୧୦୦୫ରେ ମୋଟ ୬୬ କୁଇଣ୍ଟାଲ୨୨ କେଜି ଧାନ ବ୍ରକି କରିବା ପାଇଁ ଟୋକନ୍ ଆସିଥିଲା। ଧାନ ବିକ୍ରି ପରେ ପ୍ରାପ୍ୟ ପାଇ ନ ଥିଲେ। ପରେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଦିଲେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ପୁଅ ସୁନୀଲଙ୍କ ମଧ ୧୦ଦିନ ବ୍ୟବଧାନରେ ମୃତ୍ୟୁ ଘଟିଥିଲା। ଧାନ ବିକ୍ରି ପ୍ରାପ୍ୟ ନ ପାଇବା ଯୋଗୁ ଉତ୍ତମ ଚିକିତ୍ସା ଅଭାବାରୁ ମୃତ୍ୟୁ ଘଟିଥିଲା ବୋଲି ଏନ୍‌ଏଚ୍‌ଆର୍‌ସି ଓ ସୁପ୍ରିମକୋର୍ଟରେ ଅଭିଯୋଗ ହୋଇଥିଲା। ଏନ୍‌ଏଚ୍‌ଆର୍‌ସି ହସ୍ତକ୍ଷେପ ପରେ ଜୁନ ୫ ତାରିଖରେ ପଟେଲଙ୍କ ପରିବାର ବର୍ଗ ଟଙ୍କା ପାଇଥିଲେ। ପରେ ୨୨ଜଣ ଚାଷୀଙ୍କୁ ଟଙ୍କା ପ୍ରଦାନ କରାଯାଇଥିଲା।



# ଆନ୍ଧ୍ରର ଷଡ଼ଯନ୍ତ୍ରକୁ ପଣ୍ଡ କଲା ଜିଲା ପ୍ରଶାସନ



ଆନ୍ଧ୍ରର ପ୍ରଶାସନିକ ଅଧିକାରୀଙ୍କୁ ବୁଝାଇ ଘଟଣା ସ୍ଥଳରୁ ବିଦା କରିଥିବା କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନର ଅଧିକାରୀ ଓ ପୋଲିସ।

କୋରାପୁଟ/ପଟ୍ଟାଙ୍ଗୀ,୧୦।୭ (ସ୍ୱ.ପ୍ର./ଡି.ଏନ.ଏ.)

**ଚାଲିଥିବା ବିଦ୍ୟାଳୟ ଗୃହ ନିର୍ମାଣ ବନ୍ଦ କରିବାକୁ ଆସିଥିଲେ ଆନ୍ଧ୍ର ଅଧିକାରୀ**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାକୁ ଲାଗି ରହିଥିବା କୋଟିଆ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ସରକାରୀ ଗୃହ ନିର୍ମାଣ କାର୍ଯ୍ୟକୁ ଆନ୍ଧ୍ର ବିରୋଧ କରି ଏହାକୁ ବନ୍ଦ କରିବା ଲାଗି ଉଦ୍ୟମ ଆରମ୍ଭ କରିଛି। ତେବେ ଏଦିଗରେ କୋରାପୁଟ ଜିଲା ପ୍ରଶାସନର ତତ୍ପରତା ଆନ୍ଧ୍ରର ଷଡ଼ଯନ୍ତ୍ରକୁ ପଣ୍ଡ କରି ଦେଇଛି।

ଖବରରୁ ଜଣାପଡ଼ିଛି ଓଡ଼ିଶା ସରକାର ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମରେ ୮ଲକ୍ଷ ୯୮ହଜାର ଟଙ୍କା ମୂଲ୍ୟ ଅଟକଳରେ କୋଟିଆ ପଞ୍ଚାୟତର ନେରେଡିବାଲସାରେ ଥିବା ଆବାସିକ ବିଦ୍ୟାଳୟର ଏକ ଗୃହ ସେଠାରୁ ୫୦ ମିଟର ଦୂର ତାଡ଼ିବାଲସା ଗ୍ରାମରେ ନିର୍ମାଣ କାର୍ଯ୍ୟ କରୁଥିଲେ। ଏହା ଜାଣିବା ପରେ ଆନ୍ଧ୍ରର ସାଲୁରୁ ବ୍ଲକର ପ୍ରଶାସନିକ ଅଧିକାରୀମାନେ ପୋଲିସ ନେଇ ନିର୍ମାଣ ସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ସେଠାରେ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ତାଗିଦ କରିଥିଲେ । ଏହି ଘଟଣା ସମ୍ପୃକ୍ତ ଠିକାଦାର କୋରାପୁଟ ଜିଲା ପ୍ରଶାସନକୁ ଅବଗତ କରିବା ପରେ ଜିଲାପାଳ ଅବଦୁଲ ଅଖତାର ଅସନ୍ତୋଷ ପ୍ରକାଶ କରି ଏ ଦିଗରେ ପଦକ୍ଷେପ ନେବାକୁ ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ମଣ୍ଡଳ ସ୍ଥାନୀୟ ପୋଲିସ ନେଇ ନିର୍ମାଣ ସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ସମସ୍ତ ବିଷୟ ଠିକାଦାରଙ୍କଠାରୁ ଅବଗତ ହୋଇ ସେଠାରେ ଉପସ୍ଥିତ ଆନ୍ଧ୍ର ପ୍ରଶାସନିକ ଅଧିକାରୀ ଓ ପୋଲିସକୁ ଏହା ଓଡିଶା ସରକାରଙ୍କ କାର୍ଯ୍ୟ। କୋରାପୁଟ ଜିଲାପାଳଙ୍କ ନିର୍ଦ୍ଦେଶରେ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବା କହି ସମସ୍ତ ରେକର୍ଡ ପତ୍ର ଦେଖାଇଥିଲେ। ପରେ ଘଟଣା ସ୍ଥଳରୁ ଆନ୍ଧ୍ର ପ୍ରଶାସନିକ ଅଧିକାରୀ ଓ ପୋଲିସ ଫେରି ଯାଇଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୪୨ପ୍ରକଳ୍ପ

ଖପ୍ରାଖୋଲ, ୧୦।୭(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାକୁ ବ୍ଲକ ସହଶିକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ। ବ୍ଲକ ବିଜ୍ଞାନ ମେଳା କମିଟି ଆବାହକ ଶିବ ପ୍ରସାଦ ମେହେର, ସଂଯୋଜକ ଓମପ୍ରକାଶ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ବିଜୟ କୁମାର ମେହେର, ନିମାଇଁ ଚରଣ ମିଶ୍ର ଯୋଗଦେଇଥିଲେ।ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୪୨ଟି ପ୍ରକଳ୍ପ ଭଚଆଲ ମୋଡରେ ପ୍ରଦର୍ଶିତ ହୋଇଥିଲା।

## ଚେକ୍‌ଡ୍ୟାମ୍ ଆଙ୍ଗେଲ ଭାଙ୍ଗି ଚୋରି ଉଦ୍ୟମ

କେସିଙ୍ଗା,୧୦।୭(ଡି.ଏନ.ଏ.)

କେସିଙ୍ଗା ବ୍ଲକ କଣ୍ଟାମାଲ ଗ୍ରାମରେ ଥିବା ଚେକ୍‌ଡ୍ୟାମ୍‌ର ଲୁହା ଆଙ୍ଗେଲ ଚୋରି ଉଦ୍ୟମ କରି ୫ ଚୋର ଚାଷୀଙ୍କ ହାତରେ ଧରା ପଡିଛନ୍ତି। ଶନିବାର ଏକ ପିକ୍‌ଅପ୍ ଭ୍ୟାନ(ନଂ ଓଡି୦୮୩-୪୫୪୫)ରେ ଏହା ନିଆଯିବା ବେଳେ ଚାଷୀମାନେ କାବୁ କରି ଉତକେଲା ଫାଣ୍ଡି ପୋଲିସକୁ ଖବର ଦେଇଥିଲେ । ପୋଲିସ ଲୁହା ଆଙ୍ଗେଲ ଓ ଭ୍ୟାନ ଜବତ କରିଛି । ଚୋରଙ୍କୁ ପୋଲିସ ହେପାଜତକୁ ନେଇଛି।

# ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ ଅଫିସ,୧୦।୭

**ଭିମ୍‌ସାରରେ ସ୍ୱାସ୍ଥ୍ୟ ଚିକିତ୍ସା ଅବହେଳା**

- ଅବସରପ୍ରାପ୍ତ ଜିଲାଜଜ୍ ନାଇଡୁ କରିବେ ତଦନ୍ତ
- ୩ମାସରେ ତଦନ୍ତ ରିପୋର୍ଟ ଦାଖଲ ହେବ
- ନଭେମ୍ବର ୮ରେ ମାମଲାର ପରବର୍ତ୍ତୀ ଶୁଣାଣି

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ(ଭିମ୍‌ସାର)ରେ ସ୍ୱାସ୍ଥ୍ୟ ସେବାରେ ଅବହେଳାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ଆଗତ ଅଭିଯୋଗର ହାଇକୋର୍ଟ ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ଘଟଣାର ତଦନ୍ତ ଜଣେ ଅବସରପ୍ରାପ୍ତ ଜିଲା ଜଜ୍‌ଙ୍କ ଦ୍ୱାରା କରାଯିବା ସହ ୩ମାସ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ପ୍ରଦାନ କରିବାକୁ ହାଇକୋର୍ଟ ମୁଖ୍ୟବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୮ରେ ହେବ।

ସୂଚନାଯୋଗ୍ୟ, କରୋନା ଦ୍ୱିତୀୟ ଲହରବେଳେ ଭିମ୍‌ସାରରେ ଚିକିତ୍ସାଧୀନ ରୋଗୀଙ୍କୁ ବ୍ୟାପକ ଅବହେଳା କରାଯାଇଛି। ସେମାନଙ୍କୁ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ଯୋଗାଇବାରେ ହସ୍ପିଟାଲ କର୍ତ୍ତୃପକ୍ଷ ବିଫଳ ହୋଇଛନ୍ତି। ଫଳସ୍ୱରୂପ ଅନେକ ରୋଗୀ ମୃତ୍ୟୁବରଣ କରିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳା ବିରୋଧରେ ବରଗଡ କେନ୍ଦବାହାଲ ଗ୍ରାମର ଜ୍ଞାନଦତ୍ତ ଚୌହାନ ଗତ ମେ ୨୩ରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ତାଙ୍କ ସମ୍ପର୍କୀୟମାନେ କୋଭିଡ୍ କାଳରେ ଭିମ୍‌ସାରରେ ଠିକ୍ ଭାବେ ଚିକିତ୍ସା ନ ପାଇ ହଇରାଣ ହୋଇଥିବା ସମ୍ପର୍କରେ ସେ ୯ଟି ପୃଥକ ସତ୍ୟପାଠ ଦାଖଲ କରିଥିଲେ। ଉକ୍ତ ମାମଲାର ଗତ ୭ତାରିଖରେ ଶୁଣାଣି କରି ସମ୍ବିଧାନର ଧାରା ୨୧ ଅନୁସାରେ ରୋଗୀଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହୋଇଥିବା ଦର୍ଶାଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିବା ସହ ଏହାର ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ଜିଲାଜଜ୍ ଏ.ବି.ଏସ୍.ନାଇଡୁ ଉକ୍ତ ଅଭିଯୋଗର ତଦନ୍ତ କରି ଆସନ୍ତା ନଭେମ୍ବର ୧ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଉଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।



# ବାଇକ୍ ଦୁର୍ଘଟଣାରେ ୪ ମୃତ

ଭଞ୍ଜନଗର/ବାଲିଗୁଡ଼ା,୧୦।୭(ଡି.ଏନ.ଏ)

ଗଞ୍ଜାମ ଓ କନ୍ଧମାଳ ଜିଲାରେ ଶୁକ୍ରବାର ରାତିରେ ବାଇକ୍ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଖ୍ରୀଷ୍ଟିୟାନ ସାହିର ଅଭିଷେକ୍ ଗୌଡ଼, କଇଣ୍ଡିର ଆଲୋକ ସ୍ୱାଇଁ ଓ କନ୍ଧମାଳ ଜିଲା ବାଲିଗୁଡ଼ା ଥାନା କୁଟିକିଆ ଅଞ୍ଚଳର ସୁନୀଲ ଦିଗାଲ, ସୁମନ୍ତ ପାତ୍ର। ପ୍ରକାଶ ଯେ, ଆଲୋକ ରାତିରେ ଭଞ୍ଜନଗରରୁ ନିଜ ଗ୍ରାମ କଇଣ୍ଡିକୁ ବାଇକ୍ ଯୋଗେ ଫେରୁଥିଲେ। ଭଞ୍ଜନଗର ଆସିକା ମୁଖ୍ୟରାସ୍ତାର ଅଗଖୋଳ ପେଟ୍ରୋଲ ଟାଙ୍କି ସମ୍ମୁଖରେ ବିପରୀତ ଦିଗରୁ ବ୍ରହ୍ମପୁରରୁ ସ୍କୁଟି ଧରି ଆସୁଥିବା ଅଭିଷେକଙ୍କ ସହ ଆଲୋକଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଭଞ୍ଜନଗର ହସ୍ପିଟାଲକୁ ନିଆଯାଇଥିଲେ ମଧ ଡାକ୍ତର ଆଲୋକଙ୍କୁ ମୃତ ଘୋଷଣା କରିଥିଲେ। ଅଭିଷେକଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଶୁକ୍ରବାର ବିଳମ୍ବିତ ରାତିରେ ସୁନୀଲ ଓ ସୁମନ୍ତ ଏକ ବାଇକ୍‌ରେ ବାଲିଗୁଡ଼ାରୁ କୁଟିକିଆ ଯାଉଥିଲେ। ବୁଢ୍ଢିକିଆ ପଞ୍ଚାୟତର ମାଦିନାଟ ନିକଟସ୍ଥ ଘାଟିରେ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଶନିବାର ବାଲିଗୁଡ଼ା ପୋଲିସ ଓ ଦମକଳ ବାହିନୀ ପହଞ୍ଚି ୨ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।


ଅଭିଷେକଙ୍କ ଘର ସମ୍ମୁଖରେ ଶୋକକୂଳ ପରିବେଶ।

# ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ


ଜବତ ଗଞ୍ଜେଇ ଓ ଗିରଫ ୩ ଅଭିଯୁକ୍ତ।

ଚନ୍ଦ୍ରପୁର/ମୁନିଗୁଡ଼ା,୧୦।୭(ଡି.ଏନ୍.ଏ.)

**୩ ଗିରଫ**

ଗଞ୍ଜେଇ ଚୋରାଚାଲାଣ ପାଇଁ ପ୍ରସ୍ତୁତି ବେଳେ ରାୟଗଡ଼ା ଜିଲା ଚନ୍ଦ୍ରପୁର ଥାନା ପୋଲିସ ରବିଗୁଡ଼ା ଛକ ନିକଟରୁ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ କରିଛି। ଏହି ମାମଲାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାମନାଥ ଝଣ୍ଡ୍ରିଗୁଡିକା(୨୫), ପ୍ରଜା ଶ୍ରାମୂତିକା (୫୦) ଏବଂ ଇଶା ଦୁର୍ବାକା(୨୦)।

ସୂଚନା ଅନୁଯାୟୀ ରବିଗୁଡ଼ା ଛକ ନିକଟରୁ ମୁନିଗୁଡ଼ାକୁ ଚାଲାଣ ନିମନ୍ତେ ଗଞ୍ଜେଇ ରଖାଯାଇଥିଲା। ଖବର ପାଇ ବିଷମକଟକ ଏସ୍‌ଡିପିଓ ଆକାଶ ସାହୁଙ୍କ ନେତୃତ୍ୱରେ ଚନ୍ଦ୍ରପୁର ପୋଲିସ ଟିମ୍ ଚଢ଼ାଉ କରିଥିଲେ। ଯାଞ୍ଚବେଳେ ୫୯ ପ୍ୟାକେଟ(୧୧ କୁଇଣ୍ଟାଲ ୮୦ କେଜି)ଗଞ୍ଜେଇ ଜବତ ହୋଇଛି। ଏ ନେଇ ଚନ୍ଦ୍ରପୁର ଥାନା(ନଂ. ୨୫/୨୧)ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ସୂଚନା ମିଳିଛି।

## ଖଣ୍ଡଗିରି ଛକରୁ ଧରାପଡ଼ିଲା ୧.୩୫ କୁଇଣ୍ଟାଲ

ଭୁବନେଶ୍ୱର,୧୦।୭(ବ୍ୟୁରୋ)

**ଓଡ଼ିଶାରୁ କୋଲକାତା ଚାଲାଣ ହେଉଥିଲା**

ଓଡିଶାରୁ କୋଲକାତା ଗଞ୍ଜେଇ ଚୋରା ଚାଲାଣ ଧରାପଡିଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ ଖଣ୍ଡଗିରି ଥାନା ପୋଲିସ ମିଳିତ ଚଢ଼ାଉ କରି ଖଣ୍ଡଗିରି ଛକରୁ ଏକ କାର୍ ସହ ୧.୩୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ପ୍ରଶାନ୍ତ ମାଝି, ସୁଜୟ ମାଝି ଓ ପ୍ରଶାନ୍ତ କୁମାର ଗମାଙ୍ଗୋ। ଏ ନେଇ ଖଣ୍ଡଗିରି ଥାନାରେ ଏନ୍‌ଡିପିଏସ୍ ୨୦ବି ଆକ୍ଟରେ ମାମଲା (ନଂ. ୩୫୯/୨୧) ରୁଜୁ କରାଯିବା ସହ ୩ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଗଜପତିରୁ ଓଡି୦୫କେ୦୬୩୩ ନମ୍ବର ବିଶିଷ୍ଟ ଇଣ୍ଡିଗୋ କାରରେ ଭୁବନେଶ୍ୱର ଦେଇ କୋଲକାତାକୁ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଏସ୍‌ଟିଏଫ୍ ନିକଟରେ ଖବର ପହଞ୍ଚିଥିଲା। ଏହାପରେ ମିଳିତ ଟିମ୍ ଶୁକ୍ରବାର ଭୋର୍ ସମୟରେ ଖଣ୍ଡଗିରି ଛକରେ ବ୍ଲକିଂ କରି ଗାଡ଼ି ଯାଞ୍ଚ ଆରମ୍ଭ କରିଥିଲା। ସକାଳ ସାଢେ ୬ଟାରେ ଉକ୍ତ ଇଣ୍ଡିଗୋ କାର୍ ପହଞ୍ଚିବା ପରେ ପୋଲିସ ଅଟକାଇ ପ୍ରଥମେ ଡ୍ରାଇଭର ସମେତ ଅନ୍ୟ ୨ ଜଣଙ୍କୁ କାବୁ କରିନେଇଥିଲା। ଗାଡିଟିକୁ ଯାଞ୍ଚ କରିବା ପରେ ସେଥିରୁ ୧.୩୫ କୁଇଣ୍ଟାଲ ଗଞ୍ଜେଇ ମିଳିଥିଲା। ଗିରଫ ଅଭିଯୁକ୍ତଙ୍କୁ ପଚରା ଉଚରାବେଳେ ସେମାନେ କୋଲକାତାକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ନେଇ କହିଥିଲେ। ପ୍ରାକଶ ଥାଉକି, ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୨୨ କୁଇଣ୍ଟାଲ ୩୫ କେଜି ଗଞ୍ଜେଇ ଜବତ ହୋଇଛି।

## ଡକାୟତି ଉଦ୍ୟମ, ୩ ଗିରଫ

କୁଚିଣ୍ଡା,(ଡି.ଏନ.ଏ.): କୁଚିଣ୍ଡା ଥାନା ଭୋଜପୁର ଗ୍ରାମରେ ଶୁକ୍ରବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଡକାୟତି ଉଦ୍ୟମ କରୁଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁଦାମ ବାଗ (୪୦), ଡିକା ମୁଣ୍ଡା (୩୦) ଓ ଦେବ ମୁଖି (୨୩)। ଏମାନେ ସମସ୍ତେ ସମ୍ବଲପୁର ଅଞ୍ଚଳର। ସେମାନଙ୍କ ନିକଟରୁ ଲୁହାରଡ଼, ଭୁଜାଲି, ସ୍କ୍ରୁ ଡ୍ରାଇଭର, ୩ ମୋବାଇଲ ଜବତ ହୋଇଛି। ଏ ନେଇ ଥାନାରେ ୧୨୮/୨୧ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ରେଲଓ୍ୱେ ପୋଲିସ ଜିମାରେ ଦୁଇ ନାବାଳକ

ରାଉରକେଲା ଅଫିସ୍,୧୦।୭: ରାଉରକେଲା ରେଲଓ୍ୱେ ଷ୍ଟେଶନରୁ ଶନିବାର ପୁଣି ଦୁଇ ଜଣ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଦୁଇ ନାବାଳକ ବିହାର ୱେଷ୍ଟ ଚମ୍ପାରଣ ଜିଲାର ବୋଲି ଜଣାପଡିଛି। ସୂଚନା ଅନୁସାରେ, ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ସାଉଥ ବିହାର ଏକ୍ସପ୍ରେସ ରାଉରକେଲାରେ ପହଞ୍ଚିଥିଲା। ଏଥିରେ ୨ଜଣ ନାବାଳକ ଓ ୩ଜଣ ସାବାଳକ ଓହ୍ଲାଇଥିଲେ। ବର୍ତ୍ତମାନ ଷ୍ଟେଶନରେ ସମସ୍ତ ଯାତ୍ରୀଙ୍କର କୋଭିଡ ଟେଷ୍ଟ କରାଯାଉଛି। ଏହି କ୍ରମରେ ସେମାନଙ୍କର ମଧ ଟେଷ୍ଟ କରାଯାଇଥିଲା। ସେମାନଙ୍କର ଗନ୍ତବ୍ୟସ୍ଥଳ, ଠିକଣା ଆଦି ପଚାରିବାରୁ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଗତିବିଧି ସନ୍ଦେହ ହେବାରୁ ସେମାନଙ୍କୁ ରେଲଓ୍ୱେ ପୋଲିସ ଜିମା ଦିଆଯାଇଥିଲା। ପୋଲିସ ପଚରାଉଚରା କରିବାରୁ ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ଥିବା ଜଣାପଡିଥିଲା। ସିଭିଲ ଡିଫେନ୍ସ କମ୍ପାନୀ କମାଣ୍ଡର ଶୁଭେନ୍ଦୁ ପଣ୍ଡାଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀ ପ୍ରମୋଦ ଦଳେଇ, ଅଜିତ ପ୍ରସାଦ, ପରୀକ୍ଷିତ ବେହେରା, ପ୍ରଣବେଶ ଷଡ଼ଙ୍ଗୀ ଓ ସୁବ୍ରତ ନାୟକ ପ୍ରମୁଖ ଉଦ୍ଧାର ବେଳେ ଉପସ୍ଥିତ ଥିଲେ।

### ଗୋପବନ୍ଧୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

ରାଉରକେଲା ଅଫିସ୍,୧୦।୭: ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସରେ ରାଉରକେଲାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହାସହ ଗୋପବନ୍ଧୁଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ଆଗଭର ହେବାକୁ ଆହ୍ୱାନ ଦେଇଛନ୍ତି ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ ନେତା ତଥା ସମାଜସେବୀ ଶାନ୍ତନୁ କୁସୁମ। ଗୋପବନ୍ଧୁଙ୍କ ନୀତି ଓ ଆଦର୍ଶ ବିନା ଏକ ବିକଶିତ ଓଡିଶାର ପରିକଳ୍ପନା ସମ୍ଭବ ନୁହେଁ। ତାଙ୍କ ତ୍ୟାଗ ଓ ସମର୍ପଣକୁ ସମ୍ମାନ ଦେଇ ଗୋପବନ୍ଧୁଙ୍କୁ ଭାରତରତ୍ନ ପ୍ରଦାନ କରାଯିବା ଉଚିତ ବୋଲି କୁସୁମ କହିଛନ୍ତି। ଏହି ଅବସରରେ ଭିଏଚ୍‌ପି ନେତା କୁସୁମ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଗୋପବନ୍ଧୁଙ୍କୁ ଆଜିଯାଏ ଭାରତରତ୍ନ ପ୍ରଦାନ କରା ନ ଯିବା ପରୋକ୍ଷରେ ତାଙ୍କ ପ୍ରତି ଅସମ୍ମାନ ବୋଲି ପ୍ରକାଶ କରିଛନ୍ତି। ଗୋପବନ୍ଧୁଙ୍କୁ ଭାରତରତ୍ନ ପ୍ରଦାନ ସହିତ ତାଙ୍କ ନାମରେ ଏକ ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଭିଏଚ୍‌ପି ନେତା କୁସୁମ ଦାବି କରିଛନ୍ତି।

### ଆକ୍ରମଣ ଘଟଣାରେ ଜଣେ ଗିରଫ

ବ୍ରଜରାଜନଗର,୧୦।୭(ଡି.ଏନ.ଏ.): ଓରିଏଣ୍ଟ ଥାନା ଗଜପତିନଗରର ବିପିନ ଗଣ୍ଡଙ୍କୁ ଛୁରି ସାହାଯ୍ୟରେ ଆକ୍ରମଣ ଘଟଣାରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦ୍ରଶେଖର ମିଶ୍ର। ତାଙ୍କୁ ଇନ୍ଦିରାନଗରରୁ ପୋଲିସ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି।

### ଲୁହାପଥର ଗୁଣ୍ଡ ଚୋରାଚାଲାଣ: ୬ଟ୍ରକ୍ ଜବତ, ୮ ଗିରଫ

ଦେବଗଡ଼,୧୦।୭(ଡି.ଏନ୍.ଏ): ଜାଲ୍ ପରମିଟ ଓ ଟ୍ରାନଜିଟ ପାସ୍ ତିଆରି କରି ଲୁହାପଥର ଗୁଣ୍ଡ ଚୋରାଚାଲାଣବେଳେ ଧରାପଡ଼ିଛି। ବାରକୋଟ ଥାନା ପୋଲିସ ଏଥିରେ ସମ୍ପୃକ୍ତ ୮ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଥିବାବେଳେ ୬ଟ୍ରକକୁ ଜବତ କରିଛି। ଖବର ମୁତାବକ ଶୁକ୍ରବାର ବାରକୋଟ ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବାବେଳେ ଖୁଲୁଣ୍ଡିକୁଦର ଗ୍ରାମରେ ଲୁହାପଥର ଗୁଣ୍ଡ ଚୋରାଚାଲାଣ କରାଯାଉଥିବା ଖବରପାଇ ସେଠାରେ ଚଢାଉ କରାଯାଇଥିଲା। ଏହି ସମୟରେ ଅଭିଯୁକ୍ତଙ୍କ ନିକଟରେ ଥିବା ପରମିଟ ଓ ଟ୍ରାନଜିଟ ପାସ୍ ଜାଲ୍ ଥିବା ପୋଲିସ ଜାଣିଥିଲା। ଫଳରେ ସେଠାରେ ସୁପରଭାଇଜର ଭାବେ କାମ କରୁଥିବା ସୁନ୍ଦରଗଡ଼ ଜିଲା ରାଉରକେଲା ଅଞ୍ଚଳର ରଶ୍ମିରଞ୍ଜନ କରଙ୍କ ସମେତ ଗଞ୍ଜାମ ଜିଲା ଗୋପାଳପୁର ଥାନା ପରାପାଲି ଗ୍ରାମର ଟ୍ରକ ଚାଳକ ପବିତ୍ର କୁମାର ପାଢୀ, ଗଞ୍ଜାମ ଜିଲା ତରାସିଂ ଥାନା ଗୟଣ୍ଡା ଗ୍ରାମର ଟ୍ରକ ଚାଳକ ଦୀପକ ନାୟକ, ସନାତକ ନାୟକ, ରାଜୁ ନାୟକ, ଝାଡଖଣ୍ଡ ରାଜ୍ୟ ସୋନାରିଖଡି ଥାନା ଭୋଡାଜାମୁରା ଗ୍ରାମର ଖଲୁରୁଦ୍ଦିନ ଆଂସାରି, କଟକ ଜିଲା ଜଗତପୁର ଥାନା ଭାଲୁଗ୍ରାମ ଗ୍ରାମର ଭାସ୍କର ବେହେରା, ଗଞ୍ଜାମ ଜିଲା ଆସ୍କା ଥାନା କେ.ନୁଆଁଗଡ ଗ୍ରାମର ଜିତେନ୍ଦ୍ର ବେହେରାଙ୍କୁ ଗିରଫ କରାଯାଇଛି। ଏହାସହିତ ସମ୍ପୃକ୍ତ ୬ ଟ୍ରକ ଏବଂ ଜାଲ୍ ପରମିଟ ଓ ଟ୍ରାନଜିଟ ପାସ୍ ଜବତ କରାଯାଇଛି।

# ଅଙ୍ଗନଓ୍ୱାଡି କେନ୍ଦ୍ର ନିର୍ମାଣକୁ ବିରୋଧ

ସମ୍ବଲପୁର,୧୦।୭(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପୁରୁଣା ଖିଣ୍ଡା ଗ୍ରାମରେ ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ରକୁ ନେଇ ବିବାଦ ଦେଖାଦେଇଛି। ଗ୍ରାମବାସୀ ଏହାକୁ ବିରୋଧ କରି ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ହୀରାକୁଦ ଜଳଭଣ୍ଡାର ଜମିରେ କେନ୍ଦ୍ର ନିର୍ମାଣ ହେଉଥିଲେ ହେଁ ଡ୍ୟାମ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନିଆଯାଇ ନାହିଁ। ଜଳଭଣ୍ଡାର ଜମି ଦାୟିତ୍ୱରେ ଥିବା ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ କିଭଳି ଅନୁମତି ଦେଇଥିଲେ। କୌଣସି ପ୍ରକଳ୍ପ ଆରମ୍ଭ ହେଲେ ଜମିର ନକ୍ସା ପ୍ରଥମେ ହେବା କଥା। ଏବେ କାମ ପ୍ରାୟ ୬୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଯାଇଛି। ସ୍କୁଲ ପରିସରରେ କେନ୍ଦ୍ର ନିର୍ମାଣ କରିବାକୁ ସିଡିପିଓ ସୁପାରିସ କରିଥିଲେ। ହେଲେ ବିଭାଗୀୟ ଜେଇ ଖାତିର ନ କରି ଜଣେ ଠିକାଦାରଙ୍କୁ ଆଳ କରି କାମ ଆରମ୍ଭ କରିଥିଲେ। ଜଳଭଣ୍ଡାର ଜମିର ଖାତା



ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ର।

ନଂ.୨/ପ୍ଲଟ ନଂ.୧୬୯୨/୨୪୫୨ ଖିଣ୍ଡା ମୌଜାରେ ରହିଛି। କାମ ଆରମ୍ଭରୁ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ ସୁଦ୍ଧା କାମ ବନ୍ଦ କରାଗଲା ନାହିଁ। ଯେଉଁ ସ୍ଥାନରେ କେନ୍ଦ୍ର ତିଆରି ହୋଇଛି ତା'ର ତିନିପାର୍ଶ୍ୱରେ ବର୍ଷାଦିନେ ପାଣି ଜମିଥାଏ। ପାଚେରି ନ ହେଲେ ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ରହୁଛି। ଡ୍ୟାମ୍ କର୍ତ୍ତୃପକ୍ଷ ମଧ ଜଳଭଣ୍ଡାରକୁ ସୁରକ୍ଷିତ ରଖିବାରେ ଅବହେଳା କରୁଛନ୍ତି। ଜଳଭଣ୍ଡାର ଜମି ଜବରଦଖଲ କରାଯାଉଥିବା ବେଳେ ପାଣି ଚୋରି ହେଉଛି। ଅନେକ ସମୟରେ ହୀରାକୁଦ ଜଳଭଣ୍ଡାର ଜମିରେ ଜେସିବି ଲଗାଇ ଟ୍ରାକ୍ଟର ଓ ହାଇୱା ଯୋଗେ ମାଟି ଖୋଳି ନିଆଯାଉଛି। ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ସେମାନେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବିଡିଓ ଶଙ୍କର ପ୍ରସାଦ ସାହୁ କହିଛନ୍ତି, ସ୍କୁଲ ବାଉଣ୍ଡାରି ପରିସରରେ କେନ୍ଦ୍ର ନିର୍ମାଣ ହୋଇଥିଲେ ଭଲ ହୋଇଥାନ୍ତା। ହେଲେ ପୂର୍ବରୁ ଗ୍ରାମର ସ୍କୁଲଟି ମଧ ଡ୍ୟାମ୍ ଜମିରେ

### ଜଳଭଣ୍ଡାର ଜମି ଜବରଦଖଲ ଅଭିଯୋଗ

ରହିଛି। ଜମିକୁ ନେଇ କୌଣସି ସମସ୍ୟା ନାହିଁ। ତେଣୁ ଗ୍ରାମବାସୀଙ୍କୁ ଆଲୋଚନା କରି ସମାଧାନ କରିବାକୁ କୁହାଯାଇଛି। ତତ୍କାଳୀନ ସିଡିପିଓ ଦର୍ଶନୀ ଏକ୍କା କହିଛନ୍ତି, ଦୁଇଦିନ ହେବ ମୋର ବଦଳି ହୋଇ ରିଲିଫ ମଧ ହୋଇଯାଇଛି। ଗ୍ରାମର ସ୍କୁଲ ପରିସରରେ କେନ୍ଦ୍ର ଖୋଲିବାକୁ କୁହାଯାଇଥିଲା। ଏଥିପାଇଁ ଜମି ସଫା ମଧ ହୋଇଥିଲା। ପରେ ସ୍ଥାନ ପରିବର୍ତ୍ତନ ହୋଇଗଲା। ମୁ ଥିବା ସମୟରେ ଅଭିଯୋଗ ହୋଇଥିଲା। ଏବେ ବିଡିଓ ଯାହା ନିଷ୍ପତ୍ତି ନେବେ। ସୂଚନାଯୋଗ୍ୟ, ଅଙ୍ଗନୱାଡି କେନ୍ଦ୍ର ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ ଲକ୍ଷ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରୁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କାମ ବିଭାଗୀୟ ଜରିଆରେ କରାଯାଉଛି।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୩୭୩ ମାମଲାର ଫଇସଲା



ସମ୍ବଲପୁର ଜିଲାରେ ରାଷ୍ଟ୍ରୀୟ ଲୋକଅଦାଲତ ।

ସମ୍ବଲପୁର,୧୦।୭(ବ୍ୟୁରୋ)

ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ସମ୍ବଲପୁର ଜିଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ ହୋଇଥିଲା। କୁଚିଣ୍ଡା ଓ ରେଢାଖୋଲ ସବ୍‌ଡିଭିଜନ କୋର୍ଟରେ ମଧ ଏହା ଆୟୋଜିତ ହୋଇଥିଲା। ଏଥିରେ ମୋଟ ୩୭୩ ମାମଲାର ଫଇସଲା କରାଯାଇ ଜରିମାନା ଅଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମୋଟରଯାନ ଦୁର୍ଘଟଣା ଜନିତ ୪୦ ମାମଲାରେ ୧ କୋଟି ୫୪ ଲକ୍ଷ ୯୦ ହଜାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରିବାର ସଂକ୍ରାନ୍ତୀୟ ୨ ମାମଲା, ୩୬ ଦେୱାନୀ ମାମଲାର ଫଇସଲା କରାଯାଇ ୩୩ ଲକ୍ଷ ୧୬ ହଜାର ୨୫୪ ଟଙ୍କା ଆଦାୟ କରାଯାଇଛି। ୨୫୭ ଫୌଜଦାରି ମକଦ୍ଦମା ଫଇସଲା ହୋଇଥିଲା। ୧୭ ଏନଆଇ ଆକ୍ଟ ଫଇସଲା କରାଯାଇ ୩୩ ଲକ୍ଷ ୯୪ ହଜାର ୮୯୦ ଟଙ୍କା ଆଦାୟ କରାଯାଇଛି। ଅଧ୍ୟକ୍ଷ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ଦୁର୍ଗାଶଙ୍କର ମିଶ୍ର ୧୫ ମାମଲାର ସମାଧାନ କରିଥିବାବେଳେ ୧ ଲକ୍ଷ ୮୦ ହଜାର ୮୬୭ ଟଙ୍କା ଆଦାୟ କରାଯାଇଛି। ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଅନ୍ୟାନ୍ୟ ବ୍ୟାଙ୍କ ଯୋଗଦେଇ ୬ ମାମଲାର ଫଇସଲା କରି ୨ ଲକ୍ଷ ୬୮ ହଜାର ୮୭୦ ଟଙ୍କା ଆଦାୟ ହୋଇଥିଲା। ଜିଲାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଲୋକ ଅଦାଲତ ହୋଇଥିଲା। ଜିଲାଜଜ୍ ଦ୍ୱିତୀୟ ଏମ୍‌ଏସିଟି ଜଜ୍ ଭଦ୍ରିନାରାୟଣ ନନ୍ଦ, ପ୍ରଥମ ଅତିରିକ୍ତ ବିଚାରପତି ତନ୍ମୟ କୁମାର ମହାନ୍ତି, ସିଭିଲ ଜଜ୍ ଆଲୋକ ପଣ୍ଡା, କୁଚିଣ୍ଡା ଅତିରିକ୍ତ ଜିଲାଜଜ୍ ବିକ୍ରମ ପଟ୍ଟନାୟକ, ରେଢାଖୋଲ ସିଭିଲଜଜ୍ ସିନିୟର ଡିଭିଜନ ଅପୂର୍ବା ଚୌଧୁରୀ ମକଦ୍ଦମାଗୁଡିକର ଫଇସଲା କରିଥିଲେ। ସିଭିଲ କୋର୍ଟ ରେଜିଷ୍ଟ୍ରାର ଜନକ ରାଉତଙ୍କ ତତ୍ତ୍ୱାବଧାନରେ ଲୋକଅଦାଲତ ହୋଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪୯ମାମଲା ସମାଧାନ, ୬୪ଲକ୍ଷ ଟଙ୍କା ଅସୁଲ




ଲୋକ ଅଦାଲତରେ ମାଜିଷ୍ଟ୍ରେଟ୍ ମାମଲାର ବିଚାର କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୧୦।୭

### ଝାରସୁଗୁଡ଼ାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଝାରସୁଗୁଡ଼ା ଓ ଲଖନପୁର ସିଭିଲ୍ କୋର୍ଟ ପରିସରରେ ଶନିବାର ଜିଲା ଜଜ୍ ତଥା ଜିଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ପୌରୋହିତ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ନାୟକ ୮ ମୋଟରଯାନ ଦୁର୍ଘଟଣାଜନିତ ମାମଲାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରି କ୍ଷତିପୂରଣ ବାବଦକୁ ବୀମା କମ୍ପାନୀମାନଙ୍କୁ ସମୁଦାୟ ୫୦ଲକ୍ଷ ୪୦ହଜାର ଟଙ୍କା ପ୍ରଦାନ କରିବା, ୧୯ ଫୌଜଦାରି, ୧ଗୋଟି ଚେକ୍ ବାଉନ୍ସ, ୬ଟି ଟଙ୍କା ପୁନରୁଦ୍ଧାର, ୨ଟି ବିବାହ ସମ୍ବନ୍ଧୀୟ, ୧ଟି ଅନ୍ୟାନ୍ୟ ଦେୱାନି, ୨ଟି ଅନ୍ୟାନ୍ୟ ଫୌଜଦାରି ଓ ୧୦ଟି ପ୍ରାକ୍ ମକଦ୍ଦମାର ୧୩ଲକ୍ଷ ୭୧ହଜାର ୬୮୪ଟଙ୍କାରେ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ହୋଇଛି। ସମୁଦାୟ ୬୪ଲକ୍ଷ ୧୧ହଜାର ୬୮୪ଟଙ୍କା ଅସୁଲ ହୋଇଛି। ଏଥିମଧ୍ୟରେ ବରିଷ୍ଠ ଦେୱାନି ଜଜ୍ ସ୍ୱପ୍ନାଶ୍ରୀ ନାୟକ ୧ଟି ପାରିବାରିକ କନ୍ଦଳ ମାମଲାରେ ଦମ୍ପତିଙ୍କୁ ଆପୋସ ବୁଝାମଣା ମାଧ୍ୟମରେ ମିଳାମିଶା କରାଇଥିଲେ। କନିଷ୍ଠ ଦେୱାନି ଜଜ୍ ରୋଶନୀବାଳା ସେନାପତି ୧ଟି ଦେୱାନି ମାମଲାର ଆପୋସ ବୁଝାମଣା ମାଧ୍ୟମରେ ମିଳାମିଶା କରାଇଥିଲେ। ଅତିରିକ୍ତ ଜିଲା ଓ ଦୌରାଜଜ୍ (ପୋକ୍ସୋ) ମଦନଲାଲ କେଡିଆ, ଅତିରିକ୍ତ ଜିଲା ଓ ଦୌରାଜଜ୍ ହର ପ୍ରସାଦ ପଟ୍ଟନାୟକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରଦୀପ କୁମାର ସାମଲ, ବରିଷ୍ଠ ଦେୱାନି ଜଜ୍ (ଏଲ୍‌ଆର୍) ସୁନନ୍ଦା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଦିବ୍ୟସଚୀ ବେହେରା, ଲଖନପୁର ଗ୍ରାମ ନ୍ୟାୟାଳୟ ନ୍ୟାୟାଧିକାରୀ ମୋନାଲିସା ପଣ୍ଡା, ମାଜିଷ୍ଟ୍ରେଟ୍ ତନ୍ମୟ ରଞ୍ଜନ ଦାସ, ସୁଧାଶ୍ରୀ ସୁରଝଲିଆ ଫୌଜଦାରି ମାମଲାଗୁଡିକର ଆପୋସ ସମାଧାନ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ହର ପ୍ରସାଦ ପାଢୀ ପରିଚାଳନା କରିଥିବାବେଳେ ମଧ୍ୟସ୍ଥତା କେନ୍ଦ୍ରର ମଧ୍ୟସ୍ଥି ସୁରେନ୍ଦ୍ର ମହାପାତ୍ର ଓ ଡାକେଶ୍ୱର ପାଣ୍ଡେ ଉପସ୍ଥିତ ଥିଲେ।

## ବିଜେଡି ପକ୍ଷରୁ ୪ମଶାଣି ବନ୍ଧୁଙ୍କୁ ସମ୍ବର୍ଦ୍ଧନା

ସୁନ୍ଦରଗଡ,୧୦।୭(ଡି.ଏନ.ଏ)

କରୋନା ମହାମାରୀ ସମୟରେ ନିଜ ଜୀବନକୁ ଖାତିର ନ କରି ସୁନ୍ଦରଗଡ ସହରର ୪ଜଣ ମଶାଣି ବନ୍ଧୁ ଅନେକ କରୋନା ବ୍ୟକ୍ତିଙ୍କ ମୃତଦେହ ନିଜ ଖର୍ଚ୍ଚରେ ଦାହ କରିବା ଓ ସେଥିମଧ୍ୟରୁ ଅନେକ ଅପରିଚିତ ମୃତକଙ୍କ ଅସ୍ଥିକୁ ପ୍ରୟାଗରେ ବିସର୍ଜନ କରି ଶ୍ରେଷ୍ଠ ମାନବିକତାର ପରିଚୟ ଦେଇଛନ୍ତି। ସୁନ୍ଦରଗଡ଼ ବିଜେଡି ପକ୍ଷରୁ ଏହି ୪ଜଣ ସିଦ୍ଧାନ୍ତ ପଣ୍ଡା, ଶିଶିର ବେହେରା, ମନୋଜ ତ୍ରିପାଠୀ ଓ କମଲେଶ ନାଥାନୀଙ୍କୁ ଏକ ସ୍ୱତନ୍ତ୍ର ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଯୋଗେଶ ସିଂହଙ୍କ ତତ୍ତ୍ୱାବଧାନରେ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ସେହେବାଜ ହୁସେନ, ଜିଲା ବିଜେଡି ମହିଳା ସଭାନେତ୍ରୀ ରଞ୍ଜନା ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ବିଜୁ ମହିଳା ଜନତା ଦଳର ନବ ନିଯୁକ୍ତ ରାଜ୍ୟ ସଭାନେତ୍ରୀ ରାଣୀ ପଦ୍ମିନୀଶେଖର ଦେଓ, ସୁନୀତା ବିଶ୍ୱାଳ, ଜିଲା ସଭାନେତ୍ରୀ ରଞ୍ଜନା ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କୁଞ୍ଜଲତା ଭିତ୍ରିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଜେଡି ରାଜ୍ୟ ଉପସଭାପତି ମଙ୍ଗଳା କିଷାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପୋ, ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଅତିଥି ଭାବେ ଯୋଗଦେଇଥିଲେ।

# ଏସ୍‌ଏମ୍‌ସିରେ ହେବ ଆଉ ୪ ଏମ୍‌ସିସି



ଏସ୍‌ଏମ୍‌ସିରେ ନିର୍ମାଣାଧୀନ ଏମ୍‌ସିସି ପ୍ଲାଣ୍ଟ ।

ସମ୍ବଲପୁର,୧୦।୭(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଆଉ ୪ ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ ସେଣ୍ଟର (ଏମ୍‌ସିସି) ନିର୍ମାଣ କରାଯାଉଛି। ଆସନ୍ତା ଅକ୍ଟୋବର ସୁଦ୍ଧା ଏହା କାର୍ଯ୍ୟକ୍ଷମ କରିବା ଲକ୍ଷ୍ୟ ରଖିଛି ମହାନଗର ନିଗମ। କାଇଁଶିରରେ ଗୋଟିଏ, ଲରପଙ୍କରେ ଗୋଟିଏ ଓ ଖଣ୍ଟୁଆଳରେ ୨ଟି ଏମ୍‌ସିସି ହେବ। ଏହା ସହ ଖଣ୍ଟୁଆଳରେ ୨ଟି ମେଟେରିଆଲ ରିକୋଭରି ଫ୍ୟାସିଲିଟି ସେଣ୍ଟର (ଏମ୍‌ଆର୍‌ଏଫ୍) ମଧ ନିର୍ମାଣ କରାଯାଇଛି। ୪ଟି ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ଏହା ପରିଚାଳନା ହେବ। ଫଳରେ ଏହାଦ୍ୱାରା ସେମାନେ ରୋଜଗାର ପାଇପାରିବେ ବୋଲି ଏସ୍‌ଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି, ଏସ୍‌ଏମ୍‌ସି ପକ୍ଷରୁ ପ୍ରତ୍ୟେକ ଘରୁ ସଂଗ୍ରହ ହେଉଥିବା ବର୍ଜ୍ୟବସ୍ତୁ ପୃଥକ୍ କରାଯିବ। ପରିବା ଚୋପା ଭଳି ସାମଗ୍ରୀ ପୃଥକ୍ କରି ଜୈବିକ ଖତ ତିଆରି

### ଏସ୍‌ଏଚଜି ମହିଳା ପାଇବେ ରୋଜଗାର

କରାଯିବ। ଆବର୍ଜନା ସଂଗ୍ରହର ୧୫ଦିନ ପରେ କମ୍ପୋଷ୍ଟ ତିଆରି ହୋଇଯିବ। ଖତ ବିକ୍ରି କରି ମହିଳାମାନେ ଲାଭ ପାଇପାରିବେ। ଏହି ୪ଟି ପ୍ଲାଣ୍ଟରେ ୧୧୦ ମେଟ୍ରିକ ଟନ ବର୍ଜ୍ୟବସ୍ତୁ ପ୍ରକ୍ରିୟା କରାଯାଇ ପାରିବ। ମାସକରେ ୫୫ ଟନରୁ ଅଧିକ ଜୈବିକ ଖତ ତିଆରି କରିବା ଲକ୍ଷ୍ୟ ରହିଛି। ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ୬୪ ଗାଡି ନିୟୋଜିତ କରାଯାଉଛି। ଘରକୁ ଘର ବୁଲି କର୍ମଚାରୀମାନେ ବର୍ଜ୍ୟବସ୍ତୁ ସଂଗ୍ରହ କରୁଛନ୍ତି। ପୂର୍ବରୁ ୭ଟି ଏମ୍‌ସିସି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି। ଏବେ ୪ ପ୍ଲାଣ୍ଟର ଭିତ୍ତିଭୂମି ନିର୍ମାଣ କାମ ପ୍ରାୟ ଶେଷ ପର୍ଯ୍ୟାୟରେ। ସୂଚନାଯୋଗ୍ୟ, ପ୍ଲାଷ୍ଟିକ, ଆଲୁମିନିୟମ, ଲୁହା, କାଚ ଭଳି ସାମଗ୍ରୀ ନଷ୍ଟ କରିବା ପାଇଁ ୩ ସ୍ଥାନରେ ଏମ୍‌ଆର୍‌ଏଫ୍ ପ୍ଲାଣ୍ଟ ନିର୍ମାଣ ହୋଇଛି। ସବୁ ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ରହିଛି। ଗୋଟିଏ ପ୍ଲାଣ୍ଟର ବ୍ୟୟ ଅଟକଳ ପ୍ରାୟ ୭୯ ଲକ୍ଷ ରହିଛି।

# କୋଭିଡ୍ ଆର୍ମିକୁ ନ୍ୟାଶନାଲ କରୋନା ୱାରିୟର ପୁରସ୍କାର

ଝାରସୁଗୁଡ଼ା ଅଫିସ,୧୦।୭: ଆଣ୍ଟି କରପଶନ ଅଫ୍ ଇଣ୍ଡିଆ ତରଫରୁ ରାଜ୍ୟ ନିର୍ଦ୍ଦେଶକ କେ ଈଶ୍ୱର ରାଓଙ୍କ ନେତୃତ୍ୱରେ ଝାରସୁଗୁଡ଼ା କୋଭିଡ୍ ଆର୍ମିକୁ ନ୍ୟାଶନାଲ୍ କରୋନା ୱାରିୟର ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ରାଓ କୋଭିଡ୍ ଆର୍ମିର କର୍ମକର୍ତ୍ତାଙ୍କୁ ମାନପତ୍ର ପ୍ରଦାନ କରିବା ସହ ସଙ୍ଗଠନର ନିଃସ୍ୱାର୍ଥପର ସେବାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ଅଶୋକ ଗାନ୍ଧୀ, ମନିଷ ସା, ହିମାଂଶୁ ବଡପଣ୍ଡା, ପବନ ସୁଲତାନିଆ, ପ୍ରଶା' ନନ୍ଦ ଓ ରାଜେଶ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟ ଅତିଥିଙ୍କଠାରୁ କୋଭିଡ୍ ଆର୍ମି କର୍ମକର୍ତ୍ତା ମାନପତ୍ର ଗ୍ରହଣ କରୁଛନ୍ତି।

# ଭାଜପା ପକ୍ଷରୁ ବ୍ଲକ ଘେରାଉ

କୁତ୍ରା,୧୦।୭(ଡି.ଏନ.ଏ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତାର ପ୍ରତିବାଦରେ କୁତ୍ରା ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା। ଏହି ମର୍ମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଉପରେ ଭାଜପା ଦୁର୍ନୀତିର ଅଭିଯୋଗ ଆଣିଥିଲା। ଏହି ଅବସରରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରସିଂହ ମିଞ୍ଜଙ୍କ ନେତୃତ୍ୱରେ ଜୁନାଶ ଲୁଗୁନ, ମଧୁସ୍ମିତା ରାଉତ, ପୁନମ ଲାକ୍ରା, ଗୋକୁଳାନନ୍ଦ ସାହୁ, ପୂର୍ଣଚନ୍ଦ୍ର ଏକ୍କା ପ୍ରମୁଖ ଭାଜପା କର୍ମୀମାନେ ସାମିଲ ହୋଇଥିଲେ।



ଭାଜପା କର୍ମୀଙ୍କ ପକ୍ଷରୁ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ଗ୍ରାମସଭା କରି ମାର୍କେଟ ୟାର୍ଡ ନିର୍ମାଣ କର

ରାଉରକେଲା ଅଫିସ୍,୧୦।୭

ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଭାଲୁଲତା ପଞ୍ଚାୟତର ୯ ନଂ. ୱାର୍ଡ ସ୍ଥିତ ଟ୍ରେନିଂ ସ୍କୁଲ ସମ୍ମୁଖରେ ପାନପୋଷ ନିୟନ୍ତ୍ରିତ ବଜାର କମିଟି ମାର୍କେଟ ୟାର୍ଡ ନିର୍ମାଣ ଆରମ୍ଭ ହୋଇଛି। ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ରାସ୍ତାକୁ ଲାଗି ଗୋଟିଏ ପାର୍ଶ୍ୱରେ ଟ୍ରେନିଂ ସ୍କୁଲ

### ଦାବି ଜଣାଇଲେ ଗ୍ରାମବାସୀ ଓ କଂଗ୍ରେସ ନେତା

ଥିବାବେଳେ ରାସ୍ତାର ଅପରପାର୍ଶ୍ୱରେ ଏହି ମାର୍କେଟ ୟାର୍ଡ ନିର୍ମାଣ ଆରମ୍ଭ ହୋଇଛି। ନିର୍ମାଣାଧୀନ ମାର୍କେଟ ୟାର୍ଡକୁ ଲାଗି ଏକ ପୋଖରୀ ଏବଂ ପୋଖରୀ ପାର୍ଶ୍ୱରେ ଭାଲୁଲତା ଆଶ୍ରମ ସ୍କୁଲ ରହିଛି।



ମାର୍କେଟ ୟାର୍ଡ ନିର୍ମାଣକୁ ବିରୋଧ କରି ଗ୍ରାମବାସୀ ଏକାଠି ହୋଇଛନ୍ତି ।

ଏପରି ଏକ ପରିବେଶରେ ମାର୍କେଟ ୟାର୍ଡ ନିର୍ମାଣ କରି ଉକ୍ତ ଅଞ୍ଚଳର ଶିକ୍ଷା ଓ ଶାନ୍ତିର ବାତାବରଣକୁ ନଷ୍ଟ କରିବାକୁ ଉଦ୍ୟମ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ମାର୍କେଟ ୟାର୍ଡ ପ୍ରତିଷ୍ଠା ହେଲେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ବିପନ୍ନ ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟକ ତଥା ରାଉରକେଲା ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀ ଶନିବାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି। ମାର୍କେଟ ୟାର୍ଡ ନିର୍ମାଣକୁ ଗ୍ରାମବାସୀ ସ୍ୱାଗତ କରୁଛନ୍ତି। କିନ୍ତୁ ଗ୍ରାମସଭା କରି ସ୍କୁଲ ସମ୍ମୁଖ ପରିବର୍ତ୍ତେ ବିକଳ୍ପ ସ୍ଥାନ ନିରୂପଣ କରାଯାଉ ବୋଲି ତିର୍କୀ କହିଛନ୍ତି। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ନାରୀନେତ୍ରୀ ଫିଲିସିତା ଟାରୁଆ, କଲ୍ୟାଣୀ ପୂର୍ତ୍ତି, ବିଶ୍ରା ବ୍ଲକ କଂଗ୍ରେସ ନେତା ଦେବା କେର୍କେଟା, ସନ୍ଦୀପ ଖେସ୍ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆଳୁ ଚାଷ ପାଇଁ ୫ ବର୍ଷିଆ ଯୋଜନା

ଭୁବନେଶ୍ୱର,୧୦।୭(ବ୍ୟୁରୋ)

ରାଜ୍ୟରେ ଆଳୁ ଉତ୍ପାଦନ ବଢ଼ାଇବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ଆଉ ଅଧିକ ୧୩,୬୦୦ ହେକ୍ଟର ଜମିରେ ଆଳୁଚାଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ୨୦୨୧ ଖରିଫ ଋତୁରେ ୧୪୫୦ ହେକ୍ଟର ଜମିରେ ଏବଂ ରବି ଋତୁରେ ୫ ହଜାର ହେକ୍ଟର ଜମିରେ ଆଳୁଚାଷ ହେବ। ଅନୁଗୋଳ ଜିଲାରେ ଖରିଫ ଋତୁରେ ୮୦ ହେକ୍ଟର ଜମିରେ ଆଳୁଚାଷ କରାଯାଇଛି। ସେହିପରି ବରଗଡ଼ ୨୦, ବୌଦ୍ଧ ୩୦, ଦେବଗଡ଼ ୩୦, ଗଜପତି ୫୦, ଝାରସୁଗୁଡ଼ା ୪୦, କନ୍ଧମାଳ ୨୫୦, କୋରାପୁଟ ୫୦୦, ରାୟଗଡ଼ା ୪୦, କେନ୍ଦୁଝର ୫୦, କଳାହାଣ୍ଡି ୩୦, ମାଲକାନଗିରି ୩୦, ନୟାଗଡ଼ ୫୦, ସମ୍ବଲପୁର ୧୬୦ ଏବଂ ସୁନ୍ଦରଗଡ଼ ଜିଲାର ୯୦ ହେକ୍ଟର ଜମିରେ ଆଳୁଚାଷ କରାଯିବ ବୋଲି ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଆଳୁଚାଷ ପ୍ରତି କୃଷକଙ୍କ ଆଗ୍ରହ ବଢ଼ାଇବା ସହ ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଏବଂ ଅନ୍ତର୍ଜାତୀୟ ଆଳୁ ସଂସ୍ଥା (ସିଆଇପି) ମଧ୍ୟରେ ୨୦୧୮ରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆର୍‌କେଭିୱାଇ) ସହାୟତାରେ ସିଆଇପି ପ୍ରକଳ୍ପ ୭ ଜିଲାରେ କାର୍ଯ୍ୟକାରୀ କରାଯାଉଛି। ସେହି ଜିଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ଅନୁଗୋଳ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ବାଲେଶ୍ୱର। ଏହିସବୁ ଜିଲାରେ ୨୦୧୯-୨୦ ଏବଂ ୨୦୨୦-୨୧ରେ ୪୮୦ ହେକ୍ଟର ଜମିରେ ରବି ଆଳୁ ଚାଷ କରାଯାଇଛି। ସେହିପରି କୋରାପୁଟ ଓ କନ୍ଧମାଳ ଜିଲାର ୪୦୦ ହେକ୍ଟର ଜମିରେ ଆଳୁଚାଷ କରାଯାଇଥିବା ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ ବର୍ତ୍ତମାନ ୨୬,୮୮୦ ହେକ୍ଟର ଜମିରେ ଆଳୁଚାଷ କରାଯାଉଛି। ଉତ୍ପାଦନ ବଢ଼ାଇବାକୁ ସରକାର ୨୦୧୫ରେ ଆଳୁ ମିଶନ ଆରମ୍ଭ କରିଥିଲେ। ଏହା ପୂର୍ବରୁ ରାଜ୍ୟରେ ୧୫,୮୦୫ ହେକ୍ଟର ଜମିରେ ଆଳୁଚାଷ କରାଯାଉଥିଲା। ମୋଟ ୨.୬୮ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହେଉଥିଲା। ଆଳୁ ମିଶନ କାର୍ଯ୍ୟକାରୀ ହେବା ପରଠାରୁ ଆଳୁଚାଷ ୨୫,୦୮୩ ହେକ୍ଟର ଜମିରେ ହେବାସହ ଉତ୍ପାଦନ ୩.୦୩ ଲକ୍ଷ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ଚାଷୀଙ୍କୁ ପ୍ରୋତ୍ସାହନ ଦେବା ଲାଗି ସରକାର ଆଳୁ ମିଶନରେ ରିହାତି ଓ ବଜାର ସୁବିଧା ପାଇଁ ବ୍ୟବସ୍ଥା କରିଛନ୍ତିବୋଲି ନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



- ଅଧିକ ୧୩,୬୦୦ ହେକ୍ଟର ଜମିରେ ହେବ ଚାଷ
- ଚଳିତବର୍ଷ ୧୫ ଜିଲାର ୧୪୫୦ ହେକ୍ଟରରେ ହେବ ଖରିଫ ଆଳୁ

# ୯ ବାଘଛାଲ, ୨ ଦାନ୍ତ ଜବତ: ୮ ଗିରଫ

ଭବାନୀପାଟଣା,୧୦।୭(ସ୍ୱ.ପ୍ର)



## ଆନ୍ତଃ ରାଜ୍ୟ ର୍‍ୟାକେଟ ଠାବ

- ରାଜ୍ୟ ବନ ବିଭାଗକୁ ସୂଚନା ଦେଇଥିଲା ଡବ୍ଲ୍ୟୁସିସିବି
- ମିଳିତ ଚଢ଼ାଉ ଜାରି, ଶିକାର କରାଯାଇଥିବା ସୂଚନା

କଳାହାଣ୍ଡି ଓ ନୂଆପଡ଼ା ଜିଲାରେ ସକ୍ରିୟ ଥିବା ଏକ ଆନ୍ତଃ ରାଜ୍ୟ ବାଘଛାଲ ର୍‍ୟାକେଟ୍‌କୁ ଧରିଛି ବନ ବିଭାଗ। ମଧ୍ୟପ୍ରଦେଶ ଜବଲପୁରସ୍ଥିତ ୱାଇଲ୍ଡଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ(ଡବ୍ଲ୍ୟୁସିସିବି), ଓଡ଼ିଶା ଓ ଛତିଶଗଡ଼ ବନ ବିଭାଗର ମିଳିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯ ବାଘ ଛାଲ, ୨ ଦାନ୍ତ ଜବତ କରିଥିବାବେଳେ ର୍‍ୟାକେଟ୍‌ରେ ସମ୍ପୃକ୍ତ ୭ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମ.ରାମପୁରର ମନୋଜ ବେହେରା, ନର୍ଲାର ନରୋତ୍ତମ ଭୋଇ, ବଫଲା ଗ୍ରାମର ରଙ୍ଗା ଚରଣ ଭୋଇ, ଅମାଠର କାର୍ତ୍ତିକ ରଣା, କେଙ୍ଗାଁ ଅଞ୍ଚଳର ଭୁଲିଆର ବାଗ, କୋଦଣ୍ଡ ଗୌଡ଼ ଓ ଉଆଁସୁ ଜାନୀ। ତେବେ ଜବତ ବାଘ ଛାଲରୁ ୮ କଲରାପତରିଆ ଓ ଗୋଟିଏ ମହାବଳ ବାଘର ବୋଲି ଜଣାପଡ଼ିଛି। ଏହାକୁ ପରୀକ୍ଷା ପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ)ର ଫରେନ୍‌ସିକ୍ ଲ୍ୟାବ୍‌କୁ ପଠାଯାଇଛି। ତେବେ ଏସବୁ ବାଘକୁ ଶିକାର କରାଯାଇଥିବା ଓ ଏନେଇ ଅଧିକ ତଦନ୍ତ ଚାଲିଥିବା ଜଣେ ଅଧିକାରୀ କହିଛନ୍ତି।

ବାହାର ରାଜ୍ୟର ଜଣେ ଗ୍ରାହକଙ୍କଠାରୁ ପ୍ରଥମେ ଏହି ର୍‍ୟାକେଟ୍ ସମ୍ପର୍କରେ ସୂଚନା ମିଳିଥିଲା। ଏନେଇ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ଓଡ଼ିଶା ଓ ଛତିଶଗଡ଼ ବନ ବିଭାଗକୁ ଖବର ଦିଆଯିବା ସହ ବଡ଼ଧରଣର ଚଢ଼ାଉ ପାଇଁ ଯୋଜନା ହୋଇଥିଲା। ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ଜବଲପୁରର ମୁଖ୍ୟ ବିପିନ ଚୌଧୁରୀଙ୍କ ନେତୃତ୍ୱରେ ଶୁକ୍ରବାରଠାରୁ କଳାହାଣ୍ଡି ଜିଲାରେ ମିଳିତ ଚଢ଼ାଉ ଆରମ୍ଭ ହୋଇଥିଲା। କଳାହାଣ୍ଡି ସମେତ ପଡ଼ୋଶୀ ଜିଲାର ବିଭିନ୍ନ ବନ ବିଭାଗକୁ ମଧ୍ୟ ଏଥିପାଇଁ ସଜାଗ ସହ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନୂଆପଡ଼ା ଜିଲା ଖରିଆର ବନ ବିଭାଗ ଓ କଳାହାଣ୍ଡି ଜିଲାର ମ.ରାମପୁର ବନ ବିଭାଗ ପ୍ରଥମେ ପଲମ ନିକଟରୁ ବାଇକରେ ବାଘ ଦାନ୍ତ ଚାଲାଣକୁ ଧରିଥିଲା। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତାଙ୍କ ବୟାନ ଆଧାରରେ ଅନ୍ୟ ସ୍ଥାନରେ ଚଢ଼ାଉ ହୋଇଥିଲା। ପ୍ରଥମେ ୩ଟି ଓ ପରେ ଆଉ ୬ଟି ବାଘ ଛାଲ ଜବତ ହୋଇଥିଲା। ମଦନପୁର ରାମପୁର ରେଞ୍ଜ ଅନ୍ତର୍ଗତ ବଫଲାର ରଙ୍ଗା ଚରଣ ଭୋଇଙ୍କ ଘରୁ ବାଘ ଛାଲ ଜବତ ନେଇ କଳାହାଣ୍ଡି (ଉତ୍ତର) ବନଖଣ୍ଡ ଅଧିକାରୀ ନୀତୀଶ କୁମାର ସାହୁ ସୂଚନା ଦେଇଥିବାବେଳେ କଳାହାଣ୍ଡି(ଦକ୍ଷିଣ) ବନଖଣ୍ଡର ସାଗଡ଼ା ଅଞ୍ଚଳରୁ ମଧ୍ୟ କେତେଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଗତ କିଛିମାସ ତଳେ ଛତିଶଗଡ଼ର ଗରିଆବନ୍ଦ ପୋଲିସ ଦ୍ୱାରା ମଧ୍ୟ କଳାହାଣ୍ଡିର ୪ଜଣ ବାଘଛାଲ ଚାଲାଣକାରୀ ଗିରଫ ହୋଇଥିଲେ।

# ହରିଣ ମାଂସ, ଚମଡ଼ା ସହ ବନ୍ଧୁକ ଜବତ: ୩ ଗିରଫ

ଦେବଗଡ଼/ରିଆମାଳ, ୧୦।୭(ଡି.ଏନ୍.ଏ.)



ଦେବଗଡ଼ ଜିଲା ରିଆମାଳ ବନାଞ୍ଚଳର ବୁରୁବୁଡା ଗ୍ରାମରେ ଶୁକ୍ରବାର ରାତିରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ୩ କିଲୋ ହରିଣ ମାଂସ, ଏକ ହରିଣ ମୁଣ୍ଡ, ଚମଡା ଜବତ କରାଯାଇଛି। ଶିକାରରେ ବ୍ୟବହୃତ ଏକ ଦେଶୀବନ୍ଧୁକ, ଟାଙ୍ଗିଆ ଏବଂ ପନିକି ମଧ୍ୟ ଜବତ କରାଯାଇଛି। ହରିଣ ଶିକାର ଅଭିଯୋଗରେ ବୁରୁବୁଡା ଗ୍ରାମର ମୁକ୍ତେଶ୍ୱର ନାୟକ, ବିଶିକେଶନ କିଷାନ ଓ ବିପିନ ଦାସ ପ୍ରମୁଖ ୩ ଶିକାରୀଙ୍କୁ ଗିରଫ କରାଯାଇଛି। ଶନିବାର ବନବିଭାଗ ପକ୍ଷରୁ ସେମାନଙ୍କ ବିରୋଧରେ ବନ୍ୟପ୍ରାଣୀ ଆଇନ ସମେତ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ବନବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଉପରୋକ୍ତ ୩ ଶିକାରୀ ବୁରୁବୁଡା ଗ୍ରାମ ନିକଟସ୍ଥ କଂକରଖୋଲ ଜଙ୍ଗଲରୁ ଦେଶୀବନ୍ଧୁକ ସହାୟତାରେ ଏକ ହରିଣ ଶିକାର କରିଥିଲେ। ମୁକ୍ତେଶ୍ୱର ନାୟକଙ୍କ ଘରେ ରାତିରେ ଏହାର ମାଂସ ଭାଗବଣ୍ଟା କରୁଥିଲେ। କୌଣସି ସୂତ୍ରରୁ ସୂଚନାପାଇ ଦେବଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ସେଠାରେ ଚଢାଉ ପାଇଁ ରିଆମାଳ ବନାଞ୍ଚଳ ଅଧିକାରୀ ମହେନ୍ଦ୍ର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନାଞ୍ଚଳ ଅଧିକାରୀ ସାହୁ, ରିଆମାଳ ଫରେଷ୍ଟର ତୁଷାର ପ୍ରଧାନ ଓ ଫରେଷ୍ଟଗାର୍ଡ ମିନା ପ୍ରଧାନ ସଦଳବଳ ବୁରୁବୁଡା ଗ୍ରାମରେ ମୁକ୍ତେଶ୍ୱର ନାୟକଙ୍କ ଘରେ ଚଢ଼ାଉ କରିଥିଲେ।

# ବୋଡ଼ାକୁ ଗିଳିଲା ରଣା

ଦଶରଥପୁର,୧୦।୭(ଡି.ଏନ.ଏ.)

ଜଣେ ବ୍ୟକ୍ତିଙ୍କ ଘରେ ଥିବା ବେଙ୍ଗ ଖାଇବାକୁ ଯାଇ ଦୁଇ ସାପଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ଏଥିରେ ବେଙ୍ଗର ମୃତ୍ୟୁ ହୋଇଥିବା ବେଳେ ରଣା ସାପ ବୋଡ଼ା ଗିଳିଦେଇଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ଚାଉଳିଆ ଗ୍ରାମରେ। ଶନିବାର ପୂର୍ବାହ୍ନ ୧୧ଟା ସମୟରେ ଗ୍ରାମର କୈଳାସ ପଣ୍ଡାଙ୍କ ବାସଗୃହରେ ପାଖାପାଖି ୭ଫୁଟ୍ ଲମ୍ବର ରଣା ସାପ ଓ ବୋଡ଼ା ସାପ ଏକ ବେଙ୍ଗ ଖାଇବାକୁ ଲଢ଼େଇ ଲାଗିଥିଲେ। ଉଭୟ ସାପ ଦୁଇଟି ବେଙ୍ଗକୁ ଉଭୟ ପାର୍ଶ୍ୱରୁ ଖାଇବାକୁ ଉଦ୍ୟମ କରିଥିବା ପରିବାର ଲୋକେ ଦେଖି ଭୟଭିତ ହୋଇପଡ଼ିଥିଲେ। ଖବର ଜଣାପଡ଼ିବା ପରେ ସାପ ଦେଖିବାକୁ ସେଠାରେ ସ୍ଥାନୀୟ ଲୋକଙ୍କ ସମାଗମ ବଢ଼ିଥିଲା। ଖବର ପାଇ ସ୍ନେକ୍‌ହେଲ୍ପଲାଇନ୍ ସଦସ୍ୟ ଚିତ୍ତରଞ୍ଜନ ପଣ୍ଡା ପହଞ୍ଚିଥିଲେ। ମାତ୍ର ସେତେବେଳକୁ ବେଙ୍ଗର ମୃତ୍ୟୁ ହୋଇସାରିଥିବା ବେଳେ ରଣା ସାପଟି ବୋଡ଼ା ସାପକୁ ଅର୍ଦ୍ଧାଧିକ ଗିଳି ସାରିଥିଲା। ଚିତ୍ତରଞ୍ଜନ ଚତୁରତାର ସହିତ ରଣାକୁ କରାୟତ କରିଥିଲେ। ପରେ ରଣା ସାପଟି ଗିଳିଥିବା ବୋଡ଼ାକୁ ବାହାର କରିଥିଲା। କିନ୍ତୁ ବୋଡ଼ା ସାପଟି ମରିଯାଇଥିବା ଦେଖିବାକୁ ମିଳିଛି। ତେବେ ରଣା ସାପଟିକୁ ତା'ର ପ୍ରାକୃତିକ ଆବାସସ୍ଥଳୀରେ ଛଡ଼ାଯାଇଥିବା ଜଣାପଡ଼ିଛି।



## ଖେଳ ଖବର

# କରୋନା ସଂକ୍ରମଣ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିପାରେ

ଟୋକିଓ, ୧୦।୭ (ଏପି)

ଅଲିମ୍ପିକ୍ସ ଆଉ ୨ ସପ୍ତାହରୁ କମ୍ ସମୟ ଥିବାବେଳେ ଟୋକିଓରେ ସାନି ୯୫୦ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଦୁଇ ମାସରେ ଏହା ସର୍ବାଧିକ। ଶୁକ୍ରବାର ଏହି ସଂଖ୍ୟା ୮୨୨ ରହିଥିଲା। ଅଲିମ୍ପିକ୍ସ ଜୁଲାଇ ୨୩ରୁ ଆରମ୍ଭ ହେବାକୁ ଥିବାବେଳେ ସଂକ୍ରମଣକୁ ରୋକିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଗୁରୁବାର ଷ୍ଟେଟ୍ ଅଫ୍ ଇମର୍ଜେନ୍ସି ଜାରି କରିଛନ୍ତି। ସଂକ୍ରମଣ ଯେଉଁ ଭଳି ଭାବେ ବୃଦ୍ଧି ପାଉଛି ତାହା ଯଦି ଅବ୍ୟାହତ ରୁହେ ତେବେ ଅଲିମ୍ପିକ୍ସ ବେଳକୁ ବେଳ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ସରକାର ପ୍ରଥମେ କଟକଣା କୋହଳ କରିବା ଲାଗି ସ୍ଥିର କରିଥିଲେ। ମାତ୍ର ଟୋକିଓ ଅଞ୍ଚଳରେ ଡେଲ୍‌ଟା ଷ୍ଟ୍ରେନ ଦେଖାଦେଇଛି। ଏହା ଅଧିକ ମାରାତ୍ମକ ଏବଂ ଦ୍ରୁତ ସଂକ୍ରମିତ ହୋଇଥାଏ। ଫଳରେ ସରକାର ତାଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ଚାହିଁଥିଲେ।

ବିଶେଷଜ୍ଞମାନେ ଚେତାଇ ଦେଇଛନ୍ତି ଯେ ଗ୍ରୀଷ୍ମଛୁଟି ଯୋଗୁ ଆଗାମୀ ସପ୍ତାହଗୁଡ଼ିକରେ ଦେଶବ୍ୟାପୀ ଲୋକମାନଙ୍କର ଚଳପ୍ରଚଳ ବୃଦ୍ଧି ପାଇବ। ଅଲିମ୍ପିକ୍ସ ଯୋଗୁ ବିଦେଶ ଓ ଘରୋଇ ଦର୍ଶକମାନଙ୍କୁ ଟୋକିଓ ସହରକୁ ଆକୃଷ୍ଟ କରିବ। ତେଣୁ ଜଟିଳ ପରିସ୍ଥିତି ସୃଷ୍ଟି ହୋଇପାରେ। ଅଲିମ୍ପିକ୍ସ ଅଫିସିଆଲମାନେ ଟୋକିଓ ଅଞ୍ଚଳରେ ରହିଥିବା ଅଲିମ୍ପିକ ଭେନ୍ୟୁଗୁଡ଼ିକରେ ଦର୍ଶକଙ୍କୁ ଅନୁମତି ନ ଦେବା ଲାଗି ସ୍ଥିର କରିଥିଲେ। ଜାପାନର ଅନ୍ୟ ଅଞ୍ଚଳରେ ସୀମିତ ସଂଖ୍ୟକ ଦର୍ଶକଙ୍କୁ ଅନୁମତି ଦେବା ଲାଗ ବିଚାର କରିଥିଲେ। ମାତ୍ର ହୋକାଇଦୋ ଓ ଫୁକୁଶିମା ସହର ଘୋଷଣା କରିଥିଲେ ଯେ, ସେମାନଙ୍କ ଅଞ୍ଚଳରେ ରହିଥିବା ଭେନ୍ୟୁଗୁଡ଼ିକ ରେ ଦର୍ଶକମାନଙ୍କୁ ଅନୁମତି ଦିଆଯିବ ନାହିଁ। ଫଳରେ ଏହି ଯୋଜନାକୁ ବନ୍ଦ କରିଦିଆଯାଇଥିଲା। କରୋନା ସଂକ୍ରମଣ ବୃଦ୍ଧି ପାଉଥିଲେ ମଧ୍ୟ ଜାପାନରେ କରୋନା ଟିକାକରଣ ଯୋଜନା ମନ୍ଥର ଗତିରେ ଚାଲିଛି। ଇତିମଧ୍ୟରେ ମୋଟ ଜନସଂଖ୍ୟାର ମାତ୍ର ୧୬.୮% ଲୋକ ଦୁଇ ଡୋଜ୍ ଟିକା ନେଇ ସାରିଛନ୍ତି।

## ଅଲିମ୍ପିକ୍ସକୁ ବିରୋଧ କରି ବିକ୍ଷୋଭ




ଟୋକିଓ, ୧୦।୭ (ଏପି)

ଶନିବାର ଟୋକିଓସ୍ଥିତ ଏକ ୫ ତାରକା ହୋଟେଲ ବାହାରେ ପ୍ରାୟ ୪୦ ବିକ୍ଷୋଭକାରୀ ଏକାଠି ହୋଇଥିଲେ। ଏହି ହୋଟେଲରେ ବର୍ତ୍ତମାନ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବ୍ୟାକ୍ ଅବସ୍ଥାନ କରୁଛନ୍ତି। ଟୋକିଓ ୨୦୨୦ ଗେମ୍ସ ବାତିଲ କରିବା ଲାଗି ସେମାନେ ଦାବି କରିଥିଲେ। 'ନୋ ମୋର୍ ଅଲିମ୍ପିକ୍ସ' ବୋଲି ସେମାନେ ସ୍ଲୋଗାନ ଦେଉଥିଲେ। କୋଭିଡ୍ ସମୟରେ ଟୋକିଓର ଜଣେ ୩୮ ବର୍ଷୀୟ ବାସିନ୍ଦା ଆୱାକେ ୟୋଶିଦା ତାଙ୍କ ଚାକିରି ହରାଇଛନ୍ତି। ମହାମାରୀ ସମୟରେ ଅଲିମ୍ପିକ ଆୟୋଜନ ଏବଂ ଷ୍ଟେଟ୍ ଅଫ୍ ଇମର୍ଜେନ୍ସି ଜାରି କରାଯିବାକୁ ସେ ବିରୋଧ କରିଛନ୍ତି। ଜୁଲାଇ ୨୩ରୁ ଆରମ୍ଭ ହେବାକୁଥିବା ଗେମ୍ସ ବେଳେ କରୋନା ସଂକ୍ରମଣ ବୃଦ୍ଧି ଆଶଙ୍କା କରି ଜାପାନରେ ଗୁରୁବାର ଷ୍ଟେଟ୍ ଅଫ୍ ଇମର୍ଜେନ୍ସି ଜାରି କରାଯାଇଛି।

# ଭାରତ-ଶ୍ରୀଲଙ୍କା ସିରିଜ ୧୮ରୁ

ନୂଆଦିଲ୍ଲୀ, ୧୦।୭ (ପି.ଟି.)

ଶ୍ରୀଲଙ୍କାରେ ଭାରତୀୟ ଦଳର ୬ ମ୍ୟାଚ ବିଶିଷ୍ଟ ସୀମିତ ଓଭର ସିରିଜ ଜୁଲାଇ ୧୮ରୁ ଆରମ୍ଭ ହେବ। ଘରୋଇ ଦଳ କ୍ୟାମ୍ପରେ କରୋନା ସଂକ୍ରମିତ ଦେଖିବାକୁ ମିଳିବାରୁ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବାକୁ ପଡ଼ିଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ସୂଚନା ଦେଇଛନ୍ତି। ମୂଳ କାର୍ଯ୍ୟସୂଚୀ ଅନୁସାରେ ଜୁଲାଇ ୧୩ରୁ ୩ ଅନ୍ତର୍ଜାତୀୟ ଦିନିକିଆ ସହ ସିରିଜ ଆରମ୍ଭ ହୋଇଥାନ୍ତା। ମାତ୍ର ୟୁନାଇଟେଡ୍ କିଙ୍ଗଡମ୍(ୟୁକେ) ଟୁର୍‌ରୁ ଫେରିବା ପରେ ହୋଇଥିବା କୋଭିଡ୍ ଟେଷ୍ଟରେ ଶ୍ରୀଲଙ୍କା ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱାର ଓ ଡାଟା ଅନାଲିଷ୍ଟ ଜି.ଟି. ନିରୋଶାନଙ୍କର ଫଳାଫଳ ପଜିଟିଭ୍ ଆସିଥିଲା। ଫଳରେ ଦଳର ସଦସ୍ୟମାନଙ୍କ କ୍ୱାରାଣ୍ଟାଇନ ମିଆଦ ବୃଦ୍ଧି କରିବାକୁ ହୋଇଛି। ପ୍ରଥମେ ଜୁଲାଇ ୧୭ରୁ ଆରମ୍ଭ କରିବା ଲାଗି ଆଲୋଚନା ହୋଇଥିଲା। କିନ୍ତୁ ଏହା ଜୁଲାଇ ୧୮ରୁ ଆରମ୍ଭ ହେବ ବୋଲି ଶାହା ସ୍ପଷ୍ଟ କରିଛନ୍ତ। ଫଳରେ ପ୍ରେମାଦାସ ଷ୍ଟାଡିୟମରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଜୁଲାଇ ୧୮, ୨୦ ଓ ୨୩ରେ ହେବ। ପରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଜୁଲାଇ ୨୫, ୨୭ ଓ ୨୯ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ। ଏହି ଅସାଧାରଣ ପରିସ୍ଥିତିରେ ଶ୍ରୀଲଙ୍କା କ୍ରିକେଟ (ଏସଏଲ୍‌ସି) ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପୂର୍ଣ୍ଣ ସହଯୋଗ ଲୋଡ଼ିଛି। ଶାହା କହିଛନ୍ତି, ଆମ ମେଡିକାଲ ଟିମ୍ ଏସଏଲସି ଡାକ୍ତରମାନଙ୍କ ସହ ନିୟମିତ ଯୋଗାଯୋଗରେ ରହିଛନ୍ତି। ସମସ୍ତ ପ୍ରକାର ସୁରକ୍ଷା ପ୍ରୋଟୋକଲ ଅନୁସରଣ କରାଯାଉଛି। ସିରିଜରେ ରୋମାଞ୍ଚକ କ୍ରିକେଟ ଦେଖିବାକୁ ମିଳିବ ବୋଲି ଆଶା। ସଂକଟଜନକ ପରିସ୍ଥିତିରେ ବିସିସିଆଇ ସହଯୋଗ କରୁଥିବାରୁ ଶ୍ରୀଲଙ୍କା କ୍ରିକେଟ ସମ୍ପାଦକ ଆଶଲେ ଡି' ସିଲ୍‌ଭା କୃତଜ୍ଞତା ଜ୍ଞାପନ କରିଛନ୍ତି। ସଦ୍ୟ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବ୍ୟାଟ୍ସମ୍ୟାନ ସାଣ୍ଡୁନ ୱିରାକୋଡି କରୋନା ସଂକ୍ରମିତ ହୋଇଛନ୍ତି। ୟୁକେରୁ ଫେରିଥିବା ଦଳର ସଦସ୍ୟ ନ ଥିଲେ ୱିରାକୋଡି। ଫ୍ଲାୱାର ଓ ନିରୋଶାନଙ୍କ ପଜିଟିଭ ମାମଲା ପରେ ଏହି ଦଳ ଏବେ ମଧ୍ୟ ଆଇସୋଲେଶନରେ ରହିଛି। ସଦ୍ୟ ପଜିଟିଭ ମାମଲା ଏକ ପୃଥକ୍ ବାୟୋବବଲରୁ ଆସିଛି। ଖବର ଅନୁସାରେ ୱିରାକୋଡି କଲମ୍ବୋସ୍ଥିତ ସିନାମନ ଗ୍ରାଣ୍ଡ ହୋଟେଲରେ ରହି ଏଠାରେ ଟ୍ରେନିଂ ନେଉଥିବା ୧୫ ସିନିୟର ଖେଳାଳିଙ୍କ ସହ ଥିଲେ। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଭାରତ ସିରିଜ ପୂର୍ବରୁ ଅଭ୍ୟାସ ମ୍ୟାଚ ଖେଳିବା ଲାଗି ଭାନୁକା ରାଜପାକ୍‌ସେଙ୍କ ସହ ୱିରାକୋଡି ଓ ଅନ୍ୟ ବହୁ କ୍ରିକେଟରଙ୍କୁ ଦାମ୍ବୁଲା ପଠାଯାଇଥିଲା। ଆସ୍‌ଲେ ଗୁଣରତ୍ନେ, ଆଞ୍ଜେଲୋ ପେରେରା ଓ ଭାନୁକା ରାଜପାକ୍‌ସେଙ୍କ ସମେତ ସିନାମନ ଗ୍ରାଣ୍ଡ୍‌ରେ ଅବସ୍ଥାନ କରୁଥିବା ଦଳର ସମସ୍ତ ସଦସ୍ୟ ବର୍ତ୍ତମାନ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଅନ୍ୟପକ୍ଷରେ ଦାମ୍ବୁଲାଠାରେ ଏକ ପୃଥକ୍ ବବଲରେ ୨୬ଜଣ କ୍ରିକେଟରଙ୍କୁ ନେଇ ଅନ୍ୟ ଏକ ଗ୍ରୁପ୍ ରହିଛି। ସେମାନେ ସମସ୍ତେ ସୁସ୍ଥ ଥିବା ଏସ୍‌ଏଲ୍‌ସି କହିଛି।

# ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ସର୍ବାଧିକ ମହିଳା ଶୁଟର

ନୂଆଦିଲ୍ଲୀ, ୧୦।୭(ପି.ଟି.)




ଟୋକିଓ ଅଲିମ୍ପିକ୍ସର ବ୍ୟକ୍ତିଗତ ଶୁଟିଂ ଇଭେଣ୍ଟରେ ପ୍ରଥମଥର ପାଇଁ ପୁରୁଷ ପ୍ରତିଯୋଗୀଙ୍କ ଅପେକ୍ଷା ସର୍ବାଧିକ ମହିଳା ପ୍ରତିଯୋଗୀ ଭାଗ ନେବାକୁ ଯାଉଛନ୍ତି। ମହିଳା ପ୍ରତିଯୋଗୀଙ୍କ ସଂଖ୍ୟା ୨୩୯ ଆଶା କରାଯାଉଥିବାବେଳେ ୨୦୮ ପୁରୁଷ ପ୍ରତିଯୋଗୀ ଭାଗନେବେ। ଶୁଟିଂ ଇଭେଣ୍ଟରେ ଟୋକିଓରେ ୧୦୦ ଦେଶର ପାଖାପାଖି ୩୫୬ ଆଥ୍‌ଲେଟ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଅନ୍ୟମାନେ ରିଜର୍ଭରେ ରହିବେ। ଏହା ମଧ୍ୟରେ ଭାରତର ୧୫ ଶୁଟର ସାମିଲ। ମହିଳା ୧୦ ମିଟର ଏୟାର ରାଇଫଲ ଏବଂ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସର୍ବାଧିକ ପ୍ରତିଯୋଗୀ ଏଣ୍ଟ୍ରି କରିଛନ୍ତି। ଜାପାନ ରାଜଧାନୀ ଟୋକିଓରେ ଅଲିମ୍ପିକ୍ସ ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଉତ୍ସବର ପରବର୍ତ୍ତୀ ଦିନରୁ ହିଁ ଶୁଟିଂ ଇଭେଣ୍ଟ ଆରମ୍ଭ ହୋଇଯିବ। ଏହା ୧୦ ଦିନଧରି ଚାଲିବ। ତେବେ ଏଥର ଇଭେଣ୍ଟ ସ୍ଥଳରେ ଦର୍ଶକଙ୍କୁ ପ୍ରବେଶ ଅନୁମତି ନାହିଁ। ୫ ମହାଦେଶର ୧୦୦ ନ୍ୟାଶନାଲ ଅଲିମ୍ପିକ୍ କମିଟିରୁ ୩୫୬ ଆଥଲେଟ୍ ଟୋକିଓ ଶୁଟିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି ବୋଲି ଅନ୍ତର୍ଜାତୀୟ ଶୁଟିଂ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ପକ୍ଷରୁ ପ୍ରକାଶ କରାଯାଇଛି। ମହିଳା ୧୦ ମିଟର ଏୟାର ପିସ୍ତଲରେ ସର୍ବାଧିକ ୫୩ ଏବଂ ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ୪୯ ପ୍ରତିଯୋଗୀ ସାମିଲ ଅଛନ୍ତି। ପୁରୁଷ ଇଭେଣ୍ଟ ମଧ୍ୟରେ ୧୦ ମିଟର ଏୟାର ରାଇଫଲରେ ସର୍ବାଧିକ ୪୭ ଓ ୫୦ ମିଟର ରାଇଫଲ ୩ ପୋଜିଶନରେ ୩୯ ପ୍ରତିଯୋଗୀ ଭାଗ ନେବାକୁ ଯାଉଛନ୍ତି।

ଭାରତର ୧୩ ରାଇଫଲ ଏବଂ ପିସ୍ତଲ ଶୁଟର ସମ୍ପ୍ରତି କ୍ରୋଏସିଆର ଜାଗ୍ରେବରେ ଟ୍ରେନିଂ ନେଉଛନ୍ତି। ପୁରୁଷ ସ୍କିଟ୍ ଇଭେଣ୍ଟରେ ଭାଗ ନେବାକୁ ଯାଉଥିବା ୨ ଶୁଟର ଇଟାଲୀରେ ଅଭ୍ୟାସ ଚଳାଇଛନ୍ତି। ସମସ୍ତ ଶୁଟର ଜାଗ୍ରେବ ଏବଂ ଇଟାଲୀରୁ ଚଳିତ ମାସରେ ହିଁ ଟୋକିଓ ଯିବେ। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ପ୍ରତି ଇଭେଣ୍ଟ ପାଇଁ ୨ ଜଣ ଲେଖାଏ ରିଜର୍ଭ ଖେଳାଳିଙ୍କୁ ରଖିଛି। ଭାରତୀୟ ଶୁଟରମାନେ ଏନ୍‌ଆରଏଆଇର ଅଲିମ୍ପିକ୍ କ୍ୱାଲିଫାଇଂ ପର୍ଯ୍ୟାୟରୁ ପ୍ରଦର୍ଶନ ଭିତ୍ତିରେ ଅଲିମ୍ପିକ୍ସ ଯୋଗ୍ୟତା ପାଇଛନ୍ତି। ଏହା ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରୁ ଆରମ୍ଭ ହୋଇଥିଲା। ୨୦୧୮ ବିଶ୍ୱ ଚାମ୍ପିୟନଶିପ୍, ୪ ଶୁଟିଂ ବିଶ୍ୱକପ, ୨୦୧୯ ଏସିଆନ ଚାମ୍ପିୟନଶିପ୍ ଏବଂ ଚଳିତ ବର୍ଷ ହୋଇଥିବା ଚୟନ ଟ୍ରାଏଲ-୧ ଓ ୨ରୁ ଶୁଟର ଚୟନ ହୋଇଛନ୍ତି। ଭାରତୀୟ ଦଳରେ ୭ ମହିଳା ଓ ୮ ପୁରୁଷ ଶୁଟର ସାମିଲ ରହିବେ। ଭାରତୀୟ ଶୁଟିଂ ପ୍ରତିନିଧି ଦଳ ମେ' ୧୧ରେ ଏକ ଚାର୍ଟାର୍ଡ ବିମାନରେ ଜାଗ୍ରେବ ଯାଇ ଅଲିମ୍ପିକ୍ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେଉଛନ୍ତି।

## ସଂକ୍ଷେପରେ

### ୧୨ରୁ ବିଭିନ୍ନ ସହରରେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ

**ନୂଆଦିଲ୍ଲୀ,୧୦।୭:** ଭାରତୀୟ ରେଳ ପକ୍ଷରୁ ପଶ୍ଚିମ ଭାରତର ରେଳଯାତ୍ରୀଙ୍କ ସୁବିଧାକୁ ନଜରରେ ରଖି ଗୁଜୁରାଟ, ରାଜସ୍ଥାନ ଓ ଜାମ୍ମୁକାଶ୍ମୀର ଭଳି ଅନେକ ସହରରେ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତି ନେଇଛି। ଏହି ଟ୍ରେନ ଗୁଡିକ ଜୁଲାଇ ୧୨ ତାରିଖରୁ ଚାଲିବ ବୋଲି ଜଣାପଡିଛି। ରେଳବାଇ ପକ୍ଷରୁ କୁହାଯାଇଛି ସଂକ୍ରମଣ ହ୍ରାସ ପାଉଥିବାରୁ ଏହି ସବୁ ସବୁ ରାଜ୍ୟର ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଓଖା-ଜୟପୁର-ଓଖା ଏବଂ ଭବନଗର-ଉଦାମପୁର-ଭବନଗର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଟ୍ରେନ୍ ନମ୍ବର ୦୯୫୩୭-୦୯୫୩୮, ଓଖା-ଜୟପୁର-ଓଖା ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ନମ୍ବର ୦୯୫୩୭, ସ୍ପେଶାଲ୍ ୧୨ ଜୁଲାଇରୁ ପ୍ରତି ସୋମବାର ଦିନ ୨୧.୦୦ ଘଣ୍ଟାରେ ଛାଡିବ ଏବଂ ଆସନ୍ତା ଦିନ ୧୫.୫୦ ଘଣ୍ଟା ମଧରେ ଜୟପୁରରେ ପହଞ୍ଚିବ ବୋଲି ଜଣାପଡିଛି।

### ନୂଆ ରେଳ ମନ୍ତ୍ରୀଙ୍କ ପାଇଁ ଆହ୍ୱାନ

**ନୂଆଦିଲ୍ଲୀ,୧୦।୭:** ଦେଶର ନୂଆ ରେଳମନ୍ତ୍ରୀ ଭାବେ ଅଶ୍ୱିନୀ ବେଷ୍ଣବ ଦାୟିତ୍ୱ ଗ୍ରହଣ କରିଛନ୍ତି। କରୋନା ମହାମାରୀ ଯୋଗୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଏକପ୍ରକାର ବନ୍ଦ ରହିଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ଏକ ଅସମୟରେ ସେ ରେଳ ମନ୍ତ୍ରଣାଳୟର ଦାୟିତ୍ୱ ନେଇଛନ୍ତି। ବର୍ତ୍ତମାନ ସମୟରେ ତାଙ୍କ ସାମ୍ନାରେ ଅନେକ ଆହ୍ୱାନ ରହିଛି। ଯାତ୍ରୀମାନଙ୍କୁ ପୁଣି ଟ୍ରେନ୍ ପର୍ଯ୍ୟନ୍ତ ଫେରାଇ ଆଣିବା, ଘରୋଇ ପୁଞ୍ଜିନିବେଶ ଯୋଗାଡ଼ କରିବା, ବୁଲେଟ୍ ଟ୍ରେନ୍ ପ୍ରକଳ୍ପ କାର୍ଯ୍ୟକୁ ଆଗକୁ ନେବା ଏବଂ ରେଳବାଇ ପାଖରେ ବ୍ୟବହାର ନହୋଇ ଯେଉଁ ସବୁ ଜମି ପଡ଼ିରହିଛି ସେଗୁଡ଼ିକୁ କିପରି ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ। ସେହିପରି ରେଳବାଇର ଆୟକୁ କିପରି ବଢାଇ ହେବ ସେ ନେଇ ନୂଆ ରେଳମନ୍ତ୍ରୀ କଣ ସବୁ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ରହିଲା।

# ୨୫୦୦ କୋଟିର ଧଳା ଜହର ଜବତ

**ନୂଆଦିଲ୍ଲୀ,୧୦।୭**



ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧରେ ସବୁଠାରୁ ବଡ଼ ସଫଳତା ହାସଲ କରିଛି ଦିଲ୍ଲୀ ପୁଲିସ। ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲର ଅଧିକାରୀମାନେ ଏହି ଚୋରା ଚାଲାଣର ପର୍ଦ୍ଦାଫାସ କରି ପ୍ରାୟ ୩୫୪ କେଜି ଓଜନର ହେରୋଇନ (ଧଳା ଜହର) ଜବତ କରିବାରେ ସଫଳ ହୋଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୫୦୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ ୪ ଜଣଙ୍କୁ ଗିରଫ କରିଛି। ଏହି ଅନ୍ତର୍ଜାତୀୟ ଡ୍ରଗ୍ସ ଚୋରା ଚାଲାଣ ରାକେଟ୍ ଆଫଗାନିସ୍ତାନ, ୟୁରୋପ ଓ ଭାରତର ବିଭିନ୍ନ ରାଜ୍ୟରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲା ବୋଲି ପୁଲିସ ଜାଣିବାକୁ ପାଇଛି। ଦିଲ୍ଲୀ ପୁଲିସ୍ ଏହି ଘଟଣାରେ ଆଫଗାନିସ୍ତାନର ହଜରତ ଅଲୀ, କଶ୍ମୀର ଅନନ୍ତନାଗର ରିଜୱାନ ଅହମ୍ମଦ, ପଞ୍ଜାବ ଜଲନ୍ଧରର ଗୁରଜୋତ ସିଂହ ଓ ଗୁରଦୀପ ସିଂହକୁ ଗିରଫ କରିଛି। ୩୫୪ କେଜିର ଡ୍ରଗ୍ସ ସହ ଏହାକୁ ପ୍ରସ୍ତୁତ ପାଇଁ ବ୍ୟବହାର କରାଯାଉଥିବା ପ୍ରାୟ ୧୦୦ କେଜିର କେମିକାଲ ମଧ୍ୟ ପୁଲିସ ଜବତ କରିଛି। ଏଯାଏ କେବେ ହେଲେ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ ଏତେ ପରିମାଣର ଡ୍ରଗ୍ସ ଜବତ କରି ନଥିଲା। ଦିଲ୍ଲୀ ପୁଲିସ ପାଇଁ ଏହା ପ୍ରଥମ ଘଟଣା ଓ ଦେଶର ସର୍ବବୃହତ ଧଳାଜହର ଜବତ କରାଯାଇଥିବା ସୂଚନା ମିଳିଛି। ଏହି ରାକେଟ ବିଷୟରେ ଅଧିକ ତଥ୍ୟ ହାସଲ କରିବା ପାଇଁ ଗିରଫ ବ୍ୟକ୍ତିମାନଙ୍କୁ ଅଧିକ ପଚରାଉଚରା କରାଯାଉଛି। ଏ ନେଇ ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲର ନୀରଜ ଠାକୁର କହିଛନ୍ତି ଯେ ଏହି ଅପରେସନ ପ୍ରାୟ ମାସେ ଧରି ଚାଲିଥିଲା। ଜବତ ଡ୍ରଗ୍ସ ଗୁଡ଼ିକ ଆଫଗାନିସ୍ତାନରୁ ଆସିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ଗୁଡ଼ିକୁ ମୁମ୍ବାଇରୁ ସମୁଦ୍ର ପଥରେ ଦିଲ୍ଲୀ ବିଭିନ୍ନ ଏଜେଣ୍ଟଙ୍କ ଜରିଆରେ ଅଣାଯାଇଥିଲା। ଏଠାରୁ ଏହି ଡ୍ରଗ୍ସ ଗୁଡ଼ିକ ମଧ୍ୟପ୍ରଦେଶର ଶିବପୁରୀ ଠାରେ ଥିବା ଗୋଟିଏ କାରଖାନକୁ ନିଆଯାଇଥାଆନ୍ତା। ଏହି ଡ୍ରଗ୍ସ ଗୁଡ଼ିକ ଜରି ପଟି ଓ ପେଟିରେ ରଖାଯାଇଥିଲା। ଏଗୁଡ଼ିକୁ ଲୁଚାଇ ରଖିବା ପାଇଁ ଫରିଦାବାଦରେ ଗୋଟିଏ ଘର ମଧ ଭଡ଼ା ସୂତ୍ରରେ ନିଆଯାଇଥିଲା। ଏହି ପୂରା ଘଟଣାର କିଙ୍ଗପିନ୍ ବର୍ତ୍ତମାନ ସୁଦ୍ଧା ଧରା ପଡିନାହିଁ ସେ ଆଫଗାନିସ୍ତାନରେ ରହିଛି ବୋଲି ପୁଲିସ ଜାଣିବାକୁ ପାଇଛି। ସେହିପରି ଏହି ଡ୍ରଗ୍ସ ଗୁଡ଼ିକ ମଧ ପଞ୍ଜାବର ବିଭିନ୍ନ ସ୍ଥାନକୁ ପଠାଯାଇଥାଆନ୍ତା। ଏହି କାରବାର ପଛରେ ପାକିସ୍ତାନର ବି ହାତ ରହିଛି ବୋଲି ସନ୍ଦେହ କରାଯାଉଛି। ଡ୍ରଗ୍ସ କାରବାର ପାଇଁ ଟଙ୍କା ପାକିସ୍ତାନରୁ ହିଁ ଅଭିଯୁକ୍ତଙ୍କୁ ଦିଆଯାଇଛି। ତଥାପି ଘଟଣାର ଅଧିକ ତଦନ୍ତ କରାଯାଉଥିବା ସେ କହିଛନ୍ତି।

# କ୍ଷୀର ଦର ୨ଟଙ୍କା ବଢ଼ାଇଲା ମଦର ଡେରୀ

**ଭୁବନେଶ୍ୱର,୧୦।୭**




ଦେଶରେ ଅଗ୍ରଣୀ ଦୁଗ୍ଧ ଜାତୀୟ ସାମଗ୍ରୀ ବିକ୍ରେତା ସଂସ୍ଥା ମଦର ଡାୟରୀ ପକ୍ଷରୁ କ୍ଷୀର ଲିଟର ପିଛା ୨ ଟଙ୍କା ବୃଦ୍ଧି କରାଯାଇଛି। ସଂସ୍ଥା ଏହି ଦର ଦିଲ୍ଲୀ ସମେତ ଅନ୍ୟ ସହରରେ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛି। ଏହି ନୂଆ ଦର ରବିବାର ଠାରୁ ଲାଗୁ ହେବ ବୋଲି ଜଣାପଡିଛି। ଏହା ପୂର୍ବରୁ କମ୍ପାନୀ ୨୦୧୯ ଡିସେମ୍ବର କ୍ଷୀର ଦାମ ବୃଦ୍ଧି କରିଥିଲା। ରାଜଧାନୀ ଦିଲ୍ଲୀରେ ଦୈନିକ ୩୦ ଲକ୍ଷ ଲିଟରରୁ ଅଧିକ ମଦର ଡାୟରୀ କ୍ଷୀର ବିକ୍ରି ହୋଇଥାଏ। ଏହା ପୂର୍ବରୁ ଅମୁଲ କମ୍ପାନୀ ଜୁଲାଇ ୧ ରୁ କ୍ଷୀର ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛି। ବର୍ତ୍ତମାନ ମଦର ଡାୟରୀର ଟୋନ୍ଡ୍ ମିଲ୍କ ପ୍ରତି ଲିଟର ୪୨ ଟଙ୍କାରୁ ବଢି ୪୪ ଟଙ୍କାରେ ପହଞ୍ଚିଛି। ଏହାର ଫୁଲ କ୍ରିମ୍ ମିଲ୍କ ଏକ ଲିଟରକୁ ୫୫ ରୁ ୫୭ ଟଙ୍କା ହୋଇଛି। ସେହିଭଳି ୪୭ ଟଙ୍କାରେ ମିଳୁଥିବା ଗାଈ କ୍ଷୀର ବର୍ତ୍ତମାନ ୪୯ ଟଙ୍କା ମିଳିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ମଦର ଡାୟରୀ ପକ୍ଷରୁ କୁହାଯାଇଛି ଯେ ୨୦୨୧ ଜୁଲାଇ ୧୧ ତାରିଖରୁ ଦିଲ୍ଲୀ-ଏନସିଆରରେ କ୍ଷୀର ଦାମ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିବାକୁ କମ୍ପାନୀ ନିଷ୍ପତ୍ତି ନେଇଛି। ଏହି ନୂତନ ଦର ସଂସ୍ଥାର ସମସ୍ତ ପ୍ରଡକ୍ଟ ପାଇଁ ଲାଗୁ ହେବ। ବର୍ତ୍ତମାନ ସମୟରେ କମ୍ପାନୀ ମୁଦ୍ରାସ୍ଫିତି ଚାପ ଦେଇ ଗତି କରୁଛି, ଯାହା ଗତ ବର୍ଷେ ହେଲା ଅନେକ ଗୁଣ ବଢିଯାଇଛି। କରୋନା ମହାମାରୀ ଯୋଗୁଁ କ୍ଷୀର ଉତ୍ପାଦନ ମଧ ସଙ୍କଟ ଦେଇ ଗତି ରହିଛି। ଗତ ୩-୪ ସପ୍ତାହରେ କେବଳ କ୍ଷୀର ଚାଷ ଦାମ ପ୍ରାୟ ୪% ବୃଦ୍ଧି ପାଇଛି। ଗତ ବର୍ଷେ ହେଲା କ୍ଷୀର କିଣିବାକୁ ଅଧିକ ଦେୟ ଦେବାକୁ ପଡୁଛି। ଅଧିକ ଦେୟ ଦେବା ସତ୍ତ୍ୱେ ଉପଭୋକ୍ତା ଦର ସମାନ ରଖାଯାଇଥିଲା। ଏହି ଦର ସଂଶୋଧନ ପରେ କ୍ଷୀର ଦାମରେ ୪% ସଂଶୋଧନ କରାଯାଇଛି ବୋଲି କମ୍ପାନୀ ମତବ୍ୟକ୍ତ କରିଛି।

# ୧୨ଶହ କୋଟି ଜାଲିଆତି କରି ଧରାପଡ଼ିଲା ରାମ୍କୀ

**ନୂଆଦିଲ୍ଲୀ,୧୦।୭**




ଆନ୍ଧ୍ରପ୍ରଦେଶର ଅଗ୍ରଣୀ ଘରୋଇ ସଂସ୍ଥା 'ରାମକୀ ଗ୍ରୁପ ଅଫ କମ୍ପାନୀସ' ପ୍ରାୟ ୧୨୦୦ କୋଟିର ମିଥ୍ୟା ଦସ୍ତାବିଜ ପ୍ରସ୍ତୁତ କରି ଟିକସ ଫାଙ୍କିବା ପାଇଁ ବାଟ କରିଥିଲା। ସଂସ୍ଥାର ଏଭଳି ଆଚରଣ ଯୋଗୁ ଆୟକର ବିଭାଗ ସନ୍ଦେହ ପ୍ରକଟ କରି ଘଟଣାର ସତ୍ୟାସତ୍ୟ ଜାଣିବାକୁ ଚେଷ୍ଟା କରିଥିଲା। ଆୟକର ବିଭାଗ ବିଶେଷସୂତ୍ରରୁ କିଛି ତଥ୍ୟ ସଂସ୍ଥା ସମ୍ପର୍କରେ ଜାଣିବାକୁ ପାଇଥିଲା। ଫଳରେ ବିଭାଗ ୧୫ରୁ ଊର୍ଦ୍ଧ୍ୱ ସ୍ଥାନରେ ରେଡ୍ କରିବା ଯୋଗୁ ଏହି ଗ୍ରୁପ ପ୍ରାୟ ୧୨୦୦ କୋଟି ଟଙ୍କାର ଜାଲିଆତି କରିଥିବା ଜାଣିବାକୁ ପାଇଥିଲେ। ସେହିପରି ଏହି କମ୍ପାନୀ ପ୍ରାୟ ୩୦୦ କୋଟି ଟଙ୍କାର ଆୟ ଲୁଚାଇଥିବା ମଧ ତଦନ୍ତରୁ ଜଣାପଡିଛି। ଏହି କମ୍ପାନୀ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ନିକଟମ ବ୍ୟକ୍ତି ତଥା ରାଜ୍ୟସଭା ସାଂସଦ ଅଯୋଧ୍ୟା ରାମୀ ରେଡ୍ଡୀଙ୍କ ପାରିବାରିକ କମ୍ପାନୀ ବୋଲି ଜଣାପଡିଛି। ଏହି କମ୍ପାନୀ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଛି ଏପରିକି ଓଡ଼ିଶାର ଭୁବନେଶ୍ୱର ଓ କଟକରେ ମଧ ବର୍ଜ୍ୟବସ୍ତୁ ଉଠାଇବା ଦାୟିତ୍ୱ ନେଇଛି। ରାମକୀ ନାଁ ରେ ବହୁ ଆଗରୁ ଠକେଇ ଓ ଜାଲିଆତି ଭଳି ଅଭିଯୋଗ ରହିଥିଲା। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜୁଲାଇ ୬ରେ ଆୟକର ବିଭାଗ କମ୍ପାନୀର ବିଭିନ୍ନ କାର୍ଯ୍ୟାଳୟ ଓ ଠିକଣାରେ ଚଢାଉ କରିଥିଲା। ଏହି ସମୟରେ ରାମକୀର ବିଭିନ୍ନ ଦସ୍ତାବିଜରୁ ଅନେକ ତଥ୍ୟ ମିଳିଥିଲା। ପରେ ଏହି ଦସ୍ତାବିଜରୁ ମିଳିଥିବା ଜାଲିଆତି ଓ ଆର୍ଥିକ ଠକେଇର ସମସ୍ତ ହିସାବ ଆୟକର ବିଭାଗ ପାଇଥିଲା। ଯେଉଁଥିରୁ ଜଣାପଡ଼ିଛି କି ରାମକୀ ଗ୍ରୁପ ଏମିତି ଅନେକ ଅନଲାଇନ୍ ଟ୍ରାଞ୍ଜାକସନ କରିଛି ଯାହାର ହିସାବ ନାହିଁ। ବେଆଇନ ଭାବେ ଅର୍ଥ ଟ୍ରାଞ୍ଜାକସନର କାଗଜ ପତ୍ର ବିଭାଗକୁ କମ୍ପାନୀ ଦେବାରେ ସକ୍ଷମ ହୋଇପାରିନି। ରାମକୀ ଗ୍ରୁପ ୨୦୧୮-୧୯ ଆର୍ଥିକ ବର୍ଷରେ ନିଜର କିଛି ଶେଆର ସିଙ୍ଗାପୁରର ଏକ ଘରୋଇ କମ୍ପାନୀକୁ ବିକ୍ରି କରି ସେଥିରୁ ଅଧିକରୁ ଅଧିକ ଟଙ୍କା ଲାଭ କରିଥିବା ଜଣାପଡ଼ିଛି। କମ୍ପାନୀ ମୁଖ୍ୟତଃ ଆୟକର ଫାଙ୍କିବା ପାଇଁ ନିଜର ଶେଆର କିଣା ବିକାରେ ହେରଫେର କରିଛି ବୋଲି ଆୟକର ବିଭାଗ ତଦନ୍ତରୁ ଜାଣିପାରିଛି। ପୂର୍ବରୁ କମ୍ପାନୀ ଆୟକର ବିଭାଗକୁ ଦେଖାଇଥିଲା ଯେ ୧୨୦୦ କୋଟି ଟଙ୍କାର କ୍ଷତି ହୋଇଛି। ଯାହାକି ସଠିକ୍ ନୁହେଁ ବୋଲି ଆୟକର ବିଭାଗ ସନ୍ଦେହ କରିଥିଲା। ଏହି ଘଟଣାକୁ ଗୁରୁତ୍ୱ ଦେଇ ବିଭାଗ କମ୍ପାନୀର ବିଭିନ୍ନ କାର୍ଯ୍ୟାଳୟରେ ରେଡ୍ କରିବା ପରେ ଏହା ହୃଦବୋଧ କରିଛି।

# ଏଲ୍ଆଇସିରୁ ହଟିବ ଅଧ୍ୟକ୍ଷ ପଦବୀ

**ନୂଆଦିଲ୍ଲୀ,୧୦।୭**

ଦେଶର ପ୍ରମୁଖ ବୀମା ସଂସ୍ଥା ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ରେ ଆଉ ଅଧ୍ୟକ୍ଷ ପଦ ରହିବ ନାହିଁ ବୋଲି ଚର୍ଚ୍ଚା ହେଉଛି। ବର୍ତ୍ତମାନ ନିଗମରେ କେବଳ ମୁଖ୍ୟ ନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ ପଦବୀ ରହିବ ବୋଲି କୁହାଯାଉଛି। ଏଲଆଇସିରୁ ଅଧ୍ୟକ୍ଷ ପଦବୀକୁ ବାଦ୍ ଦିଆଯିବାକୁ ନିଷ୍ପତ୍ତି ହୋଇଛି ବୋଲି ଶୁଣାଯାଉଛି। ଚଳିତ ଆର୍ଥିକ ବର୍ଷରେ ଏଲଆଇସିର ଇନିସିଆଲ ପବ୍ଲିକ ଅଫର୍ ପୂର୍ବରୁ ସରକାର ଏ ସମ୍ପର୍କରେ ରହିଥିବା ନିୟମରେ ଆବଶ୍ୟକ ପରିବର୍ତ୍ତନ କରିବେ। ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ଆର୍ଥିକ ସେବା ବିଭାଗ ପକ୍ଷରୁ ଏଭଳି ପରିବର୍ତ୍ତନ କରାଯାଇଛି। ଫଳରେ ଭାରତୀୟ ଜୀବନ ବୀମା ନିଗମ (କର୍ମଚାରୀ) ପେନସନ (ସଂଶୋଧନ) ନିୟମରେ ସଂଶୋଧନ କରାଯାଇଛି।

# ନିଯୁକ୍ତି କ୍ଷେତ୍ରରେ ସୁଧାର ଆସୁଛି

**ଭୁବନେଶ୍ୱର,୧୦।୭**

କୋଭିଡ୍ ମହାମାରୀର ୨ ଲହରରୁ ଦେଶ ମୁକ୍ତ ହେବା ଯାଉଛି । ଏହି ସମୟରେ ଏକ ଭଲ ଖବର ନଜରକୁ ଆସିଛି ବୋଲି ଘରୋଇ ସଂସ୍ଥା ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନମି (ସିଏମ୍ଆଇଇ) ପକ୍ଷରୁ କୁହାଯାଇଛି। ସଂସ୍ଥାର ସୂଚନା ମୁତାବକ ଚଳିତ ବର୍ଷ ଜୁନରେ ନିଯୁକ୍ତି କ୍ଷେତ୍ରରେ ବଡ଼ ଧରଣର ସୁଧାର ଆସିଛି। ମହାମାରୀର ଦ୍ୱିତୀୟ ଲହର ପ୍ରଭାବରେ ୨ କୋଟି ୨୭ ଲକ୍ଷ ଲୋକ ଜୀବିକା ହରାଇଥିଲେ। ହେଲେ ଗତ କିଛି ମାସ ମଧ୍ୟରେ ସେମାନଙ୍କ ମଧ୍ୟରୁ ପ୍ରାୟ ୭୮ ଲକ୍ଷ ଲୋକଙ୍କୁ ଜୁନ୍‌ରେ ପୁର୍ନବାର କାମ ମିଳିଛି। ସେମାନେ ତାଙ୍କର ଜୀବିକା ଫେରିପାଇଛନ୍ତି। ଦେଶର ଅର୍ଥନେତିକ କାର୍ଯ୍ୟକଳାପରେ ଦ୍ରୁତ ସୁଧାର ହେଉଥିବାରୁ ବେକାର ହୋଇପଡ଼ିଥିବା ଲୋକଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଉଛି ବୋଲି ସିଏମ୍ଆଇଇ କହିଛି। ଜୁନ୍‌ରେ ଅଣ-କୃଷି କ୍ଷେତ୍ର ନିଯୁକ୍ତିରେ ସୁଧାର ଘଟିଛି ବୋଲି ସିଏମ୍ଆଇଇ ସୂଚନା ଦେଇଛି। ଜୁନ୍‌ରେ ଯେଉଁ ୭୮ ଲକ୍ଷ ଲୋକ କାମଧନ୍ଦା ଫେରିପାଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ସହରାଞ୍ଚଳରେ ବସବାସ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୬୨ ଲକ୍ଷ ଲୋକ ହେଉଛନ୍ତି ବେତନଭୋଗୀ ଲୋକ। ସହରାଞ୍ଚଳରେ ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଖୁଚୁରା କାରବାର, ବୟନ ଓ ନିର୍ମାଣ କ୍ଷେତ୍ର ଆଗରେ ରହିଛି। ଖୁଚୁରା କାରବାର କ୍ଷେତ୍ରରେ ନିଯୁକ୍ତି ପରିମାଣ ୧୧.୨ ନିୟୁତ ବୃଦ୍ଧି ପାଇଥିବା ବେଳେ ନିର୍ମାଣ କାର୍ଯ୍ୟରେ ଅଧିକ ୨୨ ଲକ୍ଷ ଲୋକ ନିୟୋଜିତ ହୋଇଛନ୍ତି।

## ଫୁରସତ୍

# ପ୍ରଗତିରେ ବାଧକ ଜନସଂଖ୍ୟା ବୃଦ୍ଧି

ବଂଶବିସ୍ତାର ପ୍ରାଣୀ ଓ ଉଦ୍ଭିଦଙ୍କର ପ୍ରଧାନ କାର୍ଯ୍ୟ ମଧ୍ୟରୁ ଅନ୍ୟତମ। ଡାରୱିନ୍ ମତବାଦ ଅନୁସାରେ ପ୍ରାଣୀ ଉତ୍ତରରୁ ଉତ୍ତରୋତର ସମୃଦ୍ଧି ପାଇଛି। ବଞ୍ଚିବା ପାଇଁ ଓ ଜୀବନକୁ ସୁଗମ କରିବା ପରିବାରର ଲକ୍ଷ୍ୟ। ଆଗରୁ ସନ୍ତାନଙ୍କର ସଂଖ୍ୟା ଏକାଧିକ ଥିଲା, କ୍ରମଶଃ ଏହା ଦୁଇ ତିନି ମଧ୍ୟରେ ସୀମିତ ରହିଲା ଏବଂ ଏବେ ଏହା 'ଏକ'ରେ ସ୍ଥିର ହେବା ପାଇଁ ଯାଉଛି।

ଜନସଂଖ୍ୟା ମାନବ ଜୀବନ ଧାରଣର ମୂଲ୍ୟାୟନ କରିଥାଏ, ଏଥିନିମନ୍ତେ ଜନସଂଖ୍ୟା ଅଧ୍ୟୟନ ଓ ଅନୁଶୀଳନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏ ବିଷୟରେ ସଚେତନ କରାଇବା ପାଇଁ ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ରୂପେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି- ଅଧିକାର ଓ ଚୟନ ହେଉଛି ଏହାର ଉତ୍ତର। ଚଳିତବର୍ଷ ଜୁଲାଇ ୧ ସୁଦ୍ଧା ବିଶ୍ୱର ଜନସଂଖ୍ୟା ପାଖାପାଖି ସାତଶହ ଅଣାଅଶୀ କୋଟି ପଚାଶ ଲକ୍ଷ ଥିବାବେଳେ ଜୁଲାଇ ୨ ସୁଦ୍ଧା ଭାରତର ଜନସଂଖ୍ୟା ପାଖାପାଖି ଏକଶହ ଚାଳିଶ କୋଟି ଥିଲା। ଏହା ବିଶ୍ୱ ଜନସଂଖ୍ୟାର ୧୭.୭% ଅଟେ। ସେହିପରି ଆମ ରାଜ୍ୟର ଜନସଂଖ୍ୟା ୨୦୨୧ରେ ୪୭,୦୯୯,୨୭୦ ଅର୍ଥାତ୍ ପାଖାପାଖି ଚାରିକୋଟି ଏକସ୍ତରି ଲକ୍ଷ ଥିବା ବେଳେ ଏହା ୨୦୧୧ ଜନଗଣନା ଅନୁସାରେ ଚାରିକୋଟି କୋଡ଼ିଏ ଲକ୍ଷ ଥିଲା। ଅର୍ଥାତ୍ ଏହା ଦଶବର୍ଷରେ ବର୍ଷକୁ ୫ଲକ୍ଷ ହିସାବରେ ସମୁଦାୟ ୫୦ ଲକ୍ଷ ବୃଦ୍ଧି ପାଇଛି।




୧୮୦୪ ମସିହାରେ ପୃଥିବୀର ଜନସଂଖ୍ୟା ୧୦୦ କୋଟି ଥିଲା। ଦୀର୍ଘବର୍ଷ ପରେ ଅର୍ଥାତ୍ ୧୯୨୭ରେ ଏହା ୨୦୦ କୋଟି, ୧୯୬୦ରେ ୩୦୦ କୋଟି, ୨୦୦୦ରେ ୬୦୦ କୋଟି, ୨୪ ଏପ୍ରିଲ, ୨୦୧୭ରେ ସାଢ଼େ ୭୦୦ କୋଟି ଏବଂ ବର୍ତ୍ତମାନ ୭୮୦ କୋଟିରେ ପହଞ୍ଚିଛି। ବର୍ତ୍ତମାନ ହାରରେ ବୃଦ୍ଧି ପାଇଲେ ଏହା ଆଗାମୀ ୨୦୨୫ରେ ୮୧୮ କୋଟି, ୨୦୩୦ରେ ୮୫୯ କୋଟି, ୨୦୩୫ରେ ୮୮୯ କୋଟି, ୨୦୪୦ରେ ୯୨୦ କୋଟି, ୨୦୪୫ରେ ୯୪୮କୋଟି ଓ ୨୦୫୦ରେ ୯୭୪ କୋଟିରେ ପହଞ୍ଚିବ।

### ଆଜି ବିଶ୍ୱ ଜନସଂଖ୍ୟା ଦିବସ

୧୯୮୭ ଜୁଲାଇ ୧୧ ତାରିଖରେ ବିଶ୍ୱର ଜନସଂଖ୍ୟା ୫୦୦ କୋଟିରେ ପହଞ୍ଚିଥିଲା। ତେଣୁ ସେହି ଦିନଟିକୁ ବିଶ୍ୱ ଜନସଂଖ୍ୟା ଦିବସ ରୂପେ ପାଳନ କରାଯାଉଛି। ଏହା ଜନସଂଖ୍ୟା ବୃଦ୍ଧି ଯୋଗୁ ହେଉଥିବା ସମସ୍ୟା ବିଷୟରେ ସଚେତନତା ସୃଷ୍ଟି ପାଇଁ ଉଦ୍ଦିଷ୍ଟ। ପୃଥିବୀରେ ଗଚ୍ଛିତ ବିଭିନ୍ନ ବୈଭବ୍ୟ ଓ କଞ୍ଚାମାଲ କ୍ରମଶଃ ସରି ଆସୁଥିବାରୁ ଆଗକୁ ଏହା ଗୁରୁତର ସମସ୍ୟା ସୃଷ୍ଟି କରିବ। ଜନସଂଖ୍ୟା ବୃଦ୍ଧି ମଧ୍ୟ ରାଷ୍ଟ୍ରର ସାମୂହିକ ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ବାରମ୍ବାର ଗର୍ଭଧାରଣ ଦ୍ୱାରା ମହିଳାଙ୍କର ସ୍ୱାସ୍ଥ୍ୟହାନି, ବିଭିନ୍ନ ରୋଗ ଓ ଏପରିକି ଅସମୟ ମୃତ୍ୟୁ ମଧ୍ୟ ହୋଇଥାଏ। ଜନସଂଖ୍ୟା ବୃଦ୍ଧି ସମାଜରେ ଜଘନ୍ୟ ଅପରାଧର ଅନ୍ୟତମ ପ୍ରମୁଖ କାରଣ। ସେହିପରି ସମସ୍ତଙ୍କୁ ନିରାପଦ ପାନୀୟ ଜଳ, ଶୁଦ୍ଧ ବାୟୁ, ଗମନାଗମନ ପାଇଁ ନିରାପଦ ରାସ୍ତା, ରହିବା ପାଇଁ ଘର, ଖାଇବା ଲାଗି ଉପଯୁକ୍ତ ଖାଦ୍ୟ ଯୋଗାଣ ବାଧାପ୍ରାପ୍ତ ହୋଇଥାଏ।

ଆମ ଦେଶ ଜନସଂଖ୍ୟା ଦୃଷ୍ଟିରୁ ୧,୩୮୮,୭୧୨,୫୭୦ ଜନସଂଖ୍ୟା ଥାଇ ଚାଇନା (୧,୪୪୨,୮୫୭,୧୩୮) ପରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ହାରରେ ଜନସଂଖ୍ୟା ବୃଦ୍ଧି ପାଇଲେ ଭାରତ ଆଗାମୀ ଦିନରେ ଚାଇନାକୁ ଟପିଯିବ। ବିଶ୍ୱର ୩୧% ଲୋକ ଖ୍ରୀଷ୍ଟିଆନ୍ ଓ ୨୩% ଲୋକ ମୁସଲିମ୍ ଅଟନ୍ତି। ପ୍ରତିବର୍ଷ ପୃଥିବୀରୁ ୯୦,୦୦୦ କୋଟି ଟନର କଞ୍ଚାମାଲ ଓ ପଦାର୍ଥ ଉପଯୋଗ (ଖର୍ଚ୍ଚ) କରାଯାଉଛି। ତେଣୁ ଏହା ଶେଷ ହେବା ପାଇଁ ବହୁ ସମୟ ଲାଗିବ ନାହିଁ। ଏଥିନିମନ୍ତେ ଆମେ ସମସ୍ତେ ସଚେତନ ହେବା ଆବଶ୍ୟକ।

**- ଡାଃ. ରାମଚନ୍ଦ୍ର ରାଉତ**
ନିର୍ଦ୍ଦେଶକ,ରାଜ୍ୟ ସ୍ୱାସ୍ଥ୍ୟ ଇଣ୍ଟେଲିଜେନ୍ସ ଓ ପରିସଂଖ୍ୟାନ, ମୋ : ୯୪୩୭୭୪୨୪୯୯

# ୨୨ ମିନିଟ୍‌ରେ ଖାଇଲେ ୫୦ ଚିଲି ଡଗ୍

**ୱାଶିଂଟନ:** ଆମେରିକାର ପଶ୍ଚିମ ମିଶିଗାନ ସହରର ଜଣେ ମହିଳାଙ୍କ ଖାଦ୍ୟ ପ୍ରତି ଏତେ ରୁଚି ଯେ, ଶୁଣିଲେ ଆଶ୍ଚର୍ଯ୍ୟ ହେବେ। ଏହି ମହିଳା ଜଣକ ମାତ୍ର ୨୨ ମିନିଟ୍‌ରେ ୫୦ ହଟ ଚିଲି ଡଗ୍ ଖାଇ ରେକର୍ଡ ସୃଷ୍ଟି କରିଛନ୍ତି। ମୌଲୀ ଶୁୟଲର ନାମକ ଏହି ମହିଳା ବୁଧବାର ରକଫୋର୍ଡର 'ଦ କର୍ନର'ରେ ଖାଇବା ଆରମ୍ଭ କରିଥିଲେ। ସେ ଏମିତି ଖାଇଥିଲେ ଯେ, ଏଠାରେ ଅନ୍ୟ ଗ୍ରାହକମାନେ ନିଜ ଖାଇବା ଛାଡ଼ି ମୌଲୀଙ୍କୁ ଦେଖୁଥିଲେ। ମୌଲୀ ଖାଇବା ପରେ କହିଛନ୍ତି, ଏହା ତାଙ୍କର ପ୍ରଥମ ଥର ନୁହେଁ, ପୂର୍ବରୁ ସେ ମାତ୍ର ୧୯ ମିନିଟ୍‌ରେ ୪୪ଟି ହଟ ଡଗ୍ ଖାଇଥିଲେ। ଖାଇବା ବାଢୁଥିବା କରୁଥିବା ଲିସା ପାବୋ କହିଛନ୍ତି, ପ୍ରଥମେ ମୌଲୀଙ୍କୁ ସେ ୬ଟି ହଟ ଡଗ୍ ଦେଇଥିଲେ। ପରେ ସେ ୨୨ ମିନିଟ୍‌ରେ ପ୍ରାୟ ୫୦ଟି ଚିଲି ହଟ ଡଗ୍ ଖାଇ ଶେଷ କରିଥିଲେ।




30th BIRTHDAY
DAKTAR MAHAR
AT-Po.-Sunalarambha.
P.S-Bheden Dist-Bargarh
Congratulations to me on my 30th birthday! It's a new phase of life and I wish, I become successful in every way and may fulfill my responsibilities toward my family and my country.
D-



ଧ-୨୧୦୫୬


# ଟ୍ରୋଲ୍ ହେଲେ ଆଲିଆ



ଆଲିଆ ଭଟ୍ଟ

**ମୁମ୍ବାଇ:** ଦୀର୍ଘ ଦୁଇବର୍ଷ ହେବ ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ନିଜର ଫ୍ୟାଶନକୁ ନେଇ ଟ୍ରୋଲଙ୍କ ଟାର୍ଗେଟରେ ରହୁଛନ୍ତି। ଆଉଟ୍‌ଫିଟ୍ ସହ ନିଜର ଅପରିପକ୍ୱ ମନ୍ତବ୍ୟକୁ ନେଇ ୟୁଜର୍ସ ତାଙ୍କୁ ଅନେକଥର ଟ୍ରୋଲ କରିଥିବା ଦେଖାଯାସିଛି। ପୂର୍ବରୁ ଆଲିଆ ଫ୍ୟାଶନକୁ ନେଇ ଅନେକ ପରୀକ୍ଷା କରିଥିବା ନଜର ଆସିଛନ୍ତି। ଏବେ ପ୍ରଶଂସକ ତାଙ୍କ ଆଉଟ୍‌ଫିଟ୍ ଦେଖି ତାଙ୍କୁ ଟ୍ରୋଲ କରିବାକୁ ପଛେଇନାହାନ୍ତି। ସେ ଏକ ଟ୍ରାନ୍ସପରେଣ୍ଟ ଡ୍ରେସ୍ ପିନ୍ଧିଥିବାରୁ ଅନେକ ୟୁଜର୍ସ ଏ ଉପରେ କମେଣ୍ଟ କରିଛନ୍ତି। ନିକଟରେ ଆଲିଆ ହଲିଉଡ୍ ଏଜେନ୍ସି ଡବ୍ଲ୍ୟୁଏମ୍ଇ ସହ ସାଇନ୍ କରିବାକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ତେଣୁ ଖୁବ୍‌ଶୀଘ୍ର ତାଙ୍କୁ ହଲିଉଡ୍ ପ୍ରୋଜେକ୍ଟରେ ଦେଖିବାକୁ ମିଳିପାରେ ବୋଲି କୁହାଯାଉଛି। ଏବେ ଆଲିଆଙ୍କ ହାତରେ ଗଙ୍ଗୁବାଈ କାଠିଆୱାଡ଼ି, ସଞ୍ଜୟ ଲୀଳା ଭଁସାଲିଙ୍କ ବ୍ରହ୍ମାସ୍ତ୍ର, ଏସ୍ଏସ୍ ରାଜାମୌଳିଙ୍କ ଆର୍ଆର୍ଆର୍ ଫିଲ୍ମ ରହିଛି। ଏହାବାଦ୍ ଶାହରୁଖ୍ ଖାନଙ୍କ ରେଡ୍ ଚିଲିସ୍ ଏଣ୍ଟରଟେନମେଣ୍ଟ ସହ ଫିଲ୍ମ 'ଡାର୍ଲିଙ୍ଗ୍‌ସ'ର ସହ-ପ୍ରଯୋଜନା ଦାୟିତ୍ୱ ତୁଲାଉଛନ୍ତି। ଏଥିରେ ସେ ଅଭିନୟ ମଧ୍ୟ କରୁଛନ୍ତି। ନିକଟରେ ଫିଲ୍ମ 'ଆର୍ଆର୍ଆର୍'ର ଫାଷ୍ଟ ଲୁକ୍ ଆଲିଆ ସୋସିଆଲ ମିଡିଆରେ ଶେୟାର କରିଥିଲେ। ପାରମ୍ପରିକ ବେଶଭୂଷାରେ ଆଲିଆଙ୍କ ନିଆରା ଲୁକ୍ ଏଥିରେ ଦେଖିବାକୁ ମିଳିଛି।

# ସୋଲାର ସାଇକେଲ

**ଚେନ୍ନାଇ:** ଆବଶ୍ୟକତା ହିଁ ନୂଆ ନୂଆ ଉଦ୍ଭାବନର ଜନନୀ। ଏକଥା ସମସ୍ତେ ଜାଣନ୍ତି ଯେ, ସମସ୍ୟା ଆସିଲେ ହିଁ ସମାଧାନର ଉପାୟ ବାହାର କରିବା ପାଇଁ ପ୍ରବଳ ଉଦ୍ୟମ ହୋଇଥାଏ। ଏହାର ଏକ ପ୍ରମାଣ ହେଉଛନ୍ତି ଧନୁଷ୍ କୁମାର। ସାଇକେଲକୁ ସୌର ଶକ୍ତିଚାଳିତ ବାଇକ୍ ଭଳି ରୂପ ଦେଇ ଏବେ ସେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟି ଯାଇଛନ୍ତି।



ତାମିଲନାଡୁ ମଦୁରାଇ କଲେଜର ଛାତ୍ର ହେଉଛନ୍ତି ଧନୁଷ୍ କୁମାର। ପେଟ୍ରୋଲ, ଡିଜେଲର ମୂଲ୍ୟ ବହୁତ ବଢ଼ି ଚାଲିଥିବାରୁ ଏବେ ତା'ର ଏକ ବିକଳ୍ପ ଚିନ୍ତା କରି ଧନୁଷ୍ ଏଭଳି ସାଇକେଲ ନିର୍ମାଣ କରିଛନ୍ତି। ଏଥିରେ ଇଲେକ୍ଟ୍ରିକ୍ ଚାର୍ଜିଂ ସିଷ୍ଟମ ମଧ୍ୟ ରହିଛି। ସୋଲାର ପ୍ୟାନେଲ ମାଧ୍ୟମରେ ଏହା ଏକାଥରକେ ୫୦ କିଲୋମିଟର ଚାଲିପାରିବ। ଇଲେକ୍ଟ୍ରି ଚାର୍ଜ କମିଗଲା ପରେ ବି ସାଇକେଲଟି ୨୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ। ସାଇକେଲର ବ୍ୟାଟେରି ଥରେ ଚାର୍ଜ ହେବା ପାଇଁ ମାତ୍ର ୧ ଟଙ୍କା ୫୦ ପଇସାର ବିଦ୍ୟୁତ୍ ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି। ପେଟ୍ରୋଲ ଦାମ୍ ବୃଦ୍ଧି ହେଉଥିବାରୁ ଏବେ ଏହି ସାଇକେଲ ଏକ ସୁନ୍ଦର ବିକଳ୍ପ ହୋଇପାରିବ ବୋଲି ଧନୁଷ୍ ଟୁଇଟର ପୋଷ୍ଟରେ କହିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



GALAXY TOWER COMPANY
ଭାରତ ସରକାର ଦ୍ୱାରା ସ୍ୱୀକୃତିପ୍ରାପ୍ତ ନିଜ ଛାତ, ଜମି, କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ।
ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ
Advance : 60 Lakh
ଭଡା : ୪୫,୦୦୦/- ମାସିକ, ଚାକିରି, ଦରମା : ୨୦,୦୦୦/- (PF+ESI) +ଏକ ବାଇକ
7589604782
8004034927

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ



ବ୍ୟବସାୟ, ପ୍ରେମବିବାହ, ଗୃହକ୍ଳେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବର୍ଷା ଆଉ ମୋବାଇଲ୍ ଫୋନ୍







ବର୍ତ୍ତମାନ ପ୍ରତିଟି ସମୟରେ ପ୍ରାୟ ସଭିଙ୍କ ହାତରେ ମୋବାଇଲ୍ ଫୋନ୍ ଦେଖିବାକୁ ମିଳୁଛି। ହେଲେ ଏହାର ବହୁଳ ବ୍ୟବହାର ହେଉ କିମ୍ବା କେଉଁ ସମୟରେ ଏହାର ବ୍ୟବହାର ବିପଦପୂର୍ଣ୍ଣ ହୋଇପାରେ ସେ ଦିଗରେ ଅନେକେ ସଚେତନ ହେଉନାହାନ୍ତି। ଉଦାହରଣ ସ୍ୱରୂପ, ଆମେ ବର୍ଷା ସମୟକୁ ନେଇପାରିବା। ଏହି ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ଦ୍ୱାରା ପାଣି ସଂସ୍ପର୍ଶରେ ଆସି ନଷ୍ଟ ହୋଇଯିବା ସହ ବିଜୁଳି, ଘଡ଼ଘଡ଼ି ସଂସ୍ପର୍ଶରେ ଆସିବା ଦ୍ୱାରା ବିଭିନ୍ନ ଅଘଟଣ ଘଟୁଥିବାର ନଜିର ରହିଛି। ତେଣୁ ବର୍ଷା ବେଳେ ମୋବାଇଲ୍ ବ୍ୟବହାରକୁ ନେଇ ବିଭିନ୍ନ ସତର୍କତା ଅବଲମ୍ବନ କରିବା ଆବଶ୍ୟକ......

➔ଅନେକଙ୍କ ମନରେ ଏକ ଭ୍ରାନ୍ତ ଧାରଣା ଥାଏ ଯେ, ବର୍ଷା ବେଳେ ବାହାରେ ଠିଆ ହୋଇ କଥା ହେଲେ ମୋବାଇଲ ଓଦା ହୋଇ ନଷ୍ଟ ହୋଇଥାଏ। ତେଣୁ ଘର ଭିତରେ କିମ୍ବା ବନ୍ଦ ଗାଡି ଭିତରେ କଥା ହେବା ନିରାପଦ। ହେଲେ ଘଡଘଡି ବିଜୁଳି ସହ ବର୍ଷା ହେଉଥିଲେ ବିଜୁଳି କରେଣ୍ଟ ସଂସ୍ପର୍ଶରେ ଆସି ମୋବାଇଲ ଫାଟିବା କିମ୍ବା ବ୍ୟବହୃତାଙ୍କ କାନର ଅଡିଓ ସେନ୍ସୋରି ନର୍ଭସ୍ ସିଷ୍ଟମ ଖରାପ ହୋଇ ସାରା ଜୀବନ ଲାଗି ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ରହିଛି। କେବଳ ଏତିକି ନୁହେଁ, ଏହା ଯୋଗୁ ଅନେକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ହାନି ହୋଇଥିବାର ବି ନଜିର ରହିଛି। ତେଣୁ ବର୍ଷା ସମୟରେ ମୋବାଇଲ୍ ବ୍ୟବହାରଠାରୁ ନିବୃତ୍ତ ରହିବା ବୁଦ୍ଧିମତ୍ତାର କାର୍ଯ୍ୟ।

➔ଘଡ଼ଘଡ଼ି, ବିଜୁଳି ମାରୁଥିବା ସମୟରେ ଇୟର କିମ୍ବା ହେଡ୍ ଫୋନ୍ ଲଗାଇ କଥା ହେଲେ କିଛି ଅସୁବିଧା ନାହିଁ ବୋଲି ଅନେକେ ଭାବନ୍ତି ଏବଂ ଏହି ଭୁଲ କରନ୍ତି ମଧ୍ୟ। ହେଲେ ଏହା ମଧ୍ୟ ସେତିକି ବିପଦପୂର୍ଣ୍ଣ। ତେଣୁ ଏ ସମୟରେ ଆଦୌ ମୋବାଇଲ୍ ବ୍ୟବହାର କରନ୍ତୁ ନାହିଁ। ନିହାତି ଜରୁରିକାଳୀନ ଏହାକୁ ସିଧାସଳଖ କାନରେ ନ ଲଗାଇ ହ୍ୟାଣ୍ଡ୍ସ ଫ୍ରି ମୋଡ୍‌ରେ ରଖି ବ୍ୟବହାର କରନ୍ତୁ। ଏହାଦ୍ୱାରା ହାତରେ ଲାଗିଥିବା ପାଣି ଲାଗି ମୋବାଇଲ୍ ଓଦା ହେବାର ଆଶଙ୍କା ରହିବ ନାହିଁ।

➔ବାହାରେ ଠିଆ ହୋଇ କଥା ହେଉଥିବା ବେଳେ ହଠାତ୍ ବର୍ଷା ହେଲେ ଯଥାଶୀଘ୍ର କଲ୍ ବନ୍ଦ କରିଦିଅନ୍ତୁ। ପାଣି ମୋବାଇଲ ଭିତରକୁ ନ ଯିବା ପୂର୍ବରୁ ସଙ୍ଗେ ସଙ୍ଗେ ତାହାର ବ୍ୟାଟେରି କାଢ଼ି ଶୁଖାନ୍ତୁ। ନଚେତ୍ ବ୍ୟାଟେରି ବ୍ଲାଷ୍ଟ ହେବାର ଆଶଙ୍କା ବଢ଼ିପାରେ। ସେହିପରି ଅନେକେ ମୋବାଇଲ ଓଦା ହୋଇଗଲେ ତାହାକୁ ହେୟାର ଡ୍ରାୟର ସାହାଯ୍ୟରେ ଶୁଖାଇଥାନ୍ତି। ହେଲେ ଏପରି କରିବା ବିପଦପୂର୍ଣ୍ଣ ହୋଇପାରେ। ତେଣୁ କୌଣସି ଅଘଟଣ ଘଟିବା ପୂର୍ବରୁ ସତର୍କ ହୁଅନ୍ତୁ।

➔ଓଦା ଫୋନ୍‌କୁ ଚାର୍ଜରେ ବସାଇବା ଦ୍ୱାରା ଶର୍ଟ ସର୍କିଟ ହେବାର ଆଶଙ୍କା ରହିଥାଏ। ଏହାଦ୍ୱାରା ଫୋନ ସମ୍ପୂର୍ଣ୍ଣ ଖରାପ ହୋଇଯାଇପାରେ। ବିଶେଷକରି ଘଡ଼ଘଡ଼ି ମାରୁଥିବା ସମୟରେ ଆଦୌ ଫୋନ୍ ଚାର୍ଜ କରନ୍ତୁ ନାହିଁ।

➔ବର୍ତ୍ତମାନ ବିଭିନ୍ନ ସମୟରେ ସେଲ୍ଫି ନେବା, ଭିଡିଓ କରିବା, ବିଶେଷକରି ଲାଇଭ୍ ଭିଡିଓ କରିବା ଯେମିତି ଏକ ଟ୍ରେଣ୍ଡ୍ ପାଲଟି ଗଲାଣି। ହେଲେ ଘଡ଼ଘଡ଼ି ସହ ବର୍ଷା ହେଉଥିବା ସମୟରେ ଏଭଳି ଭୁଲ ଯୋଗୁ ଅନେକ ଅଘଟଣ ଘଟିଥିବାର ନଜିର ରହିଛି। ସୁସ୍ଥ ଏବଂ ନିରାପଦ ଭାବେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ଲାଗି ଏଥିପ୍ରତି ବିଶେଷ ଭାବେ ସଜାଗ ରହିବା ଦରକାର।

**ଦିନ ହେଉ ବା ରାତି, ଖାଇବା ବେଳେ ହେଉ ବା ଶୋଇବା ବେଳେ, ଏବେ ଯାହା ସର୍ବଦା ପାଖେ ପାଖେ ରହୁଛି, ତାହା ହେଉଛି ମୋବାଇଲ୍ ଫୋନ୍। ତେବେ କେବଳ ଜରୁରୀ କାର୍ଯ୍ୟ ଲାଗି ନୁହେଁ, ଏହାର ବ୍ୟବହାର ଅନେକଙ୍କ ଲାଗି ଏକ ନିଶା ପାଲଟିଛି। ଏମିତିକି ପ୍ରବଳ ବର୍ଷା ବେଳେ ମଧ୍ୟ ଅନେକଙ୍କ ହାତରୁ ଅଲଗା ହେଉନି ଫୋନ୍, ଆଉ ଏହି ନିଶା ହିଁ ବିଭିନ୍ନ ଅଘଟଣର କାରଣ ସାଜୁଛି ସେ ଦିଗରେ ସେମାନେ ସଚେତନ ନୁହନ୍ତି...**

### କ'ଣ କହନ୍ତି ଏମାନେ...



ଅମରେନ୍ଦ୍ର

**ଅମରେନ୍ଦ୍ର ପ୍ରସାଦ ଦାସ** ( ଅରିଲୋ, କଟକ)– ଆଜିର ଦିନରେ ସ୍ମାର୍ଟଫୋନ୍ ବ୍ୟବହାର ଆମ ପାଇଁ ଯେତେ ସୁବିଧାଜନକ, ଏଥିରେ ସାମାନ୍ୟ ଅସାବଧାନତା ସେତିକି ବିପଦପୂର୍ଣ୍ଣ ମଧ୍ୟ। କାରଣ ଏହାକୁ ନେଇ ଏକ ଘଟଣା ମୋତେ ଖୁବ୍ ଭୟଭୀତ କରିଥିଲା। ଦୁଇ ବର୍ଷ ତଳର ଘଟଣା। ଖୁବ୍ ଜୋର୍ ବର୍ଷା ସମୟରେ ରାସ୍ତା ପାଖରେ ଏକ ଦୋକାନରେ ଫୋନ୍‌ରେ କଥା ହେଉଥିଲି। ଅନ୍ୟମାନେ ବି କଥା ହେଉଥିଲେ। ହଠାତ୍ ପାଖରେ ଖୁବ୍ ଜୋର୍‌ରେ ଶବ୍ଦ ହେବାରୁ ସମସ୍ତେ ଦୌଡ଼ିଯାଇ ଦେଖୁ ତ ଜଣେ ବ୍ୟକ୍ତି ତଳେ ପଡ଼ି ଚିତ୍କାର କରୁଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନେବା ପରେ ଜାଣିଲୁ ଘଡ଼ଘଡ଼ି ମାରି ମୋବାଇଲ୍ ଫାଟିବା ସହ ତାଙ୍କ କାନ ମଧ୍ୟ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ସେବେଠୁ ବର୍ଷା, ଘଡ଼ଘଡ଼ି ଦେଖିଲେ ଫୋନ୍ ସ୍ୱିଚ୍ ଅଫ୍ କରିଦିଏ। ଅନ୍ୟମାନଙ୍କୁ ମଧ୍ୟ ଏ ଦିଗରେ ସଚେତନ କରେ।



ସୋନାଲି

**ସୋନାଲି ଗୌଡ଼** (ଛାତ୍ରୀ, କୁଞ୍ଜବିହାରୀ ଡିଗ୍ରୀ କଲେଜ, ବାରଙ୍ଗ କଟକ)– ମୋବାଇଲ୍ ଫୋନ୍ ଏବେ ପାଠ ପଢାଠୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ଲାଗି ବେଶ୍ ଆବଶ୍ୟକ ହେଉଛି। ତେଣୁ ଏହା ବିନା ଗୋଟିଏ ଦିନ ବି ରହିବା ମୁସ୍କିଲ୍। ହେଲେ ଏହାର ଅର୍ଥ ନୁହେଁ ମୋବାଇଲ୍ ବ୍ୟବହାର ଆଳରେ ବିପଦକୁ ନିମନ୍ତ୍ରଣ କରିବା। ତେଣୁ ଏହାକୁ ବ୍ୟବହାର କରିବା ବେଳେ କେତେକ କଥା ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ବିଶେଷକରି ପ୍ରବଳ ବର୍ଷାରେ ଘଡ଼ଘଡ଼ି, ବିଜୁଳି ମାରୁଥିଲେ ମୋବାଇଲ୍ ଫୋନ୍‌ରେ କଥା ନ ହେବା, ଚାର୍ଜ ନ କରିବା ଆଦି ଦିଗ ପ୍ରତି ବିଶେଷ ଭାବେ ସତର୍କ ରହିଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ପକ୍ଷରୁ ଏସୀୟ ଦେଶ.......କୁ ମ୍ୟାଲେରିଆମୁକ୍ତ ଘୋଷଣା କରାଯାଇଛି ?
୨– ଡ୍ୟାନ୍ସିଂ ଡିଅର୍....................... ଠାରେ ଦେଖିବାକୁ ମିଳିଥାଏ ?
୩– ଟିଇଏସ୍ଏସ୍‌ର ଫୁଲ୍‌ଫର୍ମ.................... ?
୪– ବିଶ୍ୱର ପ୍ରଥମ ଡିଜିଟାଲ କ୍ୟାମେରା............ ଉଦ୍ଭାବନ କରିଥିଲେ ?
୫– ବିଶ୍ୱ ଅଙ୍ଗଦାନ ଦିବସ................ ତାରିଖରେ ପାଳନ କରାଯାଇଥାଏ ?

## ଗତ ଥରର ଉତ୍ତର

୧ ସିକ୍କିମ
୨ ୟୁନାଇଟେଡ୍ ନେସନ୍ସ ହ୍ୟୁମାନ ରାଇଟ୍ସ (ୟୁଏନ୍ଏଚ୍ ଆର୍)
୩ ତେଲେଙ୍ଗାନା
୪ ଗଙ୍ଗାଭରମ୍ ବନ୍ଦର
୫ ଡିଜିଟାଲ୍ ସିଙ୍ଗଲ୍ ଲେନ୍ସ ରିଫ୍ଲେକ୍ସ

## ଉତ୍ତରଦାତା



ପ୍ରଶାନ୍ତ କର, ପୁରୀ



ଶେଖ୍ ୟାକୁବ୍, ଗୋପ୍

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ଧନୀ ମନ୍ଦିର

୧– ଗୁରୁଭାୟୁରାପ୍ପାନ ମନ୍ଦିର................................ଗୁରୁଭାୟୁର୍, କେରଳ
୨– ଶିରିଡ଼ି ସାଇବାବା ମନ୍ଦିର.................................. ମହାରାଷ୍ଟ୍ର
୩– ଶବରିମାଳା ଶ୍ରୀଧର୍ମ ଶସ୍ତା ମନ୍ଦିର................................ କେରଳ
୪– ସୋମନାଥ ମନ୍ଦିର.................................... ଗୁଜରାଟ
୫– ପଦ୍ମନାଭସ୍ୱାମୀ ମନ୍ଦିର.................................... କେରଳ
୬– ଶ୍ରୀମନ୍ଦିର.......................................... ପୁରୀ, ଓଡ଼ିଶା
୭– କାଶୀ ବିଶ୍ୱନାଥ ମନ୍ଦିର........................... ବାରାଣସୀ, ଉତ୍ତରପ୍ରଦେଶ
୮– ବୈଷ୍ଣୋଦେବୀ ମନ୍ଦିର................................ କାର୍ତା, ଜାମ୍ମୁ କଶ୍ମୀର
୯– ପ୍ରେମ ମନ୍ଦିର.......................................... ଉତ୍ତରପ୍ରଦେଶ
୧୦– ଭେଙ୍କଟେଶ୍ୱର ମନ୍ଦିର...................................... ଆନ୍ଧ୍ରପ୍ରଦେଶ



## ୟୁଥ୍ ଆଲର୍ଟ

# ଛତା କିଣୁଥିଲେ...

**ବର୍ଷାଦିନେ ଛତାର ଆବଶ୍ୟକତା ପ୍ରାୟ ସଭିଙ୍କର ଥାଏ। ତେଣୁ ଗ୍ରାହକଙ୍କ ଚାହିଦାକୁ ଆଖିଆଗରେ ରଖି ବିଭିନ୍ନ କମ୍ପାନୀ ପକ୍ଷରୁ ଅନେକ ଭେରାଇଟିର ଛତା ମାର୍କେଟ୍‌କୁ ଆସୁଛି। ଏଭଳି ଛତା କିଣିବା ବେଳେ କେବଳ ସୁନ୍ଦର ଏବଂ ଆକର୍ଷଣୀୟ ଡିଜାଇନ୍ ଦେଖିବା ପରିବର୍ତ୍ତେ ତାହା ବର୍ଷା ପାଣିରୁ କେତେ ସୁରକ୍ଷା ଦେଉଛି, ଜାଣିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ ଛତା କିଣିବା ବେଳେ ଆଉ କେତେକ ଦିଗ ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ଜାଣିରଖନ୍ତୁ ସେ ସମ୍ପର୍କରେ...**

➤ବର୍ଷା ବେଳେ ଅନେକ ଛତା ଭିଜିଯାଇ ପାଣି ପଡ଼ିବା ଦ୍ୱାରା ଓଦା ହେବାକୁ ପଡ଼ିଥାଏ। ଏପରି ନ ହେବା ଲାଗି କିଣିବା ବେଳେ ଛତା ଖୋଲି ଏହାର ସିଲେଇ କିମ୍ବା କପଡ଼ାରେ କେଉଁଠି ସୂକ୍ଷ୍ମ ଛିଦ୍ର ଅଛି କି ନାହିଁ ପରଖି ନିଅନ୍ତୁ।

➤ପବନରେ ଅନେକ ସମୟରେ ଛତାର କାଠିଗୁଡ଼ିକ ଓଲଟି ଯାଇଥାଏ। ଏଣୁ ଛତା ଥାଇ ମଧ୍ୟ ଭିଜିବାକୁ ପଡ଼ିଥାଏ। ତେଣୁ କାଠିଗୁଡ଼ିକ ମଜଭୁତ କି ନୁହେଁ କିଣିବା ବେଳେ ଦେଖିନେବା ଆବଶ୍ୟକ।

➤ସେହିପରି ଛତାର ହ୍ୟାଣ୍ଡେଲ୍ ଆପଣଙ୍କୁ ଧରିବା ଲାଗି କମ୍ଫର୍ଟେବଲ୍ କି ନୁହେଁ ଦେଖନ୍ତୁ। କାରଣ ଛତା ଯେତେ ସୁନ୍ଦର ହୋଇଥାଉ ନା କାହିଁକି, ଏହାର ହ୍ୟାଣ୍ଡେଲ୍ ଧରିବା ବେଳେ ଆରାମ ନ ଲାଗିଲେ ଅଧିକ ସମୟ ଏହାକୁ ଧରିବା ଦ୍ୱାରା ପରବର୍ତ୍ତୀ ସମୟରେ ହାତ ପାପୁଲି ଏବଂ ଆଙ୍ଗୁଠି ଦରଜ ହେବା, ବିନ୍ଧିବା ଭଳି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

➤ଯଦି ଆପଣଙ୍କୁ କୌଣସି ଷ୍ଟାଇଲିସ୍ ଛତା ପସନ୍ଦ, ତେବେ ଏହାର ମଧ୍ୟ ଉପରୋକ୍ତ ଫିଚର୍ସ ଦେଖନ୍ତୁ ଏବଂ ଯୁବତୀ ହୋଇଥିଲେ ବିଭିନ୍ନ ପ୍ରିଣ୍ଟେଡ୍ ଏବଂ ଯୁବକ ସିଙ୍ଗଲ୍ କଲର ଛତା ବ୍ୟବହାର କଲେ ଭଲ ଲାଗିବ।

➤ବର୍ତ୍ତମାନ ବ୍ୟାଗ୍‌ରେ ସହଜରେ କ୍ୟାରି କରିବା ଲାଗି ଫୋଲ୍ଡେଡ୍ ଛତା ମିଳୁଛି। ହେଲେ ଏସବୁ ଶୀଘ୍ର ଭାଙ୍ଗିବାର ଆଶଙ୍କା ବି ରହିଛି। ତେଣୁ ଏଭଳି ଛତା କିଣିବା ପୂର୍ବରୁ ପ୍ରଥମେ ୪–୫ଥର ଖୋଲନ୍ତୁ ଏବଂ ବନ୍ଦ କରି ଦେଖନ୍ତୁ ଏହା ଭଲ ଭାବେ କାମ କରୁଛି କି ନାହିଁ।



## ୟୁଥ୍ କ୍ଲବ୍

# ଅସହାୟଙ୍କ ସେବା ଦିଏ ଆତ୍ମସନ୍ତୋଷ

ସେମାନେ ସର୍ବଦା ସେବା କାର୍ଯ୍ୟରେ ବ୍ରତୀ। ଗରିବ ଅସହାୟ, ଭିକାରି ଶ୍ରେଣୀର ଲୋକମାନଙ୍କ ଜୀବନଯାପନ ସରଳୀକରଣ ପାଇଁ ଉଦ୍ୟମ ଜାରି ରଖିବା ହେଉ କିମ୍ବା ରକ୍ତଦାନ ଶିବିର ଆୟୋଜନ, ବୃକ୍ଷରୋପଣ, ଦୁର୍ଘଟଣା ସମୟରେ ପୀଡ଼ିତଙ୍କୁ ସହାୟତା କରିବା ଏବଂ ସର୍ବୋପରି ଅଚିହ୍ନା ଶବକୁ ସମ୍ମାନର ସହିତ ଦାହ କରିବା ପର୍ଯ୍ୟନ୍ତ ବିଭିନ୍ନ ମହତ୍ କାର୍ଯ୍ୟ କରି ସେମାନେ ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ସୃଷ୍ଟି କରିଛନ୍ତି ଏକ ଯୁବଗୋଷ୍ଠୀ। ମହାମାରୀ କରୋନା ପାଇଁ ଚାଲିଥିବା ଲକ୍‌ଡାଉନ୍, ଶଟ୍‌ଡାଉନ୍ ସମୟରେ ଲୋକଙ୍କୁ ସହାୟତା କରିବା ସହିତ ଗୋରୁଗାଈ, ବୁଲାକୁକୁର ଏବଂ ପଶୁପକ୍ଷୀମାନଙ୍କର ଯତ୍ନ ନେଇ ଅନନ୍ୟ ଉଦାହରଣ ସାଜିଛନ୍ତି ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅନ୍ତର୍ଗତ ଦଧି ଭବନ ନଗରରେ ଥିବା 'ଗୋପବନ୍ଧୁ ଦୁଃଖ ସୁଖର ସାଥୀ' ନାମକ ୟୁଥ୍ କ୍ଲବ୍‌ର ସଦସ୍ୟାସଦସ୍ୟମାନେ।

୨୦୧୬ ମସିହାରେ ଆକାଶ କୁମାର ନାୟକ ନାମକ ଜଣେ ଯୁବକ ଭୁବନେଶ୍ୱରରୁ ବାଲେଶ୍ୱର ଘରକୁ ଫେରିବା ପାଇଁ ରେଳଷ୍ଟେଶନ୍‌ରେ ଅଟକି ରହିଥିଲେ। ଟଙ୍କା ଚୋରି କିମ୍ବା ହଜିଯିବା କାରଣରୁ ସେ ଟିକଟ୍ ନ କରି ପାରି ଭୋକରେ ଦୀର୍ଘ ସମୟ ବସି ରହିଥିବା ବେଳେ ଜଣେ ଭଦ୍ରବ୍ୟକ୍ତିଙ୍କ ସହାୟତାରେ ଘରକୁ ଫେରିପାରିଥିଲେ। ଭୋକକୁ ଅନୁଭବ କରିଥିବା ଲୋକଟିଏ ଭୋକିଲାମାନଙ୍କ ପେଟର ଯନ୍ତ୍ରଣା ବୁଝିପାରେ– ସେଦିନ ଏକଥା ସେ ହୃଦୟଙ୍ଗମ କରିଥିଲେ ଏବଂ ଏହା ତାଙ୍କୁ ଅସହାୟଙ୍କ ସହାୟତା ପାଇଁ ପ୍ରେରଣା ଯୋଗାଇଥିଲା। ବିଭିନ୍ନ ଭୋଜିରେ ବଳୁଥିବା ଖାଦ୍ୟକୁ ଫିଙ୍ଗାଯିବା ବଦଳରେ ସାଇତି ରଖି ଗରିବ ଲୋକମାନଙ୍କୁ ବାଣ୍ଟି ଦିଆଗଲେ ନିଶ୍ଚିତ ଭଲ ହେବ ବୋଲି ସେ ଭାବିଲେ। ଧୀରେ ଧୀରେ ଭୋଜି ଆୟୋଜନ କରୁଥିବା ବିଭିନ୍ନ ପରିବାର ଲୋକଙ୍କ ସହିତ କଥା ହୋଇ ବଳକା ଖାଦ୍ୟ ସଂଗ୍ରହ କରି ଗରିବଙ୍କୁ ବାଣ୍ଟିଲେ। ଏହି କାର୍ଯ୍ୟର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ପ୍ରଶଂସାର ସୁଅ ଛୁଟିବା ସହ ବହୁ ଯୁବତୀଯୁବକ ତାଙ୍କୁ ସହଯୋଗ କରିବାକୁ ଆଗେଇ ଆସିଲେ। ଏହା ଦେଖି ସେ 'ଗୋପବନ୍ଧୁ ଦୁଃଖ ସୁଖର ସାଥୀ' ନାମକ ସଂଗଠନ ଆରମ୍ଭ କଲେ। ବର୍ତ୍ତମାନ ସୁଦ୍ଧା ଉକ୍ତ କ୍ଲବ୍‌ରେ ଆକାଶଙ୍କ ସହ ରାଜେଶ ମହାନ୍ତି, ସଞ୍ଜୀବ ବିଶ୍ୱାଳ, ଗୌତମୀ ବେହେରା, ସୁଜାତା ମହାରଣା, ସ୍ନିଗ୍ଧା ପ୍ରଧାନ, ତାପସ ମହାନ୍ତି, ସୁଶାନ୍ତ ପଟ୍ଟନାୟକଙ୍କ ସମେତ ୨୮୧ଜଣ ସଦସ୍ୟ କାର୍ଯ୍ୟ କରୁଛନ୍ତି। ସେମାନେ ମହାମାରୀ କରୋନା ସମୟରେ ଲୋକଙ୍କଠାରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି। ବୁଲା ଗାଈଗୋରୁ, କୁକୁର, ପକ୍ଷୀମାନଙ୍କ ପାଇଁ ମଧ୍ୟ ଖାଦ୍ୟ ଯୋଗାଡ଼ କରୁଛନ୍ତି। ଏହା ବ୍ୟତୀତ ରକ୍ତଦାନ ଶିବିର ଆୟୋଜନ କରି ଜିଲା ରକ୍ତଭଣ୍ଡାରକୁ ରକ୍ତ ଯୋଗାଇବା ସହ ବୃକ୍ଷରୋପଣ କରି ପରିବେଶକୁ ସବୁଜ ସୁନ୍ଦର ରଖିବାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଜାତୀୟ କିମ୍ବା ରାଜ୍ୟ ରାଜପଥ ହେଉ ଅବା ସହର ରାସ୍ତାରେ କୌଣସି ଯାନବାହନ ଦୁର୍ଘଟଣା ଘଟିଲେ ଉକ୍ତ ସଂସ୍ଥାର ସଦସ୍ୟମାନେ ପହଞ୍ଚି ସେମାନଙ୍କର ସହାୟତା କରିଥାଆନ୍ତି। ଏପରିକି ଅପରିଚିତ ବ୍ୟକ୍ତିଙ୍କର ମୃତ୍ୟୁ ପରେ ସମସ୍ତ ବିଧିପୂର୍ବକ ଶବଦାହ କରି ଜିଲା ପ୍ରଶାସନ ଏବଂ ସ୍ଥାନୀୟବାସିନ୍ଦାଙ୍କ ନିକଟରେ ହିରୋ ପାଲଟିଛନ୍ତି। ଏଭଳି ସମାଜଧର୍ମୀ କାର୍ଯ୍ୟ ଲାଗି ବିଭିନ୍ନ ବଡ଼ ବଡ଼ ସଙ୍ଗଠନଗୁଡ଼ିକ ପକ୍ଷରୁ ଏହି କ୍ଲବ୍‌କୁ ମିଳିଛି ଅନେକ ପୁରସ୍କାର, ପ୍ରମାଣପତ୍ର। ସଦସ୍ୟା ସଦସ୍ୟମାନଙ୍କର ମନୋବଳକୁ ବୃଦ୍ଧି କରିବା ପାଇଁ ସେମାନଙ୍କର ଏକମାତ୍ର ମାଧ୍ୟମ ହୋଇଥାଏ ଅବସର ସମୟରେ ଏକତ୍ରୀକରଣ, ବିଭିନ୍ନ ଆଲୋଚନା ସହ ବୃକ୍ଷରୋପଣ ଓ ଭୋଜିଭାତରେ ଶେଷ ହୋଇଥାଏ ଦିନ। ଭବିଷ୍ୟତରେ ଅସହାୟ, ଅନାଥ ଲୋକମାନଙ୍କ ପାଇଁ ଏକ ଆଶ୍ରମ କରିବା ଏବଂ ନିଷ୍ଠାର ସହିତ ସେମାନଙ୍କର ସେବା କରିବା ଲକ୍ଷ୍ୟ ରଖିଛନ୍ତି ଏମାନେ।

**– ମାନସ ବିଶ୍ୱାଳ**



ଅସହାୟଙ୍କୁ ଖାଦ୍ୟ ବଣ୍ଟନ କରୁଛନ୍ତି ଗୋପବନ୍ଧୁ ଦୁଃଖ ସୁଖର ସାଥୀ ୟୁଥ୍ କ୍ଲବ୍‌ର ସଦସ୍ୟ।



ପୁରସ୍କାର ଗ୍ରହଣ ଅବସରରେ କ୍ଲବ୍‌ର ସଦସ୍ୟମାନେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୧୧ ଜୁଲାଇ, ୨୦୨୧ Sambalpur, Sunday, July 11/2021



ଟୋକିଓ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ହାଇଦ୍ରାବାଦସ୍ଥିତ ପୁଲେଲା ଗୋପୀଚାନ୍ଦ ଏକାଡେମୀରେ ଶନିବାର ଅଭ୍ୟାସ ଅବସରରେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦ୍ୟୁତୀ ଚାନ୍ଦ (ବାମ)।

# ଇ-କାଟାରେ ଭାଗନେଲେ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

## ଭାଲେଣ୍ଟିନା, କ୍ରିଷ୍ଟା, ବିଧାନ, ମଧୁପ୍ରିୟା, ଚନ୍ଦକା ଓ ଆଲିସାଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୦।୭(କ୍ରୀଡ଼ା ପ୍ରତିନିଧି)**

କୋଭିଡ୍-୧୯ ମହାମାରୀ ସମୟରେ ଖେଳ କସରତ ବନ୍ଦ ଥିବାବେଳେ କରାଟେକାମାନଙ୍କୁ ଅଭ୍ୟାସ ଜାରି ରଖିବାକୁ ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଇ-କାଟା ଅନୁଷ୍ଠିତ ହୋଇଯାଇଛି। ସିନିୟର ମହିଳା ଓ ପୁରୁଷ, ଜୁନିୟର ମହିଳା ଓ ପୁରୁଷ, ସବ୍‌ଜୁନିୟର ବାଳିକା ଓ ବାଳକ ଆଦି ୬ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କରାଟେକାମାନଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସଂଘ ପକ୍ଷରୁ ପୁରସ୍କାର ରାଶି ମଧ ଘୋଷଣା କରାଯାଇଥିଲା। ପ୍ରତିଯୋଗିତା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଜଜ୍‌ଭାବେ ଡ. ସିହାନ ହରିପ୍ରସାଦ ପଟ୍ଟନାୟକ, ସେନ୍‌ସେଇ ଏସ୍.ଆର. ସାସମଲ, ଦୀପକ ସାମନ୍ତରା, ରାଜୀବ ସିଂ, ଖାରବେଳ ମଲିକ ଓ ଗୌରୀ ମହାନ୍ତି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବିଭିନ୍ନ ବର୍ଗରେ ଭାଲେନା ଭାଲେଣ୍ଟିନା (ମହିଳା), କ୍ରିଷ୍ଟା ଶିକାରୀ(ପୁରୁଷ), ବିଧାନ ଦାସ (୧୪ରୁ ୧୭ ବାଳକ), ମଧୁପ୍ରିୟା (୧୪ରୁ ୧୭ ବାଳିକା), ଚନ୍ଦକା ଯୁବରାଜ(ବାଳକ) ଏବଂ ଆଲିସା ସୁବୁଦ୍ଧି (ବାଳିକା) ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

କୃତୀତ୍ୱ ଅର୍ଜନ କରି ପଦକ ଜିତିଥିବା ଅନ୍ୟ ଖେଳାଳିମାନେ ହେଲେ ଅନୁପମା ସ୍ୱାଇଁ, ସ୍ୱାଗତିକା ସାହୁ, ଉମାବତୀ ପାତ୍ର, ଯୋଗେଶ ବରିହା, ଅଭିଷେକ ପଟ୍ଟନାୟକ, ମହେଶ ଦୋରା, ଅର୍ପିତା ସିଂ, ମୋନାଲି ସାହୁ, ସୁରମିତା ସିହ୍ନା, ନିଶିକାନ୍ତ ସାହୁ, ତ୍ରିଲୋଚନା ରଣା, ବିଶ୍ୱଜିତ ସାମଲ, ଆର୍ଯ୍ୟା ବଂଶିକା, ଆୟୁଷୀ ଅର୍ପିତା, ଅଂଶିତା ସାହୁ, ହର୍ଷଦ କୁମାର, ଅର୍ନବ ବିସୋୟ ଓ ଆଦେଶ ସାମଲ।

# ମୋଲେମା ୧୪ତମ ଷ୍ଟେଜ୍ ବିଜେତା

**ପ୍ୟାରିସ, ୧୦।୭**



ନେଦରଲାଣ୍ଡର ବାଉକେ ମୋଲେମା ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ୧୪ତମ ଷ୍ଟେଜ୍ ବିଜେତା ହୋଇଛନ୍ତି। ଜେନେରାଲ କ୍ଲାସିଫିକେଶନରେ ଫ୍ରାନ୍ସର ଗୁଇଲାମ ମାର୍ଟିନ ୭ ସ୍ଥାନ ଉପରକୁ ଉଠି ଟାଡେଜ ପୋଗାକାରଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦୁଇ ରାଇଡରଙ୍କ ମଧ୍ୟରେ ବ୍ୟବଧାନ ମାତ୍ର ୪.୦୪ ମିନିଟ ରହିଛି। ଟ୍ରେକ୍‌ସେଗାଫ୍ରେଡୋ ଟିମ୍‌ର ମୋଲେମା ଶନିବାର ଅନୁଷ୍ଠିତ ୧୮୩.୭ କିମି ଦୂରତା ବିଶିଷ୍ଟ ରେସ୍‌କୁ ୪ ଘଣ୍ଟା ୧୬ ମିନିଟ ୧୬ ସେକେଣ୍ଡରେ ଶେଷ କରିଥିଲେ।

ରେସ୍‌ର ଶେଷ ୪୨ କିମି ବାଟ ସେ ଅନ୍ୟମାନଙ୍କଠାରୁ ଆଗରେ ରହିଆସିଥିଲେ। ଟୁର୍‌ରେ ତାଙ୍କର ଦ୍ୱିତୀୟ ଷ୍ଟେଜ୍ ବିଜୟ। ଅଷ୍ଟ୍ରିଆର ପ୍ୟାଟ୍ରିକ୍ କୋନାର୍ଡ ୧.୦୪ ମିନିଟ୍ ପଛରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। କଲମ୍ବିଆର ସର୍ଗିଓ ହିଗୁଇଟା ଏବଂ ଇଟାଲୀର ମାଟିଆ କାଟାନେଓ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ହୋଇଥିଲେ।




## ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ

# ବାର୍ଟି ନୂଆ ଚାମ୍ପିୟନ

**ଲଣ୍ଡନ, ୧୦।୭**

ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟି ଚଳିତ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସରେ ନୂଆ ଚାମ୍ପିୟନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ବାର୍ଟି ଚେକ୍ ରିପବ୍ଲିକର କାରୋଲିନା ପ୍ଲିସ୍‌କୋଭାଙ୍କୁ ୬-୩, ୬-୭(୪/୭), ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ବାର୍ଟି ପ୍ରଥମ ସେଟ୍‌କୁ ସହଜରେ ଜିତିଥିଲେ ହେଁ ଦ୍ୱିତୀୟ ସେଟ୍‌ରେ ପ୍ଲିସ୍‌କୋଭା କଡ଼ା ଚ୍ୟାଲେଞ୍ଜ ଦେଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ତୃତୀୟ ରାଉଣ୍ଡରେ ସହଜ ବିଜୟ ସହ ବାଜି ମାରିଥିଲେ ଅଷ୍ଟ୍ରେଲୀୟ ଟେନିସ ତାରକା। ବାର୍ଟି ପୂର୍ବରୁ କେବେହେଲେ ୱିମ୍ବେଲଡନ ଫାଇନାଲ ଖେଳି ନ ଥିଲେ। ୨୦୧୯ରେ ଫ୍ରେଞ୍ଚ ଓପନ ଜିତିଥିବା ଏହି ତାରକା ଖେଳାଳି ୨୦୨୧ରେ ୱିମ୍ବେଲଡନ ଟାଇଟଲ ସ୍ୱାଦ ଚାଖିଛନ୍ତି। ଫଳରେ ତାଙ୍କ ଗ୍ରାଣ୍ଡସ୍ଲାମ ବିଜୟ ସଂଖ୍ୟା ୨ରେ ପହଞ୍ଚିଛି। ୨୦୨୦ରେ ସେ ଅଷ୍ଟ୍ରେଲିଆନ ଓପନରେ ସର୍ବାଧିକ ସେମିଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିବାବେଳେ ୨୦୧୮ ଓ ୨୦୧୯ରେ ୟୁଏସ୍ ଓପନରେ ୪ର୍ଥ ରାଉଣ୍ଡରୁ ବିଦାୟ ନେଇଥିଲେ। ମହିଳା ଡବଲ୍ସରେ ସେ ୨୦୧୮ରେ ୟୁଏସ୍ ଓପନ ଚାମ୍ପିୟନ ହୋଇଥିବାବେଳେ ୨୦୧୩ରେ ଅଷ୍ଟ୍ରେଲିଆନ ଓପନ, ୨୦୧୭ରେ ଫ୍ରେଞ୍ଚ ଓପନ ଏବଂ ୨୦୧୩ରେ ୱିମ୍ବେଲଡନ ଫାଇନାଲ ଖେଳିବାର ଅଭିଜ୍ଞତା ରଖିଥିଲେ। ଗ୍ରାଣ୍ଡସ୍ଲାମ ମିକ୍ସଡ ଡବଲ୍ସରେ ସେ ୨୦୧୪ ଅଷ୍ଟ୍ରେଲିଆନ ଓପନ ଦ୍ୱିତୀୟ ରାଉଣ୍ଡ, ୨୦୧୩ ଫ୍ରେଞ୍ଚ ଓପନ ପ୍ରଥମ ରାଉଣ୍ଡ, ୨୦୧୩ ୱିମ୍ବେଲଡନ କ୍ୱାର୍ଟର ଫାଇନାଲ ଏବଂ ୨୦୧୪ ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିଲେ। ଅନ୍ୟପକ୍ଷରେ ପ୍ଲିସ୍‌କୋଭାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ଆଶା ଅସମ୍ପୂର୍ଣ୍ଣ ରହିଯାଇଛି। ସେ ୨୦୧୬ରେ ୟୁଏସ୍ ଓପନର ଫାଇନାଲରେ ପ୍ରବେଶ କରିଥିଲେ ହେଁ ଚାମ୍ପିୟନ ହୋଇପାରି ନ ଥିଲେ। ୨୦୧୯ରେ ସେ ଅଷ୍ଟ୍ରେଲିଆନ ଓପନର ସେମିଫାଇନାଲ ଏବଂ ୨୦୧୭ ଫ୍ରେଞ୍ଚ ଓପନ ସେମିଫାଇନାଲରୁ ବିଦାୟ ନେଇଥିଲେ। ମହିଳା ଡବଲ୍ସ କିମ୍ବା ମିକ୍ସଡ ଡବଲ୍ସରେ ମଧ ସେ କେବେହେଲେ ଟାଇଟଲ ସ୍ୱାଦ ପାଇ ନାହାନ୍ତି।



ଟ୍ରଫି ସହ ଆଶଲେ ବାର୍ଟି

ଟପ୍ ସିଡ୍ ବାର୍ଟି ୧୯୮୦ ପରେ ପ୍ରଥମ ଅଷ୍ଟ୍ରେଲିଆନ ମହିଳା ଭାବେ ଅଲ୍ ଇଂଲଣ୍ଡ କ୍ଲବରେ ଚାମ୍ପିୟନ ହୋଇଛନ୍ତି। ସେତେବେଳେ ଅଷ୍ଟ୍ରେଲିଆର ଇଭୋନି ଗୋଲାଗଙ୍ଗ ୱିମ୍ବେଲଡନ ଟାଇଟଲ ହାସଲ କରିଥିଲେ। ଗୋଲାଗଙ୍ଗ୍‌ଙ୍କଠାରୁ ପ୍ରେରଣା ପାଇ ସେ ଏହି ସଫଳତା ପାଇଛନ୍ତି ବୋଲି ବାର୍ଟି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ୨୫ ବର୍ଷୀୟା ବାର୍ଟି ଏକ ଦଶନ୍ଧି ପୂର୍ବରୁ ୱିମ୍ବେଲଡନ ଜୁନିୟର ଚାମ୍ପିୟନ ହୋଇଥିଲେ। ଏହାପରେ ସେ ୨ ବର୍ଷ କ୍ରିକେଟକୁ କ୍ୟାରିୟର କରିଥିଲେ। ମାତ୍ର ପରେ ପୁଣି ପେସାଦାର ଟେନିସକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ମିକ୍ସଡ ଡବଲ୍ସ ପ୍ରଥମ ସେମିଫାଇନାଲରେ ବିଜୟୀ ହୋଇ ହାରିଏଟ ଡାର୍ଟ ଓ ଜୋ ସାଲିସବୁରୀ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମ୍ୟାଚରେ ଏହି ଯୋଡ଼ି ଦ୍ୱେଟେ ପେଶ୍ଟକ ଓ କେଭିନ କ୍ରାୱିଜଙ୍କୁ ୬-୨, ୪-୬, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି।

# ପୁରୁଷ ଫାଇନାଲରେ ପ୍ରଥମ ମହିଳା ଚେୟାର ଅମ୍ପାୟର

**ୱିମ୍ବେଲଡନ, ୧୦।୭ (ଏପି)**

୧୮୭୭ରୁ ଖେଳାଯାଇ ଆସୁଥିବା ୱିମ୍ବେଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଫାଇନାଲକୁ ପ୍ରଥମଥର ଜଣେ ମହିଳା ଚେୟାର ଅମ୍ପାୟର ମ୍ୟାଚ ପରିଚାଳନା କରିବେ। ସେ ହେଉଛନ୍ତି କ୍ରୋଏସିଆର ୪୩ବର୍ଷୀୟା ମାରିଜା ସିସାକ୍। ରବିବାର ଅଲ୍ ଇଂଲଣ୍ଡ କ୍ଲବଠାରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ନୋଭାକ୍ ଜୋକୋଭିଚ୍ ଓ ମାଟେଓ ବେରେଟେନିଙ୍କ ମଧ୍ୟରେ ହେବ। ୨୦୧୨ରୁ ଡବ୍ଲ୍ୟୁଟିଏ ଏଲିଟ୍ ଟିମ୍‌ରେ ରହିଆସିଥିବା ସିସାକ୍‌ଙ୍କୁ ଶନିବାର ମନୋନୟନ କରାଯାଇଥିବା କ୍ଲବ ତରଫରୁ ସ୍ପଷ୍ଟ କରାଯାଇଛି। ସିସାକ୍ ୨୦୧୪ ୱିମ୍ବେଲଡନ ମହିଳା ଫାଇନାଲରେ ଚେୟାର ଅମ୍ପାୟର ରହିଥିଲେ। ସେ ପରବର୍ତ୍ତୀ ୩ ବର୍ଷ ମହିଳା ଡବଲ୍ସ ଫାଇନାଲ ପରିଚାଳନା କରିଥିଲେ। ସେ ଆହୁରି ମଧ ରିଓ ଡି' ଜେନିରୋ ଅଲିମ୍ପିକ୍ସ ମହିଳା ସିଙ୍ଗଲ୍ସ ସ୍ୱର୍ଣ୍ଣ ପଦକ ମ୍ୟାଚର ଚେୟାର ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।

## ମହିଳା ଟି୨୦ କ୍ରିକେଟ

# ଭାରତକୁ ହରାଇଲା ଇଂଲଣ୍ଡ

**ନର୍ଥାମ୍ପଟନ, ୧୦।୭ (ପି.ଟି.)**

ଏଠାରେ ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ମହିଳା ଦଳ ଡିଏଲଏସ୍ ପଦ୍ଧତିରେ ଭାରତକୁ ୧୮ ରନରେ ପରାସ୍ତ କରିଛି। ଅଲରାଉଣ୍ଡର ନାଟାଲି ସ୍କିଭର ଦ୍ରୁତ ଅର୍ଦ୍ଧଶତକ ହାସଲ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୭୭ ରନ କରିଥିଲା। ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ୧୭ ବଲ୍‌ରୁ ୨୯ ରନ ସତ୍ତ୍ୱେ ଭାରତ ଆବଶ୍ୟକ ରନ୍‌ରେଟ୍ ବଜାୟ ରଖିବାରେ ଅସମର୍ଥ ହୋଇଥିଲା। ବର୍ଷା ଯୋଗୁ ଖେଳ ସ୍ଥଗିତ ରଖାଯିବା ବେଳକୁ ଭ୍ରମଣକାରୀ ଦଳ ୮.୪ ଓଭରରେ ୩ଉଇକେଟ ବିନିମୟରେ ୫୪ରନ କରିଥିଲା। ସେତେବେଳକୁ ଡିଏଲ୍‌ଏସ୍ ପଦ୍ଧତି ଅନୁସାରେ ଇଂଲଣ୍ଡଠାରୁ ଭାରତ ୧୮ରନ ପଛରେ ରହିଥିଲା।




# ପେରୁକୁ ହରାଇ କଲମ୍ବିଆ ତୃତୀୟ

## କୋପା ଆମେରିକା ଫୁଟ୍‌ବଲ

**ବ୍ରାସିଲିଆ(ବ୍ରାଜିଲ), ୧୦।୭(ଏପି)**

ଲୁଇସ ଡିଆଜଙ୍କ ଡବଲ ଗୋଲ ବଳରେ କଲମ୍ବିଆ ୩-୨ ଗୋଲରେ ପେରୁକୁ ହରାଇ ଚଳିତ କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଛି। ଫଳରେ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ବ୍ରାଜିଲ ଓ ଆର୍ଜେଣ୍ଟିନା ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

ବ୍ରାସିଲିଆର ମାନେ ଗାରିଞ୍ଚା ଷ୍ଟାଡିୟମରେ ଅନୁଷ୍ଠିତ ପ୍ଲେ-ଅଫ୍ ମ୍ୟାଚରେ ପେରୁ ପ୍ରଥମେ ଗୋଲ ଦେଇ ଅଗ୍ରଣୀ ହାସଲ କରିଥିଲା। ୨୮ତମ ମିନିଟରେ କ୍ରିଷ୍ଟିଆନ କୁଇଭାଙ୍କଠାରୁ ପାଇଥିବା ପାସ୍‌କୁ ୟୋଶିମାର ୟୋତୁନ ଗୋଲରେ ପରିଣତ କରିଥିଲେ। କଲମ୍ବିଆ ଗୋଲକିପର କାମିଲୋ ଭର୍ଗାସ ଉଦ୍ୟମ କରିଥିଲେ ହେଁ ଗୋଲ ସେଭ୍ କରିପାରି ନ ଥିଲେ।



ଲୁଇସ ଡିଆଜ

ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ପେରୁ ଆଗୁଆ ରହି ମନୋବଳ ଦୃଢ଼ କରିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଆରମ୍ଭର କିଛି ସମୟ ପରେ ଅର୍ଥାତ୍ ୪୯ତମ ମିନିଟରେ ଜୁଆନ ଗୁଇଲେର୍ମୋ କ୍ୱାଡ୍ରାଡୋ ଏକ ଫ୍ରି-କିକ୍‌କୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। କ୍ୱାଡ୍ରାଡୋଙ୍କ ଶଟ୍ ପେରୁ ଖେଳାଳିଙ୍କୁ ନେଇ ପ୍ରସ୍ତୁତ ୱାଲ୍ ଏବଂ ଗୋଲକିପର ପେଡ୍ରୋ ଗାଲେସେଙ୍କୁ ଚକ୍‌ମା ଦେଇଥିଲା। ୬୬ତମ ମିନିଟରେ ପ୍ରଥମଥର ପାଇଁ କଲମ୍ବିଆ ଅଗ୍ରଣୀ ନେଇଥିଲା। ଡିଆଜ ପ୍ରତିପକ୍ଷ ଡିଫେଣ୍ଡରଙ୍କୁ ଚତୁରତାର ସହକାରେ ଏଡ଼ାଇ ବ୍ୟକ୍ତିଗତ ପ୍ରଥମ ଗୋଲ ଦେବାସହ ଦଳର ଅଗ୍ରଣୀକୁ ୨-୧ରେ ପହଞ୍ଚାଇଥିଲେ। ଇଟାଲୀ ଜନ୍ମିତ ପେରୁ ଷ୍ଟ୍ରାଇକର ଜିଆନ୍‌ଲୁକା ଲାପାଡୁଲା ୮୨ତମ ମିନିଟରେ ଏକ କର୍ନର କିକ୍‌କୁ ହେଡ୍ ଜରିଆରେ ଗୋଲରେ ପରିଣତ କରି ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। ନିର୍ଦ୍ଧାରିତ ସମୟ ଶେଷ ହୋଇଯିବା ପରେ ଇଞ୍ଜୁରି ଟାଇମ୍‌ରୁ ହିଁ ଫଳାଫଳ ମିଳିଥିଲା। ୯୦+୪ ମିନିଟରେ ଡିଆଜ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ କଲମ୍ବିଆ ବିଜୟକୁ ଏକପ୍ରକାର ନିଶ୍ଚିତ କରି ଦେଇଥିଲେ।

୨ଟି ଗୋଲ ଡିଆଜଙ୍କ ଭାଗ୍ୟ ବଦଳାଇ ଦେଇଛି। ଏହି ପୋର୍ତୋ ଷ୍ଟ୍ରାଇକର ଚଳିତ ଟୁର୍ନାମେଣ୍ଟର ଅନ୍ୟତମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ସେ ଲିଓନେଲ ମେସିଙ୍କ ସମକକ୍ଷ ୪ଟି ଗୋଲ ଦେଇ ସାରିଛନ୍ତି। ତେବେ ମେସି ଫାଇନାଲରେ ବ୍ରାଜିଲ ବିପକ୍ଷରେ ଖେଳିବାକୁ ଥିବାରୁ ଡିଆଜଙ୍କୁ ପଛରେ ପକାଇ ଦେବାର ସମ୍ଭାବନା ରହିଛି। "ମୁଁ ଏପରି ବିଜୟ ପାଇଁ ସବୁବେଳେ ସ୍ୱପ୍ନ ଦେଖିଥାଏ। ଜାତୀୟ ଦଳ ପାଇଁ ଭଲ ପ୍ରଦର୍ଶନ କରିବାକୁ ମୋର ସବୁବେଳେ ଇଚ୍ଛା" ବୋଲି ବ୍ରୋଞ୍ଜ ପଦକ ଗ୍ରହଣ ଅବସରରେ ଡିଆଜ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, କଲମ୍ବିଆ ସେମିଫାଇନାଲରେ ଆର୍ଜେଣ୍ଟିନାକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ମାତ୍ର ଶୁଟ୍ ଆଉଟ୍‌ରେ ୨-୩ ଗୋଲରେ ପରାଜିତ ହୋଇଥିଲା। ଲିଗ୍ ପର୍ଯ୍ୟାୟରେ ଦଳ ପେରୁ ନିକଟରୁ ୧-୨ ଗୋଲରେ ହାରି ଯାଇଥିଲା। ପ୍ଲେ-ଅଫ୍‌ରେ ସେହି ଦଳକୁ ହରାଇ କଲମ୍ବିଆ ମଧୁର ପ୍ରତିଶୋଧ ନେବାରେ ସକ୍ଷମ ହୋଇଛି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୧ ଜୁଲାଇ, ୨୦୨୧

**କୋମନା ପାଇକପଡ଼ାରୁ ଅଜଗର ଉଦ୍ଧାର**

ନୂଆପଡ଼ା ଅଫିସ: ନୂଆପଡ଼ା ଜିଲା କୋମନା ପାଇକପଡ଼ାର ପିଙ୍କୁ ସାହୁଙ୍କ ଘର ଭିତରୁ ଏକ ବିରାଟକାୟ ଅଜଗର ସାପ ଉଦ୍ଧାର କରାଯାଇଛି। ଶନିବାର ପିଙ୍କୁଙ୍କ ଘର ଭିତରକୁ ଏକ ଅଜଗର ସାପ ପଶି ଯାଇଥିଲା। ସାପକୁ ଘର ଭିତରେ ଦେଖି ପରିବାର ଲୋକେ ଭୟଭୀତ ହୋଇ ଯାଇଥିଲେ। ପରେ କୋମନା ଜଙ୍ଗଲ ବିଭାଗକୁ ଖବର ଦିଆଯାଇଥିଲା । ସ୍ଥାନୀୟ ସାପ ଧରାଳି ହରେରାମ କଟାକୁ ସାଙ୍ଗରେ ନେଇ ବନ ବିଭାଗ ପିଙ୍କୁ ଘରେ ପହଞ୍ଚିଥିଲେ। ଘର ଭିତରୁ ଅଜଗରକୁ ଉଦ୍ଧାର କରି କୋମନା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ପାଖ ଚାନ୍ଦେଲ ପାହାଡରେ ଛାଡି ଦିଆଯାଇଛି। ଅଜଗର ଲମ୍ବ ସାଢେ ୬ ଫୁଟ ଥିବା ବେଳେ ଓଜନ ୧୦ କିଲୋଗ୍ରାମ ରହିଥିଲା ।



## ସଂକ୍ଷେପରେ

### ଜିଲାରେ ୧ ଲକ୍ଷ ୪୪ ହଜାର ୩୩୨ ନେଲେଣି ଟିକା

**ନୂଆପଡା ଅଫିସ,୧୦।୭:** ନୂଆପଡା ଜିଲାରେ ସବୁ ବର୍ଗର ନାଗରିକ ଉତ୍ସାହର ସହ ନେଉଛନ୍ତି କୋଭିଡ ଟିକା। ଜିଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଥମ ଡୋଜରେ ୧ ଲକ୍ଷ ୨୪ ହଜାର ୯୬୫ ଜଣ ନେଇଥିବାବେଳେ ୧୯୩୬୭ ଜଣ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି। ସେହିପରି ୧୮ରୁ ୪୪ ବର୍ଷର ନାଗରିକ ୪୬,୪୧୯ ଜଣ ପ୍ରଥମ ଡୋଜ ଟିକା ନେଇଛନ୍ତି। ୪୫ ବର୍ଷରୁ ୫୯ ବର୍ଷର ୩୯୯୭୨ ଜଣ ପ୍ରଥମ ଡୋଜ ଏବଂ ୯୭୪୭ ଜଣ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି। ୬୦ରୁ ଉର୍ଦ୍ଧ୍ୱ ୩୮,୫୭୪ ଜଣ ପ୍ରଥମ ଡୋଜ ଏବଂ ୯୬୨୦ ଦ୍ୱିତୀୟ ଡୋଜ ଟିକା ନେଇଛନ୍ତି। ମୋଟ ୧ ଲକ୍ଷ ୪୪ ହଜାର ୩୩୨ ଜଣ କୋଭିଡ ଟିକା ନେଲେଣି ବୋଲି ଜିଲା ଟିକାଦାନ ଅଧିକାରୀ ଡ. ବିନୋଦ ବିହାରୀ ରଥ ସୂଚନା ଦେଇଛନ୍ତି। ନୂଆପଡା ଜିଲାରେ ଷ୍ଟକରେ କୋଭିଡ ଟିକା ଶେଷ ହୋଇଯାଇଛି। ତେଣୁ ଜିଲାରେ କୋଭିଡ୍ ଟିକାଦାନ କାର୍ଯ୍ୟକ୍ରମ ବନ୍ଦ ରହିଛି। ଆସନ୍ତା ୧୬ କିମ୍ବା ୧୭ରେ ଟିକା ଯୋଗାଣର ଲକ୍ଷ୍ୟ ରହିଛି । ଟିକା ଆସିଲେ ପୁଣି ଆରମ୍ଭ ହେବ ବୋଲି ଜିଲା ଟିକାଦାନ ଅଧିକାରୀ ଡା. ରଥ ପ୍ରକାଶ କରିଛନ୍ତି।

### ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି ବିଦ୍ୟୁତ୍ ତାର



**ଲାଠୋର,୧୦।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର କରତିଆ ପଡାରେ ବିଦ୍ୟୁତ୍ ତାର ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି। ଏ ନେଇ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନ ଥିବା ପଡାବାସୀ ଅଭିଯୋଗ କରିଛନ୍ତି। କରତିଆ ପଡା ଦେଇ ଦୀର୍ଘ ୪୦ବର୍ଷରୁ ଉର୍ଦ୍ଧ୍ୱ ହେବ ବିଦ୍ୟୁତ୍ ତାର ଟଣା ଯାଇଛି। ହେଲେ ଦୀର୍ଘ ଦିନ ହେବ ପଡାର ପାଣ୍ଡବ ଶବରଙ୍କ ଘର ସମ୍ମୁଖରେ ଏକ ବାଉଁଶ ବୁଦାରେ ବିଦ୍ୟୁତ୍ ତାର ଛନ୍ଦି ହୋଇ ତଳ ମୁହାଁ ହୋଇ ବିପଦ ସଂକୁଳ ଅବସ୍ଥାରେ ଝୁଲି ରହିଛି। ପ୍ରତ୍ୟହ ସେହି ରାସ୍ତା ଦେଇ ଲୋକେ ତଥା ଯାନବାହାନ ଯାତାୟାତ କରୁଛି। ପଡାର ଛୋଟ ପିଲାମାନେ ସେଠାରେ ଖେଳାବୁଲା କରୁଛନ୍ତି। ଫଳରେ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ବିଦ୍ୟୁତ୍ ତାରରେ ଲାଗି କୌଣସି ଧନଜୀବନ ହାନୀ ହେଲେ ବିଦ୍ୟୁତ୍ କମ୍ପାନୀ ଦାୟୀ ରହିବେ ବୋଲି ପଡାବାସୀ କହିଛନ୍ତି। ଅବିଳମ୍ବେ ସମସ୍ୟାର ସମାଧାନ କରିବାକୁ ପଡାବାସୀ ଦାବି କରିଛନ୍ତି।

### ଉପକାରୀ ବଗିଚା ସଚେତନତା କାର୍ଯ୍ୟକ୍ରମ

**ଦେଓଗାଁ,୧୦।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସମେତ ଗୁଡଭେଲା, ପୁଇଁତଲା ଓ ସଦର ବ୍ଲକର ଚାଷୀଙ୍କୁ ନେଇ ଭର୍ଚୁଆଲ ମାଧମରେ ରିଲାଏନ୍ସ ଫାଉଣ୍ଡେସନ ତରଫରୁ ଉପକାରୀ ବଗିଚା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରୋନା କଟକଣା ଯୋଗୁଁ ଡିଜିଟାଲ ପ୍ଲାଟଫର୍ମ ମାଧମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨୧ ପଞ୍ଚାୟତର ୧୩୦ ଅଗ୍ରଣୀ ଚାଷୀ ଅଂଶ ଗ୍ରହଣ କରିଥିଲେ। ରିଲାଏନ୍ସ ଫାଉଣ୍ଡେସନର ଶୈଳେନ୍ଦ୍ର ଏକ୍କା ଯୋଗଦେଇ ସତେଜ ପନିପରିବା, ରାସାୟନିକ ସାର ପ୍ରୟୋଗ ନ କରି ପରିବା ଚାଷ କରିବା ଉପରେ ଆଲୋକପାତ କରିଥିଲେ। ଅଭିଜ୍ଞତା ଦାସ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୀର ସୁରେନ୍ଦ୍ର ସାଏ କ୍ଲବ ଉଦ୍‌ଘାଟିତ

**ଲୋଇସିଂହା,୧୦।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ସଦର ଗାଁ ଟିକ୍ରାପଡାଠାରେ ଗ୍ରାମର ବୀର ସୁରେନ୍ଦ୍ରସାଏ କ୍ଲବ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ଲବ ଘରକୁ ଉଦ୍‌ଘାଟିତ କରିଛନ୍ତି। ଆମ ଗାଁ ଆମବିକାଶ ଯୋଜାନରେ ଉକ୍ତ କ୍ଲବର ଘର ନିର୍ମାଣ କରାଯାଇଛି। ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ଶିକ୍ଷାବିତ୍ ଲଳିତ ମୋହନ ସାହୁ, ନୀଳକଣ୍ଠ ନନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । କୁଳମଣି ଛତ୍ରିଆ, ଶେଷଦେବ ବାରିକ, ଯଦୁ ମହାନନ୍ଦ, ହଜାରୀ କୁମ୍ଭାର,ସୁବାଷସାଗର, ରଞ୍ଜନ ନାଗ, ଶିବ ପରିପାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପୂର୍ବରୁ ବୋଦା ବଳି

**ଲୋଇସିଂହା,୧୦।୭(ଡି.ଏନ.ଏ.)**

**ରତାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଦାଣ୍ଡପାଣି ଗାଁ**
- ଗ୍ରାମଦେବୀଙ୍କ ସନ୍ତୁଷ୍ଟି ପାଇଁ ବଳି ଦେଉଛନ୍ତି: ହିତାଧିକାରୀ
- ବଳି ସମ୍ପର୍କରେ ଖବର ପାଇନୁ: ବିଡିଓ

ଦେଶରେ ପ୍ରଯୁକ୍ତି ବିଦ୍ୟା ଏବଂ ଆତ୍ୟାଧୁନିକ ଜ୍ଞାନ କୌଶଳର ଅଭିବୃଦ୍ଧି ଘଟୁଛି। ବର୍ଷବର୍ଷ ଧରି ସମାଜରେ ରହି ଆସିଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର ହେବାରେ ଲାଗିଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରତାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଦାଣ୍ଡପାଣି ଗାଁ ଲୋକେ ଏବେ ବି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ରହିଥିବା ଦେଖିବାକୁ ମିଳୁଛି। କଳେ ଅଘଟଣ ଘଟିଯିବ ଏହା ଆଶଙ୍କା କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ ପୂର୍ବରୁ ହିତାଧିକାରୀମାନେ ଗ୍ରାମଦେବୀଙ୍କୁ ବୋଦା ବଳି ଦେଉଥିବା ଚର୍ଚ୍ଚାର ବିଷୟ ହୋଇଛି।
୨ ୱାର୍ଡ ବିଶିଷ୍ଟ ଦାଣ୍ଡପାଣି ଗାଁରେ ୧୩୦ପରିବାର ବାସ କରନ୍ତି। ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଦୀର୍ଘବର୍ଷ ଧରି ନାଁ କରି ଆସୁଥିଲେ ଏହି ଗାଁର ଲୋକେ। ସେମାନଙ୍କ ମଧ୍ୟରେ ଧାରଣା ରହି ଆସିଥିଲା ଯେ, ଗାଁରେ ଯିଏ ନିଜସ୍ୱ ଉଦ୍ୟମରେ ଛାତ କିମ୍ବା ଘରେ ଖପର ଛାଉଣୀ କରିବ ନିଶ୍ଚିତ ଅଘଟଣ ଘଟିବ ଅଥବା ମୃତ୍ୟୁ ଘଟିବ। ଏହି କାରଣରୁ



ରତାଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଦାଣ୍ଡପାଣି ଗାଁ।

ଗ୍ରାମବାସୀ କେହି ଛାତ କିମ୍ବା ଖପର ଘର ତୋଳୁ ନ ଥିଲେ। ଏହାବାଦ ସରକାର ପ୍ରଦତ୍ତ ଇନ୍ଦିରା ଆବାସଠାରୁ ଆରମ୍ଭ କରି ବିଭିନ୍ନ ଆବାସ ଯୋଜନାକୁ ନା କରି ଆସୁଥିଲେ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲାପାଳ ଉକ୍ତ ଗାଁକୁ ଯାଇ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଗ୍ରାମବାସୀ ଘର କରିବାକୁ ସହମତି ପ୍ରକାଶ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଗ୍ରାମର ୫୦ପରିବାର ଆବାସ ଯୋଜନାରେ ସାମିଲ ହୋଇ ଘର ତିଆରି କଲେଣି। ଗ୍ରାମର ବଚନ ବରିହା, ନେହେରୁ ଉଦୁରକୁଲିଆ ଓ ନିଳାଞ୍ଚଳ ବରିହା ପ୍ରମୁଖ ଗ୍ରାମର ୪୮ ପରିବାର ପାଇଁ ଆବେଦନ ଲାଗି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏହି ଅବସରରେ ବୟୋଜ୍ୟେଷ୍ଠ ବଚନ ବରିହା କହିଥିଲେ ଯେ, ଗ୍ରାମ୍ୟ ଦେବୀ ପିତାବଳି ଏବଂ ବିଅଁରପଲିଏନ। ଗ୍ରାମବାସୀ ସାମୂହିକଭାବେ ଅନେକ ପୂଜାପାଠ, ଜଳାଭିଷେକ ଏବଂ ଆରାଧନା ପରେ ଗ୍ରାମଦେବୀଙ୍କୁ ପ୍ରାର୍ଥନା କରି ଛାତ ଘର କରୁଛୁ । ଘର ଗ୍ରାମଦେବୀଙ୍କୁ ସନ୍ତୁଷ୍ଟି ପାଇଁ ୨ଟି ବୋଦା ବଳି ଚଢାଯାଉଛି । ନୀଳାଞ୍ଚଳ ବରିହା କହିଛନ୍ତି, ପ୍ରଶାସନ ପକ୍ଷରୁ ବୁଝାଶୁଝା ପରେ ଏବେ ଆବାସ ଯୋଜନାରେ ଘର ନିର୍ମାଣ କରୁଛନ୍ତି ଲୋକେ। ଘର ନିର୍ମାଣ ବେଳେ ଗ୍ରାମଦେବୀଙ୍କୁ ବଳି ଦିଆଯାଉଥିବା ସେ ମଧ୍ୟ କହିଛନ୍ତି। ସରପଞ୍ଚ ପ୍ରମୋଦିନୀ ଖମାରୀ କହନ୍ତି ଯେ, ୫୦କାର୍ଯ୍ୟାଦେଶ ମଧ୍ୟରୁ ୧୭ ହିତାଧିକାରୀଙ୍କ ଘର ସମ୍ପୂର୍ଣ୍ଣ ହୋଇ ସାରିଲାଣି। ଛାତ ପକାଇଲା ଦିନ ୨ଟି ବଳି ଚଢାଯାଉଥିବା ହିତାଧିକାରୀଙ୍କଠାରୁ ଜାଣିବାକୁ ପାଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ପଚାରିବାରୁ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୫୦ ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ସେମାନେ ଘର କଲେଣି। ଇତି ମଧ୍ୟରେ ଗ୍ରାମକୁ ଦୁଇଥର ପରିଦର୍ଶନରେ ଯାଇଛି। ହେଲେ ବୋଦାବଳି ସମ୍ପର୍କରେ ଆମକୁ କେହି ଜଣାଇ ନ ଥିବା ସେ କହଛନ୍ତି।

# ବିଇଓଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଲେ ମହିଳା

**ଦେଓଗାଁ,୧୦।୭(ଡି.ଏନ.ଏ.)**

**ମହିଳାଙ୍କ ସମ୍ପର୍କୀୟଙ୍କ ନାମରେ ପାଲଟା ଅଭିଯୋଗ କଲେ ବିଇଓ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଶିକ୍ଷାଧିକାରୀ(ବିଇଓ) ସଂକୀର୍ତ୍ତନ୍ୟ ବାଗଙ୍କ ନାମରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଜଣେ ମହିଳା। ତାଙ୍କ ରାମଚନ୍ଦ୍ରପୁରସ୍ଥିତ ଘରକୁ ଆସି ବିଇଓ ବାଗ ଓ ତାଙ୍କ ପୁଅ ବିଜୟ ବାଗ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବିଜୟ ତାଙ୍କ ଶାଢୀକୁ ଟାଣି ଦୁର୍ବ୍ୟବହାର କରିଥିବା ମହିଳା ଜଣକ ଦେଓଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତି କରି ଥାନାରେ ଏକ ମାମଲା(ନଂ.୧୪୧/୨୧)ରୁଜୁ ହୋଇଛି। ଅନ୍ୟପକ୍ଷେ ବ୍ଲକ ଶିକ୍ଷାଧିକାରୀ ବାଗ ମଧ ମହିଳାଙ୍କ ସମ୍ପର୍କୀୟ ନରେଶ ପଟେଲଙ୍କ ନାମରେ ମାରପିଟ କରିଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଅନ୍ୟ ଏକ (ନଂ.୧୩୯/୨୧) ମାମଲା ରୁଜୁ ହୋଇଛି। ପ୍ରକାଶଥାଉକି ବ୍ଲକ ଶିକ୍ଷାଧିକାରୀ ସଂକୀର୍ତ୍ତନ ବାଗଙ୍କ ସ୍ତ୍ରୀ ବୁନି ବାଗ ରାମଚନ୍ଦ୍ରପୁର ପଞ୍ଚାୟତର ସମିତି ସଭ୍ୟ ରହିଛନ୍ତି। ସମ୍ପୃକ୍ତ ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗରୁପଦର ରାସ୍ତାକାମ ଚାଲିଥିବା ବେଳେ ବିଇଓ ବାଗ କୁଆଡେ କାମକୁ ଅଟକାଇବାରୁ ବିବାଦ ସୃଷ୍ଟି ହୋଇଥିବା ଆଲୋଚ୍ୟର ବିଷୟ ହୋଇଛି। ଏନେଇ ବିଇଓ ବାଗଙ୍କୁ ପଚାରିବାରୁ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ପାଇଁ ବିଡିଓଙ୍କୁ ଫେରାଦ




ପ୍ରଧାନମନ୍ତ୍ରୀ ଆବାସ ପାଇଁ ବିଡିଓଙ୍କୁ ଭେଟିବାକୁ ଆସିଥିବା ହିତାଧିକାରୀ।

**ଦେଓଗାଁ,୧୦।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତର ୬ଜଣ ହିତାଧକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ଶୁକ୍ରବାର ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗୁରୁବାର ଭାଜପା ପକ୍ଷରୁ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଘର ଯୋଗାଇଦେବା ଦାବିକୁ ନେଇ ବିକ୍ଷୋଭ ପରେ ଶନିବାର ଅନେକ ମହିଳା ପୁରୁଷ ଘରପାଇଁ ବ୍ଲକକୁ ଆସି ଅବେଦନ କରିଛନ୍ତି। ଜରାସିଂହାର ରିଲା ସୁନା, ବିନୋଦିନୀ ସୁନା, ଜ୍ଞାନଦେଇ ସୁନା, ଶୋଭା ନାଗ, ଚାନ୍ଦମଣି ବାରିକ ଆଦି ହିତାଧିକାରୀ ମଧ ଆବାସ ଯୋଜନାରେ ଘରପାଇଁ ବିଡିଓଙ୍କ ନିକଟରେ ଦାବିକରିଛନ୍ତି। ତେବେ ଏହା ଏକ ଗୁଜବ ଓ ଘର ଆସିଲେ ତାଲିକା ଅନୁଯାୟୀ ନିଶ୍ଚିତଭାବେ ପ୍ରକୃତ ହିତାଧିକାରୀଙ୍କୁ ଘର ପ୍ରଦାନ କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

# ବୌଦ୍ଧରେ ପୁଣି ମାଓବାଦୀଙ୍କ ଉପସ୍ଥିତି ଜାହିର

**ବୌଦ୍ଧ,୧୦।୭(ସ୍ୱ.ପ୍ର.)**



ଆହତ ଦୁଇ ଯବାନ।



**ମାଓବାଦୀ ମୁକ୍ତ ଘୋଷଣା ହେବାର ପୁରିଲା ଗୋଟିଏ ବର୍ଷ**

ମାଓବାଦୀ ମୁକ୍ତ ଘୋଷଣା ହେବାର ଗୋଟିଏ ବର୍ଷ ପୁରିବା ବେଳେ ବୌଦ୍ଧ ଜିଲାରେ ପୁଣି ମାଓବାଦୀ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତ। ଫଳରେ ପୋଲିସ ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବୌଦ୍ଧ ଏକ ଛୋଟିଆ ଜିଲା ହେଲେ ମଧ କେକେବିଏନ ଡିଭିଜନ ମାଓବାଦୀଙ୍କ ଗତିବିଧି ଲାଗି ରହିଥିଲା। ଗତ କିଛି ବର୍ଷ ତଳେ ବୌଦ୍ଧ ପୋଲିସ ହରଭଙ୍ଗା ବ୍ଲକର ଡୁକୁଲୁଣ୍ଡାଠାରେ ଜଣେ ମହିଳା ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ସେହିପରି ତଳଗାଁ ନିକଟ ଜଙ୍ଗଲରୁ କିଛି ବର୍ଷ ତଳେ ମାଓବାଦୀମାନେ ବ୍ୟବହାର କରୁଥିବା କେତେକ ସାମଗ୍ରୀ ଜବତ ହୋଇଥିଲା। ତେବେ ୨୦୨୦ ଜୁଲାଇ ୧୦ ତାରିଖରେ ବୌଦ୍ଧ ଜିଲାକୁ ମାଓବାଦୀ ମୁକ୍ତ ଜିଲା ଭାବରେ ଘୋଷଣା କରାଯିବା ନେଇ ଜିଲା ପୋଲିସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । କିନ୍ତୁ ଶୁକ୍ରବାର ରାତିରେ କନ୍ଧମାଳ ବ୍ଲକ ଉମା ଗ୍ରାମ ପଞ୍ଚାୟତର ବୌଦ୍ଧ-କନ୍ଧମାଳ ଜିଲା ସୀମାନ୍ତ ଜଙ୍ଗଲରେ ଯବାନ ଓ ମାଓବାଦୀ ମୁହାଁମୁହିଁ ହେବା ସହ ଗୁଳି ବିନିମୟ ଘଟି ୨ ଜଣ ଯବାନ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ସମାଡାଙ୍ଗୀ-ନାଦେନ ଅଞ୍ଚଳ ଜଙ୍ଗଲରେ ଗୁଳିବିନିମୟ ହୋଇଛି। ଏଥିରେ ଦୁଇଜଣ ସୁରକ୍ଷା କର୍ମୀ ଆହତ ହୋଇଥିବା ବେଳେ ସେମାନଙ୍କୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି ।

# ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ: ୨ ଗିରଫ

**କୋମନା ଥାନା ଅଞ୍ଚଳରେ ଦୁଇ ପୃଥକ ପୃଥକ ଘଟଣା**

**ନୂଆପଡା ଅଫିସ,୧୦।୭**

ନୂଆପଡା ଜିଲା କୋମନା ଥାନା ଅଞ୍ଚଳରେ ଦୁଇ ପୃଥକ ପୃଥକ ଘଟଣାରେ ଦୁଇ ଭିନ୍ନ ଭିନ୍ନ ଗାଁରେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗ ହୋଇଛି। କୋମନା ପୋଲିସ ଗୋଟିଏ ଘଟଣାରେ ଜଣେ ନାବାଳକ ଓ ଅନ୍ୟ ଘଟଣାରେ ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଛି। ଶନିବାର ଅଭିଯୁକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ନାବାଳକଙ୍କୁ ବାଳସୁଧାର ଗୃହ ପଠାଯାଇଛି। ଜଣେ ୧୭ ବର୍ଷର ନାବାଳିକାଙ୍କୁ ୨୮ ବର୍ଷର ବିବାହିତ ଯୁବକ ଅପହରଣ କରି ବଳାତ୍କାର କରିଥିବା ବେଳେ ଅନ୍ୟ ଜଣେ ୧୬ ବର୍ଷର ନାବାଳିକାଙ୍କୁ ୧୬ ବର୍ଷର ନାବାଳକ ବଳାତ୍କାର କରିଥିବା କୋମନା ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ କୋମନା ଥାନାରେ ଏକ ମାମଲା (ନଂ.୧୮୧।୨୧) ରୁଜୁ ସହ ୩୬୩, ୩୭୬ ପୋକସୋ ଆକ୍ଟରେ ଯୁବକଙ୍କୁ ଗିରଫ କରାଯାଇଛି। ଅନ୍ୟ ଏକ ମାମଲା (ନଂ.୧୮୬।୨୧)ରୁଜୁ କରାଯାଇ ୩୭୬ ଧାରା ଓ ପୋକସୋ ଆକ୍ଟରେ ନାବାଳକଙ୍କୁ ଗିରଫ କରାଯାଇଛି। ଏହାର ଅଧିକ ତଦନ୍ତ ଚାଲିଛି ବୋଲି କୋମନା ଆଇଆଇସି ଜ୍ୟୋତିରଞ୍ଜନ ଗୌଡ ପ୍ରକାଶ କରିଛନ୍ତି।

# ଦୁର୍ଘଟଣାରେ ସ୍ୱାମୀ ମୃତ, ସମସ୍ୟାରେ ପରିବାର

**ନୂଆପଡା ଅଫିସ,୧୦।୭**

କରୋନା ମହାମାରୀ ସମୟରେ ପରିବାର ମୁହଁରେ ଦାନା ଯୋଗାଡ କରିବା ପାଇଁ ଦାଦନ ଯାଇ ସେଠାରେ ମୃତ୍ୟୁବରଣ କରୁଛନ୍ତି। ଯେଉଁ ଆଶା ନେଇ ଦାଦନ ଖଟି ଯାଇଥିଲେ ତାହା ମଉଳି ଗଲା। ଟ୍ରାକ୍ଟର ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସମସ୍ୟାରେ ପଡିଛନ୍ତି ୫ପରିବାର ସଦସ୍ୟ। କାମଧନ୍ଦା ଅଭାବ ହେବାରୁ ନୂଆପଡା ଜିଲା କୋମନା ବ୍ଲକ ବାବେଘାଟିର ଦିଗବଲ ଅଦା (୩୮) ସ୍ତ୍ରୀ ପ୍ରିୟତମାଙ୍କ ସହ ଗତ ଡିସେମ୍ବରରେ ଦାଦନ ଖଟିଯାଇଥିଲେ। ତେଲେଙ୍ଗାନାର ନାଲଗୋଣ୍ଡାର ଏକ ଇଟାଭାଟିରେ ପ୍ରିୟତମା ଇଟା ତିଆରି କରୁଥିଲେ। ଦିଗବଲ ଲରି ଗାଡି ଚଳାଉଥିଲେ। ଦିନେ ଦିଗବଲ ଲରି ଗାଡି ବଦଳରେ ଟ୍ରାକ୍ଟର ଚଳାଇଲେ। ସେହି ଦିନ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଅର୍ଥାଭାବରୁ ମୃତଦେହ ଗାଁକୁ ଆସିପାରି ନ ଥିଲା। ଖାଲିହାତରେ ପ୍ରିୟତମା ଘରକୁ ଫେରିଛନ୍ତି। ପରିବାର ଚଳାଇବା କଷ୍ଟକର ହେଉଛି। ଘରେ ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି। ବିଡିଓ ସଦାଶିବ ଭତ୍ରାଙ୍କୁ ପଚାରିବାରୁ ଆବଶ୍ୟକ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଖଣ୍ଡହତାରେ ଏଟିଏମ୍ ସେବା ଉଦ୍‌ଘାଟିତ

**ଅମରପାଲି,୧୦।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାରେ ଏକ ଏଟିଏମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବୀରମହାରାଜପୁର ଇଣ୍ଡିଆନ ଓଭରସିଜ ବ୍ୟାଙ୍କର ଶାଖା ପରିଚାଳକ ପ୍ରତାପ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉକ୍ତ ଅଞ୍ଚଳରେ ଏକ ଏଟିଏମ ସ୍ଥାପନ ପାଇଁ ଦୀର୍ଘଦିନରୁ ଦାବି ହେଉଥିଲା। ଉକ୍ତ ଏଟିଏମରୁ ଏବେ ଖଣ୍ଡହତା, ବହଲପଦର, ଲୁତୁରପଙ୍କ, ସଂଗ୍ରାମପୁର, କମିରା ଓ ମୁର୍ଷୁଣ୍ଡି ପଞ୍ଚାୟତର ପ୍ରାୟ ପଚାଶରୁ ଅଧିକ ଗ୍ରାମର ଲୋକେ ସୁବିଧା ପାଇପାରିବେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.C-SBP-GS-DEV-KSNG-21, ତା.06.07.2021ରିଖ

କାର୍ଯ୍ୟର ନାମ : 06(ଛଅ)ବର୍ଷ ସମୟାବଧି ନିମନ୍ତେ କେସିଙ୍ଗା (KSNG) ଠାରେ ଗୁଡ୍‌ସ ସେଡ୍‌ର ଉନ୍ନୟନ ଏବଂ ଏହାର ରକ୍ଷଣାବେକ୍ଷଣ ତଥା ପରବର୍ତ୍ତୀ ପ୍ରୋତ୍ସାହନ ।

ଟେଣ୍ଡର କାର୍ଯ୍ୟ ମୂଲ୍ୟ (ଟଙ୍କାରେ) : 3,52,05,700/-, ଚୁକ୍ତି ଅବଧି : 06(ଛଅ)ବର୍ଷ, 06(ଛଅ)ବର୍ଷ ନିମନ୍ତେ ସର୍ବାଧିକ ପାରିଶ୍ରମିକର ବିବରଣୀ : 5,40,37,500/-, ବିଡିଙ୍ଗ ପ୍ରଣାଳୀ: ଦୁଇ ପ୍ୟାକେଟ୍ ପ୍ରଣାଳୀ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.07.2021 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ଅଟେ ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର

PR-207/M/21-22

# କାରଣ ଦର୍ଶାଅ ନୋଟିସର ଉତ୍ତର ମିଳୁନାହିଁ

**ବଲାଙ୍ଗୀର ଅଫିସ/ବେଲପଡା, ୧୦।୭(ଡି.ଏନ୍.ଏ.)**

**ସରମୁହାଣ ବିୟର କାରଖାନା ଇଲେକ୍ଟ୍ରିସିଆନ ମୃତ୍ୟୁ ଘଟଣା**



ସରମୁହାଣର ମାଇକେଲ ବିଅର କାରଖାନା।

- ଅବକାରୀ ଅଧିକ୍ଷକଙ୍କ ନୋଟିସ୍‌କୁ ଖାତିରି ନାହିଁ
- ଘଟଣା ଲୁଚାଇବା ପାଇଁ ହୋଇଥିଲା ଉଦ୍ୟମ
- ଶ୍ରମ ବିଭାଗ ଚୁପ୍

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ସରମୁହାଣଠାରେ ଥିବା ମାଇକେଲ ବିୟର କାରଖାନା ଭିତରେ ଗତ ୫ ତାରିଖ ଇଲେକ୍ଟ୍ରିସିଆନ୍ ବିଶ୍ୱନାଥ ହଂସ(୩୮)ଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ବଲାଙ୍ଗୀର ଅବକାରୀ ଅଧୀକ୍ଷକ ନାରାୟଣ ମେହେର ପାଟଣାଗଡ ଅବକାରୀ ନିରୀକ୍ଷକ ତଥା ବିୟର ଦାୟିତ୍ୱରେ ଥିବା ଓଆଇସି ବିଶ୍ୱନାଥ ପରିଡାଙ୍କୁ ଗତ ୮ତାରିଖରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। କାରଖାନା ପରିସରରେ ଜଣେ ଇଲେକ୍ଟ୍ରିସିଆନ୍‌ଙ୍କ ମୃତ୍ୟୁ ହୋଇଥିବା ନେଇ ଗଣମାଧମରେ ଖବର ପ୍ରକାଶନ ହୋଇଥିଲେ ମଧ୍ୟ ଏହି ଘଟଣାର ସତ୍ୟାସତ୍ୟ ନେଇ ସେ କାହିଁକି ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ସୂଚନା ଦେଇନାହାନ୍ତି ସେନେଇ ଶୀଘ୍ରାତିଶୀଘ୍ର ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅବକାରୀ ନିରୀକ୍ଷକ ପରିଡା ଶନିବାର ସନ୍ଧ୍ୟା ସୁଦ୍ଧା ଘଟଣା ସମ୍ପର୍କରେ କିଛି ବି ଉତ୍ତର ଦେଇ ନ ଥିବା ଅଧୀକ୍ଷକ ମେହେର ସୂଚନା ଦେଇଛନ୍ତି।

ଦୁର୍ଘଟଣା ଘଟି ଇଲେକ୍ଟ୍ରିସିଆନ୍ ହଂସଙ୍କ ମୃତ୍ୟୁ ପରେ ପରିବାର ଲୋକେ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରିଥିଲେ। ମାତ୍ର ୨ ଲକ୍ଷ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇଥିଲେ ମଧ ବିୟର କାରଖାନା କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଦେଇ ଚୁପ୍ ରହିଯାଇଥିଲେ। ବଳକା ୧ ଲକ୍ଷ ୮୦ ହଜାର ଟଙ୍କା ନ ଦେବାରୁ ମୃତକଙ୍କ ପରିବାର ଲୋକେ ପୋଲିସ ପାଖକୁ ଯାଇଥିଲେ। ବିୟର କାରଖାନା କର୍ତ୍ତୃପକ୍ଷଙ୍କୁ ବେଲପଡା ଥାନାଧିକାରୀ ବୁଲୁ ମୁଣ୍ଡା ଡାକିଥିଲେ। ସେଠାରେ କାରଖାନା କର୍ତ୍ତୃପକ୍ଷ ଏକ ବଣ୍ଡ ପେପରରେ ମୃତ ବିଶ୍ୱନାଥଙ୍କ ସ୍ତ୍ରୀଙ୍କଠାରୁ ଲିଖିତ ଦସ୍ତଖତ ନେବାକୁ ଉଦ୍ୟମ କରିବାରୁ ଏହାକୁ ସେ ବିରୋଧ କରିଥିଲେ। ପୋଲିସ ଥାନାଧିକାରୀଙ୍କ ସମ୍ମୁଖରେ ଜଣେ ମୃତକଙ୍କ ସ୍ତ୍ରୀଙ୍କଠାରୁ ବିୟର କାରଖାନା କର୍ତ୍ତୃପକ୍ଷ କିଭଳି ଭାବେ ବଣ୍ଡ ପେପରରେ ଦସ୍ତଖତ ନେବାକୁ ଉଦ୍ୟମ କରୁଥିଲେ ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ମୃତକଙ୍କ ପରିବାର ଲୋକେ ଦୀର୍ଘ ସମୟ ଧରି ଥାନାରେ ବସି ରହିଥିଲେ। ମାଇକେଲ ବିୟର ପ୍ରାଇଭେଟ୍ ଲିମିଟେଡକୁ ଅବକାରୀ ବିଭାଗଠାରୁ ଲାଇସେନ୍ସ ନେଇଥିଲେ ମଧ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ କଣ୍ଟ୍ରାକ୍ଟ ଲାଇସେନ୍ସ ନେଇ ନ ଥିବା ଜଣାପଡିଛି। ଶ୍ରମ ବିଭାଗର ଲାଇସେନ୍ସ ବିନା ଏହି ବିୟର କମ୍ପାନୀ କିଭଳି ଭାବେ ଏତେଦିନ ଚାଲୁ ରହିଥିଲା ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରାଙ୍କୁ ମୋବାଇଲ (୯୪୩୭୧୮୮୧୬୩) ନମ୍ବରରେ ଯୋଗାଯୋଗ କରାଯାଇଥିଲା ହେଲେ ସେ ଫୋନ୍ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ସମଗ୍ର ଘଟଣାକ୍ରମରେ ମାଇକେଲ ବିଅର କାରଖାନା କର୍ତ୍ତୃପକ୍ଷ, ପୋଲିସ, ଶ୍ରମ ବିଭାଗ ଓ ଅବକାରୀ ନିରୀକ୍ଷକଙ୍କ ଭୂମିକା ସନ୍ଦେହଜନକ ମନେ ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ବିଅର କାରଖାନାର କୁଲିଂ ଟାୱାରରୁ ପଡି ଗତ ୫ ତାରିଖ ଦିନ ଇଲେକ୍ଟ୍ରିସିଆନ୍ ବିଶ୍ୱନାଥଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ସୁରକ୍ଷା ବ୍ୟବସ୍ଥା ନଥିବାରୁ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ଅଭିଯୋଗ କରାଯାଇଥିଲା। ଏନେଇ ବେଲପଡା ଥାନାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଦେଇ ଚୁପ୍ ହୋଇ ବସି ଯାଇଛି ।

**Short-Term Training Programmes (ONLINE) for Engineering Students at CTTC Kalinga Nagar Ext. Centre, Duburi, Jajpur (Free for SC/ST Students)**

Central Tool Room & Training Centre (CTTC), Bhubaneswar is the leading Tool Room & Training Centre of India to impart skill based training programme in the field of CAD/CAM/CAE/CNC Technology / Hardware and Network Management / VLSI/PLC for Graduate Engineering students.
For the year **2021-2022** we offer courses during **July/August 2021** designed for Mechanical / Production / Automobile / Manufacturing Science / Civil Computer Science / Electrical & Electronics /Electronics & Instrumentation/ Information Technology students.

| Sl. | Branch | Courses | Course Fee | Duration | Starting Date |
|---|---|---|---|---|---|
| 01 | Mechanical Production Automobile or Equivalent | Auto CAD<br>CATIA<br>CREO<br>SOLID WORKS<br>Master CAM | Rs.7,100/-<br>Rs.8,100/-<br>Rs.8,100/-<br>Rs.8,100/-<br>Rs.8,100/- | ONE MONTH | 15.07.2021<br>02.08.2021<br>16.08.2021 |
| 02 | Any Graduate / MBA/ Diploma / Degree Engineers in any Discipline | Computer Hardware & Networking | Rs.5,600/- | | |
| 03 | Electrical & Electronics Electronics & instrumentation Electronics & Telecomm | PLC<br>Electrical CAD | Rs.8,100/-<br>Rs.7,100/- | | |
| 04 | Civil | Auto CAD | Rs.7,100/- | | |

**How to apply :** Download application form from website & send it along with registration fee. Payment can be made online through **State Bank of India collect link** available in our website **www.cttc.gov.in** or a DD of **Rs.1000/-** drawn in favour of **"Central Tool Room & Training Centre"** payable at **Bhubaneswar** for the purpose of registration. This amount will be adjusted against the course fee.
Reservation as per Govt. of India rules. **For SC/ST candidates no fee will be charged** subject to production of two photo copies of self attested Caste Certificate & Aadhaar Card.
Aadhaar Card & Caste Certificate in original from competent authority is to be produced for verification at the time of admission which may be re-verified from the Issuing Authority.
***For Admission contact : 8480154204, 9861112821, 9556024302***

Ministry of MSME Govt. of India

**CENTRAL TOOL ROOM & TRAINING CENTRE**
(KALINGA NAGAR EXTENSION CENTRE)
(Ministry of Micro, Small & Medium Enterprises , Govt. of India)
Common Facility Centre, JCDL Campus, Pankapal,
Bangala chhak,Pin- 755026, Website : www.cttc.gov.in

ISO-9001, ISO-14001 OHSAS 18001

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୧ ଜୁଲାଇ, ୨୦୨୧



## ଉଦ୍ଧାର ଅଜଗରକୁ ଜଙ୍ଗଲରେ ଛାଡିଲା ବନ ବିଭାଗ

ଖପ୍ରାଖୋଲ,(ଡି.ଏନ.ଏ): ଖପ୍ରାଖୋଲ ବ୍ଲକ ସମ୍ମୁଖ ଚାଷ ଜମିରୁ ବନ ବିଭାଗ ଏକ ବିରଳ ଅଜଗର ସାପ ଶନିବାର ସନ୍ଧ୍ୟାରେ ଉଦ୍ଧାର କରିଛି । ସୂଚନା ଅନୁସାରେ ଏକ ଚାଷ ଜମିରେ ଅଜଗର ସାପ ଥିବା ସ୍ଥାନୀୟ ଲୋକ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ୍ୟପ୍ରାଣୀ ସ୍କ୍ୱାଡ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ସାପକୁ ଥୁଟା ସଂରକ୍ଷିତ ଜଙ୍ଗଲରେ ଛାଡିଦେଇଥିଲେ। ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ବନପାଳ ଗୁଣନିଧି ପରିଡାଙ୍କ ସମେତ ବନ୍ୟପ୍ରାଣୀ ସ୍କ୍ୱାଡ କର୍ମଚାରୀ ଉପସ୍ଥିତ ଥିଲେ। ସାପର ଓଜନ ୧୫କେଜି ଲମ୍ବ ୧୦ ଫୁଟ ଥିବା ବନ ବିଭାଗ ତରଫରୁ ଜଣାଯାଇଛି ।

## ସଂକ୍ଷେପରେ

### ଭାଜପାରେ ଯୋଗଦେଲେ ବିଜୁ ଯୁବ ବାହିନୀ କର୍ମକର୍ତ୍ତା

ପାଟଣାଗଡ/ଖପ୍ରାଖୋଲ, ୧୦।୭(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଯୁରିଆ ଗାଁର ବିଜୁ ଯୁବ ବାହିନୀ କର୍ମକର୍ତ୍ତାଙ୍କ ସମେତ ୪୦ଜଣ ଯୁବକ ଶନିବାର ପାଟଣାଗଡ ରାଜଖମାରରେ ଭାଜପାରେ ଯୋଗଦେଇଛନ୍ତି। ଏହି ଅବସରରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ବୋଲେରୋ ଧକ୍କାରେ ୩ ଗୁରୁତର

କୋକସରା,୧୦।୭(ଡି.ଏନ.ଏ.): କୋକସରା ବ୍ଲକ ଆମପାଣି ଥାନା ୨୬ ନଂ ଜାତୀୟ ରାଜପଥର କାଉଡୋଳା ମୁଟୁରା ନଦୀ ପୋଲ ଉପରେ ଶନିବାର ଏକ ବୋଲେରୋ ବାଇକ୍‌କୁ ଧକ୍କା ଦେବା ଫଳରେ ୩ ଜଣ ଗୁରୁତର ହୋଇଛନ୍ତି । ଆହତମାନେ ହେଲେ ଦେଭୋଗ ମୁରାଲିଗୁଡା ଗାଁର ଚତୁର୍ଭୁଜ ଦାସ, ମିନିକେତନ ଦାସ ଓ ଆମପାଣି ଥାନା କେନ୍ଦୁଡଙ୍ଗରି ଗାଁର ୪ ବର୍ଷର ଶିଶୁ ରାଜବିର ଦାଶ । ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇ ଫେରାର ଥିବା ବୋଲେରୋକୁ ପୋଲିସ ଜବତ କରିଛି ।

### ଗ୍ରାମବାସୀ କଲେ ରାସ୍ତା ମରାମତି

ବାଉଁଶୁଣୀ,୧୦।୭(ଡି.ଏନ.ଏ.): ବୌଦ୍ଧ ବ୍ଲକ ୫୭ ନଂ ଜାତୀୟ ରାଜପଥର ହିରା ଗ୍ରାମ ଠାରୁ ଜୁରାମୁଣ୍ଡା ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାକୁ ଶନିବାର ଗ୍ରାମବାସୀ ନିଜ ଉଦ୍ୟମରେ ମରାମତି କରିଛନ୍ତି । ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମିତ ଏହି ରାସ୍ତାରେ ବହୁ ସଂଖ୍ୟକ ଛୋଟ ବଡ ଖାଲଖମା ରହିଥିଲା। ଫଳରେ ବର୍ଷା ଦିନେ ଏହି ରାସ୍ତାରେ ଯିବା ଆସିବା କରିବାରେ ଲୋକେ ବହୁତ ହଇରାଣ ହେଉଥିଲେ। ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ବିଭାଗୀୟ ଅଧିକାରୀଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ନ ଥିଲା । ଶେଷରେ ଜୁରାମୁଣ୍ଡା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପରାମର୍ଶ କ୍ରମେ ଗ୍ରାମର ଯୁବକମାନେ ଏକତ୍ରିତ ହୋଇ ନିଜ ନିଜ ମଧରେ ଟଙ୍କା ଆଦାୟ କରି ଶନିବାର ଖାଲଖମାରେ ମୋରମ ବିଛାଇ ରାସ୍ତା ମରାମତି କରିଥିବା ଦେଖିବାକୁ ମିଳିଛି । ଜୁରାମୁଣ୍ଡା ଗ୍ରାମର ଯୁବକମାନଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

### ଅବସରପ୍ରାପ୍ତ ମ୍ୟୁନିସିପାଲିଟି କର୍ମଚାରୀଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୧୦।୭: ବଲାଙ୍ଗୀର ତାଲପାଲିପଡା ନିବାସୀ ଅବସରପ୍ରାପ୍ତ ମ୍ୟୁନିସିପାଲିଟି କର୍ମଚାରୀ ରବିଚନ୍ଦ୍ର ପଟ୍ଟନାୟକ (୭୦)ଙ୍କ ଶନିବାର ପୂର୍ବାହ୍ନ ୧୧ଟା ୪୦ରେ ପରଲୋକ ଘଟିଛି।



ଶୁକ୍ରବାର ତାଙ୍କର ହୃଦ୍‌ଘାତ ହେବା ପରେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁଇମାସ ପୂର୍ବରୁ କୋଭିଡ ସଂକ୍ରମିତ ହେବାପରେ ସେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିଲେ। ତେବେ ତାଙ୍କ ଠାରେ ପୋଷ୍ଟ କୋଭିଡ କମ୍ପ୍ଲିକେସି ଦେଖାଦେବାରୁ ସେ ଅସୁସ୍ଥ ହୋଇପଡିଥିଲେ। ବଲାଙ୍ଗୀର ମ୍ୟୁନିସିପାଲିଟି ଅଫିସରେ ଟ୍ୟାକ୍ସ କଲେକ୍ଟର ଭାବେ ସେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ଛାତ୍ର ଜୀବନରୁ ଜଣେ ଫୁଟବଲ ଖେଳାଳିଭାବେ ସୁନାମ ଅର୍ଜନ କରିଥିଲେ। ମୃତ୍ୟୁବେଳକୁ ସ୍ତ୍ରୀ କୁମୁଦିନୀ, ତିନି ଝିଅ ସବିତା, ସଞ୍ଜୁକ୍ତା, ସରିତା, ଜ୍ୱାଇଁ ସୁନୀଲ ମହାନ୍ତି ଓ ଲୋକେଶ କାନୁନ୍‌ଗୋ, ତିନି ପୁଅ କୃଷ୍ଣଚନ୍ଦ୍ର, ବଳରାମ, ସୁନୀଲ, ପୁତୁରା ଲିଙ୍ଗରାଜ, ବିଘ୍ନରାଜ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। କଦଳୀମୁଣ୍ଡା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର କୃଷ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଡା ବାସୁଦେବ ପତି, ଜିଲା ସାମ୍ବାଦିକ ସଂଘ ସଭାପତି ହରିନାରାୟଣ ପୂଜାରୀ, ସମ୍ପାଦକ ଶରତ ମିଶ୍ର, ବୀରେନ୍ଦ୍ର କୁମାର ଝାଙ୍କର ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ଦୁର୍ଦ୍ଦିନରେ ବିତାଡ଼ିତ ଆଦିବାସୀ ପରିବାର

## ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ

କୋକସରା,୧୦।୭(ଡି.ଏନ.ଏ.)

କଳାହାଣ୍ଡି ଓ ନବରଙ୍ଗପୁର ଜିଲା ସୀମାନ୍ତ ଗୋତମୁଣ୍ଡା ପଞ୍ଚାୟତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ଅନାଧିକୃତ ଭାବରେ ରହୁଥିବା ଭଟାପାଣି ଓ ଡୁମେରପାଣିର ୪୦ ପରିବାରକୁ ବନ ବିଭାଗ ଓ ଗୋତମୁଣ୍ଡା ବନ ସୁରକ୍ଷା ସମିତି ପକ୍ଷରୁ ବିତାଡିତ କରାଯାଇଛି। ଫଳରେ ସେମାନେ ପିଲାଛୁଆଙ୍କୁ ଧରି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଶନିବାର ବିତାଡିତ ୪୦ ପରିବାରଙ୍କୁ କଳାହାଣ୍ଡି ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି। ଏହି ପ୍ରତିନିଧି ଦଳ ଚନ୍ଦାହାଣ୍ଡି ବ୍ଲକ କୁହୁଡି ପଞ୍ଚାୟତ କୁଆମ୍ବ ସ୍କୁଲରେ ଆଶ୍ରୟ ନେଇଥିବା ପୀଡିତ ପରିବାରଙ୍କୁ ଭେଟିଥିବା ବେଳେ ଭଟାପାଣି ଗାଁକୁ ଗସ୍ତ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ଶୀଘ୍ର ଏହି ଆଦିବାସୀ ପରିବାରଙ୍କୁ ଥଇଥାନ କରି ସୁରକ୍ଷା ଯୋଗାଇ ଦେବା ସହ



ବିତାଡିତ ଆଦିବାସୀ ପରିବାରକୁ ଭେଟିବା ଅବସରରେ କଂଗ୍ରେସ ପ୍ରତିନିଧି ଦଳ ।

ସେମାନଙ୍କୁ ବିତାଡିତ କରିଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ କଂଗ୍ରେସ ଦଳ ବ୍ୟାପକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ରାଜ୍ୟ ଆଦିବାସୀ ନେତା ପରମାନନ୍ଦ ମାଝୀ, ଉପ-ସଭାପତି ଯୁବ କଂଗ୍ରେସ ଓଡ଼ିଶା, ତ୍ରିଲୋଚନ ପାଣିଗ୍ରାହୀ, ଜିଲା ଯୁବ ସଭାପତି ସାଉଲ ମଙ୍ଗରାଜ, କୋକସରା ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାଏକ, ପିସିସି ସଦସ୍ୟ ଦିଗାମ୍ବର ଦୁରିଆ, ଯୁବ ଉପ-ସଭାପତି ଲିଙ୍ଗରାଜ ବେହେରା, ଡାକେଶ୍ୱର ଲହଜଳ, ସାଗର ପଟ୍ଟନାୟକ ପ୍ରମୁଖ ରହିଥିଲେ।

ପ୍ରକାଶ ଯେ, କଳାହାଣ୍ଡି ଜିଲା ସୀମାନ୍ତ ଗୋତୋମୁଣ୍ଡା ପଞ୍ଚାୟତ ସାହାଜଖୋଲ ଜଙ୍ଗଲରେ ନବରଙ୍ଗପୁର ଜିଲାର କେତେକ ଆଦିବାସୀ ପରିବାର ଡୁମେରପାଣି ଓ ଭଟାପାଣିରେ ବେଆଇନ ଭାବେ ବସତି କରି ମକାଚାଷ କରି ଜଙ୍ଗଲ ନଷ୍ଟ କରୁଥିଲେ। ସେମାନଙ୍କୁ ଗତମାସ ୩୦ ତାରିଖ ଦିନ ଜଙ୍ଗଲ ବିଭାଗ ଓ ଗୋତୋମୁଣ୍ଡା ଜଙ୍ଗଲ ସୁରକ୍ଷା କମିଟି ପକ୍ଷରୁ ତଡି ଦିଆଯାଇଛି। ଜଙ୍ଗଲରୁ ବିତାଡ଼ିତ ହେବା ପରେ ଏହି ଆଦିବାସୀ ପରିବାର ସେମାନଙ୍କୁ ଜଙ୍ଗଲ ବିଭାଗ ଓ ଗୋତୋମୁଣ୍ଡା ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଆମପାଣି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଗତ ୬ ତାରିଖରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲା ପ୍ରଶାସନ ଦୁଇ ପକ୍ଷଙ୍କ ଉପସ୍ଥିତିରେ ଏକ ଶାନ୍ତି କମିଟି ଗଠନ କରି ୪୦ ଆଦିବାସୀ ପରିବାରଙ୍କୁ ଥଇଥାନ ନ ହେବା ପର୍ଯ୍ୟନ୍ତ ପୂର୍ବ ସ୍ଥାନରେ ରହିବାକୁ ଅନୁମତି ଦେଇଥିବା ଜଣାଯାଇଛି।

# ସାମାଜିକ ବାସନ୍ଦ ଅଭିଯୋଗ, ଥାନା ଆଗରେ ପ୍ରତିବାଦ



ଗାଇସିଲେଟ ଥାନା ଆଗରେ ସାମାଜିକ ବାସନ୍ଦର ପ୍ରତିବାଦ କରାଯାଉଛି ।

ବରଗଡ଼ ଅଫିସ୍,୧୦।୭

ବରଗଡ଼ ଜିଲା ଗାଇସିଲେଟ ଥାନା ଅଧୀନ ଗୌରେନମୁଣ୍ଡା ଗ୍ରାମର ହରିଜନ ପଡ଼ାବାସୀଙ୍କୁ ସାମାଜିକ ବାସନ୍ଦ କରାଯାଇଛି। ଏଭଳି ଅଭିଯୋଗ ନେଇ ପଡ଼ାବାସୀ ପୋଲିସକୁ ଜଣାଇବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦରେ ଶୁକ୍ରବାରଠାରୁ ଲକ୍ଷେଘର ଗଣ୍ଡା ସମାଜ ନେତୃତ୍ୱରେ ପଡ଼ାବାସୀ ଗାଇସିଲେଟ ଥାନା ଆଗରେ ଧାରଣାରେ ବସି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ପଦ୍ମପୁର ଉପଜିଲାପାଳଙ୍କ ଅଫିସ୍‌ରେ ଶନିବାର ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି।

ପ୍ରକାଶ ଯେ, ଗୌରେନମୁଣ୍ଡା ଗ୍ରାମ ଦେଇ ହରିଜନପଡ଼ାକୁ ଏକ ରାସ୍ତା ଯାଇଛି। ସେହି ରାସ୍ତା ଉପରେ ଏକ ଘର ନିର୍ମାଣକୁ ନେଇ ଗତ ମେ ୧୧ରୁ ବିବାଦ ଉପୁଜିଥିଲା। ହରିଜନପଡ଼ାର ଜଣେ ଯୁବକଙ୍କୁ ଆକ୍ରମଣ ହେବାରୁ ସେ ଗାଇସିଲେଟ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଥିଲା। କିନ୍ତୁ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନାହିଁ। ଅନ୍ୟପଟେ ହରିଜନପଡ଼ାକୁ ଉକ୍ତ ଗ୍ରାମରୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମର ଦୋକାନ, ବଜାର ଆଦିରୁ ସେମାନଙ୍କୁ ବାସନ୍ଦ କରାଯାଇଛି ବୋଲି ଅଭିଯୋଗ ହୋଇଛି। ୨ମାସ ହେଲା ହରିଜନପଡ଼ାବାସୀ ଏଭଳି ସାମାଜିକ ବାସନ୍ଦ ମଧ୍ୟରେ ରହିଥିଲେ ସୁଦ୍ଧା ପୋଲିସ, ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ପଡ଼ାବାସୀ ଧାରଣାକୁ ଓହ୍ଲାଇଛନ୍ତି। ନାରାୟଣ ଭେସ୍ରା, ଚୈତନ ବାଗ, କୀର୍ତ୍ତନ ଛତ୍ରିଆ, ଗୋଲାପ ପାଇକ, ବାବଲୁ ଛତ୍ରିଆ ପ୍ରମୁଖ ଏହାର ନେତୃତ୍ୱ ନେଇଥିବା ବେଳେ ପଡ଼ାବାସୀ ଧାରଣାରେ ବସିଛନ୍ତି।

# ଖେତ ପୋଖରୀ ବୁଲିଲେ, ଚାଷୀଙ୍କ ସହ କଲେ ଆଲୋଚନା

## କଳାହାଣ୍ଡିରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକ

ଭବାନୀପାଟଣା,୧୦।୭(ସ୍ୱ.ପ୍ର)

ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଦୁଇଦିନିଆ କଳାହାଣ୍ଡି ଜିଲା ଗସ୍ତରେ ଆସିଛନ୍ତି। ସେ ଜିଲାରେ ପହଞ୍ଚିବା ପରେ ପ୍ରଥମେ କେସିଙ୍ଗା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଚାଷୀଙ୍କ ଆମ୍ବ ବଗିଚା, ଏମଜିଏନଆରଇଜିଏସ ଯୋଜନାରେ ହୋଇଥିବା କାଜୁ ବଗିଚା, ବିଭିନ୍ନ ପନିପରିବା ଚାଷ ଜମି ପରିଦର୍ଶନ କରିଥିଲେ । ଏଥିସହ ରେଙ୍ଗାଲି ଗାଁରେ ୩୧ ଗୋଟି କ୍ଷେତ ପୋଖରୀ ବୁଲି ଦେଖିଥିଲେ। ଏହି ଅବସରରେ କୃଷି ବିଭାଗ ଓ ଉଦ୍ୟାନ ବିଭାଗ, ପ୍ରାଣୀ ଉନ୍ନୟନ ବିଭାଗ ଓ ମତ୍ସ୍ୟ ବିଭାଗର ମିଳିତ ଉଦ୍ୟମରେ ଚାଷୀମାନେ



ନିର୍ଦ୍ଦେଶକ ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି ।

କ୍ଷେତ ପୋଖରୀ ଦ୍ୱାରା କିପରି ଭାବେ ଉପକୃତ ହୋଇପାରିବେ ସେନେଇ ଚାଷୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ନିର୍ଦ୍ଦେଶକଙ୍କ ଏହି ଗସ୍ତ ସମୟରେ କଳାହାଣ୍ଡି ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସଂକୀର୍ତ୍ତନ ବିଶି, ସହକାରୀ ନିର୍ଦ୍ଦେଶକ ଗଙ୍ଗାଧର ଜାଲ ଓ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

# ବନ ମହୋତ୍ସବ ପାଳିତ

ଡୁଙ୍ଗୁରିପାଲି,୧୦।୭ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବଡକର୍ଲେର ଜୁନିୟର ରେଡକ୍ରସ ୟୁନିଟ ତରଫରୁ ବନମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜୁନିୟର ରେଡକ୍ରସ ପରାମର୍ଶଦାତା ତଥା ପ୍ରକୃତି ବନ୍ଧୁ ଶିକ୍ଷକ ରବୀନ୍ଦ୍ରନାଥ ଦୀପ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ନିମ୍ବ, ପିଜୁଳି, ଆମ୍ବ, ପଣସ, ଅଁଳା ଆଦି ବୃକ୍ଷରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ ପଧାନ, ଚନ୍ଦିଆ ମାଝୀ, ମିଳନ ପଧାନ, ସାଧୁ ପଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ପ୍ରଶାସନର ତଦନ୍ତ ଆରମ୍ଭ

## ଆବାସ ଘର ଜାଲିଆତି ଘଟଣା

କୋକସରା,୧୦।୭(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଆବାସ ଯୋଜନା ଘର ଜାଲିଆତି ହୋଇଥିବା ଘଟଣା ଜଣାପଡିବା ପରେ ଏବେ ବ୍ଲକ ପ୍ରଶାସନର ଚେତା ପଶିଛି। ବ୍ଲକର ବଡ଼ପୋଡ଼ାଗୁଡା ପଞ୍ଚାୟତରେ ୬ ଜଣ ହିତାଧିକାରୀଙ୍କ ଆବାସ ଘରକୁ ଚଳୁ କରି ପଞ୍ଚାୟତର ଜିଓ ଟ୍ୟାଗ୍ କର୍ମଚାରୀ ସଞ୍ଜୀବ କୁମାର ଦାସ ପ୍ରାୟ ୭ ଲକ୍ଷ ୮୦ ହଜାର ଟଙ୍କା ହଡପ କରିବା ନେଇ ଅଭିଯୋଗ ହୋଇଥିଲା । ଏହାପରେ ଏନେଇ ବିଡ଼ିଓ ଜିଓଟ୍ୟାଗ୍ କର୍ମଚାରୀଙ୍କ ନାମରେ ଆମପାଣି ଥାନାରେ ମାମଲା ରୁଜୁ କରିଥିଲେ। ପୋଲିସ ସମ୍ପୃକ୍ତ ଜିଓ ଟ୍ୟାଗ୍ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଏହି ଆବାସ ଯୋଜନା ଜାଲିଆତିରେ କେବଳ ଜଣେ କର୍ମଚାରୀ ନୁହେଁ ଏହା ପଛରେ ଆଉ କିଛି ପଞ୍ଚାୟତ ଓ ବ୍ଲକ କର୍ମଚାରୀଙ୍କ ହାତ ରହିଥିବା ନେଇ କୋକସରା ବ୍ଲକ ଅଧକ୍ଷା ଶବ୍ୟାରାଣୀ ବାଗ ଅଭିଯୋଗ କରି ଗଣମାଧମକୁ ନିଜର ପ୍ରତିକ୍ରିୟା ଦେଇଛନ୍ତି। ଏହାପରେ ବ୍ଲକ ପ୍ରଶାସନ ତନାଘନା ତଦନ୍ତ ଆରମ୍ଭ କରିଛି। ଶନିବାର କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ୪ ଗୋଟି ଟିମ୍ ବଡ଼ପୋଡ଼ାଗୁଡା ପଞ୍ଚାୟତରେ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ଘରକୁ ଘର ବୁଲି ସରଜମିନ ତଦନ୍ତ ଆରମ୍ଭ କରିଛନ୍ତି। କୋକସରା ବିଡ଼ିଓ ମନୀଷା ଦାସ, ଏବିଡ଼ିଓ ପୁରୁଷୋତ୍ତମ ଧରୁଆ, ସହକାରୀ ଯନ୍ତ୍ରୀ ତିଳୋତ୍ତମା ମାଝୀ ଓ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ପଟ୍ଟନାୟକଙ୍କ ସହ ପିଇଓମାନେ ହିତାଧିକାରୀଙ୍କ ଘର ଘର ବୁଲି ଆବଶ୍ୟକ ସମସ୍ତ କାଗଜପତ୍ର ଯାଞ୍ଚ କରିଛନ୍ତି। ଏନେଇ କୋକସରା ବିଡ଼ିଓ ଦାସଙ୍କୁ ପଚାରିବାରେ ଏହି ପଞ୍ଚାୟତରେ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ ପରେ କାଗଜପତ୍ର ଯାଞ୍ଚ ଚାଲିଛି ବୋଲି କହିଥିଲେ।

# ଶଙ୍କରାଚାର୍ଯ୍ୟଙ୍କ ୭୯ତମ ପ୍ରାକଟ୍ୟ ମହୋତ୍ସବ

ବରଗଡ଼ ଅଫିସ୍,୧୦।୭

ଶ୍ରୀମଦ ଜଗତଗୁରୁ ଶଙ୍କରାଚାର୍ଯ୍ୟ ମହାଭାଗ ପୁରୀ ପୀଠାଧିଶ୍ୱରଙ୍କ ୭୯ତମ ପ୍ରାକଟ୍ୟ ମହୋତ୍ସବ ବୁଧବାର ରାଷ୍ଟ୍ରୋତ୍କର୍ଷ ଦିବସ ଭାବେ ପାଳିତ ହୋଇଯାଇଛି। ବରଗଡ଼ ପୀଠ ପରିଷଦ, ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ତରଫରୁ ଥାନା ପରିସରରେ ରହିଥିବା ବାବା ବଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ରୁଦ୍ରାଭିଷେକ, ହନୁମାନ ଚାଳିଶା ପାଠ, ବିଷ୍ଣୁ ସହସ୍ର ନାମ ପାଠ କରାଯାଇଥିଲା। ପଣ୍ଡିତ ସତ୍ୟାନନ୍ଦ ଶତପଥୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ମଧୁସ୍ମିତା ଶତପଥୀ, ଜିତେନ୍ଦ୍ର ଶତପଥୀ କର୍ତ୍ତା ଥିଲେ। ସମାରୋହରେ ବରଗଡ଼ ଶାଖାର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ।

# ୪୯ ମାମଲାର ଫଇସଲା, ୨୫ ଲକ୍ଷ ଜରିମାନା ଆଦାୟ

## ରାଷ୍ଟ୍ରୀୟ ଲୋକ ଅଦାଲତ





ସୋନପୁରରେ ଅନୁଷ୍ଠିତ ଲୋକ ଅଦାଲତ।

ସୋନପୁର,୧୦।୭(ନି.ପ୍ର.)

ସୁବର୍ଣ୍ଣପୁର ସିଭିଲ କୋର୍ଟ୍ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଅରୁଣ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତରେ ବ୍ୟାଙ୍କ ରିକୋଭରି, ଜଳ କର, ମୋଟର ଯାନ ଦୁର୍ଘଟଣା ଆଦି ମାମଲାର ଫଏସଲା ହୋଇଥିଲା। ମୋଟ ୭୫୫ଟି ମାମଲା ଚିହ୍ନଟ ହୋଇଥିବା ବେଳେ ୪୯ଟି ମାମଲାର ଫଏସଲା ହୋଇ ୨୫ଲକ୍ଷ ୪୨ହଜାର ୨୪୯ଟଙ୍କା ଜରିମାନା ଆଦାୟ ହୋଇଛି। ଅତିରିକ୍ତ ଜିଲା ଦୌରାଜଜ୍ ମାନସ ରଞ୍ଜନ ରଥ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଡିଏଲଏସଏ ସମ୍ପାଦିକା ସସ୍ମିତା ମିଶ୍ର, ଜେଏମ୍‌ଏଫସି ଶୃତି ସିଂହ ମାମଲାର ପରିଚାଳନା କରିଥିଲେ। କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରା, ଆଇନଜୀବୀ ହେମନ୍ତ ସା, ଦାସଦୀପ୍ତ ମହାପାତ୍ର, ଶିବ ନାରାୟଣ ମହାପାତ୍ର, ପ୍ରତାପ ପୁରୋହିତ, ଦେବ କିଶୋର ମିଶ୍ର ଓ ରଶ୍ମି ରଞ୍ଜନ ଦାଶ ସହଯୋଗ କରିଥିଲେ।

# ସହଯୋଗର ହାତ ବଢ଼ାଇଲା ସ୍ୱେଚ୍ଛାସେବୀ ସଂଗଠନ

ଅତାବିରା, ୧୦।୭(ଡି.ଏନ.ଏ.)

ବରଗଡ଼ ଜିଲାର ସ୍ୱେଚ୍ଛାସେବୀ ସଂଗଠନ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଅତାବିରା ବ୍ଲକ ଝିଲିମିଣ୍ଡା ପଞ୍ଚାୟତ ଝିଲିମିଣ୍ଡା ଗ୍ରାମର ଏକ ଅସହାୟ ପରିବାରକୁ ୩ ମାସର ରାଶନ ସାମଗ୍ରୀ ଯୋଗାଇ ଦିଆଯାଇଛି। ଝିଲିମିଣ୍ଡା ଗାଁର ଅସହାୟ ବିଧବା



ବୀଣା ଛକରଙ୍କ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା । ଏହାପରେ ଜନକଲ୍ୟାଣ ସେବା ଟ୍ରଷ୍ଟର ସଭାପତି ମୁକୁନ୍ଦ ଦାଶ, ସଭ୍ୟା ଅନସୂୟା ଦେବତା, ଉପସଭାପତି ଧର୍ମରାଜ ପ୍ରଧାନ, ଆକାଶ ମିଶ୍ର, ହୃଷୀକେଶ ଖମାରୀ, ଯାଦବ ଭୋଇ, ଅସିତ ମହାପାତ୍ର ପ୍ରମୁଖ ପହଞ୍ଚି ବୀଣାଙ୍କୁ ଚାଉଳ, ଡାଲି, ତେଲ ଆଦି ରାଶନ ସାମଗ୍ରୀ ପ୍ରଦାନ କରିଥିଲେ।

# ନୂତନ ଶିଶୁ ଉଦ୍ୟାନ ନିର୍ମାଣ କାର୍ଯ୍ୟ ଆରମ୍ଭ

ପଲମ,୧୦।୭

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ମସ୍କାଦାଣ୍ଡି ଗ୍ରାମର ଶାନ୍ତିବନଠାରେ ଏକ ନୂତନ ଶିଶୁ ଉଦ୍ୟାନ ନିର୍ମାଣ କାର୍ଯ୍ୟ ନିକଟରେ ଆରମ୍ଭ ହୋଇଛି । ଶନିବାର କେବିକେ ଜଏଣ୍ଟ ଡାଇରେକ୍ଟର ଡ.ନୃପରାଜ ସାହୁ, ମ.ରାମପୁର ବିଡିଓ ଉତ୍ତମ ବାଗ, ତହସିଲଦାର ଜୟନ୍ତ ମେହେର, ଇଞ୍ଜିନିୟର ନିହାର ରଞ୍ଜନ ମାଝୀ, ଜେଇ କୀର୍ତ୍ତି ରଞ୍ଜନ ବେହେରା, କଳ୍ପନା ବାଗ, ମୁଡିଙ୍ଗ ପଞ୍ଚାୟତ ସରପଞ୍ଚ ଟଙ୍କଧର ନାଏକ, ପିଇଓ ବିଜୟ କୁମାର ସାମଲ, ବିଏଫଟି ଜଗମୋହନ ଜାଲ ପ୍ରମୁଖ ଶିଶୁ ଉଦ୍ୟାନ ପରିଦର୍ଶନ କରିଥିଲେ। ଏହି ଅବସରରେ ଶାନ୍ତିବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଟଙ୍କଧର ନାଏକ ତଥା ପରିଦର୍ଶନରେ ଯାଇଥିବା ବ୍ୟକ୍ତିମାନେ କାର୍ଯ୍ୟକାରୀ କମିଟିକୁ ସଠିକ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡ.ସାହୁ ଆଗାମୀ ଦିନରେ ଏହି ଉଦ୍ୟାନ ପାଇଁ କେବିକେ ସ୍ତରରୁ ସହଯୋଗର ହାତ ବଢାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ବକେୟା ଟଙ୍କା ମାଗିବାରୁ ଆକ୍ରମଣ

- ଲୋକେ ଆସିଯିବାରେ ବାଇକ ଛାଡି ପଳାଇଲେ ଆକ୍ରମଣକାରୀ
- ମାମଲା ରୁଜୁ କରି ପୋଲିସର ତନାଘନା

ବିନିକା,୧୦।୭(ଡି.ଏନ୍.ଏ)

ବକେୟା ଟଙ୍କା ମାଗିବାରୁ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାମ ଆନ୍ଧ୍ରା ପଡାର ଜଣେ ବ୍ୟକ୍ତି ଓ ତାଙ୍କ ଦୁଇ ନାବାଳକ ପିଲାଙ୍କ ଉପରେ ଶନିବାର ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ଆଶିଷ ରଞ୍ଜନ ଦାଶ ନିଜ ପିଲାଙ୍କ ସହ ଧରି ନିଜ ଘର ବାରଣ୍ଡାରେ ବସିଥିବା ବେଳେ ଏହି ଆକ୍ରମଣ ଘଟିଛି। ଉଦ୍ଧାର ଟଙ୍କା ଫେରାଇବାକୁ କହିବା ପରେ ପ୍ରତିଶୋଧ ପରାୟଣ ହୋଇ ସାରସମାଲ ଗ୍ରାମର ରୁଦ୍ର ନାୟକ, ତାଙ୍କ ଭାଇ ବାଲ୍ମିକୀ ନାଇକ ୧୦ରୁ ୧୧ ଗୁଣ୍ଡା ଶ୍ରେଣୀର ଯୁବକଙ୍କୁ ଆଣି ତାଙ୍କ ଉପରେ ଆକ୍ରମଣ କରିଥିବା ଆଶିଷ ଅଭିଯୋଗ କରିଛନ୍ତି। ତେବେ ତାଙ୍କ ସ୍ତ୍ରୀ ଓ ପିଲାଙ୍କ ଚିତ୍କାର ଶୁଣି ଭୂଷଣ ସାହୁ, ରିଙ୍କୁ ଭୂଏ, ପୁରୁଷୋତ୍ତମ ଅଦାବର ଓ ଆନ୍ଧ୍ରା ପଡାବାସୀ ଘଟଣାସ୍ଥଳରେ ପହଞ୍ଚି ଯିବାରେ ଆକ୍ରମଣକାରୀ ସେଠାରୁ ଦୌଡି ପଳାଇଥିଲେ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଖବର ପାଇ ବିନିକା ଆଇଆଇସି ପବିତ୍ର କୁମାର ସାହୁ, ଏସ୍‌ଆଇ ସୂର୍ଯ୍ୟକାନ୍ତ ସେଠୀ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ଆକ୍ରମଣକାରୀ ଛାଡି ପଳାଇ ଥିବା ୩ଟି ବାଇକ ବଜାଜ ପଲସର ଓଡି-୧୭.୭୮୪୮, ବଜାଜ ଏଫ୍‌ଜେଡ୍ ଓଡି-୦୩.ଏଲ୍.୮୪୩୨ ଓ ଏଡଭେର ଓଡି-୧୭ପି୮୭୪୩କୁ ପୋଲିସ ଜବତ କରିଥିଲା। ଅଭିଯୁକ୍ତଙ୍କ ଆକ୍ରମଣରେ ଆହତ ଆଶିଷ, ଭୂଷଣ ଓ ରିଙ୍କୁଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ବିନିକା ମେଡିକାଲ ପଠାଇଥିଲା। ଆଶିଷ ରଞ୍ଜନ ଦାଶଙ୍କ ଏତଲାକ୍ରମେ ବିନିକା ଥାନାରେ ରୁଦ୍ର ନାଇକ ଓ ବାଲ୍ମିକୀଙ୍କ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ପୋଲିସ କହିଛି।





ଅଭିଯୁକ୍ତମାନେ ଛାଡି ପଳାଇଥିବା ୩ ବାଇକ, ପୋଲିସ ତଦନ୍ତ କରୁଛି ।